୫୬

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୩୦/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, November 30 / 2019 ★★

୧୫ଶ ଭାଗ ୩୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

# ମାନ୍ଦାବସ୍ଥା ଝଟକା

## ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଲା

- ୬ ବର୍ଷର ସର୍ବନିମ୍ନ ସ୍ତରକୁ ଚାଲିଗଲା
- ଗତ ବର୍ଷ ଜୁଲାଇ-ସେପ୍ଟେମ୍ବର ଅଭିବୃଦ୍ଧି ୭.୧% ଥିଲା
- ବିତ୍ତୀୟ ନିଅଣ୍ଟ ୭.୨ ଲକ୍ଷ କୋଟି ଛୁଇଁଲା
- କୋର୍ ସେକ୍ଟରର ଅଭିବୃଦ୍ଧି ୫.୮% ହ୍ରାସ

ନୂଆଦିଲ୍ଲୀ,୨୯।୧୧

ଚଳିତ ଆର୍ଥିକ ବର୍ଷ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୭.୧% ରହିଥିବା ଶୁକ୍ରବାର ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ୨୦୧୨-୧୩ ଆର୍ଥିକ ବର୍ଷ ଜାନୁଆରୀ-ମାର୍ଚ୍ଚ ତ୍ରୈମାସରେ ଭାରତ ୪.୩% ସ୍ତରର ଅଭିବୃଦ୍ଧି ହ୍ରାସଲ କରିଥିଲା। ଏହାକୁ ଦେଖିଲେ ବର୍ତ୍ତମାନର ଜୁଲାଇ-ସେପ୍ଟେମ୍ବର ମାସର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଥିବା ଜଣାପଡିଛି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ୬ ମାସ ମଧ୍ୟରେ ଭାରତର ଅଭିବୃଦ୍ଧି ୪.୮% ରହିଛି। ଏହା ଗତ ବର୍ଷ ସମାନ ସମୟରେ ୭.୫% ରହିଥିଲା। ଚଳିତ ଆର୍ଥିକ ବର୍ଷ ଦେଶର ବିକାଶ ହାର ୬.୧% ରହିବ ବୋଲି ରିଜର୍ଭ ବ୍ୟାଙ୍କ ଏହାର ପରିବର୍ତ୍ତିତ ପୂର୍ବାନୁମାନରେ କହିଛି। ଏହା ପୂର୍ବରୁ ଅଭିବୃଦ୍ଧି ୬.୯% ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା।

ଖାଉଟି ଚାହିଦା ହ୍ରାସ, ମାନୁଫାକ୍ଚରିଂ କ୍ଷେତ୍ରରେ ମନ୍ଥରତା, ଘରୋଇ ନିବେଶ ଏବଂ ରପ୍ତାନି ହ୍ରାସ ହେବା ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ସମ୍ଭାବ୍ୟ ଅଦଳବଦଳ

ଆଜିର ମନ୍ତବ୍ୟ

"ଭାରତ-ଶ୍ରୀଲଙ୍କା ସମ୍ପର୍କକୁ ବହୁ ଉଚ୍ଚକୁ ନେବା ପାଇଁ ଚାହେଁ।
-ଗୋଟାବାୟା ରାଜପାକ୍ସେ, ଶ୍ରୀଲଙ୍କା ରାଷ୍ଟ୍ରପତି







Vencobb Fresh Chicken

29.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply

Issued in the Interest of Consumers




■ ହାଇଦ୍ରାବାଦରେ ନିର୍ଭୟା ଘଟଣାର ପୁନରାବୃତ୍ତି

# ମହିଳା ଡାକ୍ତରଙ୍କୁ ଗଣବଳାତ୍କାର, ହତ୍ୟା

- ୩୦ କି.ମି. ଦୂର କଲଭର୍ଟ ତଳେ ମିଳିଲା ଅର୍ଦ୍ଧଦଗ୍ଧ ମୃତଦେହ
- ଟ୍ରକ୍ ଡ୍ରାଇଭର, କ୍ଲିନରଙ୍କ ସମେତ ୪ ଗିରଫ

ହାଇଦ୍ରାବାଦ,୨୯।୧୧ (ପି.ଟି./ଆଇଏଏନ୍ଏସ୍)

ଅପହରଣ ପରେ ଗଣବଳାତ୍କାର କରି ହତ୍ୟା ଓ ଶେଷରେ ମୃତଦେହକୁ ୩୦ କି.ମି. ଦୂର ଏକ ପୋଲ ତଳେ ଜାଳିଦେଲେ। ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ବୁଧବାର ରାତିରେ ଜଣେ ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କ କ୍ଷେତ୍ରରେ ଘଟିଛି ଏଭଳି ଲୋମଟାଙ୍କୁରା ବର୍ବର ଘଟଣା। ଏହି କାଣ୍ଡ ଭିଆଇଥିବା ଅଭିଯୋଗରେ ସାଇବରାବାଦ ପୋଲିସ ଶୁକ୍ରବାର ଜଣେ ଟ୍ରକ୍ ଡ୍ରାଇଭର ଓ କ୍ଲିନରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଏହି ଘଟଣା ତେଲଙ୍ଗାନା ସମେତ ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ମହିଳା ପ୍ରାଣୀ ଚିକିତ୍ସକ ଜଣକ ମେହବୁବ୍‌ନଗର ଜିଲା ନୱାବପେଟ ମଣ୍ଡଳର କୋଲ୍ଲୁରସ୍ଥିତ ☞ପୃଷ୍ଠା-୪

# ଜେଇଇ ମେନ୍‌ରେ ଆସିବ ଓଡ଼ିଆ ପ୍ରଶ୍ନପତ୍ର

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଏଣିକି ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା 'ଜେଇଇ ମେନ୍'ରେ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଆସିବ। ଓଡ଼ିଆ ସମେତ ମୋଟ ୧୧ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ଆସନ୍ତା ୨୦୨୧ରୁ ଏହା ଲାଗୁ ହେବ। ବର୍ତ୍ତମାନ ଇଂଲିଶ, ହିନ୍ଦୀ ଓ ଏକମାତ୍ର ଆଞ୍ଚଳିକ ଭାଷା ଭାବେ ଗୁଜରାଟିରେ ପ୍ରଶ୍ନପତ୍ର ଆସୁଛି। ଅନେକ ରାଜ୍ୟ ନିଜର ଆଞ୍ଚଳିକ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ବାରମ୍ବାର ଦାବି କରୁଥିଲେ। ତାହାକୁ ବିଚାରକୁ ନେଇ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛି। ଆସନ୍ତା ୨୦୨୧ରୁ ଇଂଲିଶ, ହିନ୍ଦୀ ସମେତ ଅନ୍ୟ ୯ ଆଞ୍ଚଳିକ ଭାଷା ଓଡ଼ିଆ, ଅହମିୟା, ବଙ୍ଗଳା, ଗୁଜରାଟି, କନ୍ନଡ଼, ମରାଠୀ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ ଭାଷାରେ ପ୍ରଶ୍ନପତ୍ର ଆସିବ। ମୋଟ ୧୧ ଭାଷାରେ ପ୍ରଶ୍ନପତ୍ର କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ☞ପୃଷ୍ଠା-୪





❝ ଅଯୋଧାରେ ପ୍ରସ୍ତାବିତ ରାମମନ୍ଦିର ଦେଶରେ ଶାନ୍ତି ଆଣିବା ସହ ସମ୍ପ୍ରଦାୟ ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରିବା।
- ଶ୍ରୀଶ୍ରୀ ରବିଶଙ୍କର, ଆଧ୍ୟାତ୍ମିକ ଗୁରୁ

## ସଂକ୍ଷେପରେ

### ଆଲବାନିଆରେ ଭୂମିକମ୍ପ: ୪୯ ମୃତ



**ଟିରାନା,୨୯।୧୧(ଏଏଫ୍‌ପି):** ଆଲବାନିଆ ଭୂମିକମ୍ପରେ ୪୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୫୦ ଆହତ ହୋଇଛନ୍ତି। ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଭୋର ସମୟରେ ଆଲବାନିଆରେ ୬.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଏହାକୁ ଦଶନ୍ଧିର ସବୁଠୁ ଭୟାବହ ଭୂକମ୍ପ ବୋଲି କୁହାଯାଇଛି। ବନ୍ଦର ସହର ଡୁରେସ୍ ଏବଂ ଥୁମାନେରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ଧ୍ୱଂସାବଶେଷ ତଳେ ଅନେକ ଲୋକ ଫସି ରହିଯାଇଥିଲେ।

### ମଧ୍ୟାହ୍ନଭୋଜନରେ ୮୧ ପିଲାଙ୍କୁ ଲିଟରେ କ୍ଷୀର

**ସୋନଭଦ୍ର,୨୯।୧୧(ପି.ଟି.):** ଉତ୍ତରପ୍ରଦେଶର ଚୋପାନ ବ୍ଲକ ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରେ ପଢୁଥିବା ୮୧ ଛାତ୍ରୀଛାତ୍ରଙ୍କୁ ୧ ଲିଟର କ୍ଷୀର ବଣ୍ଟାଯାଉଥିବା ଜଣାପଡ଼ିବା ପରେ ସ୍କୁଲର ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ୧ ଲିଟର କ୍ଷୀରେ ବାଲତିଏ ଗରମ ପାଣି ମିଶାଯାଇ ପିଲାଙ୍କୁ ଦିଆଯାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ କୋଟା ପଞ୍ଚାୟତର ଶିକ୍ଷାମିତ୍ର (ଠିକା ଶିକ୍ଷକ)ଙ୍କ ବିରୋଧରେ ଏତଲା ଦାଏର ହୋଇଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ଦୁର୍ନୀତି ରୋକିବାରେ ବିଫଳ ଭାଜପା ସରକାରଙ୍କୁ ସମାଜବାଦୀ ପାର୍ଟି ଓ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ବାଲତିଏ ପାଣିରେ କ୍ଷୀର ମିଶାଇବା କଥାକୁ ପାଚିକା ସ୍ୱୀକାର କରିଛନ୍ତି।

# ଆଜି ମହାରାଷ୍ଟ୍ର ଆସ୍ଥାଭୋଟ

**ମୁମ୍ବାଇ,୨୯।୧୧(ପି.ଟି.)**

- ଆନୁଷ୍ଠାନିକ ଭାବେ ଦାୟିତ୍ୱ ନେଲେ ଉଦ୍ଧବ
- ଆରେ କାର୍ ସେଡ୍ ପ୍ରକଳ୍ପ ସ୍ଥଗିତ
- ଦିଲୀପ ପାଟିଲ କାମଚଳା ବାଚସ୍ପତି

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡି ସରକାର ଶନିବାର ମହାରାଷ୍ଟ୍ର ବିଧାନସଭାରେ ଆସ୍ଥାଭୋଟ ଲୋଡ଼ିପାରନ୍ତି। ଏହା ପୂର୍ବରୁ କାମଚଳା ବାଚସ୍ପତି (ପ୍ରୋଟେମ୍ ସ୍ପିକର) ଭାବେ ଏନ୍‌ସିପିର ବରିଷ୍ଠ ନେତା ଦିଲୀପ ୱାଲ୍‌ସେ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଛି। ଡିସେମ୍ବର ୩ ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମୁଖ୍ୟମନ୍ତ୍ରୀ ଉଦ୍ଧବଙ୍କୁ ପରାମର୍ଶ ଦେଇଥିଲେ। ଶନିବାର ଆସ୍ଥାଭୋଟ ହେବା ସମ୍ଭାବନା ରହିଛି ବୋଲି ବିଧାନ ଭବନ ସୂତ୍ରରୁ କୁହାଯାଇଛି। ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇବା ଲାଗି ଭାଜପା ବିଧାୟକ କାଳିଦାସ କୋଲମ୍ବକରଙ୍କୁ କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଥିଲା। ତାଙ୍କ ସ୍ଥାନରେ ଆମ୍ବେଗାଓଁ ବିଧାୟକ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଦାୟିତ୍ୱ ଗ୍ରହଣ କରିବା ଲାଗି ସଚିବାଳୟକୁ ଯାଉଛନ୍ତି।

ଗୁରୁବାର ସନ୍ଧ୍ୟାରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପ୍ରଥମ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉଦ୍ଧବଙ୍କ ବ୍ୟତୀତ ୬ ଜଣ ମନ୍ତ୍ରୀ ଗୁରୁବାର ଶପଥ ନେଇଥିଲେ। ଆସ୍ଥାଭୋଟ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ଉଦ୍ଧବ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅପରାହ୍ନ ୨ଟାରେ ସେ ମନ୍ତ୍ରଣାଳୟର ଷଷ୍ଠ ମହଲାରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉକ୍ତ କାର୍ଯ୍ୟାଳୟ ବାହାରେ ଥିବା ନାମଫଳକ ବଦଳାଯାଇ ଉଦ୍ଧବ ବାଲାସାହେବ ଠାକ୍‌ରେ ଲେଖାଥିବା ଫଳକ ଲଗାଯାଇଥିଲା। ମନ୍ତ୍ରଣାଳୟରେ ପହଞ୍ଚି ଉଦ୍ଧବ ପ୍ରଥମେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଉଦ୍ଧବ ଆରେ କଲୋନିରେ ମେଟ୍ରୋ କାର ସେଡ୍ ପ୍ରକଳ୍ପ ନିର୍ମାଣକୁ ସ୍ଥଗିତ ରଖିବା ଲାଗି ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସେଠାରେ ବ୍ୟାପକ ଗଛକଟାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକାଶ ନାମରେ ଏତେସଂଖ୍ୟାରେ ଗଛକଟାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଉଦ୍ଧବ କହିଛନ୍ତି। ଆରେ କଲୋନି ଗଛକଟାକୁ ଶିବସେନା ପକ୍ଷରୁ ବିରୋଧ କରାଯାଇଥିଲା।

# ୨ ଥର କ୍ଷମାମାଗିଲେ ପ୍ରଜ୍ଞା

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ 'ଦେଶଭକ୍ତ' କହିବା ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କୁ ମହଙ୍ଗା ପଡିଛି। ଏଥିପାଇଁ ତାଙ୍କୁ ଲୋକ ସଭାରେ ଦୁଇଥର କ୍ଷମା ମାଗିବାକୁ ହୋଇଛି। ପ୍ରଥମେ ତାଙ୍କର ସର୍ତ୍ତମୂଳକ କ୍ଷମାପ୍ରାର୍ଥନା ଅଗ୍ରାହ୍ୟ ହେବା ପରେ ଶୁକ୍ରବାର ପୁଣିଥରେ କ୍ଷମା ମାଗିଥିଲେ। ପ୍ରଥମ କ୍ଷମାପ୍ରାର୍ଥନା ବେଳେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆତଙ୍କବାଦ ମନ୍ତବ୍ୟକୁ ସମାଲୋଚନା କରିଥିଲେ, ଯାହାକୁ ବିରୋଧୀ ଅଗ୍ରାହ୍ୟ କରିଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ଗୃହ ନେତାମାନଙ୍କର ଏକ ବୈଠକ ଡାକିବା ପରେ ପ୍ରଜ୍ଞା ଦ୍ୱିତୀୟ କ୍ଷମାପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ଲୋକ ସଭାରେ ଏସ୍‌ପିଜି ସଂଶୋଧନ ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ଭୋପାଳ ଏମ୍‌ପି ନାଥୁରାମଙ୍କୁ ଦେଶଭକ୍ତ କହିଥିବା ଖବର ପ୍ରକାଶ ପାଇଥିଲା। ତେବେ ସେ ନାଥୁରାମଙ୍କୁ ଦେଶଭକ୍ତ କହିନାହାନ୍ତି, ଏପରିକି ତାଙ୍କ ନାଁ ମଧ୍ୟ ଧରିନାହାନ୍ତି ବୋଲି ପ୍ରଜ୍ଞା ଶୁକ୍ରବାର କହିଛନ୍ତି। ଏହା ସତ୍ତ୍ୱେ ତାଙ୍କ ମନ୍ତବ୍ୟ ଯଦି କାହାକୁ ଆଘାତ ଦେଇଛି, ସେଥିପାଇଁ ସେ ଦୁଃଖପ୍ରକାଶ କରିବା ସହ କ୍ଷମା ମାଗୁଛନ୍ତି ବୋଲି ପ୍ରଜ୍ଞା କହିଥିଲେ। ପ୍ରଜ୍ଞା ଗୃହରେ ପ୍ରବେଶ କରିବା କ୍ଷଣି ବାଚସ୍ପତି ତାଙ୍କୁ ବିଭିନ୍ନ ଦଳର ନେତାମାନଙ୍କ ବୈଠକରେ ଗ୍ରହଣ କରାଯାଇଥିବା ବିବୃତି ପାଠ କରିବାକୁ କହିଥିଲେ। ସେ ଏହାକୁ ପଢ଼ିବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ଗଡ୍‌ସେ ବିବାଦ



### ପ୍ରଜ୍ଞାଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ

**ଇନ୍ଦୋର,୨୯।୧୧(ପି.ଟି.):** ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ଦେଶଭକ୍ତ କହିଥିବା ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ବିରୋଧରେ ଇନ୍ଦୋରର ଜଣେ କଂଗ୍ରେସ ନେତା ଥାନାରେ ଦେଶଦ୍ରୋହ ଅଭିଯୋଗରେ ଏତଲା ଦାଏର କରିଛନ୍ତି। ନାଥୁରାମ ଗଡ୍‌ସେଙ୍କ ସମ୍ପର୍କରେ ପ୍ରଜ୍ଞାଙ୍କ ମନ୍ତବ୍ୟ ଦେଶଦ୍ରୋହ ବୋଲି କଂଗ୍ରେସ ନେତା ଦେବେନ୍ଦ୍ର ସିଂ ଯାଦବ ପାଣ୍ଡ୍ରିନାଥ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ପ୍ରଜ୍ଞାଙ୍କ ବିରୋଧରେ ସେଣ୍ଟ୍ରାଲ କୋଟ୍‌ୱାଲି ଥାନାରେ ମଧ୍ୟ କଂଗ୍ରେସ କର୍ମୀମାନେ ଅନୁରୂପ ଏତଲା ଦେଇଛନ୍ତି।

# ଶ୍ରୀଲଙ୍କାକୁ ୪୫୦ ନିୟୁତ ଡଲାର ଋଣ ଦେବ ଭାରତ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ଶ୍ରୀଲଙ୍କାରେ ଆତଙ୍କବାଦ ଦମନ ଲାଗି ୫୦ ନିୟୁତ ଡଲାର ସମେତ ୪୫୦ ନିୟୁତ ଡଲାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଛନ୍ତି। ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ଫଳପ୍ରଦ ଆଲୋଚନା ପରେ ଏହି ଘୋଷଣା କରାଯାଇଛି। ଆଲୋଚନାରେ ଶ୍ରୀଲଙ୍କାର ତାମିଲ ସମ୍ପ୍ରଦାୟଙ୍କ ଆଶା ଆକାଂକ୍ଷା ପୂରଣ ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାବ୍ୟତୀତ ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା, ବାଣିଜ୍ୟ ସମ୍ପର୍କ ଉପରେ ଆଲୋଚନା ହୋଇଥିଲା। ଶ୍ରୀଲଙ୍କାର ଦ୍ରୁତ ବିକାଶ ଲାଗି ଭାରତ ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆତଙ୍କବାଦ ଦମନ ଲାଗି ଆପୋସ ସହଯୋଗକୁ ସୁଦୃଢ଼ କରିବା ଉପରେ ମୋଦି ଗୋଟାବାୟାଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଆତଙ୍କବାଦର ମୁକାବିଲା ପାଇଁ ଶ୍ରୀଲଙ୍କାର ପୋଲିସ ଅଫିସରମାନେ ଭାରତୀୟ ପ୍ରଶିକ୍ଷଣ ଅନୁଷ୍ଠାନରେ ତାଲିମ ନେଉଥିବା ମୋଦି କହିଛନ୍ତି।

ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଥମ



ରାଷ୍ଟ୍ରପତି ଭବନରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଦ୍ୱିପାକ୍ଷିକ ସମ୍ପର୍କକୁ ଶିଖରରେ ପହଞ୍ଚାଇବାକୁ ଚାହେଁ: ଗୋଟାବାୟା

ବିଦେଶ ଗସ୍ତରେ ଭାରତ ଆସିଥିବା ଗୋଟାବାୟା ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଶିଖରରେ ପହଞ୍ଚାଇବାକୁ ଚାହାନ୍ତି ବୋଲି ଗୋଟାବାୟା କହିଛନ୍ତି। ରାଷ୍ଟ୍ରପତି ଭବନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ଗୋଟାବାୟା ଖବରଦାତାମାନଙ୍କୁ କହିଥିଲେ, ଦୁଇଦେଶର ଲୋକଙ୍କ ସୁରକ୍ଷା ଏବଂ ସାମଗ୍ରିକ କଲ୍ୟାଣ ଲାଗି ନୂଆଦିଲ୍ଲୀ ଓ କଲମ୍ବୋ ଏକାଠି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ଫଳପ୍ରଦ ହୋଇଥିବା ଗୋଟାବାୟା କହିଛନ୍ତି। ଗୁରୁବାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ ଜାତୀୟ ସ୍ୱାର୍ଥ ଏବଂ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ।

# ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି

**ରାଞ୍ଚି,୨୯।୧୧(ପି.ଟି.)**

### ପ୍ରତିଦ୍ୱନ୍ଦ୍ୱିତାରେ ମନ୍ତ୍ରୀ, ପିସିସି ସଭାପତି

ଝାଡ଼ଖଣ୍ଡ ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶନିବାର ଅନୁଷ୍ଠିତ ହେଉଛି। ଏହି ପର୍ଯ୍ୟାୟରେ ୬ଟି ଜିଲାର ୧୩ ଆସନରେ ଭୋଟଗ୍ରହଣ ହୋଇ ୧୮୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରାଯିବ। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ରାମଚନ୍ଦ୍ର ଚନ୍ଦ୍ରବଂଶୀ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ରାମେଶ୍ୱର ଓରାଓଁ ଅଛନ୍ତି। ୧୮ ଲକ୍ଷ ମହିଳାଙ୍କ ସମେତ ମୋଟ ୩୭ ଲକ୍ଷ ୮୩ ହଜାର ୫୫ ଭୋଟର ଏହି ପର୍ଯ୍ୟାୟରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଭୋଟଗ୍ରହଣ ହେବାକୁ ଥିବା ଆସନଗୁଡ଼ିକ ହେଲା ଛତ୍ରା, ଗୁମ୍‌ଲା, ବିଷ୍ଣୁନ୍‌ପୁର, ଲୋହାରଡାଗା, ମାନିକ, ଲାଟେହାର, ପାଙ୍କି, ଡାଲ୍‌ଟନଗଞ୍ଜ, ବିଶ୍ରାମପୁର, ଛତରପୁର, ହୁସେନାବାଦ୍, ଗରୱା ଏବଂ ଭଓ୍ୱନାଥପୁର। ୩୯୦୬ ବୁଥରେ ଭୋଟଗ୍ରହଣ କରାଯିବ ଯେଉଁଥିରୁ ୯୮୯ଟିରେ ୱେବ୍‌କାଷ୍ଟିଂ ସୁବିଧା ରହିଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିଂ କର୍ମଚାରୀମାନଙ୍କୁ ହେଲିକପ୍ଟର ଯୋଗେ ଉପାନ୍ତ ଅଞ୍ଚଳକୁ ନିଆଯାଇଛି। ୧୯୫୦ ନମ୍ବରକୁ ଡାଏଲ କରି ଭୋଟର ନିର୍ବାଚନ ସମ୍ପର୍କିତ ଅଭିଯୋଗ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଭାଜପା ୧୨ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ହୁସେନାବାଦ୍‌ରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଛି। ବିରୋଧୀ ଜେଏମ୍‌ଏମ୍, କଂଗ୍ରେସ ଏବଂ ଆର୍‌ଜେଡି ଯଥାକ୍ରମେ ୪, ୬ ଏବଂ ୩ ଆସନରେ ଲଢୁଛନ୍ତି। ସକାଳ ୭ରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହେବ।

### ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏହାକୁ ଖାରଜ କରିଦେଇଛନ୍ତି। ରାଜନୀତିର ନୈତିକାତାଠାରୁ ସଂସଦୀୟ ନୈତିକତା ଭିନ୍ନ ବୋଲି ଜଷ୍ଟିସ୍ ଏନ.ଭି. ରମାନ୍ନା, ଅଶୋକ ଭୂଷଣ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। ଗଣତନ୍ତ୍ରରେ ଅନ୍ୟ ଦଳ ସହ ମେଣ୍ଟ କରିବା ଲାଗି କୌଣସି ରାଜନୈତିକ ଦଳର ଅଧିକାର ଉପରେ କଟକଣା ଜାରି କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ଜନସାଧାରଣ ବିଚାର କରିବେ, କୋର୍ଟ ନୁହେଁ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ ଜଣାଇ ଦେଇଛନ୍ତି। ଅଖିଳ ଭାରତ ହିନ୍ଦୁ ମହାସଭାର ପ୍ରମୋଦ ପଣ୍ଡିତ ଜୋଷୀ ଏହି ପିଟିଶନ ଦାଏର କରିଥିଲେ।

### ଶାରଦା ଚିଟ୍‌ଫଣ୍ଡ ମାମଲା ରାଜୀବ କୁମାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ବହୁକୋଟି ଟଙ୍କାର ଶାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ପଶ୍ଚିମବଙ୍ଗ କ୍ୟାଡରର ଏହି ଆଇପିଏସ୍ ଅଫିସରଙ୍କୁ ଦିଆଯାଇଥିବା ଆଗୁଆ ଜାମିନକୁ ସିବିଆଇ କୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ପୂର୍ବରୁ ରାଜୀବ କୁମାର କିଛିଦିନ ପାଇଁ ଫେରାର ହୋଇଯାଇଥିଲେ। ସେ ତଦନ୍ତ ସମୟରେ ସଂଗ୍ରହ କରିଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟପ୍ରମାଣକୁ ଚାପି ଦେଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ।









ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।

- ସ୍ୱାମୀ ବିବେକାନନ୍ଦ






## ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

# 'ନୂତନ ଭାରତ ଗଠନ ପାଇଁ ଦାୟିତ୍ୱ ନିଅ'

ସମ୍ବଲପୁର,୨୯।୧୧(ବ୍ୟୁରୋ)

ଶାନ୍ତି, ପ୍ରଗତି ଆଉ ସମୃଦ୍ଧିର ନୂତନ ଭାରତ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଥିପାଇଁ ଦାୟିତ୍ୱ ବହନ କରିବା ଜରୁରୀ। ନିଜର କର୍ତ୍ତବ୍ୟ ନ କଲେ ଜ୍ଞାନ ଅର୍ଜନ କରିବାର କିଛି ଲାଭ ନାହିଁ। ଆଜି ଯାହା ସଂଗ୍ରହ କରୁଛ ତାହା ଆସନ୍ତା କାଲି ପାଇଁ। ତେଣୁ ବର୍ତ୍ତମାନର ସମୟ ମୂଲ୍ୟବାନ। ଅଧ୍ୟୟନ କରି ନିଜର ଜ୍ଞାନ ବୃଦ୍ଧି କର, ଯାହା ନିଜକୁ ଆଗାମୀ ଦିନରେ ଆଗଧାଡିରେ ଛିଡାହେବାକୁ ସାହାଯ୍ୟ କରିବ। ପାଠ ପଢିବା ସହ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କର ବୋଲି ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର)ର ୩୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନୂତନ ଭାରତର ସଂକଳ୍ପ ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୪ ସୁଦ୍ଧା ଦେଶକୁ ୫ଟ୍ରିଲିୟନ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ମୂଳଲକ୍ଷ୍ୟ ରଖାଯାଇଛି। ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ ଦେଶ ଅଗ୍ରସର ହେଉଛି। ୨୦୧୬ରେ ଦେବାଳିଆ ଏବଂ ଦେବାଳିଆପଣ ସଂହିତା ଲାଗୁ କରାଯାଇଥିଲା। କର୍ପୋରେଟ ସଂସ୍ଥାଗୁଡ଼ିକ ଋଣ ପରିଶୋଧ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଗଲା। ୨୦୧୭ରେ ବସ୍ତୁ ଓ ସେବାକର କାର୍ଯ୍ୟକାରୀ କରାଗଲା। ସାମାଜିକ ବିକାଶ ଓ ନ୍ୟାୟ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଏହା ସହ ଆୟୁଷ୍ମାନ ଭାରତ, ପିଏମ୍-କିଷାନ ଯୋଜନା ରହିଛି। ଆମ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ଏକ ନୂଆ ଶିକ୍ଷାନୀତି ହାତକୁ ନିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ବାସ୍ତବରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ସବୁ ସମୟରେ ମା'ସମଲେଶ୍ୱରୀ ଦୟା କରିଆସୁଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ଭଳି ଅନେକ ବୀର ଏହି ମାଟିରେ ଜନ୍ମଗ୍ରହଣ କରିଛନ୍ତି। ସୁନ୍ଦର ପରିବେଶ ଓ ସବୁଜିମା ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରହିଛି। ଏଠାରୁ ଯେଉଁମାନେ ସ୍ନାତକ, ସ୍ନାତକୋତର, ଡକ୍ଟରେଟ ଡିଗ୍ରୀ, ଉପାଧି ଓ ପଦକ ପାଉଛନ୍ତି ତାହା ସେମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ପ୍ରମୋଦ କହିଥିଲେ। ଏହି ସମାବର୍ତ୍ତନ ଉତ୍ସବରେ କୁଳାଧିପତି ରାଜ୍ୟପାଳ ଗଣେଶୀ ଲାଲ ଅଧ୍ୟକ୍ଷତା କରିଥିଲେ। ସେ କହିଲେ, ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ଛାତ୍ରୀଛାତ୍ର ନିଜ ଉପରେ ବିଶ୍ୱାସ ରଖି ଆଗକୁ ବଢିବା ଆବଶ୍ୟକ। ତେବେଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ। ମଣିଷକୁ ଯାହାସବୁ ମିଳୁଛି ତାହା ସବୁ ଭଗବାନଙ୍କ ଦାନ। ତେଣୁ ସବୁ ସ୍ୱୀକାର କରିବା କଥା ଓ ସମସ୍ତଙ୍କୁ ଭଲ ପାଇବା କଥା। ସମାଜରେ ଉତ୍ସର୍ଗୀକୃତ ଭାବେ ସେବା ଯୋଗାଇବା ଆବଶ୍ୟକ। ବର୍ତ୍ତମାନ ସମୟରେ ବିଜ୍ଞାନ ଓ ବୈଷୟିକ ସଂସ୍କୃତି ମୁଣ୍ଡ ଟେକିବାରେ ଲାଗିଛି। ତେଣୁ ଛାତ୍ରୀଛାତ୍ର ସମୟ ସହିତ ନିଜକୁ ଖାପ୍ ଖୁଆଇ ଆଗକୁ ବଢିବାକୁ ହେବ ବୋଲି ରାଜ୍ୟପାଳ କହିଥିଲେ।

ଏହି ଅବସରରେ ପରମାଣୁ ତଥା ପଦାର୍ଥବିଜ୍ଞାନୀ ଡ. ଅଜିତ କୁମାର ମହାନ୍ତି ସମ୍ମାନସୂଚକ ଡିଏସ୍‌ସି, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ତଥା ନାଟ୍ୟକାର ଏବଂ ନିର୍ଦ୍ଦେଶକ ଅଟଳ ବିହାରୀ ପଣ୍ଡାଙ୍କୁ ଡିଲିଟ ଉପାଧି ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ଡ. ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କୁଳସଚିବ ଡ. ସଂଯତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୫ ଜଣ ପ୍ରଫେସରଙ୍କୁ ଡିଲିଟ୍ ସମ୍ମାନ, ୮୭ ଜଣଙ୍କୁ ବିଭିନ୍ନ ବିଷୟରେ ପିଏଚ୍‌ଡି ଡିଗ୍ରୀ ଦିଆଯାଇଥିଲା। ସେହିପରି ବିଭିନ୍ନ ବିଷୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ୨୯ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଆନ୍ତଃ କଲେଜ ଇଂଲିଶ ଡିବେଟ ପ୍ରତିଯୋଗିତାର ପୀୟୂଷ ପ୍ରତୀକ, ଅଭିଲିପ୍‌ସା ପଟ୍ଟନାୟକ, ଜାହ୍ନବୀ ଶର୍ମା ଓ ଟିକେଚାନ୍ଦ ବେହେରା ଏବଂ ଓଡିଆ ବକ୍ତୃତାରେ ତେଜସ୍ୱିନୀ ମିଶ୍ର, ତୃପ୍ତିମୟୀ ପାତ୍ର, ଇପ୍‌ସିତା ଦାଶଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜ୍ୟୋତିବିହାରଠାରେ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।




ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୦ତମ ସମାବର୍ତ୍ତନ ଉତ୍ସବରେ କୁଳାଧିପତି ଗଣେଶୀ ଲାଲ ପଦାର୍ଥବିଜ୍ଞାନୀ ଅଜିତ କୁମାର ମହାନ୍ତି ଓ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କୁ ସମ୍ମାନ ସୂଚକ ଡିଏସ୍‌ସି ଏବଂ ଡିଲିଟ୍ ଉପାଧି ପ୍ରଦାନ କରୁଛନ୍ତି। ପାଖରେ ଅଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଓ ଅନ୍ୟମାନେ।

## ରାଜଧାନୀରେ ଆଲୋଡ଼ନ

# ଡଷ୍ଟବିନ୍‌ରୁ ମିଳିଲା ନରକଙ୍କାଳ, ଖପୁରି

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

- ଡିଏନ୍‌ଏ ଟେଷ୍ଟ ପାଇଁ ନମୁନା ସଂଗ୍ରହ
- କୌଣସି ମେଡିକାଲ କଲେଜର ହୋଇଥିବା ସନ୍ଦେହ

ରାଜଧାନୀର ଏକ ଡଷ୍ଟବିନ୍‌ରୁ ନରକଙ୍କାଳ ଓ ଖପୁରି ମିଳିଛି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଶୁକ୍ରବାର ସକାଳେ ନୟାପଲ୍ଲୀ ଥାନା ଅଧୀନ ଆଇଆର୍‌ସି ଭିଲେଜ ହାଇସ୍କୁଲ ପଛପଟେ ଥିବା ଏକ ଡଷ୍ଟବିନ୍‌ରୁ ଏହି କଙ୍କାଳ ଓ ଖପୁରିକୁ ଜବତ କରାଯାଇଛି। ଜଣେ ସଫେଇ କର୍ମଚାରୀ ଡଷ୍ଟବିନ୍ ସଫା କରୁଥିବାବେଳେ କେତେକ ପଲିଥିନରେ ଖପୁରି ସହ କଙ୍କାଳ ବନ୍ଧାହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ କହିବା ସହ ପୋଲିସକୁ ଜଣାଇଥିଲେ। ନୟାପଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳର ଅଂଶବିଶେଷକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପରେ ଫୋରେନ୍ସିକ ଟିମ୍ ପହଞ୍ଚି ଡିଏନ୍‌ଏ ପରୀକ୍ଷା ପାଇଁ ଖପୁରି ଓ କଙ୍କାଳର କେତେକ ନମୁନା ସଂଗ୍ରହ କରିଛି।

ଏ ନେଇ ଜୋନ୍ ଏସିପି ଅନିଲ ମିଶ୍ର କହିଛନ୍ତି ଯେ, ହସ୍ପିଟାଲରେ ପରୀକ୍ଷା ପରେ ଏହି କଙ୍କାଳ ପୁରୁଷ କି ମହିଳାଙ୍କର ତାହା ଜାଣିବା ପାଇଁ ପୋଲିସ ଏହାକୁ କଟକସ୍ଥିତ ଏଫ୍‌ଏମ୍‌ଟି ଲ୍ୟାବ୍‌କୁ ପଠାଇବ। କାରଣ ପରେ ଯଦି କେହି ଏହାକୁ ନିଜ ପରିଜନଙ୍କର ବୋଲି ଦାବି କରନ୍ତି ତା'ହେଲେ ଡିଏନ୍‌ଏ ସହ ମ୍ୟାଚ୍ କରାଯିବ। ତେବେ ଏହି କଙ୍କାଳରେ ଏଲ୍-୧, ଏଲ୍-୨ ଭଳି ମାର୍କିଂ ହୋଇଥିବାରୁ ଏହା କୌଣସି ମେଡିକାଲ କଲେଜର ଶିକ୍ଷାଦାନ ସମ୍ବନ୍ଧିତ ବୋଲି ଅନୁମାନ କରାଯାଉଛି। ମଣିଷ ଶରୀରର ସମସ୍ତ ଅଂଶବିଶେଷ ଯଥା-ଖପୁରି, ପିଞ୍ଜରା, ନିତମ୍ବ ହାଡ଼, ହନୁ ହାଡ଼, ହାତ ଓ ଗୋଡ ହାଡ଼ ଆଦି ଏହି କଙ୍କାଳରେ ରହିଛି। ଏହା ପୁରୁଣା ହୋଇଯାଇଥିବାରୁ କେହି ମେଡିକାଲ ଛାତ୍ର ଏହାକୁ ଆଣି ଡଷ୍ଟବିନ୍‌ରେ ଫିଙ୍ଗିଦେଇ ଥାଇପାରନ୍ତି। ଏ ନେଇ ତଦନ୍ତ କରାଯାଉଛି ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ନାନା ଚର୍ଚ୍ଚା ଚାଲିଛି। କୌଣସି ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା କିମ୍ବା ଗୁଣିଗାରେଡ଼ି ଉଦ୍ଦେଶ୍ୟରେ ଏହି କଙ୍କାଳକୁ ବ୍ୟବହାର ପାଇଁ ଏଭଳି ଭାବେ ଲୁଚାଇ ରଖାଯାଇଥିବା ସାଧାରଣରେ ଆଲୋଚନା ହେଉଛି।






**କିଛି ତଥ୍ୟ** ଚଳିତ ବର୍ଷ ଅକ୍ଟୋବରରେ ଦେଶ ମଧ୍ୟରେ ଅଶୋଧିତ ଇସ୍ପାତ ଉତ୍ପାଦନ ୩.୪% ହ୍ରାସ ଘଟି ୯.୦୮୯ ନିୟୁତ ଟନ୍ ରହିଛି। – **ଇସ୍ପାତ ମନ୍ତ୍ରଣାଳୟ**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ...............................



ଗୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ୧୦ କାରଣ ଉପରେ ଟ୍ରାଫିକ୍ କଟକଣା

# ଜିଲାପାଳ, ଏସ୍‌ପିଙ୍କୁ ପରିବହନ କମିଶନରଙ୍କ ଚିଠି

କଟକ ଅଫିସ,୨୯।୧୧

ସଂଶୋଧିତ ମୋଟରଯାନ ଆଇନରେ ଥିବା କଟକଣାକୁ ରାଜ୍ୟ ସରକାର ଆଉ ୩ ମାସ କୋହଳ କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭାରେ ଘୋଷଣା କରିଥିଲେ। ମାତ୍ର ଶୁକ୍ରବାର ସରକାରଙ୍କ ପକ୍ଷରୁ ୧୦ଟି କାରଣ ଉପରେ କଟକଣା ଜାରି କରାଯାଇଛି। ରାଜ୍ୟ ପରିବହନ କମିଶନରଙ୍କ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି କରାଯାଇଛି। ଏହି ଚିଠିରେ ଉଲ୍ଲେଖ ରହିଛି, ନିର୍ଦ୍ଧାରିତ ବେଗଠୁ ଅଧିକ ବେଗରେ ଗାଡି ଚଳାଉଥିଲେ ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ନାଲିବତି ଜଳୁଥିବାବେଳେ ଅତିକ୍ରମ କରିବା, ନିଶାଖାଇ ଗାଡ଼ି ଚାଳନା କରିବା, ଟ୍ରାଫିକ ବିପରୀତ ଦିଗରୁ ଗାଡ଼ିଚାଳନା, ଗାଡ଼ି ଚଳାଉଥିବାବେଳେ ମୋବାଇଲ ବ୍ୟବହାର, ବିପଦସଙ୍କୁଳ ଗାଡ଼ିଚାଳନା, ମୋଟରସାଇକେଲରେ ୩ ଜଣ ବସିବା, ବିନା ହେଲମେଟ୍ ଓ ସିଟ୍ ବେଲ୍ଟରେ ଗାଡ଼ି ଚାଳନା ସହିତ ଓଭର ଲୋଡିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଉପରୋକ୍ତ ନିୟମକୁ ଉଲ୍ଲଂଘନ କରୁଥିବା ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି। ଯଦି ଜଣେ ଚାଳକ ଏକାଧିକବାର ଆଇନ ଉଲ୍ଲଂଘନ କରୁଥିବା ପ୍ରମାଣ ମିଳେ ତେବେ ଗାଡ଼ିର ସମସ୍ତ କାଗଜପତ୍ର ତନଖି କରିବାକୁ କୁହାଯାଇଛି। ଯେହେତୁ ସରକାର ୩ ମାସ କଟକଣାକୁ କୋହଳ କରିଛନ୍ତି, ତେଣୁ କେତେକ ଚାଳକଙ୍କ କ୍ଷେତ୍ରରେ ସମସ୍ତ ଆବଶ୍ୟକ କାଗଜପତ୍ର ମିଳିବା ସମ୍ଭବ ନୁହେଁ। ମାତ୍ର ଚେକିଂ କରୁଥିବା କର୍ମଚାରୀଙ୍କ ମନରେ ଯଦି ଚୋରା ଗାଡ଼ି ବୋଲି ସନ୍ଦେହ ହୁଏ ତେବେ ସମ୍ପୃକ୍ତ ଗାଡ଼ିର ସମସ୍ତ କାଗଜପତ୍ର ଦେବାକୁ ବାଧ ହେବେ। ତେବେ ତନଖି ସ୍ଥଳରେ ୩ରୁ ୪ଟି ଗାଡ଼ି ଅଟକ ରଖିବାକୁ କୁହାଯାଇଛି। ଅଧିକ ଗାଡ଼ି ଜମା କରି ଯାତାୟାତରେ ବାଧା ସୃଷ୍ଟି ନ କରିବାକୁ କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି।

## ଜେଇଇ ମେନ୍‌ରେ ...

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)କୁ ନିର୍ଦ୍ଦେଶ ଦିଆଯାଇଛି। ଜେଇଇ ମେନ୍-୨୦୨୦ରୁ ଏହା ଲାଗୁ କରିବାକୁ ଯୋଜନା ହୋଇଥିଲା। ହେଲେ ପରୀକ୍ଷାର ତାରିଖ ଧାର୍ଯ୍ୟ ହୋଇସାରିଥିବାରୁ ୨୦୨୧ ଜାନୁୟାରୀରେ ହେବାକୁ ଥିବା ପରୀକ୍ଷାରୁ ଏହାକୁ ଲାଗୁ କରଯିବ। ସୂଚନାଯୋଗ୍ୟ, ଜେଇଇ ମେନ୍ ମାଧ୍ୟମରେ ଛାତ୍ରୀଛାତ୍ର ବିଭିନ୍ନ ଇଞ୍ଜିନିୟରିଂ ପାଠ୍ୟକ୍ରମ ସମେତ ଆର୍କିଟେକଚର୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ ହୋଇଥାନ୍ତି। ବିଶେଷକରି ଏନ୍‌ଆଇଟି, ଆଇଆଇଆଇଟି, ସରକାରୀ ଅନୁଦାନପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ହେଉଛି।

## ମହିଳା ଡାକ୍ତରଙ୍କୁ ...

ଏକ ହସ୍ପିଟାଲରେ କାର୍ଯ୍ୟକରୁଥିଲେ। ସବୁଦିନ ଭଳି ବୁଧବାର ହସ୍ପିଟାଲକୁ ଯାଇ ସେଠାରୁ ଫେରୁଥିଲେ। ଫେରିବାବେଳେ ଜଣେ ତ୍ୱଚା ବିଶେଷଜ୍ଞ (ଡାକ୍ତର)ଙ୍କୁ ଭେଟିବା ପାଇଁ ଗାଚିବାଓ୍ୱଲି ଯାଇଥିଲେ। ସେଠାରୁ ରାତି ୮ଟା ପରେ ଘରକୁ ଫେରୁଥିବାବେଳେ ସେ ହଠାତ୍ ନିଖୋଜ ହୋଇଯାଇଥିଲେ। ଗୁରୁବାର ସକାଳେ ହାଇଦ୍ରାବାଦ ସହର ବାହାରେ ଥିବା ଶାଦ୍‌ନଗର ଅଞ୍ଚଳର ହାଇଦ୍ରାବାଦ-ବେଙ୍ଗାଲୁରୁ ଜାତୀୟ ରାଜପଥର ଏକ କଲଭର୍ଟ ତଳେ ତାଙ୍କର ଦଗ୍ଧ ମୃତଦେହ ମିଳିଥିଲା। ତନାଘନା ପରେ ପୋଲିସ ଜାଣିବାକୁ ପାଇଛି ଯେ, ପୀଡ଼ିତା ଜଣକ ତୋଣ୍ଡୁପଲ୍ଲୀସ୍ଥିତ ଓଆର୍‌ଆର୍ ଟୋଲ୍ ପ୍ଲାଜାରେ ତାଙ୍କ ସ୍କୁଟି ରଖି ଏକ କାର୍‌ରେ ହସ୍ପିଟାଲକୁ ଯାଇଥିଲେ। ଫେରିବାବେଳେ ତାଙ୍କ ସ୍କୁଟି ପଙ୍କଚର ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହି ବିଷୟରେ ସେ ନିଜ ସାନଭଉଣୀଙ୍କୁ ରାତି ୯ଟା ୪୫ରେ ଫୋନ୍ କରି ଜଣାଇଥିଲେ। କେତେଜଣ ଅଚିହ୍ନା ବ୍ୟକ୍ତି ତାଙ୍କୁ ସାହାଯ୍ୟ କରିବା ପାଇଁ ଆସିଥିବା ଭଉଣୀଙ୍କୁ ପୀଡ଼ିତା କହିଥିଲେ। ଅଚିହ୍ନା ଲୋକଙ୍କୁ ଦେଖି ସେ ଭୟଭୀତ ହୋଇଯାଇଥିବାରୁ ଭଉଣୀଙ୍କୁ ଫୋନ୍‌ରେ କଥାବାର୍ତ୍ତା ଜାରି ରଖିବା ପାଇଁ ଅନୁରୋଧ କରିଥିଲେ। ଏହାର କିଛି ମିନିଟ ପରେ ତାଙ୍କର ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଫଳରେ ପରିବାର ଲୋକେ ଚିନ୍ତିତ ହୋଇ ଶାମଶାବାଦ ଥାନାରେ ରାତି ୧୧ଟାରେ ତାଙ୍କର ନିଖୋଜ ରିପୋର୍ଟ ଦେଇଥିଲେ। ଇତିମଧ୍ୟରେ ଗୁରୁବାର ସକାଳେ ଟୋଲ୍ ପ୍ଲାଜାରୁ ୩୦ କି.ମି. ଦୂରରେ ଥିବା ଏକ କଲ୍‌ଭର୍ଟ ତଳେ ଜଣେ ମହିଳାଙ୍କ ମୃତଦେହ ଜଳୁଥିବା ଦେଖି ଜଣେ ଚାଷୀ ଥାନାକୁ ଖବର ଦେଇଥିଲେ। ଆଖପାଖ ଥାନା ଓ ପୀଡ଼ିତାଙ୍କ ପରିବାରକୁ ଏନେଇ ତୁରନ୍ତ ଖବର ଦିଆଯାଇଥିଲା। ପୋଲିସ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପ୍ରିୟଙ୍କାଙ୍କର ବୋଲି ଚିହ୍ନଟ କରିଥିଲେ। ଘଟଣାସ୍ଥଳରୁ ପୀଡ଼ିତାଙ୍କ ଜୋତା, ପୋଷାକ ଓ କେତେକ ମଦ ବୋତଲ ମିଳିଥିବାରୁ ଅଭିଯୁକ୍ତମାନେ ତାଙ୍କୁ ସାହାଯ୍ୟ କରିବା ବାହାନାରେ ଗଣବଳାତ୍କାର ପରେ ହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ତାଙ୍କୁ ବଳାତ୍କାର କରିବା ପାଇଁ ଜାଣିଶୁଣି ସ୍କୁଟି ପଙ୍କଚର କରିଥିବା ପୋଲିସ ସନ୍ଦେହ କରୁଛି।

ସାଇବରାବାଦ ପୋଲିସ କମିଶନର ଭି.ସି. ସଜ୍ଜନର କହିଛନ୍ତି, ଏହି ମାମଲାକୁ ନେଇ ୧୦ରୁ ଉର୍ଦ୍ଧ୍ୱ ଟିମ୍ ତଦନ୍ତ ଚଳାଇଛନ୍ତି। ଅପରାଧ ପଛର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇନାହିଁ। ଆମେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛୁ ଓ ପ୍ରମାଣ ସଂଗ୍ରହ କରୁଛୁ। ତେବେ ବଳାତ୍କାରକୁ ସେ ଅସ୍ୱୀକାର କରିନାହାନ୍ତି। ପୋଲିସ ସିସିଟିଭି ଯାଞ୍ଚ କରି ଟ୍ରକ୍ ଡ୍ରାଇଭର ଓ କ୍ଲିନରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖରଙ୍କ ପୁଅ ତଥା

## ପ୍ରଥମ ପୃଷ୍ଠାରୁ...

ମନ୍ତ୍ରୀ କେ.ଟି. ରାମାରାଓ ଶୁକ୍ରବାର ଏହି ଘଟଣାର ନିନ୍ଦା କରିଛନ୍ତି। ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ମାନ୍ଦାବସ୍ଥା ଝଟକା

ଯୋଗୁ ଭାରତ ବଜାର ଉପରେ ଏହାର ନକାରାତ୍ମକ ପ୍ରଭାବ ଦେଖାଯାଇଛି। ବିଶ୍ୱ ବଜାର ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଘରୋଇ ବଜାରରେ ଲଗାତର ଅଭିବୃଦ୍ଧି ହ୍ରାସ ହେଉଥିବା ଦେଖାଯାଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ବିକାଶ ହାର ୭ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିଯିବାରୁ ଏହାକୁ ନେଇ ବଜାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଥିଲେ। ଜୁଲାଇ-ସେପ୍ଟେମ୍ବରରେ ବିକାଶର ଗତି ୫%ରୁ ନିମ୍ନକୁ ଖସିବ ବୋଲି ଅନେକେ ପୂର୍ବାନୁମାନ କରିଥିଲେ। ଗତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୮% ରହିଥିଲା ମାତ୍ର ଚଳିତ ବର୍ଷ ଲଗାତର ଭାବେ ଏଥିରେ ହ୍ରାସ ପରିଲକ୍ଷିତ ହେଉଛି। ଶୁକ୍ରବାର ପ୍ରକାଶିତ ସରକାରଙ୍କ ତଥ୍ୟ ମୁତାବକ, ଚଳିତ ଆର୍ଥିକ ବର୍ଷ ପ୍ରଥମ ୭ ମାସରେ ଅକ୍ଟୋବର ସୁଦ୍ଧା ବିତ୍ତୀୟ ନିଅଣ୍ଟ ୭.୨ ଲକ୍ଷ କୋଟି ଟଙ୍କା ରହିଛି। ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୦୨.୪%। ଏହାବାଦ ଅକ୍ଟୋବରରେ ୮ କୋର ସେକ୍ଟର ଶିଳ୍ପ ଅଭିବୃଦ୍ଧି ୫.୮% କମ୍ ହୋଇଛି। ଏଭଳି ତଥ୍ୟକୁ ବିଚାର କଲେ ମାନ୍ଦାବସ୍ଥା କବଳରୁ ଭାରତ ବାହାରିବାକୁ ସକ୍ଷମ ହୋଇ ନ ଥିବା ବିଶେଷଜ୍ଞ ମତ ରଖିଛନ୍ତି। ବଜାରରେ ଆର୍ଥିକ କାର୍ଯ୍ୟକଳାପ ମନ୍ଥର ଥିବା ଯୋଗୁ ଦ୍ୱିତୀୟ ତ୍ରୈମାସ ଅଭିବୃଦ୍ଧି ୪.୭%କୁ ଖସିବ ବୋଲି ଗୁରୁବାର ରଏଟର୍ସ ପୋଲର ବିଶେଷଜ୍ଞ କହିଥିଲେ। ଚଳିତ ବର୍ଷ ଭାରତ ବିଶ୍ୱ ସ୍ତରର ଚାପ, ଉଚ୍ଚ ମୁଦ୍ରାସ୍ଫୀତି ଏବଂ ବିଭିନ୍ନ ରାଜନୈତିକ ଚ୍ୟାଲେଞ୍ଜ ସାମ୍ନା କରୁଥିବା ବେଳେ ଜିଡିପି ହ୍ରାସ ଭଳି ଘଟଣା ଏହି ସମୟରେ ସାମ୍ନାକୁ ଆସିଛି। ଏହି ସମୟ ମଧ୍ୟରେ ଫିଚ୍ ଗ୍ରୁପର ଫାର୍ମ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ଚତୁର୍ଥ ଥର ଲାଗି ବିକାଶ ଅନୁମାନକୁ କମ୍ କରିଛି। ଦେଶର ଜିଡିପି ଅଭିବୃଦ୍ଧି ୪.୭%କୁ ଖସିବ ବୋଲି ଏହା ମଙ୍ଗଳବାର କହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ହାର ୫.୬%କୁ ଖସିବ ବୋଲି ଏହି ଏଜେନ୍ସି ପକ୍ଷରୁ କୁହାଯାଇଛି। ଶିଳ୍ପ କ୍ଷେତ୍ରରେ ମନ୍ଥର କାର୍ଯ୍ୟକଳାପ ଯୋଗୁ ଚଳିତ ମାସ ୨୧ ତାରିଖରେ ରେଟିଂ ଏଜେନ୍ସି ଇକ୍ରା ମଧ୍ୟ ଦ୍ୱିତୀୟ ତ୍ରୈମାସ ବିକାଶ ହାରକୁ ୪.୭%କୁ କମାଇଥିଲା। ଦେଶର ଗ୍ରସ ଭାଲ୍ୟୁ ଆଡେଡ୍ (ଜିଭିଏ) ୪.୫% ରହିବ ବୋଲି ଏହା ପୂର୍ବାନୁମାନ କରିଥିଲା। ସେହିଭଳି ଚାଇନାର ବିକାଶ ହାର ଜୁଲାଇ-ସେପ୍ଟେମ୍ବର ସମୟରେ ୨୭ ବର୍ଷର ସର୍ବନିମ୍ନ ସ୍ତର ୬%କୁ ଖସିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଲୋଚନା ପରିସରରେ ବିରୋଧାଭାସ ରହିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟସାଧନ କରିବେ। ଗତକାଲିର ବାକି ରହିଯାଇଥିବା କାମଗୁଡ଼ିକୁ ଆଜି ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଅଶ୍ୱିନୀ ନକ୍ଷତ୍ରର ପିଲାମାନଙ୍କର କିମ୍ବା ସ୍ତ୍ରୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମୃଗଶିରା ନକ୍ଷତ୍ର ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ଶୁଣା ଖବରକୁ ବିଶ୍ୱାସକରି ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରେ ମନସ୍ତାପ କରିପାରନ୍ତି। ଅଟକି ରହିଥିବା କାମଗୁଡ଼ିକ ସହକର୍ମୀଙ୍କ ବଦାନ୍ୟତାରୁ ହୋଇଯିବ। ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତ ହେବେ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ ମାତ୍ର ସତର୍କରେ ଚଳନ୍ତୁ ନଚେତ୍ ପରିସ୍ଥିତି ବଦଳିଯାଇପାରେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀମାନେ ଆପଣଙ୍କ ଉପରେ ରାଗିପାରନ୍ତି। ପରିବାରର ଆଜିର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ। ବ୍ୟବସାୟରେ ସଫଳତା ହାସଲ କରିପାରିବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସହକର୍ମୀମାନେ ଏକଜୁଟ ହୋଇ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ସମସ୍ୟା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଆଶଙ୍କା ଅପରାହ୍ନେ ଦୂର ହୋଇଯିବ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ନିର୍ମାଣ ଓ ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ବନ୍ଧୁଙ୍କ ଅଶାଳୀନ ବ୍ୟବହାର ହେତୁ ମନ ବେଶି ବିବ୍ରତ ହେବ, କିନ୍ତୁ ପ୍ରକାଶ୍ୟରେ କିଛି ହିଁ କହିପାରିବେ ନାହିଁ। ମଘା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ହସ୍ତା ନକ୍ଷତ୍ରର ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିପାରନ୍ତି। ସୁନା ଜିନିଷ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣା ବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ, ଯାହାକି ଦୁଶ୍ଚିନ୍ତାକୁ ବୃଦ୍ଧି କରିବ ।

**ତୁଳା** ବିଶାଖା ନକ୍ଷତ୍ରର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅତ୍ୟଧିକ ଭ୍ରମଣ ଓ ମାନସିକ ଉଦ୍‌ବେଗ ଯୋଗୁ ଆଳସ୍ୟ ଅନୁଭବ କରିବେ। ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ଅନୁରାଧାର ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଥିଲେ ମଧ୍ୟ ନିଜର ଅବହେଳାଜନିତ କୌଣସି ସମସ୍ୟା ଦେଖାଦେଇପାରେ। ଅପୂରଣୀୟ ଆଶା କ୍ରମଶଃ ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହାଯ୍ୟ କେତେକାଂଶରେ କାମ ସକାଶେ ଅନୁକୂଳ ରହିପାରେ। ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ଧନୁ** ମୂଳା ନକ୍ଷତ୍ରର ସମୟ ପ୍ରତ୍ୟେକ ଦିଗରୁ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହୋଇପାରେ। ବାକ୍ ସଂଯମ ଅଭାବରୁ ବିନା ଦୋଷରେ ବନ୍ଧୁଙ୍କ ଘରୋଇ ଝମେଲା ଭିତରକୁ ଟାଣିହୋଇ ଯାଇପାରନ୍ତି। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** ଶ୍ରବଣା ନକ୍ଷତ୍ରର କାମଗୁଡ଼ିକ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ସହଜରେ କାମ ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ବହୁବିଧ କର୍ମରେ ଅନୁପ୍ରବେଶ ପାଇଁ ରାସ୍ତା ଉନ୍ମୁକ୍ତ କରିପାରେ। ସାମାଜିକ ସ୍ତରରେ ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆପଣଙ୍କ ଅନୁରୋଧ କ୍ରମେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ।

**ମୀନ** ସହଜ ଓ ସରଳଭାବରେ ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ କେତେକ କ୍ଷେତ୍ର ସକାଶେ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ ହେତୁ କେତେକ କାମ ଅଟକି ଯାଇପାରେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଖୁସି ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଥୀ ଶନିବାର, ନଭେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦିବା ଘ୮ ।୪୨ମି. ଗତେ, ଉତ୍ତରାଷାଢ଼ା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୋ ବିବାହ ପାଣିଗ୍ରହଣ, ଦିବା ଘ୭ ।୩୫ମି. ଗତେ ଘ୯ ।୪୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭ ।୩୧ମି. ଗତେ ଘ୮ ।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮ ।୫୧ମି. ଗତେ ଘ୧୦ ।୧୩ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**



**SALE**

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

Ice factory compressor KC4 kiloskar, 100HP motor, starter. 8917525377. D-15474

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185



**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

SC house 24,00,000/- general house 26,00,000/- finishing Hanspal-8093465134, 9668194157. D-68619

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

C.V Raman College ପାଖରେ 2000sqft. yellowzone plot ବିକ୍ରିହେବ। Contact: 9778928492. D-68312

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ **NH-16**କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ **Possession** ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। **Project** ଭିତରେ **30ft road** ଦିଆଯାଇଛି। **8018474890.** D-68431

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165.** D-15406

C.V Raman College ପାଖରେ 1 Acre plot ବିକ୍ରିହେବ। Contact: 9778928492. D-68313

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M- 280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

ସତ୍ୟନଗରରେ 19000sqft. yellowzone, ଘରବାରି plot ବିକ୍ରିହେବ। Contact: 9778928492. D-68314

4/5 BHK Duplex with gated community at Balianta (land- 1400 & construction-2200 @ 60,00,000/ 2600 @ 70,00,000), Mplanets: 9938219397, 9861022055. D-15470

**2020sqft. developed gharabari boundary plot near Rangabazar 13,13,000/- 7991052183.** D-68437

2BHK ready Apartment, flats near Tankapani Road Saitemple and Rangabazar (BJEM School-II) @ Rs.25, 27.50, 30 Lakhs including parking, no hidden cost. 9776080988, 9437493502. D-63966

କଟକ-ଭୁବନେଶ୍ୱର **middle point** ଫୁଲନଖରାଠାରେ ଥିବା **Delhi Public School**କୁ ଲାଗି ଘରବାରି **boundary plot** କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। **7749090720.** D-68436

30ft road connected yellowzone plot for sale at SUM Hospital. 7064229141. D-15471

Yellowzone 30ft road connected plot at Patrapada (Tamando) 9776341255. D-15472

**2 bedroom (apartment) ready to move flat at Pokhariput, Bhubaneswar, buyers directly contact Deepak- 9937329999.** D-68031

9000 sqft. bunglow with fully interior designed, 3 parking, close to NH Jharpada, Bhubaneswar- 8658182243. D-68033

3900 sqft. land with complete foundations and pillars close to Amri Hospital, Khandagiri, Bhubaneswar- 8658182243. D-68032

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038.** D-68438

"Litigation free 2storied building with parking, 3phase electricity, 24hr water supply over Freehold Plot (60' X 90') for sale at B.J.B. Nagar (POSH Area), Bhubaneswar. Broker Not allowed, Only genuine buyer contact directly: 9776122122". D-15477

Plot having 2150 sqft. for sale near Damana, Bhubaneswar. Price-65 lakh. Contact: 7326084916. D-68198



Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15476



3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405



Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Sai Harbal spa refresh your body with smart and expert therapist. 7608062524. D-68195

Genuine body massage and SPA provide by expert. 9583125287, 7991082881. D-56661

Ayurvedic full body massage ladies/ gents smart experts therapist- 8480939300. D-68712

Kasturi massage club, fully relaxed by expert lady, home service available- 9178845612. D-68713

**AFFIDAVIT**

By dint of affidavit before Notary Public, my name has changed from Gaurav Gupta to Gaurav Goel. D- 15473

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।

- ମହାତ୍ମା ଗାନ୍ଧୀ

# କମିବ 'ମୋ ବସ୍' ଭଡ଼ା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

'ମୋ ବସ୍' ପ୍ରତି ଯାତ୍ରୀଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପଦକ୍ଷେପ ନେବାପରେ ଏବେ ବସ୍ ଭଡ଼ା କମାଇବାକୁ ନିଷ୍ପତ୍ତି ନେଇଛନ୍ତି କର୍ତ୍ତୃପକ୍ଷ। ବିଶେଷକରି 'ମୋ ବସ୍'ର ଶୀତତାପ ନିୟନ୍ତ୍ରିତ (ଏସି-ବସ୍)ଗୁଡ଼ିକର ଭଡ଼ା କମାଇବାକୁ କ୍ୟାପିଟାଲ ରିଜିୟନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍) ସ୍ଥିର କରିଛି। ଡିସେମ୍ବର ୧ରୁ ଜାନୁୟାରୀ ୩୧ ଯାଏ ଆଗାମୀ ୨ମାସ ପର୍ଯ୍ୟନ୍ତ 'ମୋ ବସ୍'ର ଏସି-ବସ୍‌ଗୁଡିକରେ ଯାତ୍ରୀଙ୍କୁ ରିହାତି ଦିଆଯିବ। ତେବେ ଶୀତଦିନକୁ ଦୃଷ୍ଟିରେ ରଖି ଏସି-ବସ୍ ଭଡ଼ାକୁ ୩୮% ପର୍ଯ୍ୟନ୍ତ ହ୍ରାସ କରାଯାଇଥିବା ବେଳେ ମାସିକ ପାସ୍‌ର ଦର ମଧ କମାଯାଇଛି। ପୂର୍ବରୁ ଏସି-ବସ୍‌ଗୁଡିକରେ ପ୍ରଥମ ୨ କି.ମି. ପାଇଁ ସର୍ବନିମ୍ନ ଭଡ଼ା ୮ ଟଙ୍କା ନିଆଯାଉଥିବା ବେଳେ ଏବେ ଏହାକୁ କମାଇ ୫ ଟଙ୍କା କରାଯାଇଛି। ସେହିଭଳି ସର୍ବାଧିକ ଭଡ଼ା ୧୦୦ ଟଙ୍କା ବଦଳରେ ୭୦ ଟଙ୍କା ସ୍ଥିର ହୋଇଛି। ଏକ ଖବରଦାତା ସମ୍ମିଳନୀରେ କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର ସୂଚନା ଦେଇଛନ୍ତି। ବର୍ତ୍ତମାନ ଶୀତତାପ ନିୟନ୍ତ୍ରିତ ବସ୍‌ର ଭଡ଼ା ଅଣଶୀତତାପ ନିୟନ୍ତ୍ରିତ-ବସ୍ ଭଡ଼ାଠାରୁ ୬୦ରୁ ୧୪୦% ଅଧିକ ରହୁଛି। ନୂଆ ଦର ଅନୁଯାୟୀ ଉଭୟ ବସ୍ ମଧରେ ଭଡ଼ା ବ୍ୟବଧାନ ମାତ୍ର ୩୦% ଅଧିକ ରହିବ। ଶୀତଋତୁରେ ଯାତ୍ରୀ ସଂଖ୍ୟା ବୃଦ୍ଧି କରିବା ଏବଂ ଜନସାଧାରଣଙ୍କ କ୍ରମାଗତ ଅନୁରୋଧକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଖୁଚୁରା ଟଙ୍କା ଅଭାବକୁ ଦୃଷ୍ଟିରେ ରଖି ୫, ୮, ୧୦, ୧୩, ୧୫ ଓ ୧୭ ଟଙ୍କା ଥିବା ଅଣଶୀତତାପ ନିୟନ୍ତ୍ରିତ ବସ୍ ଭଡ଼ାକୁ ୫, ୧୦, ୧୫ ଓ ୨୦ ଟଙ୍କାରେ ପରିବର୍ତ୍ତିତ କରିବାକୁ ସ୍ଥିର ହୋଇଛି। ଏହାଦ୍ୱାରା ୪୧% ଅଣଶୀତତାପ ନିୟନ୍ତ୍ରିତ ବସ୍ ଯାତ୍ରୀ ରିହାତି ପାଇବେ ଏବଂ ମାତ୍ର ୯% ଯାତ୍ରୀ ସାମାନ୍ୟ ମୂଲ୍ୟବୃଦ୍ଧିରେ ପ୍ରଭାବିତ ହେବେ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି। ସେହିଭଳି ଅଣଶୀତତାପ ନିୟନ୍ତ୍ରିତ ବସ୍‌ର ମାସିକ ଭଡ଼ା ୬୦୦ରୁ ୫୫୦ ଟଙ୍କାକୁ ହ୍ରାସ କରାଯିବାକୁ ଥିବାବେଳେ ଶୀତତାପ ନିୟନ୍ତ୍ରିତ ଭଡ଼ା ୯୦୦ ଟଙ୍କାରୁ ୭୫୦ ଟଙ୍କାକୁ କମାଯିବ। ଏହାବ୍ୟତୀତ ଅଣଶୀତତାପ ନିୟନ୍ତ୍ରିତ ବସ୍‌ର ମ୍ୟାଜିକ ପାସ୍ ଭଡ଼ା ୧୨୦୦ ଟଙ୍କା ପରିବର୍ତ୍ତେ ୧୧୦୦ ଟଙ୍କା ଏବଂ ଶୀତତାପ ନିୟନ୍ତ୍ରିତ ବସ୍ ପାଇଁ ୧୮୦୦ ଟଙ୍କା ପରିବର୍ତ୍ତେ ୧୫୦୦ ଟଙ୍କା କରାଯାଇଛି। ପ୍ରଦୂଷଣ ମାତ୍ରା ରୋକିବା ଲାଗି ଲୋକଙ୍କୁ ସାଧାରଣ ପରିବହନ ବ୍ୟବସ୍ଥାର ବ୍ୟବହାର କରିବାକୁ ଉତ୍ସାହିତ କରିବା କ୍ରୁଟ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି ମହାପାତ୍ର କହିଛନ୍ତି।

# 'ବିଏସ୍‌କେୱାଇ'କୁ ସ୍କଚ୍ ସ୍ୱର୍ଣ୍ଣ ପୁରସ୍କାର



ସ୍କଚ୍ ସ୍ୱାସ୍ଥ୍ୟ ଭାରତ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ ଅବସରରେ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଏବଂ ଶାଳିନୀ ପଣ୍ଡିତ।

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ସ୍କଚ୍ ସ୍ୱାସ୍ଥ୍ୟ ଭାରତ ସ୍ୱର୍ଣ୍ଣ ପୁରସ୍କାର ମିଳିଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟବାସୀଙ୍କୁ ବିନାମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଓଡ଼ିଶା ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୭୦ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତି ପରିବାରର ମହିଳାଙ୍କୁ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଏହି ଯୋଜନାରେ ମାଗଣାରେ ଔଷଧ, ରୋଗ ନିରୂପଣ, ଡାଏଲିସିସ୍, କେମୋଥେରାପି, ମାଗଣା ଓଟି, ଆଇସିୟୁ ଓ ରକ୍ତ ଆଦି ଯୋଗାଇ ଦିଆଯାଉଛି। ରୋଗୀଙ୍କୁ ଜଟିଳ ରୋଗର ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ସରକାର ପ୍ରାୟ ୨୦୦ ଘରୋଇ ଚିକିତ୍ସାଳୟ ସହିତ ରାଜିନାମା କରିଛନ୍ତି।

# ମୃତ ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର, ୨୯।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳ ମହୁଲିଆ ପଞ୍ଚାୟତର ରାଜଗଡ଼ ନିକଟରୁ ଗୁରୁବାର ଏକ ୬ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ନଦୀ କୂଳରେ ମଲା କୁମ୍ଭୀର ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ।


**KHADI AND VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar-751030

**ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ନିମନ୍ତେ ବର୍ଷ ୨୦୧୯-୨୦ ପାଇଁ ଦରଖାସ୍ତ ଆହ୍ୱାନ।**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଅଧୀନରେ ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ପାଇଁ ବର୍ଷ ୨୦୧୯-୨୦ ନିମନ୍ତେ ବେରୋଜଗାର ପ୍ରାର୍ଥୀଙ୍କଠାରୁ କେବଳ Online ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରାଯାଉଅଛି।

**ଆବେଦନ କରିବାର ପ୍ରମୁଖ ନିୟମାବଳୀ**

(୧) ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।
(୨) ସ୍ୱୟଂ ସହାୟକ ଗୋଷ୍ଠୀ (SHG)।
(୩) ପଞ୍ଜୀକୃତ ଅନୁଷ୍ଠାନ, ସମବାୟ ସମିତି ଏବଂ ଟ୍ରଷ୍ଟ ଇତ୍ୟାଦି।
(୪) ଗ୍ରାମାଞ୍ଚଳ ପାଇଁ ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ମାର୍ଜିନ ରାଶି ସବ୍‌ସିଡି ଉପଲବ୍ଧ।
(୫) ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ଟ.୨୫.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ଟ.୧୦.୦୦ ଲକ୍ଷ ପର୍ଯ୍ୟନ୍ତ ଅନୁମତିଯୋଗ୍ୟ ସର୍ବାଧିକ ମୂଲ୍ୟର ପ୍ରକଳ୍ପ ରାଶି (Project Cost) ଧାର୍ଯ୍ୟ କରାଯାଇଅଛି।
(୬) ନକାରାତ୍ମକ ସୂଚୀ (Negative List) ଅନ୍ତର୍ଭୁକ୍ତ ଉଦ୍ୟୋଗ ପାଇଁ ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।
(୭) ଉତ୍ପାଦନଭିତ୍ତିକ ଶିଳ୍ପ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଶିଳ୍ପ ଟ.୫.୦୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଆବେଦନକାରୀ ଅନ୍ୟୂନ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ।
(୮) ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
(୯) ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନଟି ମନୋନୀତ କରିଥିବା ବ୍ୟାଙ୍କ ଶାଖାଟିର ସର୍ଭିସ ଏରିଆ ମଧ୍ୟରେ ହୋଇଥିବା ଆବଶ୍ୟକ।
(୧୦) କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର / ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି / ମାର୍ଜିନ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ବିବେଚିତ ହେବେ ନାହିଁ।
(୧୧) ଆବେଦନକାରୀଙ୍କର ଆଧାର କାର୍ଡ (Aadhaar Card) କିମ୍ବା ପ୍ୟାନ୍ କାର୍ଡ (PAN Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ:**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ www.kviconline.gov.in/pmegpeportalରେ registration ଏବଂ login କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର Offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା. ରାଜ୍ୟ ନିର୍ଦ୍ଦେଶକ, ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଭୁବନେଶ୍ୱର







# ୪୫ ଗହଣା ଦୋକାନରେ ଚଢ଼ାଉ

**୩ ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ**

**ଭୁବନେଶ୍ୱର୨୯।୧୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ବୈଧମାପ ବିଜ୍ଞାନ (ଓଜନ ଓ ମାପ) ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶମତେ ଚଳିତ ମାସ ୨୨ରୁ ୨୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସୁନା ଦୋକାନରେ ଚଢ଼ାଉ କରାଯାଇଥିଲା। ଏହି ୪ ଦିନରେ ଭୁବନେଶ୍ୱର, ବ୍ରହ୍ମପୁର, କଟକ, ରାଉରକେଲା, ସମ୍ବଲପୁର ଓ ବାଲେଶ୍ୱରରେ ସୁନାଗହଣା ଦୋକାନ ଏବଂ ପ୍ରତିଷ୍ଠାନ ଉପରେ ଅଚାନକ ଚଢ଼ାଉ କରାଯାଇଛି। ସର୍ବମୋଟ ୪୫ ଦୋକାନ ଏବଂ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବାବେଳେ ୨୯ ଦୋକାନ ଏବଂ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏହି ବାବଦରେ ୨୭ଟି ଦୋକାନ ଓ ପ୍ରତିଷ୍ଠାନରୁ ୩ ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ଦୁଇଟି ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି।

ରାଜଧାନୀର ୧୦ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୮ ଦୋକାନରେ ବୈଧମାପ ବିଜ୍ଞାନ ନିୟମ ପାଳନର ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିସହିତ ଏ ବାବଦରେ ୧ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବ୍ରହ୍ମପୁରରେ ୮ ଦୋକାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରୁ ୫ ଦୋକାନ ଓ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି। ତେଣୁ ଜରିମାନା ବାବଦରେ ୪ ଦୋକାନ ଓ ପ୍ରତିଷ୍ଠାନରୁ ୪୫ ହଜାର ଟଙ୍କା ଆଦାୟ କରାଯାଇଛି। ଗୋଟିଏ ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି। କଟକରେ ୮ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୫ ଦୋକାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି। ଏହି ବାବଦରେ ୩୫ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ରାଉରକେଲାରେ ୪ ଦୋକାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବାବେଳେ ୨ ଦୋକାନରୁ ୩୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସମ୍ବଲପୁରରେ ଚଢ଼ାଉ କରାଯାଇଥିବା ସମସ୍ତ ୫ ଦୋକାନ ଓ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି, ଏଥି ସହିତ ୪ ଦୋକାନ ଓ ପ୍ରତିଷ୍ଠାନରୁ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ଏକ ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି। ବାଲେଶ୍ୱରର ୧୦ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୪ ଦୋକାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି। ଏ ବାବଦରେ ୫୫ ହଜାର ଟଙ୍କା ଜରିମାନା ଆଦାୟ କରା ଯାଇଛି।






# ଏ ବର୍ଷ ଶୀତ କମ୍

## ୩ଦିନ ପର୍ଯ୍ୟନ୍ତ କୁହୁଡ଼ି

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ):** ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ଅଧିକ ଶୀତ ହେବ ନାହିଁ। ନଭେମ୍ବର ଶେଷ ହେବାକୁ ବସିଲାଣି ହେଲେ ଏ ପର୍ଯ୍ୟନ୍ତ ଭଲ ଭାବରେ ଶୀତ ପଡ଼ିନାହିଁ। ଆଗକୁ ମଧ ସେଭଳି ଶୀତ ହେବାର ସମ୍ଭାବନା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ବିଗତବର୍ଷଗୁଡ଼ିକ ତୁଳନାରେ ଏ ବର୍ଷ ଡିସେମ୍ବରଠାରୁ ମାର୍ଚ୍ଚ ମଧ୍ୟରେ କମ୍ ଶୀତ ଅନୁଭୂତ ହେବ। ଏହି ସମୟରେ ହାରାହାରି ତାପମାତ୍ରା ଅନ୍ୟ ବର୍ଷ ତୁଳନାରେ ଅଧିକ ରହିବ। ସାରା ଦେଶରେ ଏପରି ଅନୁଭୂତ ହେବ। ତେବେ ଦେଶର ହିମାଳୟ ପାର୍ବତ୍ୟାଞ୍ଚଳ ଓ ଅତି ଉତ୍ତର ଭାଗରେ ଥଣ୍ଡା ରହିବ ବୋଲି ପାଣିପାଗ ବିଭାଗ କହିଛି। ଆଇଏମ୍‌ଡିର ସୂଚନାନୁସାରେ, ଅତି ଉତ୍ତର ଭାଗକୁ ଛାଡ଼ିଦେଲେ ଦେଶର ଅଧିକାଂଶ ଅଞ୍ଚଳରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୦.୫ ଡିଗ୍ରୀ ସେଲସିୟସ ଅଧିକ ରହିବ। କେନ୍ଦ୍ରୀୟ ଓ ଉପକୂଳବର୍ତ୍ତୀ ଭାରତରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୧ ଡିଗ୍ରୀ ସେଲସିୟସ ଅଧିକ ରହିବ ବୋଲି ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେପଟେ ଓଡ଼ିଶାରେ ମଧ ପୂର୍ବ ବର୍ଷ ଭଳି ଏଥର ବର୍ତ୍ତମାନ ସୁଦ୍ଧା ସେଭଳି ଶୀତ ଅନୁଭୂତ ହୋଇନାହିଁ। ତେବେ ରାତିରେ ବିଭିନ୍ନ ସ୍ଥାନରେ କୁହୁଡ଼ି ପ୍ରବଳ ହେଉଛି। ସକାଳ ପର୍ଯ୍ୟନ୍ତ କୁହୁଡ଼ି ରହୁଛି। ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସମେତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଓ କୋରାପୁଟ ଜିଲାରେ କୁହୁଡ଼ି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।









# ସମ୍ଭାବ୍ୟ ଅଦଳବଦଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାବୁଙ୍କ ଉପରେ ନଜର ରଖିଥିବା ବ୍ୟକ୍ତିମାନେ ଅର୍ଥ ମନ୍ତ୍ରଣାଳୟର ଶୀର୍ଷ ସ୍ତରରେ ଅଦଳବଦଳ ହେବ ବୋଲି ଆଶା ରଖିଛନ୍ତି। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ସେଠାରେ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗର ମୁଖ୍ୟ ଜି.ସି. ମୁର୍ମୁଙ୍କୁ ପ୍ରଥମ ଉପରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯିବା ପରେ ଏଭଳି ଅଦଳବଦଳର ଆବଶ୍ୟକତା ରହିଥିବା କୁହାଯାଉଛି। ପୁଣି ଅର୍ଥ ସଚିବ ରାଜୀବ କୁମାର ଆସନ୍ତା ବର୍ଷ ଫେବୃୟାରୀରେ ଅବସର ନେବାର ଅଛି। ଏହାପରେ ଆର୍ଥିକ ମାମଲର ସଚିବ ଅତନୁ ଚକ୍ରବର୍ତ୍ତୀ ଏପ୍ରିଲ୍‌ରେ ବି ଅବସର ନେବେ। ଯଦିଓ ରାଜସ୍ୱ ସଚିବ ଏ.ବି.ପି. ପାଣ୍ଡେ ଏହି ପଦରେ ଫେବୃୟାରୀ ୨୦୨୧ ପର୍ଯ୍ୟନ୍ତ ରହିବେ ବୋଲି ଯୋଜନା କରାଯାଇଥିବାର ବିଶେଷ ସୂତ୍ରରୁ ପ୍ରକାଶ ପାଇଛି, ତଥାପି ଗୋପନୀୟ ସୂତ୍ରରୁ ଜଣାପଡେ ଯେ, ମୋଦି ସରକାର ତାଙ୍କୁ ସେଠାରୁ ଅନ୍ୟ ବିଭାଗକୁ ନେଇପାରନ୍ତି। ଯାହା ବିଚାର କରାଯାଉଛି ଏବଂ ଏଥିରୁ ସଙ୍କେତ ବି ମିଳୁଛି ଯେ, ଅର୍ଥନୀତିର ଅତ୍ୟାବଶ୍ୟକ ସଂଖ୍ୟା କ୍ରମାଗତ ତଳକୁ ଖସିଚାଲିଥିବାରୁ ଏ ସମ୍ପର୍କରେ ସରକାର ଅସନ୍ତୁଷ୍ଟ ରହିଛନ୍ତି। ଯଦି ଏହି ଗୁଞ୍ଜରଣ ବାସ୍ତବରେ ସତ ହୁଏ, ତେବେ ଅର୍ଥ ମନ୍ତ୍ରଣାଳୟରେ ଗୋଟିଏ ସେଟ୍‌ର ନୂଆ ମୁହଁ ଅର୍ଥନୀତିକୁ ଚଳାଇବେ ବୋଲି ଆମେ ଆଶା କରିପାରିବା।

### ବାବୁମାନେ ଚିନ୍ତିତ

ପୁନଶ୍ଚ ଇଣ୍ଡିଆନ୍ ଆଡ୍‌ମିନିଷ୍ଟ୍ରେଟିଭ ସର୍ଭିସ (ଆଇଏଏସ୍)ର ଆଧିପତ୍ୟ ବା ପ୍ରଭାବକୁ ଭାଙ୍ଗିଦେବାକୁ କରାଯାଇଥିବା ମୋଦି ସରକାରଙ୍କ ଉଦ୍ୟମରୁ ଯେଉଁ ସେବା ଲାଭ ପାଉଛି ତାହା ହେଉଛି ଭାରତୀୟ ରେଳ ସେବା (ଆଇଆର୍‌ଏସ୍)। ଚଳିତ ବର୍ଷ ଯୁଗ୍ମସଚିବ ସ୍ତରରେ କରାଯାଇଥିବା ୨୨୮ ଜଣ ଅଧିକାରୀଙ୍କ ପ୍ୟାନେଲ ମଧ୍ୟରୁ ୭୮ ଜଣ ଅଧିକାରୀ ହେଉଛନ୍ତି ଆଇଆର୍‌ଏସ୍। ଏହି ପ୍ୟାନେଲରେ ମାତ୍ର ୪୯ ଜଣ ଆଇଏଏସ୍ ଓ ୪୬ ଜଣ ଭାରତୀୟ ରାଜସ୍ୱ ସେବା ଅଧିକାରୀ ରହିଛନ୍ତି। ଆଉ ୫୫ ଜଣ ଅଧିକାରୀଙ୍କ ମଧ୍ୟରେ ଆଇପିଏସ୍, ଆଇଏଫ୍‌ଓଏସ୍ ଏବଂ ଅନ୍ୟ ସେବାରୁ ରହିଛନ୍ତି। ଏହି ଧାରା କେବଳ ୨୦୧୯ ପାଇଁ ସୀମିତ ନୁହେଁ। ଆରମ୍ଭରୁ ମଧ୍ୟ ଯୁଗ୍ମସଚିବ ସ୍ତରରେ କରାଯାଇଥିବା ପ୍ୟାନେଲରେ ଆଇଆର୍‌ଏସ୍ ବାବୁମାନଙ୍କ ସଂଖ୍ୟା ଆଇଏଏସ୍ ସମେତ ଅନ୍ୟ ସେବାର ବାବୁମାନଙ୍କଠାରୁ ବେଶି ରହିଛି। ସମ୍ପ୍ରତି କୌଣସି ଏକ ନିର୍ଦ୍ଦିଷ୍ଟ ପଦବୀ ପାଇଁ ପ୍ୟାନେଲରେ ସ୍ଥାନ ପାଇବାକୁ ହେଲେ ଜଣେ ଆଇଏଏସ୍ ଅଧିକାରୀଙ୍କ ପାଇଁ ଦକ୍ଷତା ମାପଦଣ୍ଡ ସେଣ୍ଟ୍ରାଲ୍ ଷ୍ଟାଫ୍ ସ୍କିମ୍ (କେନ୍ଦ୍ରୀୟ କର୍ମଚାରୀ ଯୋଜନା) ଅଧୀନରେ ଥିବା ଅନ୍ୟ ସେବାଗୁଡିକରୁ ଆସିଥିବା ପ୍ରତିପକ୍ଷଙ୍କଠାରୁ ଦୁଇ ବର୍ଷ କମ୍ ରଖାଯାଇଛି। ଏଭଳି ଫାଇଦାକୁ ଅନ୍ୟମାନେ ଭେଦଭାବପୂର୍ଣ୍ଣ ବ୍ୟବସ୍ଥା ବୋଲି ବିଚାର କରୁଛନ୍ତି। ସିଭିଲ ସର୍ଭିସର ଉପର ସ୍ତରରେ ଥିବା ସବୁ କ୍ଷେତ୍ରରେ ସମନ୍ୱୟ ଆଣିବାକୁ ମୋଦି ସରକାର ସ୍ଥିର କରିବା ପରେ ଅନ୍ୟ ସର୍ଭିସକୁ ସେମାନଙ୍କ ସଂଖ୍ୟା ଅନୁପାତରେ ପ୍ୟାନେଲଭୁକ୍ତ କରାଯାଉଛି। ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, 'ସ୍ୱର୍ଗରେ ଜାତ' କୁହାଯାଉଥିବା ଏହି ଅଫିସରମାନେ ଏହି ଧାରାରେ କେବେ ବି ସନ୍ତୁଷ୍ଟ ନୁହନ୍ତି ଏବଂ ଆଇଏଏସ୍‌ଙ୍କ ବିରୋଧରେ ସରକାରଙ୍କ ପକ୍ଷପାତ ନୀତି ସମ୍ପର୍କରେ ସେମାନେ ଅଧିକ ଆଲୋଚନା କରୁଛନ୍ତି। ତେବେ କ୍ଷମତାସମ୍ପନ୍ନ ଆଇଏଏସ୍ ଅଧିକାରୀମାନେ ଯୁଗ୍ମସଚିବ ସ୍ତରରେ ସେମାନଙ୍କ ସଂଖ୍ୟା ହରାଉଥିବାବେଳେ ଏହି ସେବା ଏଯାବତ୍ ଅତିରିକ୍ତ ସଚିବ ଓ ସଚିବ ସ୍ତରରେ ଆଧିପତ୍ୟ ବିସ୍ତାର କରି ରହିଛି।

### ଆଇପିଏସ୍ ସଂଘ ଆଇନସଙ୍ଗତ ନୁହେଁ

ଏକ ଆର୍‌ଟିଆଇ ଆବେଦନର ଜବାବରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି)କୁ କହିଛନ୍ତି ଯେ, ଆଇପିଏସ୍ ସଂଘ ପାଖରେ ସରକାରଙ୍କର 'ଏକ୍ସପ୍ରେସ୍ ସାଙ୍କ୍‌ଶନ' (ସ୍ୱାଧୀନଭାବରେ ମତ ଦେବାର ଅନୁମତି) ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପୁନଶ୍ଚ ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ପୋଲିସ ବାହିନୀ କୌଣସି ସଂଘ ଗଢ଼ିବାର ଅଧିକାର ନାହିଁ। ଆଇପିଏସ୍ ସଂଘକୁ ଏକ ବେଆଇନ ସଂଗଠନ ବୋଲି କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ପଦକ୍ଷେପରେ ଆଇପିଏସ୍ ସଂଘ ପୂରା ବିଚଳିତ ହୋଇଯାଇଛି। ପୂର୍ବତନ ଆଇପିଏସ୍ ଅଧିକାରୀ ତଥା ଆଇପିଏସ୍ ସଂଘର ସମ୍ପାଦକ ପି.ଭି.ଆର୍. ଶାସ୍ତ୍ରୀଙ୍କ ଅନୁସାରେ ଅଲ୍ ଇଣ୍ଡିଆ ସର୍ଭିସ ରୁଲସ ବା ଅଖିଳ ଭାରତୀୟ ସେବା ନିୟମ ଅଧୀନରେ ଆଇପିଏସ୍ ଅଧିକାରୀମାନେ ନିଯୁକ୍ତ ହେଉଛନ୍ତି ଓ ଶାସିତ ବି ହେଉଛନ୍ତି। ଏଥିରେ ଏହି ଅଧିକାରୀମାନଙ୍କୁ ସଂଘ ଗଠନ କରିବାକୁ ନିଷିଦ୍ଧ କରାଯାଇ ନାହିଁ। ସୂତ୍ରରୁ ପ୍ରକାଶ ଯେ, ଅସନ୍ତୁଷ୍ଟ ଆଇପିଏସ୍ ଅଧିକାରୀମାନେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ପଦକ୍ଷେପକୁ ଚ୍ୟାଲେଞ୍ଜ କରୁଥିବାବେଳେ ସେମାନଙ୍କ ପ୍ରତିପକ୍ଷ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ ଅନୁଭବ କରୁଛି ଯେ, ଆଇପିଏସ୍ ସଂଘ ସମ୍ବନ୍ଧରେ ମନ୍ତ୍ରଣାଳୟ ସେମାନଙ୍କ ଦୃଷ୍ଟିକୋଣକୁ ଠିକ୍ ଭାବେ ଉପସ୍ଥାପନ କରିଛି। ତେବେ ଆଇପିଏସ୍ ଅଧିକାରୀମାନେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଥିବା ସେମାନଙ୍କର ଆଇଏଏସ୍ ସାଥୀମାନେ ପକ୍ଷପାତ ନୀତି ପ୍ରଦର୍ଶନ ସହ ଅଯଥା ବିବାଦ ସୃଷ୍ଟି କରୁଥିବା ଅଭିଯୋଗ କରିଛନ୍ତି।

Email: dilipcherian@gmail.com



ଡ. ପ୍ରମୋଦ କୁମାର ମିଶ୍ର

# ପରିବର୍ତ୍ତନ ସହ ତାଳ ଦେଇ ଚାଲିବା

ଆଜି ଆପଣମାନେ (ଛାତ୍ରୀଛାତ୍ରମାନେ) ଯେତେବେଳେ ଜୀବନର ନୂତନ ପର୍ଯ୍ୟାୟରେ ପାଦ ଥାପୁଛନ୍ତି, ଆପଣମାନଙ୍କ ଆଗରେ ବ୍ୟାପକ ସମ୍ଭାବନା ଓ ସୁଯୋଗ ରହିଛି। ଦେଶରେ ଉତ୍ସାହ ଓ ଗତିଶୀଳତାର ଏକ ନୂତନ ଭାବନା ଦେଖିବାକୁ ମିଳୁଛି। ଆମ ପ୍ରଧାନମନ୍ତ୍ରୀଙ୍କ ନୂତନ ଭାରତର ସଂକଳ୍ପ ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ଆର୍ଥିକ ଦୃଷ୍ଟିକୋଣରୁ ୨୦୨୪ ସୁଦ୍ଧା ସେ ଦେଶକୁ ୫ଟ୍ରିଲିୟନ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ଏହା ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ହୋଇଥିବାରୁ, ଆମେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ ଏହି ଦିଗରେ ଅଗ୍ରସର ହେଉଛୁ।

ଆମର ଆର୍ଥିକ ମୂଳଦୁଆ ବେଶ୍ ସୁଦୃଢ଼। ୨୦୧୪ରୁ ୨୦୧୯ ମଧ୍ୟରେ ଆମର ହାରାହାରି ବାର୍ଷିକ ଜିଡିପି ଅଭିବୃଦ୍ଧି ୭.୫ ପ୍ରତିଶତ ରହିଛି, ଯାହାକି ସ୍ୱାଧୀନତା ପରେ ସର୍ବାଧିକ। ଏହା ମଧ୍ୟ ଜି-୨୦ ଦେଶ ମଧ୍ୟରେ ସର୍ବୋଚ୍ଚ। ସମଷ୍ଟିଗତ ଅର୍ଥନୈତିକ ସ୍ଥିରତା ଗତ ୫ ବର୍ଷ ମଧ୍ୟରେ ବେଶ୍ ସୁଦୃଢ଼ ରହିଛି, ଯାହା ଆଧାରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇ ପାରିଛି। ଆମେ ମୁଦ୍ରାସ୍ଫୀତିକୁ ନିମ୍ନରେ ରଖିପାରିଛୁ, ବିତ୍ତୀୟ ବ୍ୟୟ ଶୃଙ୍ଖଳିତ ରହିଛି ଏବଂ ଚଳନ୍ତି ଖାତା ନିଅଣ୍ଟ ନିୟନ୍ତ୍ରଣାଧୀନ ରହିଛି। ଯଦି ଆମେ ୨୦୦୯-୧୪ ଅବଧିକୁ ୨୦୧୪-୧୯ ଅବଧି ସହିତ ତୁଳନା କରିବା ତେବେ ମୁଦ୍ରାସ୍ଫୀତି ୧୦.୩ ପ୍ରତିଶତରୁ ହ୍ରାସ ପାଇ ୪.୫ ପ୍ରତିଶତରେ ପହଞ୍ଚିଛି, ବିତ୍ତୀୟ ନିଅଣ୍ଟ ଜିଡିପିର ୫.୩ ପ୍ରତିଶତରୁ ଖସି ୩.୪ ପ୍ରତିଶତରେ ପହଞ୍ଚିଛି ଏବଂ ଚଳନ୍ତି ଖାତା ନିଅଣ୍ଟ ୩.୩ ପ୍ରତିଶତରୁ ହ୍ରାସ ପାଇ ଜିଡିପିର ୧.୪ ପ୍ରତିଶତରେ ପହଞ୍ଚିଛି।

ବିଭିନ୍ନ ମୌଳିକ, ଯୁଗାନ୍ତକାରୀ ସଂସ୍କାର ଲାଗୁ କରାଯାଇଛି। ୪/୫ ବର୍ଷ ପୂର୍ବରୁ କେହି ଭାବିପାରୁ ନ ଥିଲେ ଯେ, ବ୍ୟବସ୍ଥା ସହିତ ଖେଳିଲେ ବୃହତ୍ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ମଧ୍ୟ ମୂଲ୍ୟ ଦେବାକୁ ପଡ଼ିବ, ଋଣ ଶୁଝି ନ ପାରିଲେ ସେମାନଙ୍କୁ ନିଜ ସମ୍ପତ୍ତି ହରାଇବାକୁ ପଡ଼ିବ। ୨୦୧୭ରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଲାଗୁ କରାଗଲା, ଏହା ଆର୍ଥିକ ଦୃଷ୍ଟିରୁ ଭାରତକୁ ଗୋଟିଏ ବଜାରରେ ପରିଣତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏହା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ ପାରଦର୍ଶିତା ଓ ବ୍ୟବସାୟିକ ସୁଗମତା ଆଣିପାରିଲା। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ଉନ୍ମୁକ୍ତ ଓ ଉଦାରୀକରଣ କରାଯିବା ଦ୍ୱାରା ଦେଶକୁ ବିଦେଶୀ ପୁଞ୍ଜିର ପ୍ରବାହ ବଢ଼ିଛି। ସାମାଜିକ ବିକାଶ ଓ ନ୍ୟାୟ ପାଇଁ ଅନେକ ପ୍ରଭାବୀ ପଦକ୍ଷେପ ନିଆଯାଇଛି। ଏଥି ମଧ୍ୟରେ ଆୟୁଷ୍ମାନ୍ ଭାରତ ଭଳି ଯୁଗାନ୍ତକାରୀ କାର୍ଯ୍ୟକ୍ରମ ରହିଛି, ଯାହା ଗରିବଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବ। କୃଷକମାନଙ୍କୁ ଆୟ ସମର୍ଥନ ଯୋଗାଇ ଦେବା ଲାଗି ପିଏମ୍-କିଷାନ ଯୋଜନା ଓ ଆମ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ନୂଆ ଶିକ୍ଷାନୀତି ହାତକୁ ନିଆଯାଇଛି।

ଗତ କିଛିମାସ ଧରି ଭାରତର ଜିଡିପି ହ୍ରାସ ପାଇଛି। ବୈଶ୍ୱିକ ଅଭିବୃଦ୍ଧିରେ ମାନ୍ଦାବସ୍ଥା ଦେଖାଦେଇଛି। ପାରଦର୍ଶିତା ଆଣିବା, ବାଟମାରଣା ରୋକିବା ଏବଂ ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ତ୍ୱରିତ ପଦକ୍ଷେପ କାରଣରୁ କେତେକ କ୍ଷଣସ୍ଥାୟୀ ଗତିରୋଧ ସୃଷ୍ଟି ହୋଇଛି। ଆଇନର ଶାସନ ଓ ଅର୍ଥବ୍ୟବସ୍ଥାର ଔପଚାରିକତା ଲାଗି ବିଗତ ପାଞ୍ଚବର୍ଷ ମଧ୍ୟରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଯୋଗୁ କେତେକ କ୍ଷଣସ୍ଥାୟୀ ନକାରାତ୍ମକ ପ୍ରଭାବ ପଡ଼ିବା ସ୍ୱାଭାବିକ।

ତଥାପି ସରକାର ସଜାଗ ଓ ସକ୍ରିୟ ଅଛନ୍ତି। ଆର୍ଥିକ କ୍ଷେତ୍ର ଏବଂ ବାସ୍ତବ ଅର୍ଥବ୍ୟବସ୍ଥାରେ ସୁଧାର ଆଣିବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଭୂମି, ଶ୍ରମ ଓ ପୁଞ୍ଜି ଭଳି ଉତ୍ପାଦନ କାରକର ଉତ୍ପାଦକତା ବୃଦ୍ଧି ଲାଗି ଐତିହାସିକ ପଦକ୍ଷେପମାନ ନିଆଯାଇଛି। ଦୃଢ଼ ଭିତ୍ତିଭୂମି ପ୍ରଦାନ ସହ ଐତିହାସିକ ସ୍ୱଚ୍ଛତା ଅଭିଯାନ ଏବଂ ମହତ୍ତ୍ୱାକାଂକ୍ଷୀ ସଂସ୍କାରକୁ କାର୍ଯ୍ୟକାରୀ କରାଯାଇଛି। ଆଗାମୀ ଦିନରେ ଭାରତ ଅଧିକ ଦ୍ରୁତଗତିରେ ବିକାଶ ଲାଭ କରିବ।

ସ୍ମାର୍ଟ ଫୋନ ବିପ୍ଳବ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବିଗ୍ ଡାଟା ଆନାଲିଟିକ୍ସ, ଅଗ୍‌ମେଣ୍ଟେଡ ରିୟଲିଟି, ଥ୍ରୀଡି ପ୍ରିଣ୍ଟିଂ, ରୋବୋଟିକ୍ସ ଏବଂ ବ୍ଲକ୍‌ଚେନ ଟେକ୍ନୋଲୋଜି ମୌଳିକ ଭାବେ ଆମ ବିଶ୍ୱ ଏବଂ ଆମର ଜୀବନଧାରାକୁ ପ୍ରଭାବିତ କରୁଛି। ପ୍ରତିଦିନ ଅଭୂତପୂର୍ବ ଗତିରେ ଏହି ପରିବର୍ତ୍ତନ ହୋଇଚାଲିଛି। ଆମେ ପରସ୍ପର ସହ କଥା ହେବା କିମ୍ବା ସମ୍ପର୍କ ଯୋଡ଼ିବାଠାରୁ ଆରମ୍ଭ କରି, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିବା, ଟଙ୍କା ପଠାଇବା ଏବଂ ଗ୍ରହଣ କରିବା କିମ୍ବା ଆମେ ଆମ ଖାଦ୍ୟ ପାଇବା ଆଦି ପର୍ଯ୍ୟନ୍ତ ସବୁକିଛିର ପଦ୍ଧତି ବଦଳିବାରେ ଲାଗିଛି। ଏହା ଏକ ଭିନ୍ନ ବିଶ୍ୱ, ବିଗତ ଏକ ଦଶନ୍ଧି ପୂର୍ବର ପରିସ୍ଥିତି ସହ ମଧ୍ୟ ବର୍ତ୍ତମାନର ବିଶ୍ୱକୁ ତୁଳନା କରିହେବ ନାହିଁ।

ଏସବୁ ସମ୍ଭାବନା ଅନେକ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି। ଯେ ପର୍ଯ୍ୟନ୍ତ ଆମେ ପରିବର୍ତ୍ତନ ସହ ତାଳଦେଇ ଚାଲିବା ନାହିଁ, ନୂଆ କଥା ଶିଖିବା ନାହିଁ କିମ୍ବା ଅନ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବା ନାହିଁ, ଆମେ ପଛରେ ପଡ଼ିଯିବା। ଏହି ଆହ୍ୱାନକୁ ସମସ୍ତେ ଗ୍ରହଣ କରିବା ଉଚିତ। ଆମ ଶାସ୍ତ୍ରରେ ଜ୍ଞାନର ମୂଲ୍ୟ ଓ ନିରନ୍ତର ଜ୍ଞାନ ଆହରଣର ମହତ୍ତ୍ୱ ବିଷୟରେ କୁହାଯାଇଛି। ଏହା ଏବର ଦ୍ରୁତ ପରିବର୍ତ୍ତିତ, ପ୍ରଯୁକ୍ତିପରିଚାଳିତ ବିଶ୍ୱରେ ଆହୁରି ପ୍ରାସଙ୍ଗିକ ହୋଇପଡ଼ିଛି। ଜ୍ଞାନର ମହତ୍ତ୍ୱ ବିଷୟରେ ଭର୍ତ୍ତୃହରି କହିଛନ୍ତି-

''ବିଦ୍ୟା ନାମ ନରସ୍ୟ ରୂପମଧିକଂ ପ୍ରଚ୍ଛନ୍ନଗୁପ୍ତଂ ଧନମ୍, ବିଦ୍ୟା ଭୋଗକରୀ ଯଶଃସୁଖକରୀ ବିଦ୍ୟା ଗୁରୂଣାଂ ଗୁରୁଃ। ବିଦ୍ୟା ବନ୍ଧୁଜନୋ ବିଦେଶଗମନେ ବିଦ୍ୟା ପରଂ ଦୈବତମ୍, ବିଦ୍ୟା ରାଜସୁ ପୂଜ୍ୟତେ ନ ହି ଧନଂ ବିଦ୍ୟାବିହୀନଃ ପଶୁଃ॥''

ଅର୍ଥାତ୍ ଜ୍ଞାନ ମଣିଷର ରୂପ ଓ ବ୍ୟକ୍ତିତ୍ୱକୁ ସମ୍ପ୍ରସାରିତ କରିଥାଏ। ଏହା ସେହି ଗୁପ୍ତ ଧନ, ଯାହାକୁ କେହି ନେଇପାରିବେ ନାହିଁ। ଏହା ଆନନ୍ଦ ଏବଂ ଗୌରବ ପ୍ରଦାନ କରିଥାଏ। ଏହା ସମସ୍ତ ଗୁରୁମାନଙ୍କ ଗୁରୁ ଏବଂ ଏହା ବିଦେଶ ମାଟିରେ ଆମର ବନ୍ଧୁ। ଜ୍ଞାନ ହେଉଛି ପରମ ଈଶ୍ୱର, ଯାହାକୁ ରାଜାମାନେ ଭୌତିକ ସମ୍ପତ୍ତି ଅପେକ୍ଷା ଅଧିକ ପୂଜା କରିଥାନ୍ତି। ଅଜ୍ଞାନ ମନୁଷ୍ୟ ପଶୁ ସହ ସମାନ।

ଏହି ଜ୍ଞାନ କେବଳ ଏଇଠି ସରିଯାଉ ନାହିଁ, ଏହା ଆହୁରି ଗଭୀର ଗୁଣାବଳୀ ଓ ମୂଲ୍ୟବୋଧ ଦିଗରେ ଆଗେଇ ନେଇଥାଏ। ବିଦ୍ୟା ମଣିଷକୁ ବିନୟୀ କରାଇଥାଏ, ବିନମ୍ରତା ବା ଶାଳୀନତାରୁ ଯୋଗ୍ୟତା ବା ପାତ୍ରତା ଉତ୍ପନ୍ନ ହୁଏ, ଯୋଗ୍ୟତାରୁ ଧନ, ଧନରୁ ଧର୍ମ ଏବଂ ସେଥିରୁ ସୁଖ ଉତ୍ପନ୍ନ ହୋଇଥାଏ। ଶାସ୍ତ୍ରକାର କହିଛନ୍ତି-

ବିଦ୍ୟା ବିବାଦାୟ ଧନଂ ମଦାୟ ଶକ୍ତିଃ ପରେଷାଂ ପରିପୀଡ଼ନାୟ। ଖଳସ୍ୟ ସାଧୋର୍ବିପରୀତମେତତ୍ ଜ୍ଞାନାୟ ଦାନାୟ ଚ ରକ୍ଷଣାୟ॥

କୁଟିଳ ଲୋକମାନେ ଜ୍ଞାନର ବ୍ୟବହାର ତର୍କ ପାଇଁ କରିଥାନ୍ତି, ସମ୍ପତ୍ତିର ଅହଂକାର ଦେଖାନ୍ତି, କ୍ଷମତା ବଳରେ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି। କିନ୍ତୁ ସାଧୁମାନେ ଜ୍ଞାନର ସଦୁପଯୋଗ କରନ୍ତି, ଧନ ଦାନ କରିଥାନ୍ତି ଏବଂ ଦୁର୍ବଳଙ୍କୁ ସୁରକ୍ଷା ଦେବା ଲାଗି ଶକ୍ତିର ପ୍ରୟୋଗ କରନ୍ତି।

୨୬ ନଭେମ୍ବର, ୨୦୧୯ରେ ଦେଶ ସମ୍ବିଧାନ ଦିବସ ପାଳନ କରିଥିଲା। ଏହାପରେ ଆସନ୍ତା ଏପ୍ରିଲ ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ଆମ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟ। ଆମେ ସବୁବେଳେ ଆମ ଅଧିକାର ବିଷୟରେ ଚିନ୍ତା କରିଥାଉ। ତେବେ ଆମ କର୍ତ୍ତବ୍ୟ ଏବଂ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଗାନ୍ଧିଜୀ କହିଥିଲେ, ଯଦି ଆମେ ସମସ୍ତେ ଆମର କର୍ତ୍ତବ୍ୟ ପାଳନ କରିବା, ତା'ହେଲେ ଆମକୁ ଆମ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ। ଯଦି ଆମେ କର୍ତ୍ତବ୍ୟ ପାଳନ କରିବା ନାହିଁ ତା'ହେଲେ ଆମକୁ ଅଧିକାର ପଛରେ ଗୋଡ଼ାଇବାକୁ ପଡ଼ିବ, କିନ୍ତୁ ତାହା ଆମଠାରୁ ଦୂରେଇ ଦୂରେଇ ଚାଲିଥିବ। ଏପରି କି ୧୯୪୭ରେ ଗାନ୍ଧିଜୀ 'ମାନବାଧିକାର' ଉପରେ ଏକ ପ୍ରବନ୍ଧ ଲେଖିବା ଲାଗି ତତ୍କାଳୀନ ମିଳିତ ଜାତିସଂଘର ମହାସଚିବ ଜୁଲିଆନ ହକ୍ସଲେଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ସେ କହିଥିଲେ, ମୁଁ ମୋ ଅଶିକ୍ଷିତ କିନ୍ତୁ ବୁଦ୍ଧିମତୀ ମା'ଙ୍କଠାରୁ ଶିଖିଛି ଯେ ଭଲଭାବେ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ହିଁ ସମସ୍ତ ନ୍ୟାଯ୍ୟ ତଥା ପ୍ରାପ୍ୟ ଅଧିକାର ପ୍ରାପ୍ତ ହୋଇଥାଏ। ତେଣୁ ବଞ୍ଚିବାର ସମସ୍ତ ଅଧିକାର ଆମକୁ ସେତିକିବେଳେ ହିଁ ପ୍ରାପ୍ତ ହୁଏ ଯେତେବେଳେ ଆମେ ବିଶ୍ୱ ନାଗରିକତାର କର୍ତ୍ତବ୍ୟ ପାଳନ କରିଥାଉ। ଆମକୁ ଆମ କର୍ତ୍ତବ୍ୟ ବିଷୟରେ ସଚେତନ କରୁଥିବା ମହାତ୍ମା ଗାନ୍ଧୀଙ୍କର ଏହି ମୌଳିକ ଶିକ୍ଷା ତାଙ୍କର ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

(ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୦ତମ ସମାବର୍ତ୍ତନ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ମିଶ୍ରଙ୍କ ଉଦ୍‌ବୋଧନର ସାରାଂଶ)

# ଶିକ୍ଷା ହେଉ ଜୀବନର ମୂଳଦୁଆ



ଆଶିଷ ଧାୱନ

ଉଚ୍ଚମାନର ଶିକ୍ଷା ଜଣେ ବ୍ୟକ୍ତିଙ୍କ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ। ଏହା କେବଳ ଶିକ୍ଷାର୍ଥୀ ମନରେ ମହତ୍ତ୍ୱାକାଂକ୍ଷା ସୃଷ୍ଟି କରେ ନାହିଁ, ବରଂ ତାକୁ ଚରିତାର୍ଥ କରିବା ପାଇଁ ସୁଯୋଗ ମଧ୍ୟ ପ୍ରଦାନ କରିଥାଏ। ତେଣୁ ଭାରତ ଭଳି ଏକ ଯୁବ ରାଷ୍ଟ୍ର ଯେଉଁଠାରେ ୬ରୁ ୧୪ ବର୍ଷ ବୟସ୍କ ସ୍କୁଲ ଯାଉଥିବା ପିଲାଙ୍କ ସଂଖ୍ୟା ୨୬ କୋଟିରୁ ଅଧିକ, ସେଠାରେ ଉଚ୍ଚମାନର ଶିକ୍ଷା କେତେ ଶକ୍ତିଶାଳୀ ହୋଇପାରେ, ତାହା ସହଜରେ ଅନୁମେୟ।

ତେବେ କେବଳ ସ୍କୁଲ ପାଠ୍ୟକ୍ରମରୁ ନୁହେଁ, ଭଲ କଥା ଶିଖିବା ଦ୍ୱାରା ପିଲାଟିର ଯେଉଁ ବୌଦ୍ଧିକ ବିକାଶ ହୁଏ, ତାହାକୁ ବୁଝିବା ମଧ୍ୟ ସମାନ ଭାବେ ଜରୁରୀ। ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍କୁଲରେ ପିଲାଙ୍କୁ 'ଶିଖେଇବା'ର ଏହି ପ୍ରକ୍ରିୟାଟି ଠିକ୍ ଭାବେ ହୋଇପାରୁ ନ ଥିବାରୁ ଭାରତର ମାନବ ସମ୍ବଳର ସମୁଚିତ ବିକାଶ ହୋଇପାରୁ ନାହିଁ। ସ୍କୁଲ ଯାଉଥିବା ୬ରୁ ୮ ବର୍ଷର ପିଲାମାନେ ସ୍କୁଲରେ ପ୍ରକୃତରେ କ'ଣ ଶିଖୁଛନ୍ତି, ତାକୁ ନେଇ ଶିକ୍ଷାବିତ୍‌ମାନେ ଏକ ରିସର୍ଚ୍ଚ କରିଥିଲେ। ଏଥିରୁ ଜଣାପଡ଼ିଲା, ପାଖାପାଖି ପଚାଶ ପ୍ରତିଶତ ପିଲା ସ୍କୁଲ ଯାଆନ୍ତି ସିନା, ହେଲେ ସେଠାରେ କିଛି ଶିଖନ୍ତି ନାହିଁ। ଏହାର କାରଣ ହେଲା, ପିଲାମାନେ ବହିରେ ଲେଖା ହୋଇଥିବା ପାଠ ପଢ଼ି ସେଥିରୁ ବ୍ୟାବହାରିକ ଅର୍ଥ ବାହାର କରିପାରନ୍ତିନି। ବହିରେ ଲେଖାଯାଇଥିବା ପାଠକୁ ପଢ଼ି ସେଥିରୁ ଠିକ୍ ଅର୍ଥ ବୁଝିବାର ଦକ୍ଷତା ହେଉଛି ବ୍ୟକ୍ତି ଜୀବନର ଗୋଟିଏ ମୌଳିକ ଆବଶ୍ୟକତା। ଆଠବର୍ଷର ପିଲାଟିଏ ଯେମିତି ଗୋଟିଏ ସାଧାରଣ ବାକ୍ୟ ପଢ଼ି ତାହାର ଅର୍ଥ ବାହାର କରିପାରିବ, ଏ କଥାକୁ ସୁନିଶ୍ଚିତ କରିବା ନିହାତି ଜରୁରୀ।

୨୦୧୬ରେ ପ୍ରକାଶ ପାଇଥିବା ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଏଏସ୍‌ଇଆର ୨୦୧୬) ଅନୁଯାୟୀ ତୃତୀୟ ଶ୍ରେଣୀରେ ପଢୁଥିବା ମାତ୍ର ଏକ ଚତୁର୍ଥାଂଶ ଛାତ୍ରୀଛାତ୍ର ସରଳ ବାକ୍ୟରେ ଲେଖା ହୋଇଥିବା କ୍ଷୁଦ୍ରଗଳ୍ପ ପଢ଼ିପାରନ୍ତି ଏବଂ ବୁଝିପାରନ୍ତି କିମ୍ବା ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ନେଇ ଫେଡାଣ କରିପାରନ୍ତି। ଭାରତ ସରକାରଙ୍କ ନ୍ୟାଶ୍‌ନାଲ ଆଚିଭ୍‌ମେଣ୍ଟ ସର୍ଭେ (ଏନ୍‌ଏଏସ୍) ମଧ୍ୟ ସୂଚାଇ ଦେଇଛି ଯେ, ଅନେକ ଛାତ୍ରୀଛାତ୍ର କୌଣସି ଲେଖା ପଢ଼ି ଏହାର ଅର୍ଥ ବୁଝିବାକୁ ସମର୍ଥ ନୁହନ୍ତି। ଆଜିର ଦୁନିଆରେ ଯେଉଁଠି ଶିଖିବା କହିଲେ ପାଠ ପଢ଼ିବାକୁ ବୁଝାଏ, ସେଠି ପଢ଼ି ପାରୁ ନ ଥିବା ପିଲାଟି ଶିକ୍ଷାଲାଭ କରିବ କେମିତି? ଏହା ଚାଲି ଜାଣି ନ ଥିବା ପିଲାଟିକୁ ଦୌଡ଼ିବାକୁ କହିଲା ଭଳି କଥା ହେବ।

ଅନ୍ତତଃ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର କୌଣସି ଲେଖାକୁ ପଢ଼ି ଅର୍ଥ ବୁଝିପାରିବା ଓ ସରଳ ଗାଣିତିକ ପ୍ରଶ୍ନର ସମାଧାନ କରିପାରିବାର ମୌଳିକ ଦକ୍ଷତା ହାସଲ କରିଥିବା ଦରକାର। ଆମ ଶିକ୍ଷା ବ୍ୟବସ୍ଥାର ଜଟିଳତାକୁ ଦେଖିଲେ ଏହାର ବିଶେଷ ଆବଶ୍ୟକତା ଥିବା ମନେ ହୁଏ। କାରଣ ଦେଶରେ ଶିକ୍ଷାର୍ଥୀମାନଙ୍କ ଭିତରୁ ଅନେକେ ଏଭଳି ପରିବାରରୁ ଆସିଥାନ୍ତି, ଯାହାଙ୍କର ମାତାପିତା ଅଳ୍ପଶିକ୍ଷିତ ବା ନିରକ୍ଷର। ଆର୍ଥିକ ଅଭାବ କାରଣରୁ ମଧ୍ୟ ଅନେକ ପରିବାର ପିଲାମାନଙ୍କ ପାଇଁ ନିଜ ଘରେ ଶିକ୍ଷା ହାସଲର ଉପଯୁକ୍ତ ପରିବେଶ ଦେଇପାରନ୍ତି ନାହିଁ। ଏଭଳି ସ୍ଥିତିରେ ଯଦି ସ୍କୁଲଗୁଡ଼ିକରେ ଉପଯୁକ୍ତ ପରିବେଶ ନ ରୁହେ, ତା'ହେଲେ ପିଲାଟି ଅଶିକ୍ଷାର ଅନ୍ଧକାରରେ ପଡ଼ିରହିବା ସ୍ୱାଭାବିକ।

ଏହି ସମସ୍ୟା ସମାଧାନର ବାଟ ବାହାର କରିବା ଦରକାର। ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ସଂସ୍କାର ସମାଜରେ ମୁକ୍ତ ଚିନ୍ତାଧାରା ବିକାଶରେ ସହାୟକ ହେବା ସହିତ ନୂଆ ଆବିଷ୍କାର ଓ ଉନ୍ନତି ପାଇଁ ବାଟ ଫିଟାଇବ। ଏଥିପାଇଁ ପ୍ରଥମେ ଆମକୁ ବ୍ୟାବହାରିକ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ। ତୃତୀୟ ଶ୍ରେଣୀର ପିଲାଟିଏ କେମିତି ଠିକ୍ ଭାବରେ ବର୍ଣ୍ଣ ଚିହ୍ନିପାରିବ, ଅର୍ଥ ବୁଝିପାରିବ ଓ ଅଙ୍କ କଷିପାରିବ, ସେଥିରେ ତାକୁ ସହାୟତା କରିବାକୁ ପଡ଼ିବ। ଏହି ସମୟରେ ସେ କେତେ ପାଠ ବୁଝୁଛି, ତାକୁ ଠିକ୍ ଭାବେ ଅନୁଧ୍ୟାନ କରିବାକୁ ପଡ଼ିବ। କେବଳ ସରକାର ଓ ପ୍ରଶାସନ ନୁହେଁ, ଶିକ୍ଷକ, ଅଭିଭାବକ ଓ ଶିକ୍ଷା ବ୍ୟବସ୍ଥାରେ ସମ୍ପୃକ୍ତ ସମସ୍ତଙ୍କର ମିଳିତ ଉଦ୍ୟମରେ ହିଁ ଏହା ସମ୍ଭବ ହୋଇପାରିବ।

ଦ୍ୱିତୀୟ କଥା ହେଲା, ଶିକ୍ଷକ ଓ ସ୍କୁଲ ଉଭୟେ ପିଲାମାନଙ୍କୁ ଉଚ୍ଚମାନର ଶିକ୍ଷା ଦେବା ପାଇଁ ତାଲିମ ପ୍ରାପ୍ତ ହେବା ଉଚିତ। କେବଳ ଶିକ୍ଷାର୍ଥୀ ନୁହେଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପ୍ରଯତ୍ନ କରିବାକୁ ପଡ଼ିବ, ସମୟୋପଯୋଗୀ ଜ୍ଞାନ ବାଣ୍ଟିବା ସହ କୋମଳମତି ଶିକ୍ଷାର୍ଥୀମାନଙ୍କ ମନକୁ ବୁଝି ତାଙ୍କୁ ବୁଝେଇବା ପାଇଁ ଯେଉଁ ସ୍ୱତନ୍ତ୍ର କଳା ଆବଶ୍ୟକ, ଶିକ୍ଷକମାନଙ୍କ ଭିତରେ ତାହାର ବିକାଶ ଲାଗି ବ୍ୟବସ୍ଥିତ ଦକ୍ଷତା ବିକାଶ ପ୍ରଣାଳୀ ପ୍ରୟୋଜନ। ପ୍ରାଥମିକ ଶିକ୍ଷା ସ୍ତରରେ ପାଠ ବହି କେମିତି ଶିଶୁ ମନସ୍ତତ୍ତ୍ୱକୁ ଆଖି ଆଗରେ ରଖି ତିଆରି ହେବ ଓ କେମିତି ମଜାଳିଆ ଢଙ୍ଗରେ ଶିକ୍ଷାଦାନ ହେବ, ସେ ବିଷୟରେ ଗଠନମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

ଶେଷରେ ସବୁସ୍ତରରେ କିପରି ସଂସ୍କାର ପ୍ରକ୍ରିୟା ଉପରେ ନଜର ରଖାଯିବ, ସେକଥା ସୁନିଶ୍ଚିତ କରିବାକୁ ହେବ। ପଛୁଆ ରହିଯାଇଥିବା ନିର୍ଦ୍ଦିଷ୍ଟ ବିଦ୍ୟାଳୟଗୁଡ଼ିକୁ ଚିହ୍ନଟ କରି ସେଥିରେ ସୁଧାର ଆଣିବାର ପ୍ରକ୍ରିୟା ଜିଲା ସ୍ତରରେ ହେବା ଉଚିତ। ସେଠାରେ ଆବଶ୍ୟକ ପାଠ୍ୟପୁସ୍ତକ, ତାଲିମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯେପରି ଜିଲା ସ୍ତରରୁ ପହଞ୍ଚି ପାରିବ, ସେନେଇ ଚିନ୍ତା କରାଯିବା ଉଚିତ।

ଭାରତରେ ବର୍ତ୍ତମାନ ମହଜୁଦ ଥିବା ସମ୍ବଳକୁ ଦେଖିଲେ ମାତ୍ର ୫ ବର୍ଷ ଭିତରେ ସମ୍ପୂର୍ଣ୍ଣ ଦେଶରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ସମ୍ଭବ ମନେ ହୁଏ। ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ସହ ଆବଶ୍ୟକ ଢାଞ୍ଚାଗତ ସୁଧାର ଆଣିପାରିଲେ ଦେଶର ବିକାଶରେ ଏହା ଏକ ନିର୍ଣ୍ଣାୟକ ପ୍ରଗତି ହେବ।

## ଏଇ ଭାରତରେ

ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ଆୟୋଜିତ ଏକ ନିଆରା ବାହାଘର ନଜରକୁ ଆସିଛି ଉତ୍ତରପ୍ରଦେଶରେ। ବିନା ଯୌତୁକରେ ଓକିଲ ବର ସହ ପୋଲିସ କନ୍ୟାଙ୍କ ମଧ୍ୟରେ ବାହାଘର ହେବା ସହ ବରଯାତ୍ରୀଙ୍କୁ ଚାରା ବଣ୍ଟାଯାଇଛି। ରେବାଡି ଜିଲା ଶହବାଜପୁର ଖାଲ୍‌ସା ନିବାସୀ ଓକିଲ ପରିକ୍ଷିତ ଯାଦବଙ୍କର ବାହାଘର ମହେନ୍ଦ୍ରଗଡର ଚନ୍ଦପୁରାର ଅଳକା ଯାଦବଙ୍କ ସହ ଅନୁଷ୍ଠିତ ହୋଇଛି। ଅଳକା ଦିଲ୍ଲୀ ପୋଲିସରେ ଚାକିରି କରନ୍ତି। ପରିକ୍ଷିତ ପେସାରେ ଓକିଲ। ବାହାଘର ପୂର୍ବରୁ ପରିକ୍ଷିତ କାଗଜ ବଦଳରେ ରୁମାଲରେ ନିମନ୍ତ୍ରଣ କାର୍ଡ ଛପାଇ ବାଣ୍ଟିଥିଲେ। ଏହି ରୁମାଲକୁ ଧୋଇଲା ପରେ ତାହାକୁ ବ୍ୟବହାର କରାଯାଇପାରିବ ଏବଂ ଏହାଦ୍ୱାରା କାଗଜ ବଞ୍ଚିବ ଓ ବାହାଘର ପରେ କାଗଜ ଏଣେତେଣେ ବି ପଡିବନି ବୋଲି କହିଛନ୍ତି ପରିକ୍ଷିତ। କନ୍ୟାପିତା ବରଯାତ୍ରୀଙ୍କୁ ୨୦୧ ଚାରା ଦେଇଛନ୍ତି। ବରଯାତ୍ରୀମାନେ ଏହି ଗଛକୁ ସେମାନଙ୍କ ବାଡିରେ ଲଗାଇବା ଲାଗି ଦିଆଯାଇଛି। ଏହି ବାହାଘରରେ ବରକୁ କେବଳ ଏକ ଟଙ୍କା ଓ ଗୋଟିଏ ନଡିଆ ଦିଆଯାଇଛି। ଏହି ବାହାଘରକୁ ବାଣ ଓ ମଦଠାରୁ ମୁକ୍ତ ରଖାଯାଇଥିଲା। ବାହାଘର ପରେ ନବ ଦମ୍ପତି ୨୧ଟି ଗଛ ଲଗାଇ ନୂଆ ଜୀବନ ଆରମ୍ଭ କରିଛନ୍ତି।

## ଚିରନ୍ତନୀ

ଜାପାନ, ଚାଏନା, ବ୍ରହ୍ମ, ଭାରତ, ପାରସ୍ୟ ଆଫଗାନ,
ଆରବ, ତୁର୍କି, ଆଫ୍ରିକା, ରୁଷିଆ, ୟୁରୋପ,
ଅଷ୍ଟ୍ରେଲିଆ, ଆମେରିକା ମହାଦେଶେ ଉଡ଼ଇ ନିଶାଣ
କୁମେରୁ ସୁମେରୁ ବେଢ଼ି ଉଠେ ଭୂମିକମ୍ପ।
(ଶତାବ୍ଦୀ-ସୈନିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୯୪

- ଉତ୍ତର-ପୂର୍ବ ଚାଇନାର ଏକ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟି ୧୩୫ ମହିଳାଙ୍କ ସହ ୨୩୩ ମୃତ।
- ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବେ ନେପାଳୀ କମ୍ୟୁନିଷ୍ଟ ପାର୍ଟିର ନେତା ମନମୋହନ ଅଧିକାରୀଙ୍କ ଶପଥ ଗ୍ରହଣ।

## ପାଠକ ଶ୍ରେଷ୍ଠ ବିଚାରକ

### 'ମୋ ସରକାର'ର ବାସ୍ତବତା

ମହାଶୟ,

ଧରିତ୍ରୀ(୨୨।୧୦)ରେ ସହଦେବ ସାହୁଙ୍କ 'ମୋ ସରକାର-ସ୍ୱପ୍ନ ବଡ଼ ରାତି ଛୋଟ' ପ୍ରସଙ୍ଗଟି ତଥ୍ୟଭିତ୍ତିକ ହେବା ସହିତ ଏହାର କାର୍ଯ୍ୟକାରିତା କେତେଦୂର ହୋଇପାରିବ, ତାହା ଆଗାମୀ ଦିନରେ ଜଣାପଡିବ। କିନ୍ତୁ ଆମ ରାଜ୍ୟରେ ଏବେ ସୁଦ୍ଧା ଲୋକଙ୍କ ଧାରଣା ଥାନା ବା ଆର୍‌ଆଇ ଅଫିସକୁ ଗଲେ ବିନା ପଇସାରେ କିଛି ହେବନାହିଁ। ଏହି ଧାରଣା ଲୋକଙ୍କ ମନରୁ ସମ୍ପୂର୍ଣ୍ଣ ଦୂର ହେବା ସହିତ ଯଦି ସମସ୍ତ ଅଫିସ୍‌ରେ ଅଫିସର ଓ ଅଧସ୍ତନ କର୍ମଚାରୀମାନେ ସଚ୍ଚୋଟ ଉପାୟରେ ଓ ସ୍ୱଚ୍ଛତା ଅବଲମ୍ବନ କରି ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବେ, ତେବେ 'ମୋ ସରକାର' କାର୍ଯ୍ୟକ୍ରମ ସଫଳ ହେବ। ପୁଣି ବିଭିନ୍ନ ଅଫିସ ଓ ହସ୍ପିଟାଲରେ ଖାଲି ପଡିଥିବା ପଦବୀଗୁଡ଼ିକରେ ଯଦି ନିଯୁକ୍ତି ଦିଆଯିବ, ଗ୍ରାମାଞ୍ଚଳରେ ଡାକ୍ତରମାନଙ୍କୁ ରହିବା ପାଇଁ ବାଧ କରାଯିବ ଏବଂ ବିଦ୍ୟାଳୟରେ ଶିକ୍ଷକମାନଙ୍କ କାର୍ଯ୍ୟ ଉପରେ କଡ଼ା ନଜର ରଖାଯିବ, ତେବେ ମୁଖ୍ୟମନ୍ତ୍ରୀଙ୍କ '୫-ଟି' ଓ 'ମୋ ସରକାର' ବାସ୍ତବରେ ପରିଣତ ହେବ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ଆମେ କ୍ଷତି ସହିବୁ କାହିଁକି

ବିଭିନ୍ନ ଏଟିଏମ୍‌ରୁ ଜାଲ୍ ଓ ଚିରାଫଟା ନୋଟ୍ ବାହାରୁଥିବାର ଖବର ଅନେକଥର ପ୍ରକାଶ ପାଇଛି। ଏଟିଏମ୍‌ଗୁଡ଼ିକରେ ଟଙ୍କା ଭର୍ତ୍ତି କରିବାର କାମ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକର। ଏଥିପାଇଁ ସ୍ୱତନ୍ତ୍ର କର୍ମଚାରୀ ସହ ଗାଡ଼ି ମଧ୍ୟ ନିଯୁକ୍ତ ହୋଇଛି। ତେବେ ଏହା ସମ୍ପୃକ୍ତ କର୍ମଚାରୀମାନଙ୍କ କାରସାଦି ନିଶ୍ଚୟ। କିନ୍ତୁ ଆମେ ଏଟିଏମ୍‌ରୁ ଜାଲ୍ ନୋଟ ପାଇ ବ୍ୟାଙ୍କ ଯାଇ ନିରାଶ ହୋଇ ଆର୍ଥିକ କ୍ଷତି ସହୁଛୁ। ଆମେ ବ୍ୟାଙ୍କରେ ଟଙ୍କା ରଖି ଏଟିଏମ୍‌ରୁ ଜାଲ୍ ନୋଟ ପାଇ ଆର୍ଥିକ କ୍ଷତି ସହିବୁ କାହିଁକି? ଲୋକଟିଏ ଯଦି ଏଟିଏମ୍‌ରୁ ଜାଲ୍ ନୋଟ ପାଇଲା, ସିଏ କରିବ କ'ଣ?

ଯଦୁନାଥ ଦାସ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | | | | 1 | B | | 8 | E | | 4 | | |
| 7 | | | | 1 | | | 9 | | 3 | 6 | | C | | |
| | | 1 | E | | C | | | A | | | | | | D |
| | 2 | | | 3 | B | | E | | 0 | | | 9 | | |
| | B | | | | | 7 | 5 | | D | | | 6 | | |
| | | | | B | 3 | 0 | | 5 | | | | | | |
| 8 | | | D | | | | | | | | E | | | |
| | | 2 | | | A | | | E | 9 | | 6 | 1 | | |
| | 5 | | | | 0 | | 2 | | | | | B | A | |
| | | D | | | | | 8 | | 5 | | 2 | | | |
| | | 6 | | 8 | 4 | | | | C | | | | | |
| | 4 | | | | 9 | 3 | | | | 2 | B | 7 | 5 | |
| 0 | 9 | | B | 7 | | 4 | 1 | | | 8 | | | | |
| | | 8 | | | D | 5 | | | | | | | C | |
| | | | 0 | E | | | C | 2 | | 5 | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 5 | 6 | D | 3 | 2 | 4 | 9 | B | 7 | C | 0 | A | 1 | 8 |
| 3 | 7 | C | A | 8 | E | 1 | 6 | 0 | D | B | 2 | 4 | 5 | 9 |
| B | 4 | 8 | 0 | C | 1 | D | A | 2 | E | 9 | 5 | 7 | 6 | 3 |
| 9 | A | D | 5 | B | 6 | 3 | C | 7 | 1 | 4 | 8 | E | 2 | 0 |
| 1 | 2 | 0 | 4 | 7 | 9 | 5 | 8 | E | A | 3 | 6 | C | B | D |
| 4 | 6 | B | 7 | 9 | 8 | A | 5 | D | 2 | E | 1 | 3 | 0 | C |
| 2 | D | A | 6 | 0 | 3 | 7 | E | C | 9 | 5 | B | 1 | 8 | 4 |
| 7 | 3 | 1 | C | E | D | B | 0 | 8 | 6 | A | 4 | 2 | 9 | 5 |
| C | 8 | 5 | 2 | 4 | B | 9 | 1 | 3 | 0 | 7 | D | 6 | A | E |
| 0 | 9 | E | 1 | 5 | A | 2 | 4 | 6 | 3 | 8 | C | B | D | 7 |
| 5 | 0 | 2 | E | 1 | 7 | C | B | 4 | 8 | 6 | 9 | D | 3 | A |
| D | C | 4 | 9 | 2 | 0 | 8 | 3 | A | B | 1 | E | 5 | 7 | 6 |
| A | B | 9 | 3 | D | C | 6 | 2 | 5 | 4 | 0 | 7 | 8 | E | 1 |
| 6 | E | 7 | 8 | A | 4 | 0 | D | 1 | 5 | 2 | 3 | 9 | C | B |
| 8 | 1 | 3 | B | 6 | 5 | E | 7 | 9 | C | D | A | 0 | 4 | 2 |

ଗତକାଲିର ଉତ୍ତର



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅନ୍ୱେଷା ମହାରଣା



ସୁବ୍ରତ ବିଶ୍ୱାଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ ଆଇଏନ୍ଏସ୍ ବିରାଟରେ ରାଜୀବ ଗାନ୍ଧୀଙ୍କ ଛୁଟି କାଟିବା ପ୍ରସଙ୍ଗ

# ରକ୍ଷା ମନ୍ତ୍ରଣାଳୟ ପାଖରେ କୌଣସି ତଥ୍ୟ ନାହିଁ

**ସୂଚନା ଅଧିକାର ଆଇନ ବଳରେ ସତ୍ୟ ସାମ୍ନାକୁ ଆସିଲା**

**ବଲାଙ୍ଗୀର ଅଫିସ, ୨୯।୧୧**

ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଛୁଟି କାଟିବା ପାଇଁ ଆଇଏନ୍ଏସ୍ ବିରାଟକୁ ବ୍ୟବହାର କରିଥିବା ନେଇ କୌଣସି ତଥ୍ୟ ସେନାବାହିନୀ ମୁଖ୍ୟ ଦପ୍ତରରେ ନାହିଁ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି । ନୌସେନା ବିଭାଗରେ ଏ ସମ୍ପର୍କିତ କୌଣସି ତଥ୍ୟ ନାହିଁ ବୋଲି ରକ୍ଷା ମନ୍ତ୍ରଣାଳୟ ମୁଖ୍ୟ କାର୍ଯ୍ୟାଳୟର ଭାଇସ ଆଡମିରାଲ ତଥା ସୂଚନା ଅପିଲ ଅଧିକାରୀ ବିଶ୍ୱଜିତ ଦାସଗୁପ୍ତ (ଚିଠି ନଂ- ଡିଏଲ୍/୦୮୧୨/୬୭୪୬/ଆଇ) ଅପିଲ ଯୋଗେ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସାଧାରଣ ନିର୍ବାଚନ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିଜର ଅବସର ବିନୋଦନ ପାଇଁ ରଣପୋତ ଆଇଏନ୍ଏସ୍ ବିରାଟକୁ ବ୍ୟବହାର କରି କ୍ଷମତାର ଦୁରୁପଯୋଗ କରିଥିଲେ ବୋଲି ଅଭିଯୋଗ କରି ଗାନ୍ଧୀ ପରିବାର ଓ କଂଗ୍ରେସକୁ କଟୁ ସମାଲୋଚନା କରିଥିଲେ । ଏହାକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚା ହୋଇଥିଲା । ରାଜୀବ ଗାନ୍ଧୀ ଜୀବିତ ନ ଥିବାରୁ କଂଗ୍ରେସ ଏହାର ଠିକ ଭାବେ ମୁକାବିଲା କରି ନ ପାରି ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ଏହା ଏକ ଗୁରୁତର ଅଭିଯୋଗ ହୋଇଥିବାରୁ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସୂଚନା କର୍ମୀ ପଣ୍ଡା ତିନି ସେନାର ମୁଖ୍ୟ ଦପ୍ତର ତଥା ସମନ୍ୱିତ ମୁଖ୍ୟ କାର୍ଯ୍ୟାଳୟ (ନୌସେନା)କୁ ଆଇଏନ୍ଏସ୍ ବିରାଟ ସମ୍ପର୍କିତ ତଥ୍ୟ ମାଗିଥିଲେ । ତଥ୍ୟରୁ ଜଣାପଡିଛି ଯେ, ୟୁନାଇଟେଡ କିଙ୍ଗଡମ୍‌ର ପ୍ଲାଇମାଉଥ୍‌ରୁ ୧୨ ମେ' ୧୯୮୭ ମସିହାରେ ଆଇଏନ୍ଏସ୍ ବିରାଟ ଯାତ୍ରାରମ୍ଭ କରି ଆଟଲାଣ୍ଟିକ ମହାସାଗର, ଲୋହିତ ସାଗର ଏବଂ ଆରବ ସାଗର ବାଟଦେଇ ୨୨ ଅଗଷ୍ଟ ୧୯୮୭ ମସିହାରେ ଭାରତର ମୁମ୍ବାଇଠାରେ ପହଞ୍ଚିଥିଲା। ଭାରତରେ ପହଞ୍ଚିବା ପରେ ଏହି ରଣପୋତ ଭାରତ ମହାସାଗର, ଆରବ ସାଗର ଓ ବଙ୍ଗୋପସାଗରରେ ସକ୍ରିୟ ରହିଥିଲା। ଦୀର୍ଘ ପ୍ରାୟ ୩୦ ବର୍ଷ ଦେଶ ସୁରକ୍ଷାରେ କାର୍ଯ୍ୟକ୍ଷମ ରହିବା ପରେ ଗତ ୬ ମାର୍ଚ୍ଚ ୨୦୧୭ ଦିନ ଏହି ରଣପୋତ ଆଇଏନ୍ଏସ୍ ବିରାଟ ତା'ର କାର୍ଯ୍ୟ ସମାପ୍ତ କରିଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଛୁଟି କଟାଇବା ସମ୍ପର୍କିତ କୌଣସି ତଥ୍ୟ ନୌସେନା କାର୍ଯ୍ୟାଳୟରେ ନାହିଁ ବୋଲି ପଣ୍ଡାଙ୍କୁ ସୂଚନା ଦିଆଯାଇଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ତଥ୍ୟ ସଂଗ୍ରହ ପାଇଁ ସୂଚନା କର୍ମୀ ପଣ୍ଡା ଉଦ୍ୟମ କରିଆସୁଥିଲେ । ତାଙ୍କୁ ନିର୍ଦ୍ଦିଷ୍ଟଭାବେ ସେନା ମୁଖ୍ୟ ଦପ୍ତରରୁ ଉତ୍ତର ଦିଆ ନ ଯିବାରୁ ପରବର୍ତ୍ତୀ ସମୟରେ ସେ ଅପିଲ କରିଥିଲେ। ଅପିଲ ଅଧିକାରୀ ବର୍ତ୍ତମାନ ତଥ୍ୟ ପ୍ରଦାନ କରିବା ପରେ ଏହି ବହୁଚର୍ଚ୍ଚିତ ପ୍ରସଙ୍ଗଟି ଅଧିକ ଚର୍ଚ୍ଚିତ ହୋଇପଡିଛି । ପ୍ରଧାନମନ୍ତ୍ରୀ ମୋଦି କେଉଁ ତଥ୍ୟ ଆଧାରରେ ଏଭଳି ସଙ୍ଗିନ ଅଭିଯୋଗ ଉଠାଇଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପଣ୍ଡା ପ୍ରେସ୍‌ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି ।

## ୨୮ ହାବିଲଦାରଙ୍କ ପଦୋନ୍ନତି

**କଟକ ଅଫିସ, ୨୯।୧୧:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ୨୮ ଜଣ ହାବିଲଦାରଙ୍କୁ ହାବିଲଦାର ମେଜର ପଦବୀକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ଶୁକ୍ରବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଡ଼ିଶା ପୋଲିସର କେନ୍ଦ୍ରୀୟ ମନୋନୟନ ପରିଷଦ ଏହି ୨୮ ହାବିଲଦାରଙ୍କ ପଦୋନ୍ନତି ପାଇଁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତିକୁ ଡିଜିପି ସତ୍ୟଜିତ୍ ମହାନ୍ତି ଶୁକ୍ରବାର ସ୍ୱୀକୃତି ପ୍ରଦାନ କରିଛନ୍ତି।

## ଡାକ୍ତରଖାନା କ୍ୱାର୍ଟର୍ସରୁ ମହିଳା କିରାଣିଙ୍କ ସ୍ୱାମୀଙ୍କ ମୃତଦେହ ଉଦ୍ଧାର

ରେମୁଣା,୨୯।୧୧(ଡି.ଏନ.ଏ.):ବାଲେଶ୍ୱର ଜିଲା ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର କ୍ୱାର୍ଟର୍ସରୁ ମହିଳା କିରାଣିଙ୍କ ସ୍ୱାମୀଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି । କିରାଣି ସ୍ୱାଗତିକା ମହାପାତ୍ର (୩୦), ସ୍ୱାମୀ ଦେବେନ୍ଦ୍ର, ୧୧ ବର୍ଷର ଝିଅ ଓ ୫ବର୍ଷର ପୁଅ ସହ କ୍ୱାର୍ଟର୍ସରେ ରହୁଥିଲେ। ଦେବେନ୍ଦ୍ର ବେକରେ ଆପ୍ରନ ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ସେତେବେଳେ ଶବ ତଳେ ପଡ଼ିଥିବା ବେଳେ ନିକଟରେ ଏକ ଆପ୍ରନ ଥିଲା। ହେଲେ ବେକରେ ଥିବା ଦାଗ ସରୁ ରସିର ହୋଇଥିବା ପୋଲିସ କହିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ନାଗରିକ କ୍ରିୟାନୁଷ୍ଠାନ କମିଟିର ଧାରଣା, କଚେରୀ ଛକ, ପୂର୍ବାହ୍ନ ୧୦ଟା।

■ଫସଲ ବୀମା ଦାବିରେ ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।

■ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ, ସାର ବିଶେଶ୍ୱରାୟ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।

■ଜାତୀୟ ପଲ୍ଲିଶ୍ରୀ ମେଳା, ଅଇଁଠାପାଲି ପିଏଚଡି ପଡିଆ, ଅପରାହ୍ନ ୨ଟା।

■ରାମସୀତାଙ୍କ ପତରପେଡିଁ କାର୍ଯ୍ୟକ୍ରମ, ବୁଦ୍ଧହିଲ ହନୁମାନ ମନ୍ଦିର, ଅପରାହ୍ନ ସାଢ଼େ ୪ଟା।

■ସମ୍ବଲପୁର ନଟରାଜ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏଚଡି ପଡିଆ ମଞ୍ଚ, ରାତି ୭ଟା।

■ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୬ଟା।

**ଲୋଇସିଂହା**

■ଲୋଇସିଂହା କଲେଜ ଯୁକ୍ତତିନି ଇତିହାସ ବିଭାଗ ଆଲୋଚନାଚକ୍ର, ଶ୍ରେଣୀକକ୍ଷ, ମଧ୍ୟାହ୍ନ ୧୨ଟା।

■ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଆଚାର୍ଯ୍ୟ ବିକାଶ ଦିବସ, ସ୍କୁଲ ପରିସର, ସକାଳ ୭ଟାରୁ।

**ଖପ୍ରାଖୋଲ**

■ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର ବ୍ଲକସ୍ତରୀୟ ବୈଷୟିକ ତାଲିମ ଶିବିର, ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

**ଅମରପାଲି**

■ବ୍ଲକସ୍ତରୀୟ ବିଜ୍ଞାନ ମେଳା, ଜଟେସିଂଘା ସରକାରୀ ୟୁପି ସ୍କୁଲ, ପୂର୍ବାହ୍ନ ୧୦ଟା।

■୪ର୍ଥ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ, ବୀରମହାରାଜପୁର ମିନି ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା।

■ମହା ସମନ୍ୱୟ ତଥା ଋଣ ପରିଶୋଧ ମେଳା, ବୀରମହାରାଜପୁର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୧ଟା।

**ଦେବଗଡ଼**

■ତିଲେଇବଣି ବ୍ଲକସ୍ତରୀୟ ବିଜ୍ଞାନ ମେଳା, ତିଲେଇବଣି ଆଦର୍ଶ ବିଦ୍ୟାଳୟ, ପୂର୍ବାହ୍ନ ୯ଟା।

■ବାରକୋଟ ବ୍ଲକସ୍ତରୀୟ ବିଜ୍ଞାନ ମେଳା, ବାରକୋଟ ବିଜୟ ନଗର ହାଇସ୍କୁଲ, ପୂର୍ବାହ୍ନ ୯ଟା।

■ରିଆମାଳ ବ୍ଲକସ୍ତରୀୟ ବିଜ୍ଞାନ ମେଳା,ରିଆମାଳ ଗୋହିରା ହାଇସ୍କୁଲ, ପୂର୍ବାହ୍ନ ୯ଟା।

**ବରଗଡ଼**

■ଆଚାର୍ଯ୍ୟ ବିକାଶ ଦିବସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସକାଳ ୭ଟା ।

# ବ୍ରେଲ୍‌ରେ ଛପାଗଲା ଏଡ୍‌ସ ସଚେତନତା ପୁସ୍ତିକା

**ବ୍ରହ୍ମପୁର ଅଫିସ,୨୯।୧୧**

ଓଡ଼ିଶାରେ ଏଡ୍‌ସ ଭଳି ଏକ ଭୟଙ୍କର ରୋଗର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଚଳିତବର୍ଷ ପ୍ରଥମ ଥର ପାଇଁ ବ୍ରେଲ୍‌ରେ ଏଡ୍‌ସ ସଚେତନତା ପୁସ୍ତିକା ଛପାଯାଉଛି। ଦୃଷ୍ଟିବାଧିତଙ୍କୁ ଏଡ୍‌ସର କାରଣ, ନିରାକରଣ, ଭୟାବହତା ଏବଂ ଅନ୍ୟାନ୍ୟ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ବ୍ରହ୍ମପୁରରେ ଥିବା ରାଜ୍ୟର ଏକମାତ୍ର ସରକାରୀ ବ୍ରେଲ୍ ମୁଦ୍ରଣାଳୟରେ ଏହି ପୁସ୍ତିକା ଛପା ଚାଲିଛି। ଚଳିତବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦୃଷ୍ଟିବାଧିତଙ୍କୁ ଏଡ୍‌ସ ସମ୍ପର୍କରେ ସଚେତନ କରିବା ଦିଗରେ ଆଲୋଚନା ହୋଇଥିଲା। ସେମାନଙ୍କ ପାଖରେ ମୁଦ୍ରିତ ବାର୍ତ୍ତା ପହଞ୍ଚାଇବାର ଏକମାତ୍ର ମାଧ୍ୟମ ହେଲା ବ୍ରେଲ୍। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓଏସ୍‌ଏସିଏସ୍) ତରଫରୁ ବ୍ରେଲ୍ ପୁସ୍ତିକା ଛାପିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ରହ୍ମପୁରସ୍ଥିତ ରେଡକ୍ରସ୍ କମ୍ପ୍ୟୁଟରୀକୃତ ବ୍ରେଲ୍ ମୁଦ୍ରଣାଳୟକୁ ଗତ ୨୭ତାରିଖରେ ବ୍ରେଲ୍ ପୁସ୍ତକ ଛାପିବା ପାଇଁ ବରାଦ ଦିଆଯାଇଥିଲା। ମ୍ୟାନେଜର୍ ପ୍ରକାଶ ନାରାୟଣ ରଥଙ୍କ କହିବାନୁଯାୟୀ, 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଶୀର୍ଷକରେ ୧୬ ପୃଷ୍ଠାର ଏହି ପୁସ୍ତିକା ଛାପିବା ଆରମ୍ଭ ହୋଇଛି । ଡିସେମ୍ବର ୧ରେ ବିଶ୍ୱ ଏଡ୍‌ସ ଦିବସ ପାଳନ ହେଉଛି। ଏହା ପୂର୍ବରୁ ସମସ୍ତ ଛପାକାର୍ଯ୍ୟ ସାରିବାକୁ କୁହାଯାଇଛି।




ବ୍ରେଲ୍‌ରେ ଛପାହୋଇଥିବା ଏଡ୍‌ସ ସଚେତନତା ପୁସ୍ତକ ।

**ଉନ୍ମୋଚନ କରିବେ ମୁଖ୍ୟମନ୍ତ୍ରୀ, ଉପକୃତ ହେବେ ଦୃଷ୍ଟିବାଧିତ**

ଜିଲା ଏଡ୍‌ସ ନିରାକରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡିଏପିସିୟୁ)ର ଜିଲା ପ୍ରକଳ୍ପ ପରିଚାଳକ ହେମନ୍ତ କୁମାର ଦାସ କହିଛନ୍ତି, ଡିସେମ୍ବର ୧ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁସ୍ତିକାକୁ ଉନ୍ମୋଚନ କରିବା ପରେ ଦୃଷ୍ଟିବାଧିତଙ୍କୁ ବଣ୍ଟାଯିବ। ପୁସ୍ତିକାରେ ଏଡ୍‌ସର କାରଣ, ନିରାକରଣ, କ'ଣ କଲେ ସଂକ୍ରମଣ ବ୍ୟାପିବ ନାହିଁ, ଏଚ୍‌ଆଇଭି କ'ଣ, ଯୌନ ରୋଗ, ଏଡ୍‌ସ ରୋଗୀଙ୍କ କିଭଳି ଯତ୍ନ ନିଆଯିବ, ପରିବାର ସଦସ୍ୟଙ୍କ କର୍ତ୍ତବ୍ୟ, ଏଡ୍‌ସ ରୋଗୀଙ୍କ ବିଭିନ୍ନ ଅଧିକାର, ସରକାରଙ୍କ ତରଫରୁ ଉପଲବ୍ଧ ବିଭିନ୍ନ ଯୋଜନା, କେମିତି ଏଡ୍‌ସ ପରୀକ୍ଷା କରାଯିବ ଆଦି ସହ ସଚେତନତା ସମ୍ପର୍କିତ ଅନେକ ତଥ୍ୟ ମୁଦ୍ରିତ ହୋଇଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
MSM-QUICKWATERING-3-19

**କାର୍ଯ୍ୟର ନାମ:** ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଷ୍ଟେସନ ପ୍ଲାଟଫର୍ମ ଗୁଡ଼ିକଠାରେ କାମ୍‌ଟେକ୍ (Camtech) ଡିଜାଇନ୍ ହାଇପ୍ରେସର କୋଚ୍ ୱାଟରିଙ୍ଗ୍ ସୁବିଧା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 4,93,65,121/-, EMD (ଟଙ୍କାରେ): 3,96,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 04(ଚାରି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.12.2019 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ସମ୍ବଲପୁର
PR-550/K/19-20



**ଜିଲା ଚିଠି**
**ଗଜପତି**

## ପର୍ଯ୍ୟଟନ ସ୍ଥଳର ବିକାଶ

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ପରିଚିତ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଜିଲା। ଏଠାରେ ଅନେକ ଜଳପ୍ରପାତ ସହ ରହିଛି ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତ। ଜିଲା ସଦର ପାରଳାଖେମୁଣ୍ଡିଠାରୁ ମାତ୍ର ୨୮କିମି ଦୂରରେ ରହିଛି ଗଣ୍ଡାହାତୀ ଜଳପ୍ରପାତ। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଶୀତର ଆଗମନ ପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଏ। ଜଳପ୍ରପାତ ଏବଂ ଏହା ଚତୁଃପାର୍ଶ୍ୱରେ ରହିଥିବା ଶାନ୍ତକାନ୍ତ ପରିବେଶକୁ ପର୍ଯ୍ୟଟକମାନେ ଉପଭୋଗ କରନ୍ତି। ନିକଟସ୍ଥ ଜଙ୍ଗଲରେ ବଣଭୋଜିର ମଜା ଉଠାଇଥାନ୍ତି। ଏହା ବ୍ୟତୀତ ଜିଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଜିରାଙ୍ଗ ଗ୍ରାମ ନିକଟ ଗୁଦ୍‌ଗୁଦା ଜଳପ୍ରପାତ, ଆର. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ମାଙ୍କଡ଼ଡିଆଁ ଜଳପ୍ରପାତ, ମୋହନା ବ୍ଲକ୍ ଚନ୍ଦ୍ରଗିରି ନିକଟ ଖସଡ଼ା ଜଳପ୍ରପାତ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳଭାବେ ପରିଚିତ। ପାହାଡ଼, ଝରଣା ଓ ସବୁଜ ବନାନୀ ମଧ୍ୟରେ ଏହି ପର୍ଯ୍ୟଟନ କ୍ଷେତ୍ର ରହିଛି। ପ୍ରକୃତି କୋଳରେ କିଛି ସମୟ କଟାଇବା ପାଇଁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥାନ୍ତି। ହେଲେ ଏ ପର୍ଯ୍ୟନ୍ତ ଗଣ୍ଡାହାତୀ ଜଳପ୍ରପାତ ବ୍ୟତୀତ ଅନ୍ୟ କୌଣସି ଜଳପ୍ରପାତ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇପାରିନାହିଁ। ଗଣ୍ଡାହାତୀ ଜଳପ୍ରପାତରୁ ଆଦାୟ ରାଜସ୍ୱ ଜିଲା ବିକାଶରେ ସହାୟକ ହୋଇପାରିଛି। ହେଲେ ଅନ୍ୟ ଜଳପ୍ରପାତଗୁଡ଼ିକ ପର୍ଯ୍ୟଟନ ମାନଚିତ୍ରରେ ଲୁକ୍କାୟିତ ଅବସ୍ଥାରେ ରହିଛି। ଗଣ୍ଡାହାତୀକୁ ବାଦ୍ ଦେଲେ ଅନ୍ୟ ପର୍ଯ୍ୟଟନସ୍ଥଳୀକୁ ଗମନାଗମନର ଠିକ୍ ବ୍ୟବସ୍ଥା ନାହିଁ। ଖାଲଖମା ରାସ୍ତା ପର୍ଯ୍ୟଟକମାନଙ୍କୁ ଅଧିକାଂଶ ସମୟରେ ଅଡୁଆରେ ପକାଉଛି। ପର୍ଯ୍ୟଟନସ୍ଥଳ ଏବଂ ତା'ର ଆଖପାଖ ଅଞ୍ଚଳର ବିକାଶ ହୋଇପାରୁ ନ ଥିବାରୁ ଯେତିକି ପର୍ଯ୍ୟଟକ ପ୍ରତିବର୍ଷ ଆସିବା କଥା ସେହି ସଂଖ୍ୟା ହ୍ରାସ ପାଉଥିବା ଅଭିଯୋଗ ହୋଇଛି। ଜିଲା ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଗମନାଗମନର ବ୍ୟବସ୍ଥା ସହ ସାମଗ୍ରିକ ବିକାଶ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପର୍ଯ୍ୟଟନସ୍ଥଳର ବିକାଶ ହେଲେ ଜିଲାର ଗୌରବ ବୃଦ୍ଧି ପାଇବା ସହ ରାଜସ୍ୱ ବୃଦ୍ଧି ପାଇବ। ଫଳରେ ସେହି ଅଞ୍ଚଳରେ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିବ ଏବଂ ଗ୍ରାମୀଣ ବେକାର ଯୁବତୀ ଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

– ରଶ୍ମିରଞ୍ଜନ ମିଶ୍ର

# ସରକାରୀ ଦଳକୁ ବିରୋଧୀଙ୍କ କଡ଼ା ସମାଲୋଚନା

**ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭା ବନ୍ଦ ପ୍ରସଙ୍ଗ**

■ ଜବାବ ରଖିଲା ବିଜେଡି

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ):** ବିଧାନସଭାର ଶୀତ ଅଧିବେଶନ ଧାର୍ଯ୍ୟ ସମୟର ୧୭ ଦିନ ପୂର୍ବରୁ ବନ୍ଦ କରିଦିଆଗଲା । ଏହି ଅଧିବେଶନରେ ବିରୋଧୀ ଶାସକ ଦଳକୁ ବିଭିନ୍ନ ପ୍ରସଙ୍ଗରେ ଅଙ୍କରେ ପକାଇଥିଲେ। ସବୁ ପ୍ରସଙ୍ଗକୁ ଆଲୋଚନା କରିବାକୁ ଶାସକ ଦଳ ପଛଘୁଞ୍ଚା ଦେଇଥିବା ଭାଜପା ପକ୍ଷରୁ ଶୁକ୍ରବାର ଅଭିଯୋଗ କରାଯାଇଛି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏହି ପ୍ରସଙ୍ଗରେ ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବିଷ୍ଣୁ କହିଛନ୍ତି ଯେ, ବିଧାନସଭା ଆରମ୍ଭରୁ ବିରୋଧୀ ଭାଜପା ଯାଜପୁର ଜିଲାର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସରକାରଙ୍କୁ ଘେରିଥିଲା। ହେଲେ ଅପଦସ୍ଥ ହେବା ଆଶଙ୍କାରେ ବିଜେଡି କଂଗ୍ରେସ ସହ ଷଡ଼ଯନ୍ତ୍ର କରି ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆଲୋଚନା କରାଇ ଦେଇ ନ ଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ପ୍ରତିଦିନ ସାମ୍ନାକୁ ଆସୁଛି। ସେହିପରି ରାଜ୍ୟରେ ପାନୀୟ ଜଳ ଅଭାବ, ଚାଷ ଓ ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରଶାସନିକସ୍ତରରେ ଦୁର୍ନୀତି, ମହିଳା ସୁରକ୍ଷା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରିଥାଆନ୍ତା। ତେଣୁ ଶାସକ ଦଳ ଅଡୁଆରେ ପଡ଼ିବ ବୋଲି ଜାଣିପାରି ବିଧାନସଭାକୁ ଆଗୁଆ ବନ୍ଦ କରିଥିବା ସେଠୀ ଅଭିଯୋଗ କରିଛନ୍ତି। ସେହିପରି ଧାନ କ୍ରୟରେ ଟୋକନ ବ୍ୟବସ୍ଥା, ପିଆଜ ଦର ବୃଦ୍ଧି, ଶାସକଦଳ ବିଧାୟକ ପ୍ରଦୀପ ମହାରଥୀଙ୍କ ୧୦୦ କୋଟିର ଜମି ଦୁର୍ନୀତି, ଆଲୁମିଶନରେ ଟଙ୍କା ହଡ଼ପ, ବେସରକାରୀ ମେଡିକାଲରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନ ରହିବା ପରି ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ରହିଥିବା ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବିଧାୟକ ମୁକେଶ ମହାଲିଙ୍ଗ, ବିଧାୟିକା କୁସୁମ ଟେଟେ ଏବଂ ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବିଜେଡି ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ବିରୋଧୀଦଳର ଉପନେତା ବିଷ୍ଣୁ ସେଠୀ ଖବରଦାତା ସମ୍ମିଳନୀରେ ଯେଉଁଭଳି ଅସାମ୍ବିଧାନିକ ଶବ୍ଦ ବ୍ୟବହାର କରିଛନ୍ତି, ତାହା ଜଣେ ବିଧାୟକଙ୍କ ମୁହଁରେ ଶୋଭା ପାଏନାହିଁ । ନିଜର ପଦମର୍ଯ୍ୟାଦା ଦୃଷ୍ଟିରୁ ସେହିସବୁ ଶବ୍ଦ ପ୍ରତ୍ୟାହାର କରନ୍ତୁ ବୋଲି ସସ୍ମିତ କହିଛନ୍ତି । ସେହିପରି ଭାଜପା ଅଧିବେଶନ ଚାଲିଥିବା ସମୟରେ ପ୍ରସଙ୍ଗ ନ ଉଠାଇ ବିଧାନସଭା ବନ୍ଦ ପରେ ଅଭିଯୋଗ ଆଣିଛନ୍ତି । ମଣ୍ଡିରେ ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ଟୋକନ ବ୍ୟବସ୍ଥା ହୋଇଥିବାବେଳେ ସେଠୀ ଏହାକୁ ବିରୋଧ କରିଛନ୍ତି। ତେଣୁ ଧାନ ବିକ୍ରିରେ ଥିବା ଦଲାଲ ବ୍ୟବସ୍ଥାକୁ ଭାଜପା ନେତା ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବିଜେଡି ପକ୍ଷରୁ କୁହାଯାଇଛି।

**SUIIT**
**SAMBALPUR UNIVERSITY INSTITUTE OF INFORMATION TECHNOLOGY**

Order: 1396/SUIIT Date- 28.11.2019

**SUIIT was established in the year 2010 as a Constituent Autonomous Unit of Sambalpur University with the approval of Dept. of Higher Education, Govt. of Odisha**

**VISION**

- To enlighten the young minds by giving patronage to the quest for knowledge.
- To contribute to mankind through excellence in scientific and technological education and research.
- To prove to be a valuable resource for industry and society alike and to remain a symbol of pride for all Indians.

**MISSION**

To inspire young minds to lead the world in the right direction by quality research in Information Technology and allied areas and to create a technically sound workforce that puts the nation in safer hands for a bright future.

**SUIIT offers the following IT related programmes in Self-sustaining mode:**

- B. Tech.: Computer Science and Engineering (CSE)
- B. Tech.: Electronics and Communication Engineering (ECE)
- B. Tech.: Electrical and Electronics Engineering (EEE)
- M. Tech.: Computer Science and Engineering
- M. Tech.: Communication System Engineering
- M. Tech.: Embedded Systems Design
- Master in Computer Application
- M. Sc.: Computer Science
- M. Sc.: Electronics
- M. Phil: Computer Science
- M. Phil: Electronics
- Nodal Centre for Ph.D in CSE, EEE, Electronics Engineering
- SUIIT is also Nodal Centre for OJEE

**HIGHLIGHTS**

- SUIIT has a Training & Placement cell. Students are being exposed to advance mode of training through summer internship programmes and industrial tours at different reputed organizations to make the students industry worthy.
- Our alumni are placed in the reputed companies like TCS, Infosys, IBM, HCL, Cognizant Technology Solutions, Tech Mahindra, Citrix, Aptus Datalabs, Silicon Interfaces, MAINTech, WIPRO etc.
- Our students are also admitted into IIM, XIMB, IMT, ISI & other reputed organisations through GATE, XAT & CSIR/UGC–NET for their higher study.
- Some students joined in reputed institutions abroad for their higher studies.
- Awarded as "Best emerging Technical Institute" of Odisha on the eve of Engineer's Day on 15th Sept. 2013 by Ever Green Forum.
- We have collaborative activities with Startup Odisha and our students won the first prize in Industry group in Make in Odisha (Smart Odisha Hackathon).
- Visiting professors / motivators from reputed institutes namely IIT / ISI / NIT / Central Universities / State Universities and industries visit the institute regularly.
- We have students activities through innovation Club, Cultural Club, Sports Club and Literary Club throughout the year.

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୦ ନଭେମ୍ବର, ୨୦୧୯



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



# ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

- ସଂସ୍ଥା ନାମରେ ୨୮ କୋଟି ଟଙ୍କା ଠକେଇ ଅଭିଯୋଗ
- ଜମାକାରୀଙ୍କ ଅର୍ଥ ନେଇ ଫେରାର ଥିଲେ ଅଧିକାରୀ
- ପୂର୍ବରୁ ୪ଜଣଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ

ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ସଂସ୍ଥାର ନିର୍ଦ୍ଦେଶକ ବାଲାରାଜୁ ମଲିକାର୍ଜୁନ ରାଜୁ(୫୪)ଙ୍କୁ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ଶୁକ୍ରବାର ଗିରଫ କରିଛି। ଇଓଡବ୍ଲ୍ୟୁର ଏକ ଟିମ୍ ଆନ୍ଧ୍ରପ୍ରଦେଶସ୍ଥିତ ତାଙ୍କ ଘରୁ ତାଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଏହାପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଥିବା ଜଣାପଡ଼ିଛି। ତାଙ୍କ ବିରୋଧରେ ଇଓଡବ୍ଲ୍ୟୁ କେସ୍ ନଂ–୧୬/୧୧ରେ ଆଇପିସି ଦଫା ୪୬୭, ୪୬୮, ୪୭୧, ୪୨୦, ୪୦୬, ୧୨୦(ବି) ଆଦି ରୁଜୁ କରାଯାଇ ତାଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ନାମକ ଏକ ସଂସ୍ଥାର ମୁଖ୍ୟ ଅଫିସ ଆନ୍ଧ୍ରପ୍ରଦେଶ ହୋଇଥିବାବେଳେ ୨୦୦୯ରେ ଓଡ଼ିଶାର ବାଲେଶ୍ୱର, ବାରିପଦା ସମେତ ଅନେକ ସ୍ଥାନରେ ଏହାର ଶାଖା ଅଫିସ ଖୋଲିଥିଲା। ସ୍ୱଳ୍ପ ଟଙ୍କା ସଞ୍ଚୟରେ ଅଧିକ ସୁଧ ଦେବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲା ଏହି ସଂସ୍ଥା। ଏପରି କି ଟଙ୍କା ଦ୍ୱିଗୁଣିତ କରିଦେବାକୁ ବିଭିନ୍ନ ସ୍କିମ୍ କରି ବିଜ୍ଞାପନ ମାଧ୍ୟମରେ ଜମାକାରୀଙ୍କୁ ଲୋଭ ଦେଖାଇଥିଲା। ସାଧାରଣ ଲୋକେ ବିଜ୍ଞାପନ ଦେଖି ଅଧିକ ସୁଧ ଆଶାରେ ୨୦୦୯ରୁ ୨୦୧୦ ମଧ୍ୟରେ କୋଟି କୋଟି ଟଙ୍କା ଜମା କରିଥିଲେ। ହେଲେ ଜମାକାରୀଙ୍କ ଟଙ୍କା ମାଚ୍ୟୁଅର ହେବା ପରେ ସଂସ୍ଥାର କର୍ମକର୍ତ୍ତାମାନେ ସେମାନଙ୍କୁ ଟଙ୍କା ଦେବା ପରିବର୍ତ୍ତେ ଅଫିସରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଉକ୍ତ ସଂସ୍ଥା ଏଭଳି ଭାବେ ଓଡ଼ିଶାରୁ ୨୮କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଟଙ୍କା ନ ପାଇ ଠକେଇର ଶିକାର ହୋଇଥିବା ବାରିପଦା ଟାଉନ ଅଞ୍ଚଳର କ୍ଷୀରୋଦ ଚନ୍ଦ୍ର ବାରିକ ଏ ନେଇ ଇଓଡବ୍ଲ୍ୟୁରେ ୨୦୧୧ ମେ ୨୧ରେ ଏକ ଅଭିଯୋଗ କରିଥିଲେ। ଏହି ଆଧାରରେ ଇଓଡବ୍ଲ୍ୟୁ କେସ୍ ନଂ–୧୬/୧୧ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ପ୍ରଥମେ ସଂସ୍ଥାର ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ମ୍ୟାନେଜିଂ ଡାଇରେକ୍ଟର ଭି. ସମ୍ପଥ, ବାରିପଦା ବ୍ରାଞ୍ଚ ଅଫିସର ପ୍ରାର୍ଥସାରଥି ଜେନା, ତପନ ବାରିକ ଏବଂ ସଦାଶିବ ନାୟକ। ଏହି ମାମଲାରେ ନିର୍ଦ୍ଦେଶକ ରାଜୁ ଫେରାର ରହିଥିଲେ। ସେ ଆନ୍ଧ୍ରପ୍ରଦେଶସ୍ଥିତ ନିଜ ଘରେ ରହୁଥିବା ଖବର ପାଇ ଇଓଡବ୍ଲ୍ୟୁ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଛି। ତାଙ୍କ ଘରୁ ଏକାଧିକ କାଗଜପତ୍ର ଜବତ ହୋଇଥିବା ଜଣାପଡ଼ିଛି।

# ଉଦ୍ଧବଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର ୨୯।୧୧(ବ୍ୟୁରୋ): ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଶୁକ୍ରବାର ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ଉଦ୍ଧବଙ୍କୁ ଶୁଭେଚ୍ଛା। ତାଙ୍କ ନେତୃତ୍ୱ ଏବଂ ସରକାରଙ୍କ କାର୍ଯ୍ୟ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ବୋଲି ଆଶା।

# ଜବାବ ଦାଖଲ ପାଇଁ ସମୟ ଲୋଡ଼ିଲେ ବିଧାୟିକା

କଟକ ଅଫିସ,୨୯।୧୧

**ବରୀ ବିଧାନସଭା ନିର୍ବାଚନୀ ମାମଲା**

ଯାଜପୁର ଜିଲ୍ଲା ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହି ମାମଲାରେ ବରୀ ବିଧାୟିକା ସୁନନ୍ଦା ଦାସ ଜବାବ ଦାଖଲ କରିବା ନିମନ୍ତେ ସମୟ ଲୋଡିଛନ୍ତି। ବିଧାୟିକାଙ୍କ ଆବେଦନକୁ ଗ୍ରହଣ କରି ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜାନୁୟାରୀ ୩ ତାରିଖକୁ ଦିନଧାର୍ଯ୍ୟ କରିଛନ୍ତି। ଉକ୍ତ ଦିନ ବିଧାୟିକା ନିଜର ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ସୂଚନାଥାଉ କି, ସୁନନ୍ଦାଙ୍କ ବିରୋଧରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପରାଜିତ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ସୁନନ୍ଦା ନିର୍ବାଚନ ସମୟରେ ଦେଇଥିବା ସତ୍ୟପାଠର ସତ୍ୟତା ନ ଥିବା ମଲ୍ଲିକ ପିଟିଶନରେ ଦର୍ଶାଇଥିଲେ। ସୁନନ୍ଦାଙ୍କ ନାମରେ ଫୌଜଦାରି ମାମଲା ଥିବାବେଳେ ସେ ଦାଖଲ କରିଥିବା ସତ୍ୟପାଠରେ ସେ କଥା ଉଲ୍ଲେଖ କରି ନ ଥିବା ପିଟିଶନରେ ଦର୍ଶାଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏମନ୍ତ ମଜାରେ କହିଯାଉଥିବ
କେହି ନ କହିବେ ଝୁଟ
ଏମନ୍ତ ସଜରେ ବସି ଯାଉଥିବ
କେହି ନ କହିବେ ଉଠ୍
ଏମନ୍ତ ମଜାରେ ଚାଲି ଯାଉଥିବ
କେହି ନ କହିବେ ଝୁଣ୍ଟ୍।**

କଥା କହିବାରେ ସଂଯମତା ତଥା ବସାଉଠା କରିବାରେ ଯଥାର୍ଥତା ଅବଲମ୍ବନ କରିବା ଉଚିତ। ସ୍ଥାନ କାଳ ପାତ୍ର ଅନୁସାରେ କହିବା, ବସିବା ଏବଂ ଚାଲିବା ଶୋଭନୀୟ ହୋଇଥାଏ। ସ୍ଥଳବିଶେଷରେ ଏହିପରି ସ୍ୱଭାବ ପ୍ରଶଂସନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏସା କରେଙ୍ଗେ ତେସା କରେଙ୍ଗେ
ସିପାହି ଦେଖିଲେ ଶୋଇ ପଡ଼େଙ୍ଗେ।**

କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି। କିନ୍ତୁ ଅସଲ ଟାଣୁଆ ଲୋକ ହାବୁଡ଼ରେ ପଡ଼ିଗଲେ ମୁହଁ ଫିଟାଇବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଉପରେ ଉପରେ ବାହାଦୁରି ଦେଖାଉଥିବା ଭୀରୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବୃଦ୍ଧଙ୍କୁ ଗୋଡ଼ରେ ଶହେ ମିଟର ଫିଙ୍ଗିଲା ହାତୀ

ବଡ଼ଗାଁ/କୁତ୍ରା, ୨୯।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବନଖଣ୍ଡ ଅଧୀନ କୁତ୍ରା ବ୍ଲକ ଅନ୍ତର୍ଗତ ସିଆଲଯୋର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ରାତିରେ ଏକ ହାତୀ ଜଣେ ବୃଦ୍ଧଙ୍କୁ ଗୋଇଠା ମାରି ପ୍ରାୟ ଶହେ ମିଟର ଦୂରକୁ ଫିଙ୍ଗି ଦେଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସିଆଲଯୋର ଗ୍ରାମର ଗୋବିନ୍ଦ ସା (୫୯)। ଗାଁକୁ ପଶିଆସିଥିବା ହାତୀପଲକୁ ଘଉଡାଇବାକୁ ଯାଇଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସିଆଲଯୋର ଗାଁ ନିକଟକୁ ୬ ହାତୀ ଥିବା ପଲ ପଶିଆସିଥିଲେ। ଏ କଥା ଜାଣିବା ପରେ ଗୋବିନ୍ଦଙ୍କ ସହିତ ଆଉ ୪ ଗ୍ରାମବାସୀ ସେହି ହାତୀପଲକୁ ଘଉଡାଇବାକୁ ଯାଇଥିଲେ। ହେଲେ ହାତୀପଲ ସେମାନଙ୍କୁ ଗୋଡ଼ାଇଥିଲେ। ଗୋବିନ୍ଦ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ହଠାତ୍ ଏକ ଗାତରେ ପଡିଯାଇଥିଲେ। ଏହି ସମୟରେ ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଧରିନେଇ ମହୁଲ ଗଛରେ ପିଟି ଦେବା ସହ ଗୋଡ଼ରେ ପ୍ରାୟ ଦେଢ଼ ଶହ ମିଟର ଦୂରକୁ ଫିଙ୍ଗି ଦେଇଥିଲା। ସୂଚନାପାଇ ଫରେଷ୍ଟର ପ୍ରେମସାଗର ନାଏକ, ଚନ୍ଦ୍ରିକା କାଲୋ, ବିନୋଦ ପଟ୍ଟନାୟକ, ଅନୁପ ଲାକ୍ରା, ଫରେଷ୍ଟ ଗାର୍ଡ ଚିରଞ୍ଜୀବ ଡାଙ୍ଗ, ସଞ୍ଜୁଲତା ବେହେରା ଓ ବନ୍ୟପ୍ରାଣୀ ସଂରକ୍ଷଣ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଗୋବିନ୍ଦଙ୍କ ପରିବାରକୁ ୨୦ ହଜାର ଟଙ୍କା ଦେଇଛନ୍ତି। ହାତୀପଲ ସମ୍ବଲପୁର ଜିଲ୍ଲା କିନାବଗା ପଟୁ ଆସିଥିବା ଜଣାପଡିଛି। ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ହାତୀ ବିଭକ୍ତ ହୋଇ ବିଭିନ୍ନ ଜଙ୍ଗଲରେ ଅବସ୍ଥାନ କରୁଛନ୍ତି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି।

**ଗଜପତି ଜିଲ୍ଲା କୃଷି ବିଭାଗ ତରଫରୁ କୃଷକମାନଙ୍କ ପାଇଁ ସୂଚନା**
**(କ୍ଷେତ ପୋଖରୀ ଖନନ ପାଇଁ ଆବେଦନ)**

ଏତଦ୍ୱାରା ଗଜପତି ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଆଗ୍ରହୀ ଚାଷୀମାନଙ୍କ ଜମିରେ କ୍ଷେତ ପୋଖରୀ ଖନନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ଚାଷୀମାନେ ଉପଯୁକ୍ତ ଦରଖାସ୍ତ ଫର୍ମ ବିନା ମୂଲ୍ୟରେ ଆପଣମାନଙ୍କ ଅଞ୍ଚଳର କୃଷି କର୍ମଚାରୀ, ଉଦ୍ୟାନ କୃଷି କର୍ମଚାରୀ, ମୃତ୍ତିକା ସଂରକ୍ଷଣ କର୍ମଚାରୀମାନଙ୍କଠାରୁ ସଂଗ୍ରହ କରି ଆବେଦନ କରିପାରିବେ। ଉକ୍ତ କ୍ଷେତ ପୋଖରୀ ଆପଣଙ୍କ ଜମିର ଆକାର ଅନୁସାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ମାଧ୍ୟମରେ ବିନାମୂଲ୍ୟରେ ଖୋଳାଯିବାର ବନ୍ଦୋବସ୍ତ କରାଯାଇଅଛି।
ବି.ଦ୍ର.- ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି, ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ ବିଭାଗର କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରନ୍ତୁ।

ସ୍ୱା./- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, (ଆତ୍ମା), ଗଜପତି
ସ୍ୱା./- ଜିଲ୍ଲାପାଳ ତଥା ଅଧକ୍ଷ (ଆତ୍ମା), ଗଜପତି

**ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା**

ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିବା।

ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ,
ଜଙ୍ଗଲ ନଷ୍ଟ କରିବା ନାହିଁ
ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା।



ପରିବେଶପ୍ରେମୀ, ରେଢ଼ାଖୋଲ

**ପଞ୍ଚାୟତ ସମିତି, ରେଢ଼ାଖୋଲ**
**ବିଜ୍ଞପ୍ତି**

ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ବିଜୁ ପକ୍କାଘର (ସ୍ୱତନ୍ତ୍ର) ହିତାଧିକାରୀମାନଙ୍କୁ ଜଣାଇ ଦିଆଯାଉଛି କି, ପ୍ରଥମ କିସ୍ତି ପାଇବାର ୧୨୦ ଦିନ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରନ୍ତୁ ଏବଂ ସରକାରଙ୍କ ତରଫରୁ ୨୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପାଇବାର ସୁଯୋଗ ନିଅନ୍ତୁ।
- ଆପଣଙ୍କ ଗୃହର ସମସ୍ତ ଝରକା କବାଟ ଲଗାନ୍ତୁ (ଅଗ୍ନି ନିରୋଧକ)।
- ଗୃହର ସମସ୍ତ କାନ୍ଥ ପଲସ୍ତରା ଏବଂ ଚଟାଣ ତିଆରି କରନ୍ତୁ।
- କବାଟ, ଝରକା ଏବଂ କାନ୍ଥଗୁଡ଼ିକ ଆକର୍ଷଣୀୟ ରଙ୍ଗ କରିବା ସହିତ ସୌନ୍ଦର୍ଯ୍ୟକରଣ କରି ଗୃହ ସମ୍ପୂର୍ଣ୍ଣ କରନ୍ତୁ।

ସୌଜନ୍ୟ:– ପଞ୍ଚାୟତ ସମିତି, ରେଢ଼ାଖୋଲ

# ଲୋକ ସଭାରେ ଉଠିଲା ସ୍ମିତାରାଣୀ ପ୍ରସଙ୍ଗ

ଭୁବନେଶ୍ୱର୨୯।୧୧(ବ୍ୟୁରୋ)

କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଯାଜପୁର ଜିଲ୍ଲା ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ ଲୋକ ସଭାରେ ଉଠାଇଛନ୍ତି। ଶୁକ୍ରବାର ଶୂନ୍ୟକାଳ ଚାଲିଥିବା ସମୟରେ ଏହି ପ୍ରସଙ୍ଗ ଉଠାଇ ସପ୍ତଗିରି କହିଥିଲେ ଯେ, ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟଜନକ। ସ୍ଥାନୀୟ ପୋଲିସ ପ୍ରଶାସନ ଦ୍ୱାରା କରାଯାଉଥିବା ତଦନ୍ତ ସନ୍ଦେହଜନକ। ଦୃଢ଼ ଅନୁସନ୍ଧାନ କରା ନ ଯାଇ ସ୍ମିତାରାଣୀଙ୍କ ହତ୍ୟାକୁ ଆତ୍ମହତ୍ୟା ବୋଲି କୁହାଯାଇଛି। ଘଟଣାର ସିବିଆଇ ଯାଞ୍ଚ କରାଯାଉ ବୋଲି ସପ୍ତଗିରି ଦାବି କରିଥିଲେ। ଓଡ଼ିଶାରୁ କଂଗ୍ରେସରୁ ଗୋଟିଏ ଏମ୍‌ପି ହୋଇଥିଲେ ମଧ ତାଙ୍କ ସ୍ୱରକୁ ଚପାଯାଇପାରିବ ନାହିଁ, ଏହି ପ୍ରସଙ୍ଗରେ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସେ ଲଢେଇ ଜାରି ରଖିବେ ବୋଲି ସପ୍ତଗିରି ନିଜ ଟୁଇଟରରେ ଉଲ୍ଲେଖ କରିଥିଲେ। ସପ୍ତଗିରି ଏହି ପ୍ରସଙ୍ଗ ଉପସ୍ଥାପନ କରୁଥିବା ସମୟରେ ବିଜେଡି ଏମ୍‌ପି ପିନାକୀ ମିଶ୍ର ଏହି ପ୍ରସଙ୍ଗରେ ତଦନ୍ତ ଚାଲୁଥିବା କହିଥିଲେ। ବିରୋଧୀମାନେ ଏହି ପ୍ରସଙ୍ଗରେ ଅଯଥା ରାଜନୀତି କରୁଥିବା ମିଶ୍ର କହିଥିଲେ।

**PRESS NOTICE** No. O-561
**NOTICE INVITING BIDS**
Government of Odisha
Rural Development Department
O/o the Superintending Engineer, Rural Works Circle,Balasore
PRESS NOTICE (for inviting tenders)
NIB No.e-procurement notice no.2657,Date. 25.11.2019

Superintending Engineer, R.W.Circle, Balasore on behalf of the employer invites online item rate Bids from eligible bidders for construction of road and CD works including Maintenance for five years of Rural Roads under Pradhan Mantri Gram Sadak Yojana (ADB Rural Connectivity Investment Program).

**Period of availability of tenders on-line :** **The details are as follows:**

| Procurement Officer | Bid Identification NO. | No. of Packages | Availability of Tender on-line for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works, Circle, Balasore | ADB Assisted PMGSY On-line NCB No.263 | 1 | 29.11.2019 at 11.00 A.M | 12.12.2019 upto 11.00A.M |

List of Packages under procurement officer, Superintending Engineer, R. W. Circle, Balasore (1 Package)

| Sl. No. | Package No. | No. of Roads | No. of LSB | Length of roads in Km. |
|---|---|---|---|---|
| 1 | 2 | 3 | 4 | 5 |
| R.W. Division, Bhadrak (Dist-Bhadrak) | | | | |
| 1 | OR-04-ADB-24/TII (Balance work) | 1 | - | 3.30 |

Sd/- Superintending Engineer Rural Works Circle,Balasore
Detailed NIB and other details can be viewed on our website http://pmgsytenders.gov.in 25105/11/0012/1920

**ଭବାନୀପାଟଣା ପୌର ପରିଷଦ, ଭବାନୀପାଟଣା**

ଧରିତ୍ରୀ ଦୈନିକ ଖବରକାଗଜର ସ୍ୱନକ୍ଷତ୍ର ଦିବସ, ୨୦୧୯ ଉପଲକ୍ଷେ ଭବାନୀପାଟଣା ପୌରପାଳିକା ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ପୌର ପରିଷଦର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ଏହି ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା।

**ନିବେଦନ:**
୧. ନିଜ ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୨. ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ରଖି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ।
୩. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ପୌର ପରିଷଦ ଦ୍ୱାରା ନିୟୋଜିତ ଗାଡ଼ିରେ ଦିଅନ୍ତୁ।
୪. ନିୟମିତ ଶୌଚାଳୟ ବ୍ୟବହାର କରି ସ୍ୱଚ୍ଛ ଭାରତ ମିଶନକୁ ସଫଳ କରନ୍ତୁ।
୫. ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଭବାନୀପାଟଣା

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ

ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।

ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ

A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)

atc4gnetwork@gmail.com
MOB - 9471965297

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113
9337594620
CORRESPONDENCE COURSE ALSO AVAILABLE

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office
G-79, Adarsh Nagar, Karol Bagh
7082322494
7496805598

SESSION 2019-21
B.Ed.
Shirdi Sai College of Education
Markapur, Prakasam Dist.
NCTE Approved
Acharya Nagarjuna University
Equivalent to Govt. of Odisha
9885051696
9985646958

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL-169

ODISHA
NEW OPPORTUNITIES




# ODISHA The New Manufacturing Hub of India

Odisha has emerged as the #1 investment destination in India, with 18% share of all investments nationally during April-September, 2019

After the 7 phases of ground-breaking/inauguration and the successful organization of Make in Odisha Conclave 2018, Invest Odisha is pleased to announce...

## 8th Phase of Ground-breaking/Inauguration of 27 New Industrial Projects* spanning 10 Sectors across 11 districts

by

## Shri Naveen Patnaik

**Hon'ble Chief Minister**

**30th November 2019**

### Inauguration

OCL India Ltd, Sundergarh | Omjay EV, Jajpur | Pro-minerals, Keonjhar | Shree Cement Ltd., Cuttack | Suraj Products, Sundergarh

### Ground-breaking

Aditya Birla Renewable, Boudh | Agrasen Sponge Pvt. Ltd., Sundergarh | Anand Glass, Puri | Chemflo Industries (India) Pvt. Ltd, Khurdha | Deo Residency and Resorts Pvt. Ltd, Jajpur | Gopu Hill View Resort, Ganjam | Hindalco Industries Limited, Sambalpur | Highland Agro, Balasore | Inox Fab India Pvt. Ltd, Khurdha | Jayashree Enterprises, Balangir J.M Industries Unit–II, Balasore | Kalinga Alloys Pvt. Ltd, Jajpur | Kasturi Flour Mill, Khurdha | Om Oil and Flour Mills Ltd, Cuttack | Page Industries Ltd., Cuttack | Rashmi Enterprises, Balasore | RND Laboratories, Cuttack | Shoukeen Industries Ramdaspur Unit, Cuttack | Shree Sai Enterprises, Cuttack | Suguna Foods, Khurdha | Swosti Vacations Club Pvt. Ltd, Ganjam | Utkal Feeds Private Limited, Khurdha

***Investment of ₹8,939 crore with potential employment for 12,142**

14005/13/0012/1920

#Source: Center for Monitoring Indian Economy (CMIE)

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app
Follow us on @investInOdisha /InvestOdisha



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ



## ସଂକ୍ଷେପରେ

### ଜମନକିରା ଯୁବ ସଚେତନ ନାଗରିକ ପକ୍ଷରୁ ରକ୍ତଦାନ ଶିବିର



ଜମନକିରା,୨୯।୧୧(ଡି.ଏନ୍.ଏ.)
ଜମନକିରା ବ୍ଲକ୍ ସଦର ମହକୁମା ଡାକ୍ତରଖାନା ପରିସରରେ ଯୁବ ସଚେତନ ନାଗରିକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରେଡ଼କ୍ରସ ସୋସାଇଟି ଓ ଭିମସାର ରକ୍ତ ଭଣ୍ଡାର ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ଜମନକିରା ଥାନା ଅଧିକାରୀ ବାଳକୃଷ୍ଣ କହଁର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲୁ, ଆଦିପ୍ରସାଦ ମହାକୁଳ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୬୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବୁର୍ଲା ଡାକ୍ତରଖାନାରୁ ଡା: ରଜତ ପୁରୋହିତଙ୍କ ସହ ସିନିୟର ଟେକ୍ନିସିଆନ ରବିନାରାୟଣ ରାଉତ, ଜୁନିୟର ଟେକ୍ନିସିଆନ ଦେବାଶିଷ ମିଶ୍ର, ଲାବୋରେଟୋରୀ ଟେକ୍ନିସିଆନ ଉମାକାନ୍ତ ଭୋଇ, ଜନକ ବେହେରା, ପାଇନୁ ଭୋଇ, ମଣ୍ଟୁ ପଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ନାଗରିକ ସଂଘ ସଭାପତି ଅବଦୁଲ ହାମଜା, ସମ୍ପାଦକ ଗୋପାଳ ଦେବନାଥ, ରାଜକୁମାର ରଣା, ସାଗର ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସାହସିକତା ପ୍ରଦର୍ଶନ କରି ନିଜ ଗୋଡ଼ ହରାଇଥିବା କର୍ତ୍ତବ୍ୟରତ ସେନା କର୍ମଚାରୀ ନଶିବ ସେଠଙ୍କୁ ସମ୍ମାନିତ କରାଯାଇଥିଲା।

# ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ପ୍ରଚାର ଅଭିଯାନ



ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ଅବସରରେ ପ୍ରଚାର ଅଭିଯାନରେ ସାମିଲ ହୋଇଥିବା ଆଶାକର୍ମୀ।

ଦେବଗଡ,୨୯।୧୧(ଡ଼ି.ଏନ.ଏ.)

ତିଳେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ଉପଲକ୍ଷେ ଏକ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଡାକ୍ତର ଗଙ୍ଗାଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରଚାର ଅଭିଯାନ ରଥର ଶୁଭାରମ୍ଭ କରାଯାଇଛି। ବ୍ଲକର ସମସ୍ତ ଅଞ୍ଚଳ ଏହା ପରିକ୍ରମା କରିବ। ପୁରୁଷ ବନ୍ଧ୍ୟାକରଣର ଲାଭ ବିଷୟରେ ସଚେତନତା କରିବ। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ନିଶାକର ବେହେରା ଏହା ଉପରେ ଉପସ୍ଥିତ ଆଶାକର୍ମୀଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ।

# ଦେବଗଡ଼ ଜିଲ୍ଲାରେ ଧାନ କିଣା ଆରମ୍ଭ

## ପ୍ରଥମ ଦିନରେ ୧୧ ଚାଷୀଙ୍କଠାରୁ ୪୫୬.୦୪ କୁଇଣ୍ଟାଲ ଧାନ କିଣା ହେଲା

ଦେବଗଡ / ବାରକୋଟ, ୨୯।୧୧ (ଡ଼ି.ଏନ.ଏ.)

ଦେବଗଡ଼ ଜିଲ୍ଲାସ୍ତରୀୟ ଧାନ କିଣା ସଂଗ୍ରହ କମିଟି ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାରଠାରୁ ଜିଲାରେ ଚାଷୀମାନଙ୍କଠାରୁ ଖରିଫ ଋତୁର ଧାନ କିଣା ଆରମ୍ଭ କରାଯାଇଛି । ବାରକୋଟ ବ୍ଲକର ବସାଲଇ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିବସରେ ୧୧ ଜଣ ଚାଷୀଙ୍କଠାରୁ ୪୫୬.୦୪ କୁଇଣ୍ଟାଲ ଧାନ କିଣା ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ପାଢ଼ୀ, ଏ.ଆର୍.ସି.ଏସ୍. ନିମାଇ ଚରଣ ନାୟକ, ନିୟନ୍ତ୍ରିତ ବଜାର କମିଟି ସଂପାଦକ ମନୋଜ କୁମାର ମହନ୍ତ, ଏସିଏସ୍‌ଓ ବିଜୟ କୁମାର ବାରିକ, ପ୍ରାଥମିକ କୃଷି ସମବାୟ ସଂପାଦକ ଅଜୟ କୁମାର ସାମଲ, ବସାଲଇ ସରପଞ୍ଚ ଦିଲୀପ କୁମାର ପଟ୍ଟନାୟକ, ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନଙ୍କ ସମେତ ଯୋଗାଣ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟିର କର୍ମମର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଧାନ ସଂଗ୍ରହ କାର୍ଯ୍ୟ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ୨୯ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ୪୦ଟି ମଣ୍ଡିରେ ଚାଲି।



ବସାଲଇ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଦେବଗଡ଼ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଧାନକିଣା କାର୍ଯ୍ୟକୁ ଶୁଭାରମ୍ଭ କରୁଛନ୍ତି।



ପଡିଆବାହାଲ ଧନୁଯାତ୍ରାର ଏକ ଦୃଶ୍ୟ।

### ପଡିଆବାହାଲରେ ପ୍ରଥମ ଥର ପାଇଁ ଧନୁଯାତ୍ରା

ପଡିଆବାହାଲ, ୨୯।୧୧ (ଡି.ଏନ.ଏ.)

ପଡିଆବାହାଲରେ ପ୍ରଥମ ଥର ପାଇଁ ଧନୁଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବାହାମ ସରପଞ୍ଚ ମିତ୍ରଭାନୁ ପ୍ରଧାନ ଏବଂ ଜିତେନ୍ଦ୍ର ଦେହେରୀ କଂସଙ୍କ ଦରବାରରେ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। କଂସଙ୍କ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦିଲୀପ କୁମାର ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ହୋଇଛି।

## ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତାରେ ସମ୍ବଲପୁରକୁ ସଫଳତା

ସମ୍ବଲପୁର,୨୯।୧୧(ବ୍ୟୁରୋ)
ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତାରେ ସମ୍ବଲପୁର ଜିଲାକୁ ସଫଳତା ମିଳିଛି। ହ୍ୱିଲ ଚ୍ୟାୟାରରେ ସିଜଲ କୁମାରୀ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଟ୍ରାଇ ସାଇକେଲ ରେସ୍‌ରେ ମାନେଶ୍ୱର ବ୍ଲକର ବେବି ବନଛୋର ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ହ୍ୱିଲ ଚେୟାର ରେସ୍‌ରେ ରେଢାଖୋଲ ବ୍ଲକର ଶ୍ରୀତମ ଘିବେଲା, ଶଟପୁଟରେ ବୁର୍ଲାର ସମୀର ରଞ୍ଜନ ମହାକୁଡ ତୃତୀୟ ପୁରସ୍କାର ପାଇଛନ୍ତି।



ପାରା ଖେଳକୁଦରେ ପୁରସ୍କୃତ ହୋଇଥିବା ସମ୍ବଲପୁର ଜିଲାର ପ୍ରତିଯୋଗୀମାନେ।

# ସିଲେଇ ତାଲିମ୍‌ରେ କୃତୀ ୩୫ଜଣ ମହିଳାଙ୍କୁ ମାନପତ୍ର ପ୍ରଦାନ



ଅତିଥିଙ୍କ ସହ ସିଲେଇ ତାଲିମ ନେଇଥିବା ମହିଳାମାନେ।

ରେଙ୍ଗାଲି, ୨୯।୧୧ (ଡି.ଏନ.ଏ.)

ରମ୍ଭେଲାସ୍ଥିତ କଲ୍ୟାଣ ମଣ୍ଡପଠାରେ ସିଲେଇ ପ୍ରଶିକ୍ଷଣରେ ପରୀକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ରେଙ୍ଗାଲି ସ୍ୱାଧୀନ ଏକତା ସଂଗଠନ ଏବଂ ରେଡକ୍ରସର ମିଳିତ ଆନୁକୂଲ୍ୟରେ ୩ମାସ ଧରି ଚାଲିଥିବା ସିଲେଇ ତାଲିମ ଶିବିରରେ ୩୫ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯକ୍ରମରେ ରେଡକ୍ରସ ସମ୍ପାଦକ ଜୟ ଜର୍ଜ ମୁଖ୍ୟଅତିଥି, ସଂଯୋଜକ ପ୍ରମିଳା ବେହେରା, ଶଶିଭୂଷଣ ସାହୁ, ବିଶିକେଶନ ପଣ୍ଡା, ବିନୋଦବିହାରୀ ନନ୍ଦ, ସଲିମ ଖାନ୍, ପ୍ରଶାନ୍ତ ପଣ୍ଡା, ଅମୂଲ୍ୟ କୁମାର ବଡପଣ୍ଡା ଅତିଥି ଭାବରେ ଉପସ୍ଥିତ ଥିଲେ। ବିନୋଦବିହାରୀ ନନ୍ଦଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ସ୍ୱାଧୀନ ଏକତା ସଂଗଠନର ସଭାପତି ରାଜୀବ ମିଶ୍ର ସଭା ପରିଚାଳନା କରିଥିଲେ । ସଂଗଠନର ସମ୍ପାଦକ ପ୍ରମୋଦ ବିଶୋଇ, ପଦ୍ମନାଭ ଭୋଇ, ହରିଶ ସା, ରାଜକୁମାରୀ ଓରାମ, ଅମିତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା

ରେଙ୍ଗାଲି, ୨୯।୧୧ (ଡି.ଏନ.ଏ.)
ରେଙ୍ଗାଲି ବ୍ଲକ୍ ଟାମ୍ପରକେଲା ସରକାରୀ ୟୁପି ସ୍କୁଲରେ ଶୁକ୍ରବାର ୨୬ତମ ବ୍ଲକସ୍ତରୀୟ ବିଜ୍ଞାନ ଏବଂ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଙ୍କର ପ୍ରସାଦ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାମ୍ପରକେଲା ସରପଞ୍ଚ ସତାତନ ସାହୁ, ତବଡାବାହାଲ ସରପଞ୍ଚ ଗୋପାଳ ଓରାମ, ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ଏବଂ ଟାମ୍ପରକେଲା ସରକାରୀ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ପିତାମ୍ବର ପୃଷେଟ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ସମଗ୍ର ଶିକ୍ଷା ସମ୍ବଲପୁର ଜିଲା ପ୍ରୋଜେକ୍ଟ କୋ-ଅର୍ଡିନେଟର ସୁଶ୍ରୀ କଳ୍ପନା ପଣ୍ଡା ମୁଖ୍ୟଅତିଥି, ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷ ଡ. ଅନନ୍ତରାମ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ।

### ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସର ହ୍ୱିଲ୍ ଚେୟାର ରେସ୍

# ଶ୍ରୀତମ ଘିବେଲା ଦ୍ୱିତୀୟ

ରେଢାଖୋଲ,୨୯।୧୧(ଡି.ଏନ.ଏ.)

ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସର ବାଳକ ବିଭାଗ ହ୍ୱିଲ୍ ଚେୟାର ରେସ୍‌ରେ ରେଢାଖୋଲ ବ୍ଲକ ଗରଗଡବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଶ୍ରୀତମ ଘିବେଲା (୧୧) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କ ବିଦ୍ୟାଳୟର ସହପାଠୀ, ଗ୍ରାମବାସୀ ଓ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବିଡିଓ ପରିକ୍ଷିତ ସାହୁ ମଧ୍ୟ ଶ୍ରୀତମଙ୍କ ଏହି ସଫଳତାରେ ଖୁସି ବ୍ୟକ୍ତ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଏହି ପାରା ସ୍ପୋର୍ଟ୍ସ ଅନୁଷ୍ଠିତ ହୋଇଥିଲା।



ଶ୍ରୀତମ ଗରଗଡବାହାଲ ଗ୍ରାମର ରବୀନ୍ଦ୍ର ଘିବେଲା ଓ କୁନ୍ତଳା ଘିବେଲାଙ୍କ ପୁଅ। ସେ ରେଢାଖୋଲ ବ୍ଲକସ୍ତରରୁ ମନୋନିତ ହେବା ପରେ ଜିଲାରୁ ମଧ୍ୟ ଚୟନ ହୋଇ ରାଜ୍ୟସ୍ତରକୁ ସମ୍ବଲପୁର ଜିଲାର ପ୍ରତିନିଧିତ୍ୱ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ସଚେତନତା କାର୍ଯ୍ୟକ୍ରମ

ଦେବଗଡ,୨୯।୧୧(ଡ଼ି.ଏନ.ଏ.)

କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ସାହାଯ୍ୟ ସହଯୋଗ କରାଯିବ ସେ ନେଇ ଜିଲାର ୫ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ଓଡ୍ରାଫ ଟିମ୍ ମକ୍ ଡ୍ରିଲ୍ କରି ଦେଖାଇଛି। ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନାଉଲିପଡ଼ା ଉଚ୍ଚ ବିଦ୍ୟାଳୟ, ରିଆମାଳ ଉଚ୍ଚ ବିଦ୍ୟାଳୟ, ଡଅାଁରା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଏବଂ କଣ୍ଢେଇ ନୋଡ଼ାଲ ଉଚ୍ଚବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବନ୍ୟା, ବାତ୍ୟା, ବଜ୍ରପାତ, ସାପକାମୁଡ଼ା, ଅଂଶୁଘାତ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଥମିକ ଚିକିତ୍ସାର ବିଭିନ୍ନ ପ୍ରଣାଳି ଉପରେ ଶିକ୍ଷା ଦିଆଯାଇଛି। ଲୋକମାନଙ୍କୁ ମଧ୍ୟ କିପରି ସଚେତନ କରାଯିବ ତାହା ଅବଗତ କରାଯାଇଛି। ଜିଲା ଜରୁରୀକାଳିନ ଅଧିକାରୀ ସୁଶାନ୍ତ କୁମାର ନାୟକ ଏବଂ ବମ୍ପରଡ଼ାସ୍ଥିତ ୪ର୍ଥ ବାଟାଲିୟନ ଓଡ୍ରାଫ୍ ଟିମ୍ ଇନ୍-ଚାର୍ଜ ଡେପୁଟି ସୁବେଦାର ବିରଞ୍ଚି ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଓଡ୍ରାଫ୍ ଟିମ୍ ମକ୍ ଡ୍ରିଲ୍ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଉଛନ୍ତି।

### ଜନ ସଚେତନତା ପାଇଁ ଯୁବକଙ୍କ ରାଜ୍ୟସାରା ପଦଯାତ୍ରା

ଜମନକିରା, ୨୯। ୧୧ (ଡି.ଏନ୍.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟ ପ୍ରଦାନ ଓ ପୋଲାଭରମ ପ୍ରକଳ୍ପ ବିରୋଧର ଜନସଚେତନତା ପାଇଁ ରାଜ୍ୟ ସାରା ପଦଯାତ୍ରାରେ ବାହାରିଛନ୍ତି ଜଗତସିଂପୁର ଜିଲା ବାଲିକୁଦାର ସତ୍ୟବ୍ରତ ଦାସ। ୧୦୧ ଟି ବ୍ଲକ୍ ଭ୍ରମଣ କଳାପରେ ଶୁକ୍ରବାର ସେ ଜମନକିରାରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡ଼ିଓଙ୍କ ଅନୁପସ୍ଥିତିରେ କିରାଣି ଶରତ ପ୍ରଧାନ ତାଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ତାଙ୍କୁ ସ୍ଥାନୀୟ ଯୁବ ସଚେତନ ନାଗରିକଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା।


ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

Urgently Required
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

Urgent Required
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813 7609947073

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

REQUIRED A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT – Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

URGENTLY REQUIRED
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post Sales/ Marketing Executive. And Team Leader
Qualifications 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com


### ନୋଟିସ୍

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଜାନୁୟାରୀ ପ୍ରଥମ ସପ୍ତାହରେ ହେବ ପକ୍ଷୀଗଣନା

**ସମ୍ବଲପୁର,୨୯।୧୧(ବ୍ୟୁରୋ):** ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି। ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯିବ ବୋଲି ସ୍ଥିର କରାଯାଇଛି। ଏଥିପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ଆଲୋଚନା କରାଯାଇଛି। ଚଳିତ ବର୍ଷ ପାଣିପାଗ ଭଲ ରହିଛି। ଥଣ୍ଡାର ମାତ୍ରା ବଢ଼ିବ। ତେଣୁ ପକ୍ଷୀ ସଂଖ୍ୟା ଗତ ବର୍ଷ ତୁଳନାରେ ଅଧିକ ହେବ ବୋଲି ଆଶା କରାଯାଉଛି।

### ରେଳ ଲାଇନ୍‌ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ରେଢ଼ାଖୋଲ,୨୯।୧୧(ଡି.ଏନ.ଏ.):** ତାଳଚେର-ସମ୍ବଲପୁର ରେଳପଥର ଚାରମାଳ ଷ୍ଟେଶନ ନିକଟ ଆମ୍ବଦର ଗ୍ରାମ ନିକଟ ରେଳ ଲାଇନ କଡରୁ ଶୁକ୍ରବାର ସକାଳ ୭ଟାବେଳେ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ସେ ବରଗଡ ଜିଲା ଅତାବିରା ଜହ୍ନାପଡ଼ାର ପ୍ରତାପ ପାଇକ (୭୦) ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୧୯) ରୁଜୁ ହୋଇଛି। ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସାଲଡରେ ଗ୍ରାମୀଣ ରାଜମିସ୍ତ୍ରି ତାଲିମ ଶିବିର

**ରେଙ୍ଗାଲି,୨୯।୧୧(ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ସାଲଡ ଗ୍ରାମରେ ଗ୍ରାମୀଣ ରାଜମିସ୍ତ୍ରି ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁ, ରେଙ୍ଗାଲି ବ୍ଲକ ଅଧକ୍ଷା ସାଇବାନୀ ସେଠ, ରେଙ୍ଗାଲି ଜୋନ-୧ ଜିଲାପରିଷଦ ସଭ୍ୟ ତିରୋଜ ହେଡେଞ୍ଚା, ଜୋନ-୨ ଜିଲାପରିଷଦ ସଭ୍ୟା ଉତ୍ପଳା ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ତାଲିମ ଶିବିର ୪୫ ଦିନ ଧରି ଚାଲିବ। ଏଥିରେ ୧୯ଜଣ ପୁରୁଷ ଏବଂ ୧୧ ଜଣ ମହିଳା ଅଂଶ ଗ୍ରହଣ କରିଛନ୍ତି । ସମସ୍ତଙ୍କୁ ଜୋତା, ହେଲମେଟ, ଆପ୍ରନ ଏବଂ ରାଜମିସ୍ତ୍ରୀ କାମ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି।

### ବନ୍ଦେ-ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ଦାବି

**ସମ୍ବଲପୁର,୨୯।୧୧(ବ୍ୟୁରୋ):** ସମ୍ବଲପୁର-ଭୁବନେଶ୍ୱର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ଚଳାଇବାକୁ ସମ୍ବଲପୁର ପ୍ରେସ୍ କ୍ଲବ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ସର୍କିଟ ହାଉସରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ ମିଶ୍ରଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ଅନୁସାରେ ଅନେକ ଲୋକ ପାଠ ପଢ଼ିବା, ଚିକିତ୍ସା ସହ ଅନ୍ୟାନ୍ୟ କାମ ପାଇଁ ଭୁବନେଶ୍ୱର ଯିବା ଆସିବା କରୁଛନ୍ତି। ଏଣୁ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ହେଲେ ପଶ୍ଚିମ ଓଡିଶା ଓ ପୂର୍ବ ଓଡିଶା ମଧ୍ୟରେ ଯୋଗଯୋଗ ସୁବିଧା ହେବ । ତେଣୁ ଯଥା ଶୀଘ୍ର ଟ୍ରେନ୍ ଚଳାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ପ୍ରେସ୍ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରମୋଦ ମିଶ୍ରଙ୍କୁ ଭେଟି ଆଲୋଚନା କରିବା ସହ ଅନୁରୋଧ କରିଛନ୍ତି।





ଶୁକ୍ରବାର ସମ୍ବଲପୁରସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ତୃତୀୟ ସମାବର୍ତ୍ତନ ଉତ୍ସବରେ ଡିଗ୍ରୀ ଓ ଡିପ୍ଲୋମା ହାସଲ କରିଥିବା ଛାତ୍ରୀଛାତ୍ର(ବାମ) । କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱର୍ଣ୍ଣପଦକଧାରୀ ଛାତ୍ରୀଛାତ୍ର ।

ଓଏସ୍‌ଓୟୁର ତୃତୀୟ ସମାବର୍ତ୍ତନ ଉତ୍ସବ

# କେବଳ ଡିଗ୍ରୀ କାହାକୁ ଶିକ୍ଷିତ କରାଇ ନ ଥାଏ

**ସମ୍ବଲପୁର,୨୯।୧୧(ବ୍ୟୁରୋ)**

ଛାତ୍ର ଜୀବନରେ ଆମେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଅନୁଷ୍ଠାନ, ସମାଜ ଆଦି ସବୁଠୁ ଅନେକ କିଛି ପାଇଥାଉ। ସେହିପରି ସମୟ ଅନୁସାରେ ଆମକୁ ମଧ୍ୟ ସେମାନଙ୍କ ପ୍ରତି କିଛି କରିବାର ଦାୟିତ୍ୱ ରହିଛି। କେବଳ ଡିଗ୍ରୀ ଶିକ୍ଷିତ କରାଇ ନ ଥାଏ । ଜଣେ ବ୍ୟକ୍ତିର ବ୍ୟବହାରକୁ ନେଇ ତାଙ୍କ ଶିକ୍ଷିତ ହେବାର ଜଣାପଡେ। ନିଜର ମୂଲ୍ୟକୁ ବୁଝିବାକୁ ହେବ। ଖୋଲା ମନରେ ଅନ୍ୟ ପାଇଁ କିଛି କରିବାକୁ ହେବ, ଯାହା ସମସ୍ତଙ୍କ ପାଇଁ ଉଦାହରଣ ହେବ। ଏକଲବ୍ୟ ହିଁ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ଓ ଉଦାହରଣ । ସେ ଶିକ୍ଷାନୁଷ୍ଠାନଠାରୁ ଦୂରରେ ରହି ମଧ୍ୟ ପାରଙ୍ଗମ ହୋଇ ପାରିଥିଲେ। ସମାଜରେ ସମସ୍ତ ବ୍ୟକ୍ତିଙ୍କ ପାଖରେ ମହତଗୁଣ ରହିଛି। ନିଜ ପାଖରେ ଥିବା ଆଲୌକିକ ଗୁଣରେ ଅନ୍ୟକୁ ଆଲୋକିତ କରିବାକୁ ହେବ। ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ବାବା ସାହେବ ଆମ୍ବେଡ଼କର ମୁକ୍ତ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ଏ. ଏମ୍. ୟୁ. ଉପାଧ୍ୟାୟ ଛାତ୍ରୀଛାତ୍ରଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି।

ଏହି ସମାବର୍ତ୍ତନ ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲ ଅଧ୍ୟକ୍ଷତା କରି କହିଥିଲେ ଯେ, ମୁକ୍ତ ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ବର୍ଗର ଲୋକେ ଅଧ୍ୟୟନ କରି ପାରୁଛନ୍ତି। ପାଠ ପଢି ନିଜର ସ୍ୱପ୍ନ ପୂରା କରୁଛନ୍ତି। ଏହା ମୁକ୍ତ ବିଶ୍ୱ ବିଦ୍ୟାଳୟର ମୂଳ ଲକ୍ଷ୍ୟ। ଶିକ୍ଷକମାନେ କେବଳ ଉପଦେଶ ଦେଇ ପାରିବେ, ହେଲେ ନିଜକୁ ନିଜର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ହେବ। ନିଜ ଉନ୍ନତିରେ ଅନ୍ୟକୁ ପ୍ରେରଣା ମିଳିଥାଏ ବୋଲି ସେ କହିଥିଲେ। କୂଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ବିଶ୍ୱ ବିଦ୍ୟାଳୟର ସଫଳତା, ଆବଶ୍ୟକ, ସମସ୍ୟା ଉପରେ ବ୍ୟକ୍ତବ୍ୟ ଦେଇ କହିଥିଲେ ଯେ, ବିଶ୍ୱବିଦ୍ୟାଳୟର ମୂଳ ଲକ୍ଷ୍ୟ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା। ଅନେକ ଲୋକ ପାଠ ପଢିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। ହେଲେ ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ପାଠ ପଢାରେ ବାଧା ସୃଷ୍ଟି ହୋଇଥାଏ। ଏଣୁ ସେମାନଙ୍କୁ ଏଠାରେ ପାଠ ପଢିବାର ସୁବିଧା ଓ ସୁଯୋଗ ଦିଆଯାଇଥାଏ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।



ସମ୍ବଲପୁରସ୍ଥିତ ଓଏସ୍‌ଓୟୁର ତୃତୀୟ ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ମୁଖ୍ୟଅତିଥି ପ୍ରଫେସର ଏଏମୟୁ ଉପାଧ୍ୟାୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି । ନିକଟରେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ଉପସ୍ଥିତ।

### ୫ ନୂଆ ୱାର୍ଡ ମେମ୍ବର

**ରେଢ଼ାଖୋଲ ୨୯।୧୧(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକର ୫ଟି ପଞ୍ଚାୟତରେ ଖାଲିଥିବା ୫ଟି ୱାର୍ଡ ମେମ୍ବର ପଦ ପାଇଁ ଅନୁଷ୍ଠିତ ଉପନିର୍ବାଚନର ଫଳାଫଳ ଘୋଷିତ ହୋଇଛି। ୪ଟି ୱାର୍ଡର ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କେବଳ କଦଳୀଗଡ ପଞ୍ଚାୟତର ୧୬ ନଂ. ୱାର୍ଡର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ୱାର୍ଡ ସଭ୍ୟ ପଦ ପାଇଁ ସଞ୍ଜୀବ ପ୍ରଧାନ ଓ ବୈଷ୍ଣବ ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଞ୍ଜୀବ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ପରିକ୍ଷିତ ସାହୁ କହିଛନ୍ତି। ଏହି ୱାର୍ଡରେ ସମୁଦାୟ ୨୩୮ ଜଣ ଭୋଟର ମତଦାନ କରିଥିଲେ। ତେବେ ବୈଷ୍ଣବ ୯୮ ଖଣ୍ଡ ଭୋଟ ପାଇଥିବା ବେଳେ ସଞ୍ଜୀବ ୧୩୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ୪ଟି ଭୋଟ ନାକଚ ହୋଇଥିଲା। ସେହିପରି ଅଣସଂରକ୍ଷିତ ବଡମାଳ ପଞ୍ଚାୟତର ୭ ନଂ. ୱାର୍ଡରେ ଚନ୍ଦ୍ରେଶ୍ୱର ମଲ୍ଲିକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ପଛୁଆବର୍ଗଙ୍କ ପାଇଁ ଥିବା ଭାଲିଆକଟା ପଞ୍ଚାୟତର ୯ ନଂ. ୱାର୍ଡରେ ସନ୍ତୋଷ କୁମାର ପ୍ରଧାନ, ଅଣସଂରକ୍ଷିତ ଥିବା ଚାରମାଳ ପଞ୍ଚାୟତର ୫ ୱାର୍ଡରେ ଶାସ୍ତ୍ରୀ ପ୍ରଧାନ ଓ ଅଣସଂରକ୍ଷିତ ଥିବା ମୋଚିବାହାଳ ପଞ୍ଚାୟତର ୯ ନଂ. ୱାର୍ଡରେ ଧନଞ୍ଜୟ ଦୀପ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ରେଙ୍ଗାଲି, ୨୯।୧୧ (ଡି.ଏନ.ଏ)**

ଠେଲକଲୋଇ ଥାନା ବୋମାଲୋଇ ପଞ୍ଚାୟତ ଧୋଡଚୁଆଁ ଗ୍ରାମର ଦେବରାଜ କିଷାନ (୨୫)ଙ୍କ ଶୁକ୍ରବାର ଶ୍ୱଶୁର ଘର ଗାଁରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ତାଙ୍କ ଘର ବରାମୁଣ୍ଡା ଗ୍ରାମରେ। ବିଦ୍ୟୁତ ତାର ଝୁଲୁଥିବାରୁ ତାହାକୁ ସେ ଠିକ୍ କରିବାକୁ ଖୁଣ୍ଟକୁ ଚଢ଼ିଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ

## ପି.କେ. ମିଶ୍ରଙ୍କୁ ଭେଟିଲେ ଆନ୍ଦୋଳନକାରୀ ଓକିଲ

**ସମ୍ବଲପୁର,୨୯।୧୧(ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀବେଞ୍ଚ ଦାବି ନେଇ ଶୁକ୍ରବାର ଆନ୍ଦୋଳନର ଦ୍ୱିତୀୟ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ଓ କାର୍ଯ୍ୟାଳୟ ବନ୍ଦ ରହିଥିଲା । ବ୍ୟାଙ୍କ ଗୁଡିକ ମଧ୍ୟ ବନ୍ଦ ରହିଥିଲା । ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ରଙ୍କୁ ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ। ପୂର୍ବରୁ ଅନେକ ଥର କେନ୍ଦ୍ର ମନ୍ତ୍ରୀ ଓଡିଶା ହାଇକୋର୍ଟକୁ ମତ ରଖିବା ପାଇଁ ଚିଠି କରିଥିଲେ । ହାଇକୋର୍ଟ ପକ୍ଷରୁ ୩ ମାସ ସମୟ ମଗାଯାଇଥିଲା । ହେଲେ ଏବେ ହାଇକୋର୍ଟ ମତ ରଖୁନାହାନ୍ତି । ହାଇକୋର୍ଟ ବେଞ୍ଚ ପାଇଁ ହାଇକୋର୍ଟର ମତ ନିହାତି ଜରୁରୀ। ତେଣୁ କେନ୍ଦ୍ର ଆଇନ ବିଭାଗ ପକ୍ଷରୁ ପୁଣି ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ। ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପନ ହେଲେ ଲୋକେ ନ୍ୟାୟିକ ସେବା ସୁବିଧାରେ ପାଇ ପରିବେ। ତେଣୁ ଏହା ଜରୁରୀ ବୋଲି ଓକିଲଙ୍କ ଏହି ପ୍ରତିନିଧି ଦଳ ପି.କେ. ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହା ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କରାଯାଉ ବୋଲି ମଧ୍ୟ ଦାବି କରିଥିଲେ । ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ, ଚନ୍ଦ୍ର ଶେଖର ମିଶ୍ର, ସୁରେଶ୍ୱର ମିଶ୍ର ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

### ବାମରା ଟିଏଫ କଲେଜରେ ଆଲୋଚନାଚକ୍ର

**ବାମରା, ୨୯।୧୧ (ଡି.ଏନ.ଏ.)**

ବାମରା ଟ୍ରଷ୍ଟଫଣ୍ଡ କଲେଜ ଶିକ୍ଷା ବିଭାଗ (ସମ୍ମାନ) ଆନୁକୂଲ୍ୟରେ 'ଶିକ୍ଷାରେ ଗଣମାଧ୍ୟମର ଭୂମିକା' ଉପରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ବିନୋଦବିହାରୀ ନାୟକ, ବିଭାଗୀୟ ମୁଖ୍ୟ ବରଞ୍ଜ କୁମାର ପଟେଲ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସନ୍ତୋଷ କୁମାର ନାୟକ, ଇତିହାସ ବିଭାଗ ମୁଖ୍ୟ ଗଜାଧର ଭଇଁଷା ଓ ବାଣିଜ୍ୟ ବିଭାଗ ମୁଖ୍ୟ ଦୀପକ କୁମାର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ପ୍ରୀତିକାନା ପୂଝାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଅଧ୍ୟାପକ ପଦ୍ମନାଭ ପାଣ୍ଡେ ଧନ୍ୟବାଦ ଜ୍ଞାପନ କରିଥିଲେ।

ଶିକ୍ଷକ ନିଯୁକ୍ତି ଦାବି

## ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ

**ରେଢ଼ାଖୋଲ,୨୯।୧୧ (ଡି.ଏନ.ଏ.)**

ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷାକୁ ରାଜ୍ୟ ସରକାର ସରଳ ଆଉ ସୁଗମ କରୁଛନ୍ତି। ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେଉଛି। ଛାତ୍ରୀଛାତ୍ରଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଖାଦ୍ୟ, ପୋଷାକ, ସାଇକେଲ ଆଦି ଦିଆ ଯାଉଛି। ସ୍କୁଲରେ ପିଲାମାନଙ୍କ ଉପସ୍ଥାନ ବଢାଇବା ଏହା ପଛର ମୂଳ ଲକ୍ଷ୍ୟ ରହିଛି। ହେଲେ ଏତେ ସବୁ ସତ୍ତ୍ୱେ ମଧ୍ୟ ଶିକ୍ଷକ ସମସ୍ୟା ଦୂର ହେଉନି। ଅନେକ ସ୍କୁଲରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏଣୁ ଯୋଜନା ପ୍ରତି ପ୍ରଶ୍ନ ଉଠୁଛି। ଶିକ୍ଷକ ସମସ୍ୟାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକୁଛି।

ରେଢ଼ାଖୋଲ ବ୍ଲକ ଗରଗଡବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ସ୍କୁଲର ଛାତ୍ରୀଛାତ୍ର ଓ ଅବିଭାବକ ସ୍କୁଲରେ ତାଲା ପକାଇ ଦେଇଥିଲେ। ଦିନ ୧୦ ଟାରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଦିନ ୨ଟା ବେଳେ ବ୍ଲକ ଶିକ୍ଷାଧିକାରୀ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ପ୍ରତ୍ୟାହୃତ କରିଥିଲେ।



ଗରଗଡବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଛନ୍ତି।

**ଗରଗଡବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ତତ୍‌କ୍ଷଣାତ୍ ସମସ୍ୟାର ସମାଧାନ କଲେ ବିଇଓ
- ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ

ସୂଚନାଯୋଗ୍ୟ ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ +ଥିବା ଏହି ସ୍କୁଲରେ ସମୁଦାୟ ୧୬୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ଏହି ସ୍କୁଲରେ ଖେଳ ଶିକ୍ଷକଙ୍କୁ ମିଶାଇ କେବଳ ୫ ଜଣ ଶିକ୍ଷକ ଅଛନ୍ତି। ଏଥିରୁ ବିଭିନ୍ନ ଦିନରେ ଜଣେ କିମ୍ବା ୨ ଜଣ ଶିକ୍ଷକ ଛୁଟିରେ ରହିଲେ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେବେ ଶୁକ୍ରବାର କୌଣସି କାରଣରୁ ୨ ଜଣ ଶିକ୍ଷକ ସ୍କୁଲ ଆସିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ବ୍ଲକ ଶିକ୍ଷାଧିକାରୀ ଏକ ଜରୁରୀ ବୈଠକରେ ସମ୍ବଲପୁରରେ ଥିଲେ ହେଁ ଖବର ପାଇ ତୁରନ୍ତ ଜଣେ ଶିକ୍ଷକଙ୍କୁ ଏହି ସ୍କୁଲରେ ନିଯୁକ୍ତି ଦିଆଯାଇଥିବା ନେଇ ମୋବାଇଲ ଫୋନ୍‌ରେ ଅଭିଭାବକମାନଙ୍କ ସହିତ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଫଟୋରେ ଖବର







ଶୁକ୍ରବାର ସମ୍ବଲପୁର ଜିଲା ବୁର୍ଲାସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ଜ୍ୟୋତି ବିହାରର ୩୦ତମ ସମାବର୍ତ୍ତନ ଉତ୍ସବ ଅବସରରେ ପିଏଚ୍‌ଡି, ସ୍ୱର୍ଣ୍ଣ ପଦକ ପାଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ (ବାମ ଓ ମଝି)। ସମ୍ବଲପୁର ପିଏଚ୍‌ଡି ପଡିଆରେ ଜାତୀୟ ପଲ୍ଲିଶ୍ରୀ ମେଳା ମଞ୍ଚରେ ଶୁକ୍ରବାର କହର ଅନୁଷ୍ଠାନ କଳାକାରମାନେ ଡାଲଖାଇ ନୃତ୍ୟ ପରିବେଷଣ କରୁଛନ୍ତି ।



“ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଏଚ୍ ଲାଇନ କ୍ୱାର୍ଟର୍ସରୁ ଚୋରି

ବ୍ରଜରାଜନଗର, ୨୯।୧୧ (ଡି.ଏନ.ଏ.)- ବ୍ରଜରାଜନଗର ଥାନା ଅନ୍ତର୍ଗତ ଏଚ୍ ଲାଇନ କ୍ୱାର୍ଟର୍ସ ୧୯୨, ୧୯୩ରୁ ଲକ୍ଷାଧିକ ଟଙ୍କାରେ ସାମଗ୍ରୀ ଚୋରି ହୋଇଥିବା ନେଇ ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ଉକ୍ତ କ୍ୱାର୍ଟର୍ସ ଦ୍ୱୟରେ ଓପିଏମ୍ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ଗୁରୁ ରହୁଥିଲେ। ଚଳିତ ସପ୍ତାହ ୨୭ ତାରିଖରେ ସେ ପରିବାର ସହ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ରାଉରକେଲା ଯାଇଥିଲେ। ଉକ୍ତ ଦିନ ରାତ୍ରି ୨ଟାରେ ସେମାନେ ଫେରିଲା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ସେ ସମୟରେ ଚୋରମାନେ ଘରେ ପଶିଥିବାବେଳେ ପରିବାର ଲୋକଙ୍କ ପାଟି ଶୁଣି ପାଚେରି ଡେଇଁ ଚାଲି ଯାଇଥିଲେ। ତୁରନ୍ତ ପରିବାର ଲୋକ ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଆସନ୍ତା ୫ ତାରିଖରେ ତାଙ୍କ ଜଣେ ସମ୍ପର୍କୀୟଙ୍କ ବାହାଘର ଥିବାରୁ ପୂର୍ବରୁ କିଣା ହୋଇ ରଖାଯାଇଥିବା ଶାଢ଼ି, ସୁନାମୁଦି, ସୁନାଚୁଡ଼ି, ଏକ କେଜି ରୁପା ଓ ନଗଦ ୩ହଜାର ଟଙ୍କାକୁ ମିଶାଇ ଅନୁମାନିକ ଏକ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ପୋଲିସ ସନ୍ଦେହରେ ଉକ୍ତ ଏରିଆର ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

■ ଚାଷୀଙ୍କ ଅଭିଯୋଗ, ଯୋଜନାର ସଫଳ ରୂପାୟନ ନେଇ ଅଧିକାରୀଙ୍କ ଅନିଚ୍ଛା

# ଅଚଳ ହେବାକୁ ବସିଲାଣି ପିତାମହଲ ଜଳସେଚନ ପ୍ରକଳ୍ପ

ରାଉରକେଲା ଅଫିସ/ ବେଦବ୍ୟାସ, (ଡି.ଏନ.ଏ.)–୨୯। ୧୧

୧୦ ହଜାର ଚାଷୀଙ୍କ ଚାହିଦା ପୂରଣ କରିବାକୁ ଲକ୍ଷ୍ୟ ରଖା ଯାଇଥିବା ପିତାମହଲ ଜଳସେଚନ ପ୍ରକଳ୍ପ ଏବେ ଅଲୋଡ଼ା ହେବାକୁ ବସିଲାଣି। ଚାଷ ପାଇଁ ଉଦ୍ଦିଷ୍ଟ ଏହି ନାଳ ଉପରେ ବେଆଇନ କଲଭର୍ଟ ନିର୍ମାଣ, ଆବର୍ଜନା କୁଢ଼ ଏହାକୁ ଅକାମି କରିବାକୁ ବସିଲାଣି। ଏଥିଯୋଗୁ କେତେକ ଅଞ୍ଚଳର ଚାଷୀ ଆଦୌ ପାଣି ପାଉ ନାହାଁନ୍ତି। ନିର୍ଦ୍ଦିଷ୍ଟ କିଛି ପଞ୍ଚାୟତବାସୀ ଏଥିରୁ ଉପକୃତ ହେଉଥିବା ବେଳେ ଅନ୍ୟମାନଙ୍କ ଜମି ଶୁଖିଲା ପଡୁଛି। ଏନେଇ ଗତ ୩ ମାସ ପୂର୍ବେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ଫଳ ଶୂନ। ଚାଷୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଏନେଇ ମନରେ କ୍ରୋଧ ବଢ଼ିବାରେ ଲାଗିଛି। ଋତୁକାଳୀନ ଫସଲ ଆମଦାନି କରିପାରୁ ନ ଥିବା ଅଞ୍ଚଳ ଚାଷୀ କହିଛନ୍ତି। ଏ ନେଇ ସ୍ଥାନୀୟ ଉପଖଣ୍ଡ କୃଷି ଅଧିକାରୀ ଅଣଦେଖା ମନୋଭାବ ପୋଷଣ କରୁଥିବା କୁହାଯାଇଛି। ଯୋଜନାର ସଫଳ ରୂପାୟନ ନେଇ ସମ୍ପୃକ୍ତ ଅଧିକାରୀଙ୍କ ଅନିଚ୍ଛାଭାବ ଚାଷୀଙ୍କୁ ନିରାଶ କରିଛି। ଏନେଇ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପି.କେ ପ୍ରଧାନଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଜବର ଦଖଲ ଉଠାଯିବା ନେଇ ଆମେ ପଦକ୍ଷେପ ନେଉଛୁ।ଏହା ପରେ ଲାଠିକଟା ବିଡିଓ ତାପସ ସେଠୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ଏହା ଜଳ ସେଚନ ବିଭାଗର କାମ। ସେମାନେ ଠିକ ଭାବେ ଏହାର ଉତ୍ତର ଦେଇ ପାରିବେ।

### ଚାଷୀ ଯାହା କୁହନ୍ତି...



“ଏହି ଜଳସେଚନ ପ୍ରକଳ୍ପ ଉପରେ ୧୦ ହଜାର ଚାଷୀ ନିର୍ଭର କରନ୍ତି। ଏହା ସତ୍ତ୍ୱେ ଏହି ପ୍ରକଳ୍ପ ରକ୍ଷଣାବେକ୍ଷଣ ନେଇ କେହି ଚିନ୍ତିତ ନୁହଁନ୍ତି। ଏହାକୁ ନେଇ ଦିନେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ।

**ଦଶୁ କିଷାନ, କୃଷକ ନେତା**



“ଏ ଅଞ୍ଚଳ ଚାଷୀଙ୍କୁ ଭଗବାନ ଭରଷା। ବାରମ୍ବାର ଅଭିଯୋଗ, ଦାବି ସତ୍ତ୍ୱେ କେହି ଚେତୁ ନାହାଁନ୍ତି। ଚାଷବାସ ଉଜୁଡ଼ିବାକୁ ବସିଲାଣି। ପ୍ରଶାସନ ଧ୍ୟାନ ଦେଇ ପାଣି ସୁବିଧା କରନ୍ତୁ।

**ଜିତବାନ କିଣ୍ଡୋ, ଗୋପପାଲ୍ଲୀ ଚକ କମିଟି ସଭ୍ୟ**



“ନାଳ ଉପରୁ ଜବରଦଖଲ ହଟାଯାଉ। କଲଭର୍ଟ ଭଙ୍ଗା ଯାଉ। କେନାଲ ରୋଡ ଦେଇ ଭାରିଯାନ ଚଳାଚଳ ନିଷିଦ୍ଧ କରାଯାଉ। ସବୁ ଅଞ୍ଚଳ ଲୋକେ କିପରି ପାଣି ପାଇବେ, ସୁବିଧା କରାଯାଉ।

**ଶୁକଲାଲ କିଷାନ, ପୂର୍ବତନ ସଭାପତି, କିଲିଙ୍ଗା କୃଷକ ସଂଘ।**



“ଦେଖାରେଖା ଅଭାବରୁ ନାଳ ଏବେ ପୋତି ହେବାକୁ ବସିଲାଣି। କୁଢ଼ କୁଢ଼ ଆବର୍ଜନା ଉଠାଯାଉନି। ଫଳରେ ପାଣି ଯାତାୟତ ନେଇ ସମସ୍ୟା ସୃଷ୍ଟି ହୋଇଛି। ଏ ଦିଗରେ ଧ୍ୟାନ ଦିଆଯାଉ।

**ଦଶରଥ କିଷାନ, ଚାଷୀ କାଲୋକୁଦର**



“କାହିଁକି ବିଭାଗୀୟ ଅଧିକାରୀ ଆମ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ତାହା ଆଜି ପର୍ଯ୍ୟନ୍ତ ଅବୁଝା ହୋଇ ରହିଛି। ଆଗକୁ ଅସନ୍ତୋଷ ବଢ଼ିବା ପୂର୍ବରୁ ପଦକ୍ଷେପ ନିଆଯାଉ। ନଚେତ ଲୋକେ ଆନ୍ଦୋଳନ କରିବେ। ପରିଣାମ ପାଇଁ ପ୍ରଶାସନ ଦାୟୀ ରହିବେ।

**ଶିବ କିଷାନ, କିଷାନ କୁହ୍ମା ସମିତି, ଆଞ୍ଚଳିକ ସଭାପତି**



ରାଜସ୍ୱ ବିଭାଗ ତରଫରୁ ଜମି ମାପଚୁପ ଚାଲିଛି।

# ସ୍କୁଲ ଖେଳପଡ଼ିଆରୁ ଜବରଦଖଲ ହଟିଲା

ଲଖନପୁର,୨୯।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଚିକିଲାପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଖେଳପଡ଼ିଆକୁ ଗ୍ରାମର କେତେଜଣ ବ୍ୟକ୍ତି ଦୀର୍ଘଦିନରୁ ଜବରଦଖଲ କରି ରଖିଥିଲେ। ଫଳରେ ଖେଳପଡ଼ିଆ ଅଭାବରୁ ଛାତ୍ରୀଛାତ୍ର ଖେଳକୁଦରୁ ବଞ୍ଚିତ ହେଉଥିଲେ। ଏ ନେଇ ଗ୍ରାମର ଓମ୍ କ୍ଲବ୍ ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ସରୋଜ ସାମଲ ଲଖନପୁର ତହସିଲଦାରଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ, ଭିକମପାଲି ଆର୍‌ଆଇ ବିଶ୍ୱନାଥ ପ୍ରଧାନ ପ୍ରମୁଖ ରାଜସ୍ୱ ଅଧିକାରୀ ଗୁରୁବାର ସ୍କୁଲରେ ପହଞ୍ଚି ପୋଲିସ ଉପସ୍ଥିତିରେ ଖେଳପଡ଼ିଆ ଜମି ମାପଚୁପ କରିଥିଲେ। ଏହି ସମୟରେ ଓମ୍ କ୍ଲବ୍‌ର ସଦସ୍ୟ ଅନୀଲ ପଟେଲ, ପ୍ରମୋଦ ପଟେଲ, ଈଶ୍ୱର ଚନ୍ଦ୍ର ପଟେଲ, ମହେଶ ଭୋଇ, ଆଶିଷ କୁମାର ନାଥ, ମାନସ ଖଡ଼ିଆ, ନିତ୍ୟାନନ୍ଦ ଗଣ୍ଡା, ଦୀନେଶ ଗଣ୍ଡା, ସୁବ୍ରତ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ମାପଚୁପ ପରେ ସ୍କୁଲ ସମ୍ମୁଖରେ ରହିଥିବା ଖେଳପଡ଼ିଆର ଜମି ସରକାରୀ ଖାତାରେ ରହିଛି। ଏହା ସ୍ପଷ୍ଟ ହେବାପରେ ଗ୍ରାମର ଯେଉଁ ବ୍ୟକ୍ତିମାନେ ଜବରଦଖଲ କରିଥିଲେ ସେମାନଙ୍କୁ ତହସିଲଦାର ଜମି ଛାଡିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସମ୍ମାନ ଜଣାଇ ଜବରଦଖଲକାରୀମାନେ ମଧ୍ୟ ସ୍କୁଲ ଖେଳପଡ଼ିଆ ଉଦ୍ଦେଶ୍ୟରେ ଜମି ସବୁ ଛାଡିଦେଇଛନ୍ତି। ଓମ୍ କ୍ଲବ୍‌ର ଏଭଳି ସାମୂହିକ ପଦକ୍ଷେପ ଓ ଜିଲା ପ୍ରଶାସନର ହସ୍ତକ୍ଷେପକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ଆନ୍ଧ୍ର ବ୍ୟାଙ୍କର ପ୍ରତିଷ୍ଠା ଦିବସ

ସମ୍ବଲପୁର, ୨୯।୧୧ (ବ୍ୟୁରୋ)

ଆନ୍ଧ୍ର ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୯୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ଶଙ୍କର ହେମ୍ବ୍ରମ୍ ଯୋଗଦେଇ ବ୍ୟାଙ୍କ ପ୍ରତିଷ୍ଠାତା ଭୋଗରାଜୁ ପଟ୍ଟାଭି ସିତାରାମାୟାଙ୍କୁ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ହେମ୍ବ୍ରମ୍ ବ୍ୟାଙ୍କର ଦୀର୍ଘ ୯୬ ବର୍ଷର ଲୋକ ସେବା ଯାତ୍ରାକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଏଥିରେ ୟୁନିୟନ ବ୍ୟାଙ୍କ ଓ କର୍ପୋରେଶନ ବ୍ୟାଙ୍କର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ରାମଚନ୍ଦ୍ର ବେହେରା ଦଳେଇ ଓ ବରିଷ୍ଠ ପ୍ରବନ୍ଧକ ପ୍ରିୟମ୍ବଦା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ଆନ୍ଧ୍ର ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୯୭ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି ।

# ଜନ୍ମଦିନରେ ଆତ୍ମହତ୍ୟା କଲେ ସପ୍ତମ ଶ୍ରେଣୀ ଛାତ୍ରୀ

ରାଉରକେଲା ଅଫିସ, ୨୯।୧୧

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ସେକ୍ଟର ସି ଅଞ୍ଚଳରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ବେକରେ ଓଢ଼ଣୀ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ସଞ୍ଚିତା ଠାକୁର। ଗୁରୁବାର ତାଙ୍କ ଜନ୍ମଦିନ ଥିଲା। ଏହି ଛାତ୍ରୀ ଜଣଙ୍କ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ। ସ୍କୁଲ ଡ୍ରେସ ପିନ୍ଧିଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ତେବେ ସେ କାହିଁକି ଆତ୍ମହତ୍ୟା କଲେ ସେନେଇ ଠିକ କିଛି କୁହାଯାଇନି। ପୋଲିସ ଘଟଣାର ତଦନ୍ତ କରୁଛି।




ଦେବଗଡ଼ରେ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦଯାପନୀ କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ

ଦେବଗଡ,୨୯।୧୧(ଡ଼ି.ଏନ.ଏ.)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଇନ୍‌ଡୋର ଷ୍ଟାଡ଼ିୟମ ପରିସରରେ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଂଟ ପୁନମ୍‌କାନ୍ତ ଏକ୍କା ଯୋଗ ଦେଇଥିଲେ। ଜିଲାରେ ଥିବା ଯୁବ ପ୍ରତିଭାମାନଙ୍କ ଲୁକାୟିତ କଳାକୁ ଲୋକଲୋଚନକୁ ଆଣିବାରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅତୁଲ୍ୟ କୁମାର ପୂଜାରୀ, ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ଜିଲା କ୍ରୀଡ଼ା ସଂସଦର ସଂପାଦକ ଧୀରେନ୍ଦ୍ର କୁମାର ନାୟକ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦୁଇଦିନ ଧରି ଆୟୋଜିତ ଉତ୍ସବରେ ଜିଲାର ୧୩ରୁ ୩୫ ବର୍ଷ ବୟସ ମଧ୍ୟରେ ଥିବା କଳାକାରମାନେ ଯୋଗ ଦେଇଥିଲେ। ଏମାନେ ଓଡ଼ିଶୀ ନୃତ୍ୟ, ଲୋକ ନୃତ୍ୟ, ଲୋକ ଗୀତ, ଶାସ୍ତ୍ରୀୟ ସଂଗୀତ, ତବଲା, ହାରମୋନିୟମ, ବକ୍ତୃତା, ଏକାଙ୍କିକା ଆଦି ପ୍ରତିଯୋଗିତାରେ ଭାଗନେଇ ନିଜର କଳାକୃତି ପ୍ରଦର୍ଶନ କରିଥିଲେ। ମାର୍କଣ୍ଡେଶ୍ୱର ଶତପଥୀ, ହେମନ୍ତ କୁମାର ମହାପାତ୍ର, ଅତୁଲ୍ୟ ପୂଜାରୀ, ମନୋଜ କୁମାର ପାଢ଼ୀ, ନିରଞ୍ଜନ ଦ୍ୱିବେଦୀ, ପ୍ରଗତିଲକ୍ଷ୍ମୀ ଦାସ କପରଦାର, ଶୁଭଲକ୍ଷ୍ମୀ ଦାଶ, ସୁମିତ୍ର ପୁରୋହିତ, ନରେଶ ବେହେରା ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ। ଯୁବ କଳାକାର ଅବନୀ କୁମାର ମିଶ୍ର, ଉପେନ୍ଦ୍ର ଭଞ୍ଜ ଦୁଇ ଦିନ ଧରି ସଂସ୍କୃତିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଲୋକନୃତ୍ୟ ପ୍ରତିଯୋଗିତାରେ ସୁରସାଗର ପ୍ରଥମ, କାଳିଆପାଳ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ତିଳେଇବଣି ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ। ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଘନଶ୍ୟାମ ବେହେରା ପ୍ରଥମ, ସରିତା କର୍ମୀ ଦ୍ୱିତୀୟ ଓ ମୁକେଶ କାରିଗର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ରଚନା ସିଂ ପ୍ରଥମ, ଶତାବ୍ଦୀ ନନ୍ଦ ଦ୍ୱିତୀୟ ଓ ଖୁସି ଶଙ୍କର ତୃତୀୟ ସ୍ଥାନ ପାଇଛନ୍ତି। ହାନ୍ଦୁସ୍ଥାନୀ କଣ୍ଠ ସଂଗୀତରେ ଗୁମାନ ସିଂ ପ୍ରଥମ, ରତିକାନ୍ତ ପ୍ରଧାନ ଦ୍ୱିତୀୟ ଓ ପଲ୍ଲବ ପ୍ରଗତିକୋ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ହାରମୋନିୟମରେ ଗୁମାନ ସିଂ ପ୍ରଥମ ଏବଂ ରତିକାନ୍ତ ପ୍ରଧାନ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ତବଲା ବାଦନରେ ରୂପେସ ବେହେରା ପ୍ରଥମ, ଢୋଲକ ବାଦନରେ ମୃଣାଳ ଶର୍ମା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏକାଙ୍କିକା ପ୍ରତିଯୋଗିତାରେ ଦେବଗଡ଼ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ଜିଲାସ୍ତରୀୟ ଏକକ ନୃତ୍ୟ ପ୍ରତିଯୋଗିତାରେ ସରିତ କର୍ମୀ ପ୍ରଥମ, ଦେବାଶିଷ୍ ଦାସ ଦ୍ୱିତୀୟ ଏବଂ ଉର୍ମିଳା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରମାନେ ଭଦ୍ରକଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶ ଗ୍ରହଣ କରିବାପାଇଁ ମନୋନୀତ ହୋଇଛନ୍ତି।

■ ୨୦୧୯-୨୦ ଖରିଫ ଧାନ ସଂଗ୍ରହ

# ୧୪,୭୨୫ ଚାଷୀ ବିକିଲେଣି ୯,୮୨,୭୯୦ କୁଇଣ୍ଟାଲ ଧାନ

ଭୁବନେଶ୍ୱର୨୯।୧୧(ବ୍ୟୁରୋ): ୨୦୧୯-୨୦ ବର୍ଷ ଲାଗି ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି। ଚଳିତ ମାସରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଦ୍ୱାରା ଏଯାବତ୍ ୯,୮୨,୭୯୦ କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି । ଏହି କାର୍ଯ୍ୟକୁ ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥାରେ ପଞ୍ଜୀକୃତ ଚାଷୀମାନଙ୍କଠାରୁ ପ୍ରାଥମିକ କୃଷି ସମବାୟ ସମିତିମାନେ ପି-ପାସ୍ ଜରିଆରେ ସିଧାସଳଖ ଧାନ ସଂଗ୍ରହ କରୁଛନ୍ତି । ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ୭୦୪ ଧାନ ସଂଗ୍ରହ କେନ୍ଦ୍ରରେ ୭୯,୩୨୪ ଜଣ ଚାଷୀଙ୍କଠାରୁ ୫୬,୦୮,୪୭୨ କୁଇଣ୍ଟାଲ ଧାନ କିଣିବା ପାଇଁ ଆଗୁଆ ୧,୦୧,୭୨୬ ଟୋକନ ଦିଆଯାଇଛି। ଏଥି ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୪,୭୨୫ ଜଣ ଚାଷୀଙ୍କଠାରୁ ୯,୮୨,୭୯୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ବରଗଡ଼ ଜିଲାରେ ୧୬୮ କେନ୍ଦ୍ରରେ ୫୦,୬୩୪ ଜଣ ଚାଷୀଙ୍କୁ ୫୯,୪୯୬ ଆଗୁଆ ଟୋକନ ଦିଆଯାଇଛି। ବଲାଙ୍ଗୀର ଜିଲାରେ ୧୫୩ ଧାନ ସଂଗ୍ରହ କେନ୍ଦ୍ରରେ ୫୦୩୬ ଜଣ ଚାଷୀଙ୍କୁ ୬୨୦୦ ଟୋକନ, କଳାହାଣ୍ଡି ଜିଲାରେ ୧୪୯ଟି କେନ୍ଦ୍ରରେ ୪୬୦୫ ଚାଷୀଙ୍କୁ ୭୬୬୧ ଟୋକନ, ମାଲକାନଗିରି ଜିଲାରେ ୫୯ କେନ୍ଦ୍ରରେ ୫୦୬୦ ଚାଷୀଙ୍କୁ ୯୨୯୮ ଟୋକନ, ନୂଆପଡ଼ାର ୬୩ କେନ୍ଦ୍ରରେ ୨୮୮୭ ଚାଷୀଙ୍କୁ ୩୫୮୧ ଟୋକନ ଦିଆଯାଇସାରିଛି। ସମ୍ବଲପୁରରେ ୪୨ କେନ୍ଦ୍ରରେ ୮୨୧୦ ଚାଷୀଙ୍କୁ ୧୧,୯୧୩ ଟୋକନ ଓ ସୁବର୍ଣ୍ଣପୁରର ୪୦ କେନ୍ଦ୍ରରେ ୨୬୫୨ ଚାଷୀଙ୍କୁ ୩୨୩୮ ଆଗୁଆ ଟୋକନ ଦିଆଯାଇଛି। ଟୋକନ ଜରିଆରେ ବରଗଡ଼ରୁ ଏଯାବତ୍ ୭୬୧୭ ଚାଷୀ ୫,୪୪,୭୯୬ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେହିପରି ବଲାଙ୍ଗୀରରେ ୯୭୯ ଚାଷୀ ୬୪,୮୪୭ କୁଇଣ୍ଟାଲ, କଳାହାଣ୍ଡିରେ ୧୫୩୦ ଚାଷୀ ୯୦,୬୩୨ କୁଇଣ୍ଟାଲ ଧାନ, ନୂଆପଡ଼ାରେ ୭୪୨ ଚାଷୀ ୨୫,୦୩୨ କୁଇଣ୍ଟାଲ୍, ସମ୍ବଲପୁରରେ ୧୫୫୮ ଚାଷୀ ୧,୪୧,୭୬୮ କୁଇଣ୍ଟାଲ୍, ମାଲକାନଗିରିରେ ୧୫୧୯ ଚାଷୀ ୫୦,୭୫୮ କୁଇଣ୍ଟାଲ, ସୁବର୍ଣ୍ଣପୁରରେ ୭୫୮ ଚାଷୀ ୬୨,୫୫୩ କୁଇଣ୍ଟାଲ ଧାନ ବିକ୍ରିକରିଛନ୍ତି। ଏଯାବତ୍ ୧୪,୭୨୫ ଚାଷୀ ମୋଟ ୯,୮୨,୭୯୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଧାନ ବିକ୍ରି ମୂଲ୍ୟ ପ୍ରତ୍ୟକ୍ଷ ହସ୍ତାନ୍ତର ବ୍ୟବସ୍ଥାରେ ଶୁକ୍ରବାର ସୁଦ୍ଧା ୧୦,୮୪୮ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ୧୨୨ କୋଟି ୩୦ ଲକ୍ଷ ୧୧ ହଜାର ୨୨୬ ଟଙ୍କା ପ୍ରେରଣ କରାଯାଇଛି।

# ଗାୟତ୍ରୀ କଲେଜ ଅଫ୍ ଫାର୍ମାସୀରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର, ୨୯।୧୧ (ବ୍ୟୁରୋ)]

ଗାୟତ୍ରୀ କଲେଜ ଅଫ୍ ଫିଜିଓଥେରାପି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଜମାଦାରପାଲି ଗାୟତ୍ରୀ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମୁହ ଗାୟତ୍ରୀ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ ଶିବିରର ଶୁଭାରମ୍ଭ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଶିବନାରାୟଣ ଶତପଥୀ, ଫାର୍ମାସୀ କଲେଜ ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟନାରାୟଣ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଅତିଶ କୁମାର ଶତପଥୀ, ରୋଟାରୀ କ୍ଲବ ସମ୍ପାଦକ ଚିନ୍ମୟ ଶତପଥୀ, ରାଜକିଶୋର ଦାଶ, ରଞ୍ଜିତ ସିଂ, ବେଣୁଧର ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ । ସୁଶାନ୍ତ ମହାପାତ୍ର, ସୁଜିତ ପାଣିଗ୍ରାହୀ, ତାରିଣୀ ପ୍ରସାଦ ପାଣିଗ୍ରାହୀ, ରଶ୍ମିରଞ୍ଜନ ମହାପାତ୍ର, ତୁଷାରକାନ୍ତି ପ୍ରଧାନ, ସୌମ୍ୟଜିତ ପଣ୍ଡା, ଦାମୋଦର କର, ରଞ୍ଜିତ ହୁରା, ସନ୍ତୋଷ କୁମାର ମହାପାତ୍ର, ରବିନ୍ଦ୍ର ଦାଶ ଏବଂ ରୋଟାରୀ କ୍ଲବ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗାୟତ୍ରୀ କଲେଜ ଅଫ୍ ଫିଜିଓଥେରାପିର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।



ଶୁକ୍ରବାର ସମ୍ବଲପୁର ଗାୟତ୍ରୀ କଲେଜ ଅଫ୍ ଫିଜିଓଥେରାପି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିରରେ ଆୟୋଜକ, କର୍ମକର୍ତ୍ତା ଓ ଅତିଥିମାନେ ।

କଟକ-ସମ୍ବଲପୁର ରାସ୍ତାର ସାପୁଆ ନଦୀ ପୋଲ ନିକଟରେ ଦୁର୍ଘଟଣା

# ଓଲଟିଲା ଯାତ୍ରାପାର୍ଟି ଟ୍ରକ୍: ୧୩ ଗୁରୁତର

ଆଠଗଡ଼,୨୯।୧୧(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ସହର ଉପକଣ୍ଠ କନ୍ତୋଲ ଗ୍ରାମ ନିକଟସ୍ଥ ପୁରୁଣା କଟକ-ସମ୍ବଲପୁର ରାସ୍ତାର ସାପୁଆ ନଦୀ ପୋଲ ନିକଟରେ ଶୁକ୍ରବାର ସାବିତ୍ରୀ ଗଣନାଟ୍ୟ ନାମକ ଏକ ଯାତ୍ରା ପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅପରାହ୍ନ ପ୍ରାୟ ୩ଟାରେ ଟ୍ରକ୍‌ଟି ଏକ ବାଇକ୍‌କୁ ଧକ୍କାଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ବାଇକ୍ ଚାଳକ କନ୍ତୋଲ ଗ୍ରାମର ମନୋରଞ୍ଜନ ବେହେରା(୨୨) ଓ ବାଇକ୍ ପଛରେ ବସିଥିବା ବଳରାମ ସାହୁ (୨୦)ଙ୍କ ସମେତ ଯାତ୍ରା ପାର୍ଟି ଟ୍ରକରେ ଥିବା ୧୧ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତରିକୁନ୍ଦ ଜଗତ୍‌ସିଂହପୁରର ବାବୁଲି ଭୋଇ, ବାରିହା ଆନନ୍ଦପୁର କେନ୍ଦୁଝରର ସନାତନ ବାରିକ, ନବରଙ୍ଗପୁରର ସରାଦୁ ବତ୍ରା, କଲି ବତ୍ରା, ସିନ୍ଧୁ ବତ୍ରା, ମଣ୍ଟୁ ବତ୍ରା, ବଅନ୍ତ ଭଦ୍ରକର



ଦୁର୍ଘଟଣାରେ ଓଲଟି ପଡ଼ିଥିବା ଟ୍ରକ୍।

ପ୍ରଭାସ ନାଏକ, କଣାସ ପୁରୀର ଅପୁନା ପାଇକରାୟ, ମାଣିକଯୋଡ଼ି ଅନୁଗୋଳର ସୁଶାନ୍ତ ନାୟକ ଓ ପାରାଦୀପର ପିଙ୍କୁ ମଲ୍ଲ ବୋଲି ଜଣାପଡ଼ିଛି। ଗୁରୁତରଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଟ୍ରକ ଓ ବାଇକ୍ ରାସ୍ତା ଉପରେ ପଡ଼ିଥିବାରୁ କଟକ-ସମ୍ବଲପୁର ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ଆଠଗଡ଼ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା। ଆଠଗଡ଼ ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ଅତିରିକ୍ତ ତହସିଲଦାର ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସାଓ ପହଞ୍ଚି ଗୁରୁତରଙ୍କ ଅବସ୍ଥା ସମ୍ପର୍କରେ ବୁଝିବା ସହ କଟକ ପଠାଇବାର ବ୍ୟବସ୍ଥା କରିଥିଲେ। ଟ୍ରକଟି ଦୀର୍ଘ ସମୟ ଧରି ରାସ୍ତାରେ ପଡ଼ି ରହିବାରୁ ସମ୍ପୃକ୍ତ ରାସ୍ତାଦେଇ ଢେଙ୍କାନାଳ, ଅନୁଗୋଳ ସମେତ ପଶ୍ଚିମାଞ୍ଚଳରୁ ମଧୁସୂଦନ ସେତୁ ଦେଇ କଟକ ଆସୁଥିବା ଗାଡ଼ିଗୁଡ଼ିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଯାତ୍ରା ପାର୍ଟିର ପରିଚାଳକ ପହଞ୍ଚି ଥିଲେ ମଧ୍ୟ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଟ୍ରକ୍ ଓ ସେଥିରେ ଥିବା ଅନେକ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଏହି କାରଣରୁ ରାସ୍ତା ଫାଙ୍କା କରିବାରେ ବିଳମ୍ବ ହୋଇଥିବା ପୋଲିସ ସୂଚନା ଦେଇଛି।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.: RDM-LAA-MBJ-0057-2018/38571/R&DM** **Dated: 11 Oct. 2018**

**No.: XXI-81:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ଦେଓ ଜଳସେଚନ ପ୍ରକଳ୍ପର ତେଲ ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ସାରଙ୍ଗଗଡ଼, ଥାନା: କରଞ୍ଜିଆ, ସଂ.:୧୫, ତହସିଲ– କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨୪.୫୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦେଓ ଜଳସେଚନ ପ୍ରକଳ୍ପର ତେଲ ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଦେଓ ଜଳସେଚନ ପ୍ରକଳ୍ପ, କରଞ୍ଜିଆ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନଃବସତି ଅଧିକାରୀଙ୍କ କାର୍ଯ୍ୟାଳୟ, କରଞ୍ଜିଆ, ମୟୂରଭଞ୍ଜ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | କରଞ୍ଜିଆ | ସାରଙ୍ଗଗଡ଼ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୪୭.୪୭ | ଏ.୨୪.୫୪ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନଃବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./– (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

### LAND SCHEDULE FOR PERMANENT ACQUISITION OF LAND FOR RIGHT MAIN DISTRIBUTARY MINOR & SUB-MINOR OF DEO IRRIGATION PROJECT

ମୌଜା: ସାରଙ୍ଗଗଡ଼, ଥାନା ନମ୍ବର:୧୫, ଥାନା: କରଞ୍ଜିଆ, ତହସିଲ: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ

| କ୍ର.ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୩ | ୧୧୭ | ୧.୮୮ | ୦.୩୫ | ଶାରଦ ଦୁଇ | ଅର୍ଜୁନ ଚାମ୍ପିଆ, ସୁଦର୍ଶନ ଚାମ୍ପିଆ, ପି: ପ୍ରାଣକୃଷ୍ଣ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୨ | ୭ | ୧୪୬<br>୧୫୦<br>୧୫୯<br>୧୫୯/୧୬୮୧<br>୫୭୦/୧୬୮୫ | ୦.୪୦<br>୦.୮୬<br>୦.୩୩<br>୦.୨୭<br>୦.୫୦ | ୦.୨୪<br>୦.୦୪<br>୦.୦୧<br>୦.୨୭<br>୦.୧୦ | ଆଶୁ<br>ଶାରଦ ଦୁଇ<br>ଆଶୁ<br>ଆଶୁ<br>ଆଶୁ | ଅଯୋଧ୍ୟା ନାଏକ, ପି: ବନମାଳୀ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩ | ୯ | ୩୩୮ | ୨.୦୦ | ୦.୪୬ | ଆଶୁ | ଅନନ୍ତ ନାଏକ, ସୁନିଆ ନାଏକ, ପି: ଗୋବିନ୍ଦ ନାଏକ, ବଧୁ ନାଏକ, ରାମସିଂ ନାଏକ, ଦୁର୍ଗା ନାଏକ, ପି: ନିରଞ୍ଜନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪ | ୧୨ | ୭୮୦ | ୦.୩୩ | ୦.୦୨ | ଶାରଦ ତିନି | କାର୍ତ୍ତିକ ନାଏକ, ପି: କଳାକର ନାଏକ, କମଳା ନାଏକ, ସ୍ୱା: କଳାକର ନାଏକ, ଜା: ଗଣ୍ଡ, ନିଜଗାଁ | |
| ୫ | ୧୪ | ୧୦୩<br>୧୫୦୩<br>୩୫୮/୧୭୧୬ | ୨.୭୫<br>୦.୩୧<br>୦.୨୨ | ୦.୦୧<br>୦.୦୧<br>୦.୧୨ | ଆଶୁ<br>ଆଶୁ<br>ଆଶୁ | କୁଶ ନାଏକ, ମଧୁସୂଦନ ନାଏକ, ରାମଦାଶ ନାଏକ, ପାଇକରାଏ ନାଏକ, ପି: ଭାଗୀରଥି ନାଏକ, ସମବାରି ନାଏକ, ସ୍ୱା: ଭାଗୀରଥି ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୬ | ୧୬ | ୧୪୯<br>୧୫୨<br>୧୬୧<br>୩୨୫/୧୬୮୦<br>୫୭୦/୧୬୮୪ | ୦.୭୦<br>୦.୧୦<br>୦.୪୨<br>୦.୬୦<br>୦.୮୩ | ୦.୦୬<br>୦.୦୬<br>୦.୦୧<br>୦.୫୬<br>୦.୧୦ | ଶାରଦ ଦୁଇ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ | କୃପାସିନ୍ଧୁ ନାଏକ, ପି: ସାନରଘୁ ନାଏକ, ଅର୍ଜୁନ ନାଏକ, ସୁଦର୍ଶନ ନାଏକ, ପି: କୃଷ୍ଣ ନାଏକ, ଜା: କୋହହ୍ଲ, ବା: ନିଜଗାଁ | |
| ୭ | ୧୮ | ୨୭୭<br>୨୮୮ | ୦.୮୩<br>୦.୫୨ | ୦.୦୧<br>୦.୧୦ | ଆଶୁ<br>ଆଶୁ | କୃପାସିନ୍ଧୁ ନାଏକ, ନରେନ୍ଦ୍ର ନାଏକ, ଧନେଶ୍ୱର ନାଏକ, ଉଦ୍ଧବ ନାଏକ, ପି: ମଧୁ ନାଏକ, ଭାଗୀରଥି ଗଣେଶ୍ୱର ନାଏକ, ଶଙ୍କର ନାଏକ, ଶିରିସ ନାଏକ, ପି: ଯୋଗେନ୍ଦ୍ର ନାଏକ, କାଇରୀ ନାଏକ, ସ୍ୱା: ଯୋଗେନ୍ଦ୍ର ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୮ | ୨୨ | ୮୨୪<br>୮୪୨<br>୯୦୧<br>୯୧୧<br>୯୧୧/୧୬୪୦ | ୧.୦୫<br>୬.୦୬<br>୦.୦୬<br>୦.୯୫<br>୦.୭୦ | ୦.୧୮<br>୦.୫୪<br>୦.୦୪<br>୦.୦୧<br>୦.୩୩ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ | କ୍ଷେତ୍ର ନାଏକ, ସୁଦର୍ଶନ ନାଏକ, ଗୋପାଳ ନାଏକ, ନରସିଂ ନାଏକ, ପି: କାଇରା ନାଏକ, ଶିବ ନାଏକ, ପି: ମୋଟାଏ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୯ | ୨୬ | ୭୯୭<br>୮୦୨<br>୮୩୪<br>୯୦୦<br>୧୨୯୨ | ୦.୩୭<br>୦.୫୩<br>୦.୯୦<br>୧.୬୫<br>୦.୯୩ | ୦.୧୫<br>୦.୦୨<br>୦.୧୮<br>୦.୩୨<br>୦.୧୮ | ଶାରଦ ଦୁଇ<br>ଶାରଦ ଦୁଇ<br>ଆଶୁ<br>ଆଶୁ<br>ଆଶୁ | ଗାନେ ନାଏକ, ବୁଧୁରାମ ନାଏକ, ପି: ପର୍ଶୁରାମ ନାଏକ, ବୁଧୁନୀ ନାଏକ, ସ୍ୱା: ପର୍ଶୁରାମ ନାଏକ, ଚନ୍ଦ୍ରମୋହନ ନାଏକ, ରତ୍ନା ନାଏକ, ପି: ରଇବନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୦ | ୨୯ | ୫୯୧ | ୦.୮୩ | ୦.୦୬ | ଆଶୁ | ଗୁରୁଚରଣ ନାଏକ, ଦଶରଥ ନାଏକ, ପି: ସାଧୁ ନାଏକ, ବରଣୁ ନାଏକ, ପ୍ରତାପ ନାଏକ, ଦାସ ନାଏକ, କଇଥ ନାଏକ, ସ୍ୱା: ଦାସ ନାଏକ, ଗୌତମ ନାଏକ, ପି: ରଘୁ ନାଏକ, ବାସ ନାଏକ, ସ୍ୱା: ରଘୁ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୧୧ | ୩୦ | ୨୮୦ | ୧.୦୯ | ୦.୨୬ | ଆଶୁ | ଗୋପୀ ନାଏକ, ବେରଗା ନାଏକ, ପି: ଦର୍ଶନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୨ | ୩୧ | ୯୦୩<br>୭୩୪ | ୦.୩୩<br>୩.୨୦ | ୦.୦୧<br>୦.୫୦ | ଆଶୁ | ଗୋବର୍ଦ୍ଧନ ନାଏକ, ରାମ ନାଏକ, ମଧୁ ନାଏକ, ମଟେଇ ନାଏକ, ବାଉରୀ ନାଏକ, ପାଣ୍ଡବ ନାଏକ, ପି: ଯୁମାଲ ନାଏକ, ଚମାରୁ ନାଏକ, ସ୍ୱା: ଯୁମାଲ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୩ | ୩୪ | ୧୬୬ | ୦.୬୦ | ୦.୦୮ | ଶାରଦ ଦୁଇ | ସାନଘନ ହୋ, ପି: ସନାତନ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୧୪ | ୩୬ | ୧୪୮<br>୩୨୫<br>୫୭୦ | ୦.୮୧<br>୦.୮୦<br>୦.୯୨ | ୦.୧୧<br>୦.୦୨<br>୦.୧୩ | ଶାରଦ ଦୁଇ<br>ଆଶୁ<br>ଆଶୁ | ଘନଶ୍ୟାମ ନାଏକ, ପି: ସନାତନ ନାଏକ, ଡମ୍ବରୁଧର ନାଏକ, ପି: ସନାତନ ନାଏକ, ନାରାୟଣ ନାଏକ, ପି: ସନାତନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୫ | ୩୮ | ୧୬୦୬/୧୬୪୪<br>୧୫୪୮ | ୧.୯୮<br>୨.୦୦ | ୦.୦୨<br>୦.୩୦ | ଆଶୁ<br>ଆଶୁ | ଘାସିଆ କୋହ୍ଲ, ସୁନିଆ କୋହ୍ଲ, ଯବା କୋହ୍ଲ, ପି: ସମରା କୋହ୍ଲ, ନେତ କୋହ୍ଲ, ସ୍ୱା: ସମରା କୋହ୍ଲ, ଚନ୍ଦ୍ର କୋହ୍ଲ, ସାଧୁ କୋହ୍ଲ, ବିଶ୍ୱନାଥ କୋହ୍ଲ, ଚରଣ କୋହ୍ଲ, ପି: ଫୁତକାର କୋହ୍ଲ, ସୁନାଏ କୋହ୍ଲ, ସ୍ୱା: ଫୁତକାର କୋହ୍ଲ, ଗୋବିନ୍ଦ କୋହ୍ଲ, ବୁଦ୍ଧୁ କୋହ୍ଲ, ଗୁଲାମ କୋହ୍ଲ, ପି: ଦିନା କୋହ୍ଲ, ପେରୁ କୋହ୍ଲ, ସ୍ୱା: ଦିନା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୬ | ୪୨ | ୧୫୪୯<br>୧୫୫୦ | ୧.୮୯<br>୧.୦୫ | ୦.୩୩<br>୦.୧୮ | ଆଶୁ<br>ଘରବାରୀ (ବାରି) | ଚନ୍ଦ୍ରମୋହନ ନାଏକ, ସାଧୁରାମ ନାଏକ, ବିଶ୍ୱନାଥ ନାଏକ, ଚରଣ ନାଏକ, ପି: ଫୁତକାର ନାଏକ, ସୁନେଇ ନାଏକ, ସ୍ୱା: ଫୁତକାର ନାଏକ, ଜା: କୋହ୍ଲ, ବା: କେରକେରା | |
| ୧୭ | ୪୩ | ୩୬୧<br>୩୬୨<br>୫୭୨ | ୦.୮୯<br>୧.୦୬<br>୬.୯୪ | ୦.୧୦<br>୦.୧୨<br>୦.୬୪ | ଆଶୁ<br>ଆଶୁ<br>ଆଶୁ | ଜଗନ୍ନାଥ ନାଏକ, ପି: କୃଷ୍ଣ ନାଏକ, ସୁନିକା ନାଏକ, ସ୍ୱା: କୃଷ୍ଣ ନାଏକ, ଜଗ ନାଏକ, କାମେଶ୍ୱର ନାଏକ, ପି: ରଘୁମଣି ନାଏକ, ବୈକୁଣ୍ଠ ନାଏକ, ପି: ରାଜ ନାଏକ, ଲକ୍ଷ୍ମୀଧର ନାଏକ, ରସିକରାଏ ନାଏକ, ପି: ସୁରେନ୍ଦ୍ର ନାଏକ, ଗାଙ୍ଗୀ ନାଏକ, ସ୍ୱା: ସୁରେନ୍ଦ୍ର ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୮ | ୪୯ | ୫୮୮<br>୭୭୭ | ୦.୨୧<br>୦.୨୩ | ୦.୦୩<br>୦.୧୩ | ଆଶୁ<br>ଘରବାରି (ବାରି) | ଜଳଧର ସରେନ, ହରି ସରେନ, ଶିବ ସରେନ, ପି: ମକୁର ସରେନ, ଜା: କୋହ୍ଲ, ବା: ନିଜଗାଁ | |
| ୧୯ | ୫୧ | ୨୮୩<br>୮୦୧ | ୧.୬୮<br>୦.୨୯ | ୦.୨୭<br>୦.୦୯ | ଆଶୁ<br>ଶାରଦ ଦୁଇ | ଜାମୀରା ନାଏକ, ରାମଚନ୍ଦ୍ର ନାଏକ, ପି: ଡୁଙ୍ଗା ନାଏକ, ଶନିବାରୀ ନାଏକ, ସ୍ୱା: ଡୁଙ୍ଗା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୦ | ୫୩ | ୨୮୭<br>୭୭୩<br>୭୪୮ | ୨.୪୮<br>୦.୮୫<br>୧.୯୫ | ୦.୫୦<br>୦.୨୫<br>୦.୦୧ | ଆଶୁ<br>ଘରବାରି (ବାରି)<br>ଆଶୁ | ଜାମିରା ନାଏକ, ପି: ରେକଣ୍ଡା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୧ | ୫୪ | ୮୮୧ | ୩.୪୦ | ୦.୯୪ | ଆଶୁ | ଢୁଙ୍ଗା ନାଏକ, ପି: ଲାଡୁ ନାଏକ, ଚକ୍ର ନାଏକ, ପି: ଚରଣ ନାଏକ, ଚାମରା ନାଏକ, ପି: ଘନ ନାଏକ, ସୁନିଆ ନାଏକ, ପି: ବାଡାଏ ନାଏକ, ଗୁରୁବାରୀ ନାଏକ, ସ୍ୱା: ଘନ ନାଏକ, ଜାନି ନାଏକ, ସ୍ୱା: ବାଡାଏ ନାଏକ, ଜା: କୋହ୍ଲ, ବା: ସିଙ୍ଗଡା | |
| ୨୨ | ୫୯ | ୫୭୫<br>୮୧୮<br>୮୧୯<br>୫୭୪ | ୧.୦୩<br>୦.୯୦<br>୧.୦୫<br>୧.୦୪ | ୦.୨୮<br>୦.୦୧<br>୦.୪୫<br>୦.୦୫ | ଆଶୁ<br>ଶାରଦ ଦୁଇ<br>ଆଶୁ<br>ଆଶୁ | ଡବର ନାଏକ, ସୁରେଶ ନାଏକ, ପି: କାର୍ତ୍ତିକ ନାଏକ, ବିଦ୍ୟାଧର ନାଏକ, ଚନ୍ଦ୍ରମୋହନ ନାଏକ, ଲେମ୍ବୁଧର ନାଏକ, ପି: ଦୁର୍ଗା ନାଏକ, ଶ୍ରୀମତୀ ନାଏକ, ସ୍ୱା: ଦୁର୍ଗା ନାଏକ, କହ୍ନେଇଁ ନାଏକ, ପି: ଜଳଧର ନାଏକ, ବାନ୍ଦ୍ର ନାଏକ, ପି: ଗୁଣ୍ଡା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୩ | ୬୦ | ୧୫୫୭ | ୦.୨୮ | ୦.୦୯ | ଆଶୁ | ଡାକୁଆ ନାଏକ, ଗଙ୍ଗା ନାଏକ, ଶଙ୍କରା ନାଏକ, ମାନସିଂ ନାଏକ, ରାଉତ ନାଏକ, ବୃଷଭ ନାଏକ, ପି:ରୟା ନାଏକ, ସମ୍ବାରୀ ନାଏକ, ସ୍ୱା: ରୟା ନାଏକ, ଚାଉଠା ନାଏକ, ବୁଢ଼ାନ ନାଏକ, ଶୁକ୍ରା ନାଏକ, ପି: ଡୁଙ୍ଗୁ ନାଏକ, ରାମ ନାଏକ, ପି: ମର୍ଦ ନାଏକ, ଡାବ ନାଏକ, ପି: ରତନ ନାଏକ, ଜତନୀ ନାଏକ, ସ୍ୱା: ରତନ ନାଏକ, ଦଣ୍ଡି ନାଏକ, ରେଟା ନାଏକ, ଗୁଣ୍ଡା ନାଏକ, ସୁନିଆ ନାଏକ, ପି: ରତ୍ନା ନାଏକ, କାଏରୀ ନାଏକ, ସ୍ୱା: ରତ୍ନା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୪ | ୬୯ | ୫୭୧<br>୩୫୬/୧୭୧୯ | ୩.୫୧<br>୦.୪୫ | ୦.୫୪<br>୦.୩୦ | ଆଶୁ<br>ଆଶୁ | ଧରଣୀଧର ନାଏକ, ରଘୁନାଥ ନାଏକ, ପି: ଆରତ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୫ | ୭୪ | ୧୦୯<br>୩୫୬/୧୭୧୮ | ୧.୩୦<br>୦.୩୦ | ୦.୧୮<br>୦.୧୫ | ଆଶୁ<br>ଆଶୁ | ପରମାନନ୍ଦ ଚାମ୍ପିଆ, ପର୍ଶୁରାମ ଚାମ୍ପିଆ, ପି: କୃପାସିନ୍ଧୁ ଚାମ୍ପିଆ, ମାଣିକ ଚାମ୍ପିଆ, ସ୍ୱା: କୃପାସିନ୍ଧୁ ଚାମ୍ପିଆ, ଭାଗିରଥି ଚାମ୍ପିଆ, ଗଣେଶ୍ୱର ଚାମ୍ପିଆ, ଶଙ୍କର ଚାମ୍ପିଆ, ଶିରିଶି ଚାମ୍ପିଆ, ପି: ଯୋଗେନ୍ଦ୍ର ଚାମ୍ପିଆ, ଖଇରୀ ଚାମ୍ପିଆ, ସ୍ୱା: ଯୋଗେନ୍ଦ୍ର ଚାମ୍ପିଆ, ନରେନ୍ଦ୍ର ଚାମ୍ପିଆ, ଧନେଶ୍ୱର ଚାମ୍ପିଆ, ଉଦ୍ଧବ ଚାମ୍ପିଆ, ପି: ମଧୁ ଚାମ୍ପିଆ, ଶୁକ୍ରା ଚାମ୍ପିଆ, ପି: ଗୋବର୍ଦ୍ଧନ ଚାମ୍ପିଆ, ଜା: କୋହ୍ଲ, ବା: ନିଜଗାଁ | |
| ୨୬ | ୭୫ | ୮୭୮ | ୦.୨୭ | ୦.୦୧ | ଘରବାରି (ବାରି) | ପାଣ୍ଡୁ ମହାକୁଡ଼, ପି: ଇନ୍ଦ୍ର ମହାକୁଡ଼, ଜା: ଗୋପାଲ, ବା: ନିଜଗାଁ | |
| ୨୭ | ୭୭ | ୭୨୬<br>୭୨୭ | ୦.୩୮<br>୦.୨୭ | ୦.୦୨<br>୦.୧୦ | ଆଶୁ<br>ଆଶୁ | ପାଣ୍ଡୁ ନାଏକ, ରତ୍ନାକର ନାଏକ, ପି: ଡମ୍ବରୁଧର ନାଏକ, ବନମାଳୀ ନାଏକ, ପି: ଶତ୍ରୁଘନ ନାଏକ, ପୁଦନା ନାଏକ, ସ୍ୱା: ଶତ୍ରୁଘନ ନାଏକ, ନିଲାମ୍ବର ନାଏକ, ପି: ଅର୍ଜୁନ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୮ | ୮୦ | ୬୪୬<br>୬୪୭ | ୧.୦୩<br>୧.୫୫ | ୦.୦୬<br>୦.୧୨ | ଶାରଦ ଦୁଇ<br>ଆଶୁ | ପାଣ୍ଡୁ ନାଏକ, ମୋଚିରଏ ନାଏକ, ସଙ୍ଗାଡ ନାଏକ, ମସ ନାଏକ, କାଣ୍ଡେ ନାଏକ, ପି: ଟାଙ୍କୁ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୯ | ୮୩ | ୧୫୫୧<br>୧୫୫୨ | ୦.୧୧<br>୦.୮୮ | ୦.୦୩<br>୦.୦୯ | ଘରବାରି<br>ଆଶୁ | ବଦଙ୍ଗ ଚାତର, ପି: ଗୋରା ଚାତର, ଭାଇଗ ଚାତର, ରାଉତ ଚାତର, ଜଙ୍ଗରାଇ ଚାତର, ପି: ରାମ ଚାତର, ଚକ୍ର ଚାତର, ପି: ଉପେନ୍ଦ୍ର ଚାତର, ଭୂଣ୍ଡୀ ଚାତର, ସ୍ୱା: ଉପେନ୍ଦ୍ର ଚାତର, ଜା: କୋହ୍ଲ, ବା: ନିଜଗାଁ | |
| ୩୦ | ୮୮ | ୧୨୧୨<br>୧୪୯୪<br>୧୫୦୦<br>୧୫୦୧<br>୧୫୦୪ | ୦.୭୮<br>୦.୩୩<br>୦.୫୦<br>୦.୭୫<br>୦.୧୦ | ୦.୩୦<br>୦.୧୪<br>୦.୧୪<br>୦.୧୪<br>୦.୦୨ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ | ବାଲି କୋହ୍ଲ, ରଥ କୋହ୍ଲ, ପି: ଭିକ କୋହ୍ଲ, ଦୁମୀ କୋହ୍ଲ, ନରେନ୍ଦ୍ର କୋହ୍ଲ, ପି: ଧନତ୍ରୀ କୋହ୍ଲ, ନିରାଶ କୋହ୍ଲ, ସ୍ୱା: ଧନତ୍ରୀ କୋହ୍ଲ, ସୁନିଆ କୋହ୍ଲ, ପାଧାନ କୋହ୍ଲ, ଶୀର କୋହ୍ଲ, ପି: ଚୁଆ କୋହ୍ଲ, ଚିଲଗି କୋହ୍ଲ, ସ୍ୱା: ଚୁଆ, କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୩୧ | ୯୦ | ୭୯୩<br>୭୯୪ | ୦.୨୬<br>୦.୫୦ | ୦.୧୨<br>୦.୧୪ | ଶାରଦ ତିନି<br>ଶାରଦ ଦୁଇ | ବାସୁ ନାଏକ, ଭରତ ନାଏକ, ବୃନ୍ଦାବନ ନାଏକ, ସୁନାରାମ ନାଏକ, ଫୁଲମଣି ନାଏକ, ଗୁରୁବାରୀ ନାଏକ, ବିମଳା ନାଏକ, ପି: ଗଦାଏ ନାଏକ, ସୁରୁ ନାଏକ, ସ୍ୱା: ଗଦାଏ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୨ | ୯୩ | ୧୧୯୯ | ୧.୩୩ | ୦.୧୯ | ଆଶୁ | ବୁଦ୍ଧିରାମ ନାଏକ, ପି: ସାନରଥ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୩ | ୯୬ | ୭୩୯ | ୧.୧୩ | ୦.୦୩ | ଆଶୁ | ଭକ୍ତ ମହାରଣା, ରାଜେନ୍ଦ୍ର ମହାରଣା, ଚଇବନ ମହାରଣା, ଶୁକଦେବ ମହାରଣା, ପି: ଗୋବର୍ଦ୍ଧନ ମହାରଣା, କାଞ୍ଚନ ମହାରଣା, ସ୍ୱା: ଗୋବର୍ଦ୍ଧନ ମହାରଣା, ଜା: କମାର, ବା: ନିଜଗାଁ | |
| ୩୪ | ୯୯ | ୧୦୭<br>୧୦୮<br>୧୧୧<br>୩୫୬<br>୩୫୮ | ୧.୧୯<br>୦.୧୨<br>୧.୯୭<br>୦.୨୬<br>୦.୩୦ | ୦.୦୬<br>୦.୦୭<br>୦.୦୬<br>୦.୧୨<br>୦.୦୭ | ଆଶୁ<br>ଆଶୁ<br>ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ଦୁଇ | ଭୀମ ସିଂ ନାଏକ, ନକୁଲ ନାଏକ, ପି: ବିଦ୍ୟାଧର ନାଏକ, କେଶବ ନାଏକ, ରଶିକ ନାଏକ, ପି: ଅର୍ଜୁନ ନାଏକ, ବୁଦୁନୀ ନାଏକ, ସ୍ୱା: ଅର୍ଜୁନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୫ | ୧୦୦ | ୧୨୯୭<br>୧୨୯୮<br>୧୩୪୮ | ୨.୧୨<br>୦.୧୬<br>୦.୬୨ | ୦.୨୧<br>୦.୦୧<br>୦.୦୬ | ଆଶୁ<br>ଶାରଦ ଦୁଇ<br>ଘରବାରି (ବାରି) | ମଙ୍ଗଳ ନାଏକ, ବୃନ୍ଦାବନ ନାଏକ, ଚରଣ ନାଏକ, ପି: ଅଇବନ ନାଏକ, ରାଧିକା ନାଏକ, ସ୍ୱା: ଅଇବନ ନାଏକ, ଦଶରଥ ନାଏକ, ପି: ଚରଣ ନାଏକ, ଘନଶ୍ୟାମ ନାଏକ, ଶିରମଣୀ ନାଏକ, ପି: ସାଧୁ ନାଏକ, ଡୁମୁରୁ ନାଏକ, ସ୍ୱା: ସାଧୁ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୬ | ୧୦୨ | ୭୯୧<br>୭୯୨<br>୫୬୮<br>୬୧୨ | ୨.୫୩<br>୦.୦୮<br>୩.୪୪<br>୪.୨୧ | ୦.୬୬<br>୦.୦୧<br>୦.୦୮<br>୦.୩୫ | ଶାରଦ ଦୁଇ<br>ଶାରଦ ଦୁଇ<br>ଆଶୁ<br>ଆଶୁ | ମଧୁସୂଦନ ନାଏକ, ଜଗନ୍ନାଥ ନାଏକ, ଶିବ ନାଏକ, ପି: ଜାମିରା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୭ | ୧୦୩ | ୭୯୫<br>୭୯୬<br>୮୩୩ | ୦.୧୮<br>୦.୧୮<br>୧.୦୫ | ୦.୦୩<br>୦.୦୮<br>୦.୧୮ | ଶାରଦ ଦୁଇ<br>ଶାରଦ ତିନି<br>ଆଶୁ | ମଧୁସୂଦନ ନାଏକ, ମଙ୍ଗଲ ସିଂହ ନାଏକ, ପି: ରାମ ନାଏକ, ଶିଶୁ ଚରଣ ନାଏକ, ଗୋପାଳ ନାଏକ, ରଣିଆ ନାଏକ, ଲକ୍ଷ୍ମଣ ନାଏକ, ରାମ ଚନ୍ଦ୍ର ନାଏକ, ପି: ନନ୍ଦ ନାଏକ, ସୁମିତ୍ରା ନାଏକ, ପି: ନନ୍ଦ, ସୁମିତ୍ରା ନାଏକ, ସ୍ୱା: ନନ୍ଦ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୮ | ୧୦୬ | ୭୭୨ | ୦.୫୫ | ୦.୦୨ | ଶାରଦ ତିନି | ମହେଶ୍ୱର ନାଏକ, ପି: ପଦୁ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୩୯ | ୧୦୮ | ୮୨୨<br>୮୨୩<br>୮୩୧<br>୮୩୬<br>୮୩୮<br>୮୩୯<br>୮୪୦ | ୦.୬୪<br>୦.୬୬<br>୦.୭୦<br>୦.୯୯<br>୦.୫୨<br>୦.୯୮<br>୦.୪୨ | ୦.୦୯<br>୦.୦୯<br>୦.୧୫<br>୦.୨୫<br>୦.୧୦<br>୦.୦୭<br>୦.୦୧ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଘରବାରି (ବାରି)<br>ଆଶୁ<br>ଘରବାରି (ବାରି) | ମାଟାରାମ ନାଏକ, ରସିକ ରାୟ ନାଏକ, ପି: ନଣିଧର ନାଏକ, ଭାରିମା ନାଏକ, ସ୍ୱା: ନଣିଧର ନାଏକ, ଡେବରା ନାଏକ, ପି: ମୋଟାଇ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୦ | ୧୦୯ | ୧୩୩୪<br>୧୩୩୭<br>୧୩୩୮<br>୧୩୪୯<br>୧୩୫୦<br>୧୩୫୧<br>୧୩୬୪<br>୧୩୬୫ | ୦.୯୨<br>୦.୩୭<br>୦.୬୮<br>୧.୫୮<br>୧.୬୫<br>୦.୫୮<br>୨.୭୮<br>୨.୬୨ | ୦.୨୮<br>୦.୦୭<br>୦.୧୨<br>୦.୪୯<br>୦.୩୮<br>୦.୨୨<br>୦.୫୨<br>୦.୬୦ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଘରବାରି (ବାରି)<br>ଆଶୁ<br>ଆଶୁ | ମାଧିଆ ନାଏକ, ନରସିଂ ନାଏକ, ପି: ମୋଟାଇ ନାଏକ, ଦେବେନ ନାଏକ, ରାମାଇ ନାଏକ, ପି: ଦର୍ଶନା ନାଏକ, ରୟା ନାଏକ, ପି: ଶ୍ରୀଧର ନାଏକ, ନିରାସ ନାଏକ, ସ୍ୱା: ଶ୍ରୀଧର ନାଏକ, ନବନା ନାଏକ, ପି: ରୟା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୧ | ୧୧୦ | ୧୧୭୮/୧୬୪୨<br>୩୨୯<br>୩୩୦ | ୦.୮୫<br>୦.୩୦<br>୦.୮୬ | ୦.୨୦<br>୦.୧୧<br>୦.୧୪ | ଆଶୁ<br>ଆଶୁ<br>ଆଶୁ | ମାନୀ ନାଏକ, ପି: ବୃଷଭ ନାଏକ, ଶୁକ୍ରାମ ନାଏକ, ପି: ଶିରମଣୀ ନାଏକ, ପଞ୍ଚୁ ନାଏକ, ପାଣ୍ଡବ ନାଏକ, ପି: ଗୋବିନ୍ଦ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୨ | ୧୧୪ | ୧୨୦୪ | ୧.୪୦ | ୦.୩୦ | ଆଶୁ | ରଘୁ ନାଏକ, ଚିନ୍ତାମଣି ନାଏକ, ପାଇକରାୟ ନାଏକ, ପି: ମଦନ ନାଏକ, ଚମାନ ନାଏକ, ସ୍ୱା: ମଦନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୩ | ୧୧୫ | ୧୪୯୮ | ୧.୫୦ | ୦.୦୬ | ଆଶୁ | ରଥ ହୋ, ପି: ବଡ଼ ଚଣ୍ଡେଇ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୪୪ | ୧୧୬ | ୧୪୯୬ | ୧.୭୫ | ୦.୦୧ | ଆଶୁ | ରତ୍ନାକର ହୋ, ପି: ବନମାଳୀ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୪୫ | ୧୧୭ | ୧୨୦୨<br>୧୨୮୧ | ୦.୯୧<br>୦.୧୮ | ୦.୨୮<br>୦.୦୧ | ଆଶୁ<br>ଶାରଦ ଦୁଇ | ରତ୍ନାକର ନାଏକ, ବିଦ୍ୟାଧର ନାଏକ, ଚନ୍ଦ୍ରମୋହନ ନାଏକ, ପି: ସାନଚଣ୍ଡେଲ ନାଏକ, ଚଣ୍ଡେଲ ନାଏକ, ପି: ଖଇରା ନାଏକ, ସମ୍ବାରୀ ନାଏକ, ପି: ମଗୁଶୁରିଆ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୬ | ୧୨୬ | ୭୯୮<br>୮୩୨<br>୧୨୯୧ | ୧.୫୩<br>୦.୯୨<br>୦.୮୮ | ୦.୩୧<br>୦.୨୭<br>୦.୨୪ | ଶାରଦ ଦୁଇ<br>ଆଶୁ<br>ଆଶୁ | ରାମା ନାଏକ, ପି: ସାନ ଦର୍ଶନ ନାଏକ, ନୁନା ନାଏକ, ସ୍ୱା: ସାନ ଦର୍ଶନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୭ | ୧୨୭ | ୨୯୩<br>୭୮୧<br>୮୦୦ | ୧.୬୩<br>୦.୬୧<br>୦.୨୭ | ୦.୨୭<br>୦.୩୪<br>୦.୧୧ | ଆଶୁ<br>ଶାରଦ ତିନି<br>ଶାରଦ ଦୁଇ | ଲକ୍ଷ୍ମଣ ନାଏକ, ପତର କାଏମ ନାଏକ, ପି: ରତ୍ନା ନାଏକ, ଘନଶ୍ୟାମ ନାଏକ, ପି: ପତର କାଏମ ନାଏକ, ବେଲ ନାଏକ, ସ୍ୱା: ପତର କାଏମ ନାଏକ, ଭରତ ନାଏକ, ପି: ମଗୁଶୁରିଆ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୮ | ୧୨୮ | ୫୯୦<br>୭୬୭<br>୭୬୮<br>୭୫୦ | ୩.୧୩<br>୧.୩୭<br>୦.୧୦<br>୦.୨୫ | ୦.୮୪<br>୦.୦୮<br>୦.୧୦<br>୦.୦୬ | ଆଶୁ<br>ଆଶୁ<br>ଶାରଦ ତିନି<br>ଆଶୁ | ଲକ୍ଷ୍ମୀଧର ନାଏକ, ଚକ୍ରଧର ନାଏକ, ପି: ମାଧୁ ନାଏକ, ରାଇମଣି ନାଏକ, ସ୍ୱା: ମାଧୁ ନାଏକ, ଡରୀ ନାଏକ, ସ୍ୱା: ଗୁରା ନାଏକ, ଅନାମ ନାଏକ, ମଧୁ ନାଏକ, ରାମ ନାଏକ, ପି: ମୋଟାଇ ନାଏକ, ରାଇ ନାଏକ, ସ୍ୱା: ମୋଟେଇ ନାଏକ, ଡୁଙ୍ଗୁ ନାଏକ, ଶ୍ରୀରାମ ନାଏକ, ଜଳଧର ନାଏକ, ପି: ଦୁଃଶାସନ ନାଏକ, ଗାଙ୍ଗି ନାଏକ, ସ୍ୱା–ଦୁଃଶାସନ ନାଏକ, ଯୁମାଲ ନାଏକ, ପି: ସୁନା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୯ | ୧୩୧ | ୨୮୨ | ୧.୯୦ | ୦.୨୮ | ଆଶୁ | ଲବ ନାଏକ, ଜେଣ୍ଡ ନାଏକ, ଜଇରାମ ନାଏକ, ପି: ଗୁରା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୫୦ | ୧୩୨ | ୮୮୦ | ୧.୦୨ | ୦.୨୪ | ଶାରଦ ଦୁଇ | ଶଙ୍କର ସିଦୁ, ପି: ଚେମା ସିଦୁ, ଜା: କୋହ୍ଲ, ବା: ନିଜଗାଁ | |
| ୫୧ | ୧୩୩ | ୭୭୪ | ୦.୫୫ | ୦.୦୭ | ଆଶୁ | ଶଙ୍କରା ମହାକୁଡ଼, ନିଲା ମହାକୁଡ଼, ପି: ରୂପା ମହାକୁଡ଼, ଗଙ୍ଗା ମହାକୁଡ଼, ପି: ସାଗର ମହାକୁଡ଼, ଜା: ଗୋପାଲ, ବା: ନିଜଗାଁ | |
| ୫୨ | ୧୩୬ | ୫୮୭/୧୬୯୦ | ୦.୧୩ | ୦.୦୮ | ଘରବାରି (ବାରି) | ସାଧୁରାମ ଗାଗରାଇ, ପି: ଭରତ ଗାଗରାଇ, ଜା: କୋହ୍ଲ, ବା: ନିଜଗାଁ | |
| ୫୩ | ୧୩୮ | ୩୨୬ | ୧.୦୪ | ୦.୦୧ | ଆଶୁ | ଶିବ ନାଏକ, ରସିକ ନାଏକ, ଗମେୟା ନାଏକ, ପି: ସାନ ଡୁରଗା ନାଏକ, ଜଙ୍ଗା ନାଏକ, ସ୍ୱା: ସାନ ଡୁରଗା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୫୪ | ୧୪୧ | ୧୪୯୫ | ୪.୧୫ | ୦.୪୪ | ଆଶୁ | ଶିରମଣୀ ସିଦୁ, ପି: ରଥ ସିଦୁ, ଜା: କୋହ୍ଲ, ବା: ନିଜଗାଁ | |
| ୫୫ | ୧୪୫ | ୧୩୧୯<br>୧୩୨୦ | ୧.୪୦<br>୦.୩୬ | ୦.୪୪<br>୦.୦୧ | ଘରବାରି (ବାରି)<br>ଶାରଦ ତିନି | ସୁଦର୍ଶନ ନାଏକ, ନବ ନାଏକ, ବାରକ ନାଏକ, ମକୁର ନାଏକ, ପି: ଚନ୍ଦ୍ରମୋହନ ନାଏକ, ନାଲୁ ନାଏକ, ଶ୍ରୀଧର ନାଏକ, ପି: ସୁଦର୍ଶନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୫୬ | ୧୪୭/୭ | ୭୭୯ | ୦.୨୭ | ୦.୧୭ | ଘରବାରି (ବାରି) | କୌଶଲ୍ୟା ନାୟକ, ସ୍ୱା: ଯଦୁମଣି ନାୟକ, ବା: ନିଜଗାଁ, ଜା: ଗଣ୍ଡ | |
| ୫୭ | ୧୪୭/୧୧ | ୨୮୧ | ୦.୬୦ | ୦.୨୨ | ଆଶୁ | କପିଳ ଚନ୍ଦ୍ର ଚାତାର, ପି: କୃଷ୍ଣ ଚାତାର, ଜା: କୋହ୍ଲ, ବା: ନିଜଗାଁ | |
| | | ମୋଟ | ୧୪୭.୪୭ | ୨୪.୪୬ | | | |

**ଗୋଚର ପ୍ରତିବଦଳ**

| କ୍ର.ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨୨ | ୮୨୪ | ୧.୦୫ | ୦.୦୮ | ଆଶୁ | କ୍ଷେତ୍ର ନାଏକ, ସୁଦର୍ଶନ ନାଏକ, ଗୋପାଳ ନାଏକ, ନରସିଂ ନାଏକ, ପି– କାଇରା ନାଏକ, ଶିବ ନାଏକ, ପି– ମୋଟାଏ ନାଏକ, ଜା– କୋହ୍ଲ, ବା– ନିଜଗାଁ | |
| | | **୧** | **୧୪୭.୪୭** | **୨୪.୫୪** | | | |

24001/14/0302/1920

ଚିତ୍ରଡା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କ ତରଫରୁ ଧରିତ୍ରୀର ୪୬ତମ ଜନ୍ମବର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

**ପ୍ରସନ୍ନ କୁମାର ଜେନା**

ଅଧକ୍ଷ, ଚିତ୍ରଡା ମହାବିଦ୍ୟାଳୟ, ଚିତ୍ରଡା

ପୂର୍ଣ୍ଣଚନ୍ଦ୍ର ମହାନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ତରଫରୁ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

**ଜୟରାମ ମହାନ୍ତ**

ପ୍ରଧାନ ଶିକ୍ଷକ

ଜବାହର ବିଦ୍ୟାପୀଠ, ଚିତ୍ରଡାର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ତରଫରୁ ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

**ମନୋରଞ୍ଜନ ମହାନ୍ତ**

ଜବାହର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ

ଉପେନ୍ଦ୍ର ନାଥ ଘୋଷ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ତରଫରୁ ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ରଣଜିତ କୁମାର ଧଳ**

ପ୍ରଧାନ ଶିକ୍ଷକ, ଉପେନ୍ଦ୍ରନାଥ ଘୋଷ ଉଚ୍ଚ ବିଦ୍ୟାଳୟ

ଦୈନିକ ସମ୍ବାଦପତ୍ର ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଜ୍ଞାନବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପକ୍ଷରୁ ସମସ୍ତ ପାଠକ, ଶୁଭେଚ୍ଛୁ ତଥା ଅଭିଭାବକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

**ଲେଲିନ୍ ପ୍ରଧାନ**

ଅଧକ୍ଷ, ଜ୍ଞାନବିକାଶ ଆଇ.ଟି.ଆଇ
ଜଳେଶ୍ୱର, ବାଲେଶ୍ୱର

ସହଯୋଗୀ ଅନୁଷ୍ଠାନ – ଜ୍ଞାନବିକାଶ ପବ୍ଲିକ ସ୍କୁଲ, ଜଳେଶ୍ୱର, ବାଲେଶ୍ୱର

ତ୍ରିନାଥ ଫିଲିଙ୍ଗ୍ ସେଣ୍ଟରର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଚିତ୍ରଡା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ତରଫରୁ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

ଚିତ୍ରଡା ଅଞ୍ଚଳବାସୀଙ୍କ ମଙ୍ଗଳ ଏବଂ ବିକାଶ କାମନା କରୁଅଛୁ।

**ତ୍ରିନାଥ ଫିଲିଙ୍ଗ୍ ସେଣ୍ଟର**

ଚିତ୍ରଡା ପେଟ୍ରୋଲ ପମ୍ପ, ଚିତ୍ରଡା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲାର ସମସ୍ତ ଛାତ୍ରୀଛାତ୍ର ଓ ଗୁରୁଜନମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

**ବ୍ରଜ କିଶୋର ପ୍ରଧାନ**

ବିଜୁ ଛାତ୍ର ଜନତା ଦଳ ଟାଉନ ସଭାପତି, ବାଲେଶ୍ୱର

Well wisher

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ବିବେକାନନ୍ଦ ନାୟକ**

ବାଲେଶ୍ୱର

**ଧରିତ୍ରୀ** ଜନ୍ମଦିନ ଉପଲକ୍ଷେ

**ନୀଳମାଧବ କନଷ୍ଟ୍ରକ୍ସନ୍** ପକ୍ଷରୁ

ହାର୍ଦ୍ଦିକ ଅଭିନନ୍ଦନ।

WELL WISHER

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ଅଦ୍ୱୈତ ଖୁଣ୍ଟିଆ**

ବାଲେଶ୍ୱର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । 'ଧରିତ୍ରୀ' ଦୀର୍ଘାୟୁ କାମନା କରିବା ସହ ନିରପେକ୍ଷ ଖବର ପ୍ରସାର କରି ସମାଜର ଉତ୍ତରୋତ୍ତର ଉନ୍ନତି ଆଶା କରୁଛୁ ।

**ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)**

ବାଲେଶ୍ୱର ଶାଖା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ । ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ମନୋଜ କୁମାର ରାଉତ (ଫକାଲୁ)**

ଯୁବନେତା, ବାଲେଶ୍ୱର

ଦୈନିକ ସମ୍ବାଦପତ୍ର ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଦିଗମ୍ବରୀଦେବୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପକ୍ଷରୁ ସମସ୍ତ ପାଠକ, ଶୁଭେଚ୍ଛୁ ତଥା ଅଭିଭାବକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

**ଡ. ଅଜିତ୍ କୁମାର ମହାନ୍ତି**

ପ୍ରତିଷ୍ଠାତା, ଦିଗମ୍ବରୀଦେବୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ
ଦିଗମ୍ବରୀ ଦେବୀ ଆଇ.ଟି.ଆଇ., ଦିଗମ୍ବରୀ ଦେବୀ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟ, ଦିଗମ୍ବରୀ ଦେବୀ ପବ୍ଲିକ ସ୍କୁଲ, ଦିଗମ୍ବରୀ ଦେବୀ ଡି.ଏମ୍.ଏଲ୍.ଟି. ଇନ୍‌ଷ୍ଟିଚ୍ୟୁଟ୍
ବାସନ୍ତୀ ପଡ଼ିଆ, ଜଳେଶ୍ୱର, ବାଲେଶ୍ୱର – ୭୫୬୦୩୨ (ଓଡ଼ିଶା)

ମୋ: ୯୨୩୮୨୫୧୭୭୧, ୯୪୩୭୨୬୪୯୨୬, ୭୯୭୮୦୮୨୯୦୫

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ଲକ୍ଷ୍ମୀକାନ୍ତ ତ୍ରିପାଠୀ**

ସାହିତ୍ୟିକ, ବାଲେଶ୍ୱର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ । ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା ।

**ମୁରଲୀ ମୋହନ ପ୍ରଧାନ**

ନୋଡ଼ାଲ ଅଫିସର, ଜଳେଶ୍ୱର ବ୍ଲକ ସଂଯୋଜକ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଓଡ଼ିଶା, ବ୍ଲକ ସଂଯୋଜକ ସବୁଜ ବାହିନୀ ଜଳେଶ୍ୱର ଓ ଭୋଗରାଇ, ଜିଲ୍ଲା ଶକ୍ତି ସଂଯୋଜକ ତଥା ପ୍ରଧାନଶିକ୍ଷକ । ଶ୍ରୀ ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଗପୁଞ୍ଜି, ଜଳେଶ୍ୱର ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ରାଜୀବ କୁମାର ସାହୁ**

ଜିଲ୍ଲା ମଙ୍ଗଳ ଅଧିକାରୀ, ବାଲେଶ୍ୱର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ଯଶୋଦା ନନ୍ଦନ ଆସ**

ସମାଜସେବୀ, ବାଲେଶ୍ୱର

Well Wisher

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ରମେଶ ମହାପାତ୍ର**

ବାଲେଶ୍ୱର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ସାବିତ୍ରୀ ଦାସ**

ସମାଜସେବୀ, ଭୋଳସାହି, ବାଲେଶ୍ୱର

WELL WISHER

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ବିକାଶ ଚୌଧୁରୀ**

ବାଲେଶ୍ୱର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରେମୁଣା ନିର୍ବାଚନମଣ୍ଡଳୀ ତଥା ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ପ୍ରଭାତ କୁମାର ବିଶ୍ୱାଳ**

ଜିଲ୍ଲା ସମ୍ପାଦକ, ବିଜୁ ଜନତା ଦଳ, ବାଲେଶ୍ୱର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଭଗବାନଙ୍କଠାରେ ପ୍ରାର୍ଥନା 'ଧରିତ୍ରୀ' ଖବରକାଗଜର ଉତ୍ତରୋତ୍ତର ଉନ୍ନତି ହେଉ। ବାଲେଶ୍ୱର ଜିଲ୍ଲାର 'ଧରିତ୍ରୀ' ପାଠକମାନଙ୍କୁ ବିଶେଷ ଶୁଭେଚ୍ଛା।

**ସଞ୍ଜୟ ମହାନ୍ତି**

ଆଇନଜୀବୀ, ବାଲେଶ୍ୱର

ISO 9001:2015 CERTIFIED
Visit us at www.hariplaast.com

**Hari Plaast**

**STRONG & SAFE**

PVC, CPVC, HDPE, PLB DUCT, MDPE(GAS) PIPES & FITTINGS

HARI UDYOG PVT LTD.
O.T. Road, Balasore-756001, Odisha
Phone: 06782-260963, 264555, +917894435283



ଜାନୁୟାରୀ ୬ରେ ରିଲିଜ୍ ହେବାକୁ ଥିବା 'ହଙ୍ଗାମା-୨'ରେ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସେ ଭେଟେରାନ୍ ପରେଶ ରାୱଲଙ୍କ ବିପକ୍ଷରେ ଅଭିନୟ କରିବେ ବୋଲି ନିର୍ଦ୍ଦେଶକ ପ୍ରିୟଦର୍ଶନ ସୂଚନା ଦେଇଛନ୍ତି।



# ଛୁଟି ପାଇଁ ମିଛ

## ୫ରୁ ୨ଜଣ କରିଥାନ୍ତି ବାହାନା

**ନୂଆଦିଲ୍ଲୀ:** କାର୍ଯ୍ୟକ୍ଷେତ୍ରରେ ଛୁଟି ପାଇଁ ଅନେକେ କରିଥାନ୍ତି ବାହାନା। ଏହା ଭାରତ ଭଳି ଦେଶରେ ସାଧାରଣ କଥା। ହେଲେ ଏକଥା ଜାଣି ଆଶ୍ଚର୍ଯ୍ୟ ହେବେ ବିଶ୍ୱର ଅନ୍ୟତମ ବିକାଶିତ ରାଷ୍ଟ୍ର ବ୍ରିଟେନ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ଏଠାକାର କର୍ମଚାରୀମାନେ ମାଲିକ (ବସ୍)ଙ୍କୁ ମିଛ କହି ଛୁଟି ନେଇଥାନ୍ତି। ସବୁଠାରୁ ବଡ଼ କଥା ଅଧିକାଂଶଙ୍କ ଛୁଟିର କାରଣ ସ୍ୱାସ୍ଥ୍ୟଗତ। ହାରାହାରି ୫ଜଣ କର୍ମଚାରୀଙ୍କ ଭିତରୁ ୨ଜଣ ଏପରି କରିଥାନ୍ତି। ଏକ ପ୍ରତିଷ୍ଠିତ ଖବର ସରବରାହ ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ଭେରୁ ଏପରି ତଥ୍ୟ ପଦାକୁ ଆସିଛି।



କାର୍ଯ୍ୟକ୍ଷେତ୍ରରେ ନୈତିକତାକୁ ନେଇ କରାଯାଇଥିବା ସର୍ଭେରେ ଅଧିକାଂଶ କର୍ମଚାରୀ ସ୍ପଷ୍ଟ ମତ ରଖିଥିଲେ। ଛୁଟି ପାଇଁ ମିଛରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇବା, ଅଫିସରୁ ଚୋରି କରିବା, ଅନ୍ୟ ଲୋକର କାମ ପାଇଁ ନିଜେ ଶ୍ରେୟ ନେଉଥିବା ସେମାନେ ଦର୍ଶାଇଥିଲେ। ବ୍ରିଟେନର ଅଫିସ ଫର୍ ନ୍ୟାଶନାଲ ଷ୍ଟାଟିଷ୍ଟିକ୍ସର ତଥ୍ୟ ଅନୁଯାୟୀ, ଜଣେ କର୍ମଚାରୀ ବର୍ଷକୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହାରାହାରି ୪ଦିନ ଛୁଟି ନେଇଥାନ୍ତି। ୨୦୧୮ରେ କର୍ମଚାରୀମାନେ ଅଫିସ ନ ଆସିବାର ପ୍ରମୁଖ କାରଣ ସର୍ଦ୍ଦି, ଥଣ୍ଡା, ପିଠି ପୀଡ଼ା ଏବଂ ମାନସିକ ଅସୁସ୍ଥତା ବୋଲି ଦରଖାସ୍ତରେ ଉଲ୍ଲେଖ କରିଥିଲେ।

ସର୍ଭେରୁ ଆହୁରି ମଧ୍ୟ ଜଣାପଡ଼ିଛି, ସିନିୟରଙ୍କ ତୁଳନାରେ ଜୁନିୟର କର୍ମଚାରୀମାନେ ଅଧିକ ମିଛ କହିଥାନ୍ତି। ଏ କ୍ଷେତ୍ରରେ କନିଷ୍ଠମାନେ ସେମାନଙ୍କ ସହଯୋଗୀଙ୍କୁ ସର୍ବଦା ସହାୟତା କରିବାକୁ ପ୍ରସ୍ତୁତ ରହିଥାନ୍ତି। ମହିଳାଙ୍କ ତୁଳନାରେ ପୁରୁଷଙ୍କ ନିକଟରେ ଅନ୍ୟ ଜଣଙ୍କ କାମର ଶ୍ରେୟ ନେବା ପ୍ରବୃତ୍ତି ଦୁଇଗୁଣ। ସେହିପରି ୬୬% କର୍ମଚାରୀ ସେମାନଙ୍କ ସହକର୍ମୀ ଅସୁସ୍ଥ ନ ଥାଇ ଛୁଟିରେ ରହିଥିବା ଜାଣିଥିବା ସତ୍ତ୍ୱେ ଏହି ସୂଚନା ଲୁଚାଇଥାନ୍ତି। ସର୍ଭେରେ ସାମିଲ ହୋଇଥିବା ଏକ ତୃତୀୟାଂଶ ସଦସ୍ୟ କହିଥିଲେ, ସେମାନେ ଅଫିସରୁ ଷ୍ଟାପଲର, ନୋଟବୁକ୍ ଭଳି ଛୋଟ ଛୋଟ ଜିନିଷ ଚୋରି କରିଛନ୍ତି। କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନ ମାମଲାରେ ୩୪ବର୍ଷରୁ କମ୍ ବୟସର କର୍ମଚାରୀ ବୟସ୍କଙ୍କ ତୁଳନାରେ ଅଧିକ ପ୍ରତିକ୍ରିୟାଶୀଳ ହୋଇଥାନ୍ତି। ଯୌନ ଟିପ୍ପଣୀ ମାମଲାରେ ୭୦% ଯୁବ କର୍ମଚାରୀ ପୀଡ଼ିତାଙ୍କ ସହ ଛିଡ଼ା ହୋଇଥାନ୍ତି, ଯେଉଁଠି ୫୫ବର୍ଷରୁ ଊର୍ଦ୍ଧ୍ୱ ବୟସର କର୍ମଚାରୀମାନେ ଏପରି ଘଟଣାରୁ ନିଜକୁ ଦୂରେଇ ରଖିବାକୁ ପସନ୍ଦ କରିଥାନ୍ତି ଅଥବା ସହଯୋଗ ପାଇଁ ପଛଘୁଞ୍ଚା ଦେଇଥାନ୍ତି। ୧୬ବର୍ଷରୁ ଊର୍ଦ୍ଧ୍ୱ ୩୬୫୫ ଜଣ ବୟସ୍କ ଲୋକଙ୍କୁ ନେଇ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଏ ନେଇ ବ୍ୟବସାୟିକ ମନୋବିଜ୍ଞାନୀ ହେଲ୍ ଲୁଇସ୍ କୁହନ୍ତି, କାମରୁ ଫୁରସତ ପାଇଁ କର୍ମଚାରୀମାନେ ଛୁଟି ପାଇଁ ବେମାର ରହିବା ବାହାନା କରିଥାନ୍ତି। ମାଲିକଙ୍କ ଭଲ ଦୃଷ୍ଟିରେ ରହିବାକୁ ସେମାନେ ପ୍ରାଣପଣେ ଚେଷ୍ଟା କରିଥାନ୍ତି। ଏଥିପାଇଁ ଆବଶ୍ୟକ ପଡ଼ିଲେ ବସ୍‌ଙ୍କ ଖାଇବା ଟେବୁଲ ଆଖପାଖରେ ଉପସ୍ଥିତି ଜାହିର କରି ତାଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥାନ୍ତି।



# ଟୁଇଟରରେ ଭୂମିଙ୍କୁ ବିବାହ ପ୍ରସ୍ତାବ

**ମୁମ୍ବାଇ:** ଭୂମି ପାଡନେକର ଆଜିକାଲି ଖୁବ୍ ଚର୍ଚ୍ଚାରେ। ତାଙ୍କ ଭର୍ସାଟାଇଲ ଆକ୍ଟିଂ ସାଙ୍ଗକୁ ସିମ୍ପଲ୍ ଆଉ ଷ୍ଟାଇଲିଶ୍ ଲୁକ୍ ଫ୍ୟାନ୍‌ମାନଙ୍କୁ ଆକର୍ଷିତ କରୁଛି। ତେବେ ଭୂମି ଏବେ ନିଜ ଅପ୍‌କମିଂ ଫିଲ୍ମ 'ପତି, ପତ୍ନୀ ଔର ୱ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହା ପୂର୍ବରୁ ତାଙ୍କର ଦୁଇଟି ଫିଲ୍ମ 'ସୋନ୍‌ଚିଡିଆ' ଏବଂ 'ସାଣ୍ଡ୍ କି ଆଁଖ' ରିଲିଜ୍ ହୋଇଥିଲା। ଏହି ଦୁଇଟି ଫିଲ୍ମରେ ସେ ନନ୍-ଗ୍ଲାମରସ୍ ଲୁକ୍‌ରେ ନଜରକୁ ଆସିଥିଲେ। ହେଲେ 'ପତି, ପତ୍ନୀ ଔର ୱ' ଫିଲ୍ମରେ ସେ ଷ୍ଟାଇଲିଶ୍ ହାଉସ୍‌ୱାଇଫ୍ ଭୂମିକାରେ ନଜରକୁ ଆସିବେ। ଭୂମି ଗୋଟିଏ ପରେ ଗୋଟିଏ ଫିଲ୍ମ କରିଚାଲିଛନ୍ତି। ତାଙ୍କ ଅଭିନୟକୁ ମଧ୍ୟ ଖୁବ୍ ପ୍ରଶଂସା ମିଳିଚାଲିଛି। ହେଲେ ଏତେ ବ୍ୟସ୍ତତା ଭିତରେ ମଧ୍ୟ ସେ ସୋସିଆଲ ମିଡିଆରେ ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେବାକୁ ଭୁଲନ୍ତି ନାହିଁ। ସେ ପ୍ରାୟତଃ ନିଜର ଗ୍ଲାମ୍ ଲୁକ୍ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି। ଏହାରି ଭିତରେ ଟୁଇଟରରେ ଜଣେ ଫ୍ୟାନ୍ ତାଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି। ଏନେଇ ଭୂମିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଫ୍ୟାନ୍ ଜଣକ ଲେଖିଛନ୍ତି, "ହାଲୋ ସୁନ୍ଦରୀ ମ୍ୟାଡାମ୍। ଆପଣଙ୍କ ଫଟୋ ନ ଦେଖି ମୁଁ ଗୋଟିଏ ଦିନ ମଧ୍ୟ ରହିପାରିବିନି। ଆପଣ ଖୁବ୍ ସୁନ୍ଦର। ହୁଏତ ଆପଣ ଜଣେ ସାଧାରଣ ଝିଅ ହୋଇଥାଇପାରନ୍ତି, କିନ୍ତୁ ଆପଣ ଜଣେ ବଡ଼ ସେଲିବ୍ରିଟି। ମୁଁ କେତେ ବି ଭଲ ପାଇଲେ ଆପଣ ଜଣେ ସାଧାରଣ ବ୍ୟକ୍ତିଙ୍କୁ ବିବାହ କରିବା ସମ୍ଭବ ନୁହେଁ, ସେଥିପାଇଁ ଦୁଃଖ ଲାଗେ।"

ଟୁଇଟରରେ ଫ୍ୟାନ୍‌ଙ୍କ ନିକଟରୁ ଏଭଳି ବିବାହ ପ୍ରସ୍ତାବ ପାଇବା ପରେ ଭୂମି ମଧ୍ୟ ମଜାଦାର ଉତ୍ତର ଦେଇଛନ୍ତି। ସେ ଲେଖିଛନ୍ତି, ସେଲିବ୍ରିଟି ହୁଅନ୍ତୁ ବା ସାଧାରଣ ବ୍ୟକ୍ତି, ବାହାଘର ଚାନ୍ସ ଏବେ ବି କମ୍ ରହିଛି। କିନ୍ତୁ ଆପଣ ମୋତେ ମିସ୍ କରିବେ, ସେ କଥା ମୁଁ ହେବାକୁ ଦେବିନାହିଁ। ଯଥାସମ୍ଭବ ବଡ଼ ପରଦାରେ ମୁଁ ଆସୁଥିବି ବୋଲି ଭୂମି ଉତ୍ତର ଦେଇଛନ୍ତି। ଏହା ପରେ ଫ୍ୟାନ୍ ଜଣକ ପୁଣି ଭୂମିଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କରି ଜୀବନରେ ମରିବା ପୂର୍ବରୁ ଅନ୍ତତଃ ଥରେ ତାଙ୍କୁ ସାକ୍ଷାତ୍ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ଏହା ପରେ ଅନ୍ୟ ଫ୍ୟାନ୍‌ମାନେ ମଧ୍ୟ କମେଣ୍ଟ ଦେବା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଭୂମି, କାର୍ତ୍ତିକ ଆର୍ୟନ ଏବଂ ଅନନ୍ୟା ପାଣ୍ଡେ ଅଭିନୀତ ଫିଲ୍ମ 'ପତି, ପତ୍ନୀ ଔର ୱ' ଡିସେମ୍ବର ୬ରେ ରିଲିଜ୍ ହେବ।

# ନିରାମିଷ ଖାଦ୍ୟକୁ ପ୍ରୋତ୍ସାହନ ମିଳୁ

## ମୋଦିଙ୍କୁ ଚିଠି ଲେଖିଲେ ପାମେଲା



**ନୂଆଦିଲ୍ଲୀ:** ବେୱାଚ୍ ଆଇକନ୍ ତଥା ବିଗ୍‌ବସ୍‌ର ପୂର୍ବତନ ଗେଷ୍ଟ ପାମେଲା ଆଣ୍ଡରସନ୍ ନିରାମିଷ ଖାଦ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ସମସ୍ତ ସରକାରୀ ବୈଠକ ଓ କାର୍ଯ୍ୟକ୍ରମରେ ନିରାମିଷ ଖାଦ୍ୟ ପରିବେଷଣ ପାଇଁ ସେ ପିପୁଲ୍ ଫର୍ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପେଟା) ତରଫରୁ ଅନୁରୋଧ କରିଛନ୍ତି। ଭାରତର ଜଳବାୟୁ ପରିବର୍ତ୍ତନ ନିରୋଧୀ ଲଢ଼େଇ ପାଇଁ ସୁସ୍ୱାଦୁ ବ୍ୟଞ୍ଜନ (ସମ୍ପୂର୍ଣ୍ଣ ଶାକାହାରୀ) ବିଶେଷ ସହାୟକ ହେବ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ମାଂସ, ଅଣ୍ଡା ଆଦି ପାଇଁ ପ୍ରାଣୀ ହତ୍ୟା ଏକ-ପଞ୍ଚମାଂଶ ମାନବକୃତ ସବୁଜଗୃହ ଉତ୍ସର୍ଜନ କରାଇଥାଏ। ତେଣୁ ନ୍ୟୁଜିଲାଣ୍ଡ, ଚାଇନା ଓ ଜର୍ମାନୀ ଭଳି ଭାରତରେ ମଧ୍ୟ ଶାକାହାରୀ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ୫୨ ବର୍ଷୀୟା ଅଭିନେତ୍ରୀ ତଥା ପେଟା ଡାଇରେକ୍ଟର ପାମେଲା ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଇତିହାସର ଆଇନାରେ

### ନଭେମ୍ବର ୩୦ର ପ୍ରମୁଖ ଘଟଣା



୧୯୬୭ ନଭେମ୍ବର ୩୦ରେ ଜୁଲ୍‌ଫିକର ଅଲି ଭୁଟ୍ଟୋ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଗଠନ କରିଥିଲେ। ସେ ଏହି ରାଜନୈତିକ ଦଳର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ୧୯୭୦ ନିର୍ବାଚନରେ ଏହି ଦଳ ପଶ୍ଚିମ ପାକିସ୍ତାନରେ ଅଧିକାଂଶ ଆସନରେ ବିଜୟୀ ହୋଇଥିଲା।



୧୯୮୮ ନଭେମ୍ବର ୩୦ରେ ସାମୁଦ୍ରିକ ଝଡ଼ରେ ବାଂଲାଦେଶ ଓ ପଶ୍ଚିମବଙ୍ଗରେ ୬୨୪୦ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୯ରେ ଏହା ବାଂଲାଦେଶ-ଭାରତ ସୀମାରେ ସ୍ଥଳଭାଗ ଛୁଇଁବା ସହ ଘଣ୍ଟାପ୍ରତି ୨୦୦ କିଲୋମିଟର ବେଗରେ ପବନ ବହିଥିଲା। ବାତ୍ୟା ଯୋଗୁ ପଶ୍ଚିମବଙ୍ଗରେ ୫୩୮ ଜଣ ଓ ବାଂଲାଦେଶରେ ୫୭୦୮ ଜଣ ପ୍ରାଣ ହରାଇଥିଲେ। ବାଂଲାଦେଶରେ ୭୦ ଭାଗ ଫସଲ ଉଜୁଡି ଯାଇଥିଲା।

# ହିମବାହ ତରଳାଇବ ଆମାଜନ ନିଆଁ

**ରିଓ ଡି ଜେନିରୋ:** ଚିରହରିତ୍ ଅରଣ୍ୟ ଆମାଜନରେ ଲାଗିଥିବା ନିଆଁ ଯୋଗୁ ହିମବାହ ତରଳିବା ବୃଦ୍ଧିପାଇବ ବୋଲି ଗବେଷକମାନେ ସତର୍କ କରାଇଦେଇଛନ୍ତି। ଦକ୍ଷିଣପଶ୍ଚିମ ଆମାଜନିଆ (ବ୍ରାଜିଲ, ପେରୁ ଓ ବଲିଭିଆରେ ଥିବା ଆମାଜନ)ରେ ଲାଗିଥିବା ନିଆଁ ଲିଭୁନାହିଁ। ଏଥିଯୋଗୁ ଆଣ୍ଡିଜ୍ ଓ ଦକ୍ଷିଣ ଆମେରିକାରେ ଥିବା ଉଷ୍ମ ମଣ୍ଡଳୀୟ ହିମବାହଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ତରଳିବ ବୋଲି ଏକ ଗବେଷଣାରୁ ସେମାନେ ଜାଣିବାକୁ ପାଇଛନ୍ତି।

ବ୍ରାଜିଲସ୍ଥିତ ରିଓ ଡି ଜେନିରୋ ଷ୍ଟେଟ୍ ୟୁନିଭର୍ସିଟିର ଗବେଷକ ନିଉଟନ୍ ଡି ମଗଲହାଏସ୍ ନେଟୋ ଓ ତାଙ୍କ ସହଯୋଗୀମାନେ ଆମାଜନ ଅବବାହିକାରେ ବାୟୋମାସ୍ ଜଳିବା ଫଳରେ ବଲିଭିଆର ଜୋଙ୍ଗୋ ହିମବାହ ଉପରେ ଏହାର ସମ୍ଭାବ୍ୟ କୁପ୍ରଭାବ ନେଇ ଏକ ମଡେଲ ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେମାନେ ୨୦୦୦ରୁ ୨୦୧୬ ମଧ୍ୟରେ ଘଟିଥିବା ଅଗ୍ନିକାଣ୍ଡ, ଧୂମବଳୟ, ବର୍ଷା ଓ ହିମବାହ ତରଳିବା ସମ୍ପର୍କିତ ତଥ୍ୟକୁ ଉପଯୋଗ କରିଥିଲେ। ଜୈବବର୍ଜ୍ୟ ଜଳିବା ଫଳରେ ସେଥିରୁ ସୃଷ୍ଟ ବ୍ଲାକ୍ କାର୍ବନ ଭଳି ସୂକ୍ଷ୍ମକଣିକାଗୁଡ଼ିକ ପବନରେ ଉଡି ଉଷ୍ମ ମଣ୍ଡଳୀୟ ଆଣ୍ଡିଆନ୍ ଗ୍ଲେସିୟରରେ ପହଞ୍ଚିଥାଏ। ଏହା ହିମବାହକୁ ଅଧିକ ମାତ୍ରାରେ ତରଳାଇଥାଏ ବୋଲି ସାଇଣ୍ଟିଫିକ୍ ରିପୋର୍ଟ ଜର୍ନାଲରେ ପ୍ରକାଶିତ ଅଧ୍ୟୟନରେ ଉଲ୍ଲେଖ କରାଯାଇଛି।



# ଜାମିନ ନ ଦେବାରୁ ମହିଳା ଜଜ୍‌ଙ୍କୁ ଧମକ

**ଥିରୁଭାନନ୍ତପୁରମ୍:** ଜଣେ ମାଜିଷ୍ଟ୍ରେଟ୍ ଏକ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ମନା କରିବାରୁ ଓକିଲ ତାଙ୍କୁ ମାଡ଼ ମାରିବାର ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଜଜ୍‌ଙ୍କୁ ଧମକ ଦେବା ଅପରାଧରେ ୧୨ ଓକିଲଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଥିରୁଭାନନ୍ତପୁରମ୍‌ରେ ଜୁଡିସିଆଲ୍ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ ଦୀପା ମୋହନ ନିଜ ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି ଯେ, ଓକିଲମାନେ ତାଙ୍କୁ ଚ୍ୟାମ୍ବର ମଧ୍ୟରେ ବନ୍ଦ କରି 'ତୁମେ ଜଣେ ମହିଳା ହୋଇ ନ ଥିଲେ ଚ୍ୟାମ୍ବରରୁ ଘୋଷାଡ଼ି ବାହାରି କରିଥାନ୍ତୁ ଏବଂ ମାଡ଼ ମାରିଥାନ୍ତୁ' ବୋଲି ଧମକାଇଥିଲେ। ଏହାସହ ତୁମେ ବାହାରକୁ କେମିତି ବାହାରିବ ଆମେ ଦେଖିବୁ ବୋଲି ମଧ୍ୟ ଧମକ ଦେଇଥିଲେ। ଗତ ବୁଧବାର ରାଜ୍ୟ ସଡ଼କ ପରିବହନ ନିଗମର ଜଣେ ଗାଡ଼ିଚାଳକଙ୍କୁ ଜାମିନ ନ ଦେବାରୁ ଓକିଲମାନେ ଏପରି ଧମକ ଦେଇଥିବା ସେ ଉଲ୍ଲେଖ କରିଛନ୍ତି। କୌଣସି ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କୋର୍ଟ ବନ୍ଦ ରହିବ ବୋଲି ଓକିଲମାନେ କୋର୍ଟ ପରିସରରେ ଉପସ୍ଥିତ ଲୋକମାନଙ୍କୁ ମଧ୍ୟ କୋର୍ଟ ଛାଡ଼ିବାକୁ କହି କୋର୍ଟ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଜଜ୍ ଅଭିଯୋଗ କରିଛନ୍ତି। ଧମକ ଦେଇଥିବା ଓକିଲଙ୍କ ମଧ୍ୟରେ ବାର୍ ଆସୋସିଏସନ୍‌ର ଅଧ୍ୟକ୍ଷ ଏବଂ ସମ୍ପାଦକ ମଧ୍ୟ ସାମିଲ ଥିବା ସେ କହିଛନ୍ତି। ତେବେ ଏହି ମାମଲାରେ କେରଳ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜଜ୍ ଓକିଲମାନଙ୍କ ବିରୋଧରେ ଏତଲା ଦେଇଛନ୍ତି।




## ବିରକ୍ତ କଲା ଟ୍ରାଫିକ ଜାମ୍

# ଘରେ ତିଆରି କଲେ ହେଲିକପ୍ଟର

**ଜାକର୍ତ୍ତା:** ବ୍ୟସ୍ତବହୁଳ ଜୀବନଶୈଳୀ ସାଙ୍ଗକୁ ଟ୍ରାଫିକ ସମସ୍ୟା ଲୋକଙ୍କୁ ଅଧିକ ବିରକ୍ତ କରିଥାଏ। କୌଣସି କାର୍ଯ୍ୟରେ ଘରୁ ବାହାରିଲେ ଅତି କମ୍‌ରେ ଅଧଘଣ୍ଟା ବା ଘଣ୍ଟାଏ ଅଧିକ ସମୟ ହାତରେ ରଖି ବାହାରିବାକୁ ପଡ଼େ। ଭାରତର ମୁମ୍ବାଇ, ଦିଲ୍ଲୀ ଓ ବାଙ୍ଗାଲୋର ଆଦି ବଡ଼ ସହର ଭଳି ଛୋଟ ଛୋଟ ସହରରେ ବି ଟ୍ରାଫିକ ସମସ୍ୟା ପାଇଁ ଲୋକେ ଅତିଷ୍ଠ ହୋଇପଡ଼ନ୍ତି। ବେଳେବେଳେ ଟ୍ରାଫିକ ଜାମ୍‌ରେ ଫସି ଥିବା ବେଳେ ଅନେକେ ଆକାଶରେ ଉଡ଼ି ଆଗକୁ ଚାଲିଯିବାକୁ ଇଚ୍ଛା କରନ୍ତି। କିନ୍ତୁ ସମସ୍ତେ ଏହି ଇଚ୍ଛା ପୂରଣ କରିପାରୁ ନ ଥିବା ବେଳେ ଇଣ୍ଡୋନେସିଆର ଜୁଜୁନ୍ ଜୁନେଦୀ ନାମକ ଜଣେ ବ୍ୟକ୍ତି ଏହାକୁ ସତରେ ପରିଣତ କରିଛନ୍ତି। ଜାକର୍ତ୍ତାଠାରୁ ପ୍ରାୟ ୧୦୦ କିମି ଦୂରରେ ଜୁଜୁନ୍‌ଙ୍କ ଘର। ଟ୍ରାଫିକ୍ ଜାମ୍‌ରେ ବାରମ୍ବାର ଫସି ଅତିଷ୍ଠହେବା ପରେ ଜୁଜୁନ୍ ନିଜ ଘର ପଛ ପଟ ବାଡ଼ିରେ ଏକ ହେଲିକପ୍ଟର ତିଆରି କରିଛନ୍ତି। ଇଣ୍ଟରନେଟ୍‌ରେ ଭିଡିଓ ଦେଖି ସେ ଏହାକୁ ତିଆରି କରିବାରେ ସଫଳ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୧,୫୦,୪୧୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଏ ସମ୍ପର୍କରେ ଜୁଜୁନ୍ କୁହନ୍ତି, ଟ୍ରାଫିକ୍ ଜାମ୍‌ରେ ବାରମ୍ବାର ଫସିବା ପରେ ନିଜେ ହେଲିକପ୍ଟର ତିଆରି କରିବେ ବୋଲି ଭାବିଥିଲେ। ଏହାକୁ ତିଆରି କରିବାରେ ଜୁଜୁନ୍‌ଙ୍କ ପୁଅ ଓ ପଡୋଶୀ ତାଙ୍କୁ ସହଯୋଗ କରିଥିଲେ। ୨୬ ଫୁଟ୍‌ର ଏହି ହେଲିକପ୍ଟର ତିଆରି କରିବା ପାଇଁ ୧୮ ମାସ ସମୟ ଲାଗିଥିଲା। ଜୁଜୁନ୍‌ଙ୍କ ହେଲିକାପ୍ଟର ପେଟ୍ରୋଲ ସାହାଯ୍ୟରେ ଉଡ଼ିବ। ଏହା ଥରେ ଆକାଶରେ ଉଡ଼ିଗଲା ପରେ ମନକୁ ଶାନ୍ତି ଆସିବ ବୋଲି ଜୁଜୁନ୍ କହିଛନ୍ତି।



**ଧରିତ୍ରୀ**ର ୪୬ତମ ସ୍ୱନକ୍ଷତ୍ର ଅବସରରେ ମୋରଡା ବ୍ଲକ୍‌ର ସମସ୍ତ କାର୍ଯ୍ୟକର୍ତ୍ତା ତଥା ଜନସାଧାରଣଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ପଞ୍ଚାୟତ ସମିତି ମୋରଡା, ଚିତ୍ରଡା**

---

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ
**ଭୁବନ ବ୍ଲକ୍**
ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ ।

**ଶ୍ରୀଯୁକ୍ତ ଆଶୀର୍ବାଦ ପରିଡ଼ା**
**ବିଡିଓ, ଭୁବନ, ଢେଙ୍କାନାଳ**

ବି.ଦ୍ର.: ଭୁବନ ବ୍ଲକ୍ ପକ୍ଷରୁ ଚଳିତ ମାସ ୨୬ ତାରିଖରେ ଦକ୍ଷତା ହିଁ କ୍ଷମତା ବୈଷୟିକ ତାଲିମ୍ ଶିବିର ଆୟୋଜନ ଓ ୨୯ ତାରିଖ ଦିନ ସାମର୍ଥ ଶିବିରରେ ବ୍ଲକ୍‌ର ସମସ୍ତ ଅଞ୍ଚଳବାସୀମାନଙ୍କ ମଧ୍ୟରୁ ଯୁବତୀଯୁବକ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗଦେବାକୁ ନିବେଦନ କରାଯାଉଛି ।

---

**ଧରିତ୍ରୀ**ର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଲୋଧା ଉନ୍ନୟନ ସଂସ୍ଥା ମୋରଡା ଅଧୀନସ୍ଥ ସମସ୍ତ ଗ୍ରାମର ଅଧୀବାସୀଙ୍କ ବିକାଶ ଏବଂ ଉନ୍ନତି କାମନା କରୁଅଛୁ ।

**ସ୍ୱତନ୍ତ୍ର ଅଧିକାରୀ, ମୋରଡା**
**ଲୋଧା ଉନ୍ନୟନ ସଂସ୍ଥା ଓ ସହକର୍ମୀ ବୃନ୍ଦ**

---

ଧରିତ୍ରୀର ୪୬ ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ



**ଉମାକାନ୍ତ ସାମନ୍ତରାୟ, ବିଧାୟକ, ସତ୍ୟବାଦୀ**



**ସସ୍ମିତା ପ୍ରଧାନ, ଅଧକ୍ଷା**
**ସତ୍ୟବାଦୀ ପଞ୍ଚାୟତ ସମିତି**
ସମୃଦ୍ଧ ସତ୍ୟବାଦୀ ଗଠନରେ ଆପଣଙ୍କର ସହଯୋଗ କାମନା କରୁଛୁ ।
ନବବର୍ଷ ଆପଣଙ୍କ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।
ସୌଜନ୍ୟ- ଶଙ୍କର ପ୍ରଧାନ, ପୁର୍ବତନ ସମିତିସଭ୍ୟ

---

# ସତ୍ୟବାଦୀ ମହୋତ୍ସବ



୨୦୨୦ ଫେବୃୟାରୀ ୭, ୮ ଓ ୯ ତାରିଖ
ସ୍ଥାନ - ପଞ୍ଚସଖା ମୁକ୍ତାକାଶ ରଙ୍ଗ ମଞ୍ଚ, ବକୁଳବନ, ପ୍ରତ୍ୟହ ସନ୍ଧ୍ୟାରେ
ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ, ବଲିଉଡ ନାଇଟ୍ସ

ସାଦର ନିମନ୍ତ୍ରଣ :- **ଦିପକ କୁମାର ଶତପଥି** (ସଂଯୋଜକ)

**ସତ୍ୟବାଦୀ ମହୋତ୍ସବ କମିଟି, ସାକ୍ଷୀଗୋପାଳ**

---

ଧରିତ୍ରୀରେ ପ୍ରକାଶିତ ସମ୍ପାଦକୀୟ, ସାହିତ୍ୟାୟନ, ପାଠକଙ୍କୁ ଆଦୃତ କରି ଆସିଛି । ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ସହ...

**କସ୍ତୁରବା ଗାନ୍ଧୀ ବିଦ୍ୟାଳୟ**
**ମୈଦଲପୁର**

---

ଧରିତ୍ରୀର ୪୬ତମ ଜନ୍ମଦିବସ ଅବସରରେ
**"ପ୍ରକୃତି କୁଟୀର ୟୁକୋପାର୍କ"**
ଚିତ୍ରକୋଣ୍ଡା ଆପଣଙ୍କୁ ସ୍ୱାଗତ ଜଣାଉଛି ।







ଅନ୍‌ଲାଇନ୍ ବୁକିଙ୍ଗ ପାଇଁ ଯୋଗାଯୋଗ କରନ୍ତୁ- https:www.ecotourodisha.com
ମାଲକାନଗିରି ବନଖଣ୍ଡ, ଚିତ୍ରକୋଣ୍ଡା ବନାଞ୍ଚଳ

---

ଧରିତ୍ରୀ ର ୪୬ ତମ ଜନ୍ମବାର୍ଷିକ ଉପଲକ୍ଷେ



ସମସ୍ତ କୃଷୀ ଭାଇ ଓ ଭଉଣୀ ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା

**ଜାତୀୟ କୃଷି ବଜାର ରେ ନାମ ପଞ୍ଜୀକରଣ କରାଇ ନିଅନ୍ତୁ**

**ସାକ୍ଷୀଗୋପାଳ ନିୟନ୍ତ୍ରୀତ ବଜାର କମିଟି**
**ସାକ୍ଷୀଗୋପାଳ, ପୁରୀ**

| | |
|---|---|
| କମଳ କୁମାର ଆଶ୍ଚର୍ଯ୍ୟ<br>ସଂପାଦକ | ଭବତାରଣ ସାହୁ, ଓପ୍ରସେ<br>ଅଧକ୍ଷ |

---

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ, ଏକ୍ସବୋର୍ଡ, ନବରଙ୍ଗପୁରର ଆନ୍ତରିକ ଶୁଭକାମନା । ଏହାର ଉତ୍ତରୋତ୍ତର ପ୍ରଗତି ଆମ୍ଭେ ଦୃଢ଼ ଆଶା ପୋଷଣ କରୁଛୁ ।

**ପ୍ରଧାନ ଶିକ୍ଷୟିତ୍ରୀ**
**ସମସ୍ତ କର୍ମଚାରୀ ଓ ଅନ୍ତେବାସୀ**

---

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନବରଙ୍ଗପୁର ବ୍ଲକର ସମସ୍ତ ଛାତ୍ର, ଛାତ୍ରୀଙ୍କୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ।

"ଆସନ୍ତୁ ସମସ୍ତେ ମିଳିମିଶି ମୋସ୍କୁଲ ଅଭିଯାନକୁ ସଫଳ କରିବା ।"

**ଗୋଷ୍ଠୀ ଶିକ୍ଷା ଅଧିକାରୀ**
**ନବରଙ୍ଗପୁର**

---

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ବନାଞ୍ଚଳ ଅଧିକାରୀ, ରାୟଗଡ଼ା**

---

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ
**ଡାବୁଗାଁ ବ୍ଲକ୍‌ର**
ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।

**ପଦ୍ମନାଭ ତ୍ରିପାଠୀ**
ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ

**ଉମେଶ ଚନ୍ଦ୍ର ମାଝୀ**
ସହକାରୀ ଯନ୍ତ୍ରୀ

ଓ ସମସ୍ତ କନିଷ୍ଠ ଯନ୍ତ୍ରୀ
ଡାବୁଗାଁ ପଞ୍ଚାୟତ ସମିତି

---

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ସହ...

**ପଞ୍ଚାୟତ ସମିତି**
**ପାପଡ଼ାହାଣ୍ଡି**

---

ଓଡ଼ିଶାର ୧ନଂ. ଅଗ୍ରଣୀ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉତ୍ସବରେ କୁନ୍ଦୁରା ସାମାଜିକ ସୁରକ୍ଷା ଅଧିକାରୀ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ତରଫରୁ ଶୁଭେଚ୍ଛା ।

ସବୁ ସମୟରେ ଏଭଳି ଭାବେ ସମସ୍ତଙ୍କ ଆଗ୍ରହ ଧରିତ୍ରୀ ପ୍ରତି ରହିଥାଉ ।



**ସୁମିତ୍ରା ଖରା**
**ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, କୁନ୍ଦୁରା**

---

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ, ପାଠିକା, ଲେଖକ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ।

**ପଞ୍ଚାୟତ ସମିତି**
**ନବରଙ୍ଗପୁର**

---



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
*From ITDA Rayagada*

---

# ମା' ସରସ୍ୱତୀ ବିଦ୍ୟା ମନ୍ଦିର

ସ୍ଥାପିତ : ୧୯୯୮
ଶୁଭେଚ୍ଛା ସହ...
ଡାଇମଣ୍ଡ ଟ୍ୟାଙ୍କ୍ ରୋଡ୍ ଓ ଶିବାନନ୍ଦ ନଗର, ବ୍ରହ୍ମପୁର-୨
ଦୂରଭାଷ : ୯୪୩୭୩୫୮୨୦୨, ୦୬୮୦-୨୨୬୦୬୧୬

**ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ବିଦ୍ୟାଳୟ ବିବେଚିତ**

**ନାମଲେଖା ବିଜ୍ଞାପନ**

୧. ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷରେ ପ୍ଲେସ୍କୁଲ ଓ ଶିଶୁପ୍ରାରମ୍ଭ ଶ୍ରେଣୀରେ ପ୍ରବେଶ ନିମନ୍ତେ ଆବେଦନ ଫର୍ମ ତା.୧୫.୧୧.୨୦୧୯ରିଖ ସକାଳ ୯ଘ.୩୦ମି. ଠାରୁ ଅପରାହ୍ନ ୨ଘ.୩୦ମି. ମଧ୍ୟରେ ବିଦ୍ୟାଳୟ କାର୍ଯ୍ୟାଳୟରେ ଦିଆଯାଉଛି ।
୨. ଶିଶୁଙ୍କ ବୟସ ତା.୦୧.୦୪.୨୦୨୦ରିଖ ସୁଦ୍ଧା ୩ ବର୍ଷରୁ ଉର୍ଦ୍ଧ ଏବଂ ୪ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ।
୩. ପ୍ଲେସ୍କୁଲ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଅଛି ।
୪. ଶିଶୁଙ୍କ ସୁଗମ ଓ ନିରାପଦ ଯାତାୟତ ପାଇଁ ବସ୍ ଓ ଭ୍ୟାନ୍‌ର ସୁବିଧା ରହିଅଛି ।

**ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ**

ଶିକ୍ଷାଗତ ଯୋଗ୍ୟତା : I.A / I.Sc. ସହିତ C.T. କିମ୍ବା B.A..B.Sc. ସହିତ B.Ed. ହୋଇଥିବା ଆବଶ୍ୟକ । ଅଭିଜ୍ଞତା ଥିବା ଓ O.T.E.T. ପାସ୍ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

* ମୂଳ ପ୍ରମାଣପତ୍ର ସହ ତାହାର ନକଲ ଏବଂ BIODATA FORM ସହ ଆସନ୍ତା ତା.୦୧.୧୨.୨୦୧୯ରିଖ (ରବିବାର) ଦିନ ସକାଳ ଘ.୯.୦୦ମି ସମୟରେ ସାକ୍ଷାତକାର ପାଇଁ ଉପସ୍ଥିତ ରହିବେ ।
* ଅଭିଜ୍ଞତା ଭିତ୍ତିରେ ଉପଯୁକ୍ତ ଦରମା ସକାଶେ ଆଲୋଚନା କରାଯିବ ।

ଯୋଗାଯୋଗ : ୭୦୦୮୧୮୧୨୨୦
ସ୍ୱା-ସମ୍ପାଦକ

# ‘ହକି ଭଳି ଫିଫା ବିଶ୍ୱକପ୍ ବୃହତ୍ ସଫଳତା ପାଇବ’

ଭୁବନେଶ୍ୱର, ୨୯।୧୧ (ସ୍ପୋର୍ଟସ ବ୍ୟୁରୋ)

ଆସନ୍ତା ବର୍ଷ ଭାରତରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବ। ବିଶ୍ୱସ୍ତରୀୟ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ଲାଗି ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପ୍ରୋଭିଜିନାଲ ଭେନ୍ୟୁର ଅନୁମୋଦନ ଲାଭ କରିସାରିଛି। ଏହି ଅବସରରେ ଫିଫାର ଏକ ଟିମ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତି ନିରୀକ୍ଷଣ କରିଛନ୍ତି। ବିଶ୍ୱକପ୍ ପାଇଁ ଷ୍ଟାଡିୟମ ପ୍ରସ୍ତୁତି ନିରୀକ୍ଷଣ କରିବା ପରେ ଫିଫା ଟୁର୍ନାମେଣ୍ଟ ଓ ଇଭେଣ୍ଟ ଡିଭିଜନ ମୁଖ୍ୟ ଓଲିଭର ଭୋଗତ୍ ସନ୍ତୋଷ ଜାହିର କରିବା ସହିତ ଏଠାରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଲେ ବୃହତ୍ ସଫଳତା ଲାଭ କରିବ ବୋଲି ସେ କହିଛନ୍ତି।

‘ଭୁବନେଶ୍ୱର ହେଉଛି ଏପରି ଏକ ସହର ଯେଉଁଠାରେ ଖେଳକୁ ନେଇ ପ୍ରବଳ ଉତ୍ସାହ ରହିଛି। ତେଣୁ ଏଠାକୁ ଆସି ଆମେ ବହୁତ ଖୁସି ଅଛୁ। ହକି ବିଶ୍ୱକପ୍ ଏକବର୍ଷ ପୂର୍ବେ ଏଠାରେ ସଫଳତାର ସହ ଆୟୋଜିତ ହୋଇସାରିଛି। ଏବେ ଏହା ଫୁଟ୍‌ବଲକୁ ସ୍ଥାନାନ୍ତରିତ କରିବାର ସମୟ ଆସିଛି। ଭୁବନେଶ୍ୱର ଯଦି ଆୟୋଜନ ସହର ଅଧିକାର ଲାଭ କରେ ତେବେ ମୋର ପୂରା ବିଶ୍ୱାସ ରହିଛି କି, ହକି ବିଶ୍ୱକପ୍ ଭଳି ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ମଧ୍ୟ ବୃହତ୍ ସଫଳତା ଲାଭ କରିବ’ ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଲିଭର ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁଭଳି ଭାବେ ବିଶ୍ୱକପ୍ ଆୟୋଜନ ଲାଗି ଷ୍ଟାଡିୟମର ପ୍ରସ୍ତୁତି ଚାଲିଛି ଏହା ୪ଟି ସହର ମଧ୍ୟରୁ ଗୋଟିଏ ଭେନ୍ୟୁର ମାନ୍ୟତା ପାଇବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଲୋକାଲ୍ ଅର୍ଗାନାଇଜିଂ କମିଟି (ଏଲ୍‌ଓସି) ଟୁର୍ନାମେଣ୍ଟ ନିର୍ଦ୍ଦେଶିକା ରୋମା ଖାନ୍ନା ମଧ୍ୟ ଉପସ୍ଥିତ ରହିବା ସହିତ ଷ୍ଟାଡିୟମ ପ୍ରସ୍ତୁତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ତତ୍ପରତା ଦେଖାଦେଇଛି ସେଥିରେ ଖୁସି ଜାହିର କରିଛନ୍ତି।



ଖବରଦାତା ସମ୍ମିଳନୀରେ ଫିଫା ଅଧିକାରୀଙ୍କ ସହ କ୍ରୀଡ଼ା ସଚିବ ବିଶାଳ ଦେବ।

## ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍

### ମାର୍ଚ୍ଚ ୨୬ରେ ଭାରତ–କାତାର ମ୍ୟାଚ୍

‘୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ ଲାଗି ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ୨୦୨୦ ଫେବ୍ରୁୟାରୀ ସୁଦ୍ଧା କଳିଙ୍ଗ ଷ୍ଟାଡିୟମର ପ୍ରସ୍ତୁତି ଓ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ପୂର୍ବରୁ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଓ ପୁରୁଷ ହକି ବିଶ୍ୱକପ୍ ଏଠାରେ ସଫଳତାର ସହ ଆୟୋଜନ କରିଛୁ। ତେଣୁ ଏଥର ମଧ୍ୟ ପୂର୍ଣ୍ଣ ବିଶ୍ୱାସ ରହିଛି କି, ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍‌କୁ ମଧ୍ୟ ସଫଳତାର ସହ ଆୟୋଜନ କରିବୁ’ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ବିଶାଳ ଦେବ କହିଛନ୍ତି। ସେହିଭଳି ଆସନ୍ତା ବର୍ଷ ମାର୍ଚ୍ଚ ୨୬ରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ କାତାର ମଧ୍ୟରେ ୨୦୨୨ ଫିଫା ପୁରୁଷ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ବୋଲି ସେ ଖବରଦାତା ସମ୍ମିଳନୀ ଅବସରରେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧୯ରେ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓମାନଠାରୁ ୧–୦ ଗୋଲରେ ହାରି ଭାରତ ୨୦୨୨ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରୁ ଏକପ୍ରକାର ବଞ୍ଚିତ ହୋଇଛି।

### ୨୭ରେ ଘରୋଇ ଗ୍ରାଉଣ୍ଡରେ ଖେଳିବ ଓଡ଼ିଶା ଏଫ୍‌ସି

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ଚଳିତ ବର୍ଷ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ଟିମ୍ ଆସନ୍ତା ଡିସେମ୍ବର ୨୭ରେ ଘରୋଇ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଏହାର ପ୍ରଥମ ମ୍ୟାଚ୍ ଖେଳିବ ବୋଲି ଜଣାପଡ଼ିଛି। ଏହିଦିନ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳି ଘରୋଇ ଭେନ୍ୟୁରେ ଓଡ଼ିଶା ଦଳ ଏହାର ଅଭିଯାନ ଆରମ୍ଭ କରିବ। ପୂର୍ବରୁ ନଭେମ୍ବର ୨୪ରେ ଏଟିକେ ବିପକ୍ଷରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ୍ ଖେଳିବ ବୋଲି କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଲାଗି କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତି କାମ ଚାଲିଥିବାରୁ ଓଡ଼ିଶା ଏଫ୍‌ସି ଏହାର ଘରୋଇ ମ୍ୟାଚ୍ ଖେଳିବାରେ ବିଳମ୍ବ ହୋଇଥିଲା।

# ସାଫ୍ ଗେମ୍ସରେ ଓଡ଼ିଶାର ସତ୍ୟଜିତ୍

ବାଲେଶ୍ୱର ଅଫିସ, ୨୯।୧୧



ବାଲେଶ୍ୱରର ଖୋଖୋ ଖେଳାଳି ସତ୍ୟଜିତ୍ ସିଂ ନେପାଳର କାଠମାଣ୍ଡୁଠାରେ ଆୟୋଜିତ ହେବାକୁ ଥିବା ସାଉଥ୍ ଏସିଆନ (ସାଫ୍) ଗେମ୍ସ ଖେଳିବା ପାଇଁ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି। ଶୁକ୍ରବାର ଭାରତୀୟ ଖୋ ଖୋ ମହାସଂଘ ପକ୍ଷରୁ ବାଲାସାହେବ ପୋକର୍ଡେଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ପୁରୁଷ ଦଳରେ ସତ୍ୟଜିତ ସ୍ଥାନ ପାଇଛନ୍ତି। ନେପାଳର କାଠମାଣ୍ଡୁଠାରେ ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ସାଫ୍ ଗେମ୍ସର ତ୍ରୟୋଦଶ ସଂସ୍କରଣ ଅନୁଷ୍ଠିତ ହେବ। ୨୦୧୬ରେ ପ୍ରଥମ ଥର ଲାଗି ସାଫ୍ ଗେମ୍ସରେ ଖୋ ଖୋ ଖେଳକୁ ସାମିଲ କରାଯାଇଥିଲା। ଏଥିରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲା।

ବାଲେଶ୍ୱରର କୋଚ୍ ମଳୟ ରଞ୍ଜନ ବେହେରାଙ୍କ ଅଧୀନରେ ସତ୍ୟଜିତ୍ ଖୋ ଖୋ ପ୍ରଶିକ୍ଷଣ ନେଉଛନ୍ତି। ସତ୍ୟଜିତ ୨୦୧୬ରୁ ୨୦୧୯ ମଧ୍ୟରେ ଓଡ଼ିଶା ଜୁନିୟର ଓ ସିନିୟର ଖୋ ଖୋ ଦଳ ପକ୍ଷରୁ ଜାତୀୟସ୍ତରର ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିସାରିଛନ୍ତି। ପ୍ରକାଶଥାଉ କି, ସେ ୨୦୧୬ ମସିହାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହୋଇଥିବା ଖୋଖୋ ଟେଷ୍ଟ ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

# ଚେନ୍ନାଇନ୍ ସହ ଡ୍ର’ ରଖିଲା ଓଡ଼ିଶା

ଚେନ୍ନାଇ, ୨୯।୧୧ (ପି.ଟି.)

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ଗୁରୁବାର ନବାଗତ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨–୨ ଗୋଲରେ ଡ୍ର’ରେ ଶେଷ ହୋଇଛି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ହିଁ ଉଭୟ ଦଳ ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ଘରୋଇ ଦଳର ନେରିଜୁସ ଭାଲସ୍କି ଡବଲ୍ ଗୋଲ୍‌ସ୍କୋର କରିଥିଲେ ମଧ୍ୟ ଚେନ୍ନାଇନକୁ ଜିତାଇପାରି ନ ଥିଲେ।

ମ୍ୟାଚ୍‌ର ୫୧ତମ ମିନିଟ୍‌ରେ ଚେନ୍ନାଇନ ପକ୍ଷରୁ ଭାଲସ୍କି ପ୍ରଥମ ଗୋଲସ୍କୋର କରି ଦଳକୁ ୧–୦ ଗୋଲରେ ଅଗ୍ରଣୀ କରାଇଥିଲେ। ତେବେ ଏହି ଖୁସି ବେଶି ସମୟ ପର୍ଯ୍ୟନ୍ତ ରହି ନ ଥିଲା। ଏହାର ୩ ମିନିଟ୍ ପରେ ଓଡ଼ିଶା ଏଫ୍‌ସି ଗୋଲ ଶୁଝାଇବାରେ ସଫଳ ହୋଇଥିଲା। ମଧ୍ୟକ୍ରମ ଖେଳାଳି ନନ୍ଦ କୁମାରଙ୍କ କ୍ରସ ପାସ୍‌କୁ ଜିସ୍କୋ ହର୍ନାଣ୍ଡିଜ ଫ୍ଲିକ୍ କରି ଚେନ୍ନାଇନ ଗୋଲପୋଷ୍ଟକୁ ବଲ୍ ପଠାଇ ଦେଇଥିଲେ। ଫଳରେ ମ୍ୟାଚ୍ ୧–୧ ବରାବରସ୍ଥିତିକୁ ଆସିଥିଲା। ଏହାପରେ ୭୧ତମ ମିନିଟ୍‌ରେ ଚେନ୍ନାଇନର ଭାଲସ୍କି ବ୍ୟକ୍ତିଗତ ତଥା ଦଳ ପାଇଁ ୨ୟ ଗୋଲ କରିଥିଲେ। ଏଥର ମଧ୍ୟ ଓଡ଼ିଶା ଖେଳାଳି ପ୍ରତ୍ୟାବର୍ତ୍ତନ କରି ୧୧ ମିନିଟ୍ ପରେ ଗୋଲ ଶୁଝାଇ ଦେଇଥିଲେ। ଆଡ୍ରିଆନେ ସାନ୍ତାସଙ୍କ ଗୋଲବଳରେ ମ୍ୟାଚ୍‌କୁ ଓଡ଼ିଶା ୨–୨ସ୍ତରକୁ ଆଣିଥିଲା। ଏହାପରେ କୌଣସି ଗୋଲ ନ ହେବାରୁ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ଭାଗ କରିଥିଲେ। ଓଡ଼ିଶା ୬ଷ୍ଠ ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ ପରାଜୟ ଓ ୩ ଡ୍ର ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଚେନ୍ନାଇନ ୫ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନକୁ ଉଠିଛି।

# ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୧୧ (ସ୍ପୋର୍ଟସ ବ୍ୟୁରୋ)

ଡିସେମ୍ବର ୩ରେ ‘ବିଶ୍ୱ ଭିନ୍ନକ୍ଷମ ଦିବସ’ ଭାବେ ପାଳନ ହେବାକୁ ଯାଉଛି। ଏହି ଅବସରରେ ଏହି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଓଡିଶା ସରକାରଙ୍କ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍ଏସ୍ଇପିଡି) ପକ୍ଷରୁ ଶୁକ୍ରବାରଠାରୁ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ସ୍ପୋର୍ଟ୍ସ ମିଟ୍‌କୁ ଓଡିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ପବ୍ଲିକ୍ ଏଣ୍ଟରପ୍ରାଇଜ୍, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସ୍ପୋର୍ଟ୍ସ ମିଟ୍‌ରେ ଏସ୍ଏସ୍ଇପିଡି ବିଭାଗର ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ନିର୍ଦ୍ଦେଶକ ବ୍ରତାତୀ ହରିଚନ୍ଦନ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ ଜିଲାରୁ ଆସିଥିବା ଭିନ୍ନକ୍ଷମ ପ୍ରତିଯୋଗୀମାନଙ୍କ ମଧ୍ୟରେ ତିନିଚକିଆ ସାଇକେଲ ରେସ୍, ଶର୍ଟ ପୁଟ ଥ୍ରୋ, ଚେସ୍, ମ୍ୟୁଜିକ୍ ଚେୟାର, ହ୍ୱିଲ୍ ଚେୟାର ଚେସ୍, ହିଟ୍ ଥ୍ରୋ ଆଦି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରଦର୍ଶନକାରୀ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ସ୍ଥାନରୁ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖେଳକୁଦ ବ୍ୟତୀତ ସଙ୍ଗୀତର ତରଙ୍ଗର ତାଳରେ ବଧିର ଲୋକମାନଙ୍କ ନୃତ୍ୟ ପ୍ରଦର୍ଶନ ଏବଂ ରାଜ୍ୟ ବାହାରୁ ଆସିଥିବା ଦୃଷ୍ଟିହୀନ ଗ୍ରୁପର ସଂଗୀତ ପରିବେଷଣ ମୁଖ୍ୟ ଆକର୍ଷଣ ରହିଥିଲା।



ଖରିଫ ଧାନ ସଂଗ୍ରହ, ୨୦୧୯-୨୦

ସୂଚନା

୧. କେଉଁ ତାରିଖରେ କେଉଁ ପଞ୍ଜୀକୃତ ଚାଷୀ କେତେ ପରିମାଣର ଧାନ ମଣ୍ଡିକୁ ଆଣିବେ, ସେଥିପାଇଁ ସେମାନଙ୍କୁ ଆଗୁଆ SMS ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯାଉଛି। ଏହି ତଥ୍ୟ ମଧ୍ୟ ସୋସାଇଟି/ନିକଟସ୍ଥ କଣ୍ଟ୍ରୋଲ ଦୋକାନରେ ଉପଲବ୍ଧ କରାଯାଉଛି।
୨. ଅମଳ କରିସାରିଥିବା ବା କରିବାକୁ ଯାଉଥିବା ଚାଷୀଙ୍କ ତଥ୍ୟକୁ ନିର୍ଭର କରି ଟୋକେନ ପ୍ରସ୍ତୁତ କରାଯାଉଛି। ଏହି ତଥ୍ୟ ସୋସାଇଟି କର୍ତ୍ତୃପକ୍ଷ ପ୍ରଦାନ କରୁଛନ୍ତି।
୩. ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସବୁ ବର୍ଗର ଚାଷୀ – କ୍ଷୁଦ୍ର, ମଧ୍ୟମ, ବଡ଼ – ଚାଷୀମାନଙ୍କୁ ସୁଯୋଗ ଦିଆଯାଉଛି।
୪. ପଞ୍ଜିକୃତ ଚାଷୀମାନଙ୍କଠାରୁ ଘୋଷିତ ଅମଳ ହାର ଅନୁସାରେ ସମସ୍ତ ବଳକା ଧାନ କ୍ରୟ କରାଯିବ।
୫. ନିର୍ଦ୍ଧାରିତ ତାରିଖରେ ମଣ୍ଡିକୁ ଧାନ ନ ଆଣି ପାରିଲେ ପରବର୍ତ୍ତୀ ସମୟରେ ମଧ୍ୟ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯିବ।
୬. ଚାଷୀମାନଙ୍କୁ ଟୋକେନ ପାଇଁ କ୍ରୟକାରୀ ସୋସାଇଟି ନିକଟକୁ ବାରମ୍ବାର ଦୌଡିବାକୁ ପଡିବ ନାହିଁ।
୭. ଚଳିତ ବର୍ଷ ଚାଷୀଙ୍କର ପରିଚୟ ଆଧାର ପ୍ରମାଣୀକରଣ ବ୍ୟବସ୍ଥାରେ କରାଯାଉଛି। ବୃଦ୍ଧ, ରୋଗଗ୍ରସ୍ତ ବା ଅକ୍ଷମ ବ୍ୟକ୍ତିମାନେ, ଆଧାର ପ୍ରମାଣୀକରଣ ପାଇଁ ମଣ୍ଡିରେ ଉପସ୍ଥିତ ନ ରହିପାରିଲେ ମଧ୍ୟ ସେମାନଙ୍କ ଧାନ କ୍ରୟ କରାଯିବ।
୮. ଏହା ମଣ୍ଡି ସ୍ତରରେ ଧାନ କ୍ରୟ ବିକ୍ରୟ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବ ଏବଂ ଚାଷୀଙ୍କୁ ଅନିଶ୍ଚିତତା ଓ ଆଶଙ୍କାରୁ ମୁକ୍ତ କରିବ।
୯. ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତା ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।
୧୦. ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୬୭ ସହ ଯୋଗାଯୋଗ କରନ୍ତୁ।



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

## ସଂକ୍ଷେପରେ

### ୧୨ରୁ ରାଜ୍ୟ ଜୁନିୟର କବାଡ଼ି

କଟକ ଅଫିସ,୨୯।୧୧- ଓଡ଼ିଶା କବାଡ଼ି ଆସୋସିଏଶନ ଓ ଏନ୍‌ଟିପିସି ଥର୍ମାଲ ପାୱାର ଷ୍ଟେଶନର ମିଳିତ ଆନୁକୂଲ୍ୟରେ ତାଳଚେର ଠାରେ ଆସନ୍ତା ଡିସେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ୪୬ତମ ରାଜ୍ୟ ଜୁନିୟର କବାଡ଼ି ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏଥିରେ ୨୦ଟି ବାଳକ ଓ ୧୪ଟି ବାଳିକା ଦଳ ଅଂଶ ଗ୍ରହଣ କରିବେ। ଖେଳାଳିମାନଙ୍କ ବୟସ ୨୦ବର୍ଷରୁ କମ୍ ହୋଇଥିବା ବେଳେ ବାଳକ ବର୍ଗରେ ୭୦କେଜି ଓ ବାଳିକା ବର୍ଗରେ ୬୫କେଜିରୁ କମ୍ ଓଜନର ଖେଳାଳି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ। ରାଜ୍ୟ ଆସୋସିଏଶନ ସହ ଅନୁବନ୍ଧିତ ସମସ୍ତ ୟୁନିଟ୍ ଏ ଦିଗରେ ଧ୍ୟାନ ଦେବାକୁ ସମ୍ପାଦକ ଅଜୟ କୁମାର ବେହେରା ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ଖେଳାଳିମାନଙ୍କ ବୟସ ପ୍ରମାଣପତ୍ର ଦାଖଲ କରିବା ଜରୁରୀ ବୋଲି ଅଜୟ କହିଛନ୍ତି ।

### ଗୋଟିଏ ଓଭରରେ ମିଥୁନଙ୍କୁ ୫ ଉଇକେଟ



ନୂଆଦିଲ୍ଲୀ,୨୯।୧୧- ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ହରିୟାଣା ଓ କର୍ଣ୍ଣାଟକ ମଧ୍ୟରେ ସୁରଟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ପୂର୍ବତନ ଭାରତୀୟ ତଥା କର୍ଣ୍ଣାଟକର ଅଭିଜ୍ଞ ପେସର ଅଭିମନ୍ୟୁ ମିଥୁନ ହ୍ୟାଟ୍ରିକ ସହ ଗୋଟିଏ ଓଭରରେ ୫ ଉଇକେଟ ନେଇ ଇତିହାସ ସୃଷ୍ଟି କରିଛନ୍ତି। ଚଳିତବର୍ଷ ଅଭିମନ୍ୟୁଙ୍କ ଏହା ଦ୍ୱିତୀୟ ହ୍ୟାଟ୍ରିକ। ପୂର୍ବରୁ ସେ ବିଜୟ ହଜାରେ ଟ୍ରଫିରେ ତାମିଲନାଡୁ ବିପକ୍ଷରେ ହ୍ୟାଟ୍ରିକ ଉଇକେଟ ନେଇଥିଲେ। ହରିୟାଣା ଇନିଂସର ଅନ୍ତିମ ଓଭର ବୋଲିଂ କରିଥିଲେ ଅଭିମନ୍ୟୁ। ସେ ପ୍ରଥମ ବଲରେ ହିମାଂଶୁ ରାନା (୬୧)ଙ୍କୁ ଆଉଟ କରାଇଥିଲେ। ପରବର୍ତ୍ତୀ ବଲରେ ଆଉ ରାହୁଲ ତେୱତିଆ (୩୨)ଙ୍କ ଉଇକେଟ ନେଇଥିଲେ। ୩ୟ ବଲରେ ସୁମିତ କୁମାରଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ ଅଭିମନ୍ୟୁ। ଚତୁର୍ଥ ବଲରେ ସେ ପ୍ରତିପକ୍ଷ ଅଧିନାୟକ ଅମିତ ମିଶ୍ରାଙ୍କୁ ଆଉଟ୍ କରାଇଥିଲେ। ୫ମ ବଲ ୱାଇଡ ପକାଇବା ପରେ ଏକ ସିଙ୍ଗଲ ରନ୍ ବ୍ୟୟ କରିଥିଲେ। ଅନ୍ତିମ ବଲରେ ଜୟନ୍ତ ଯାଦବଙ୍କୁ ପ୍ୟାଭିଲିୟନ ବାଟ ଦେଖାଇଥିଲେ। ଫଳରେ ପରଫେକ୍ଟ ୫ ଉଇକେଟ ସଫଳତା ପାଇଥିଲେ। ଦେଶର ପ୍ରଥମ ବୋଲର ଭାବେ ଘରୋଇ କ୍ରିକେଟର ୩ ଫର୍ମାଟରେ ହ୍ୟାଟ୍ରିକ ନେବାର ସଫଳତା ପାଇଛନ୍ତି। ସେ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ହ୍ୟାଟ୍ରିକ ନେଇସାରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୨୦୦୯ରେ ପ୍ରଥମ ହ୍ୟାଟ୍ରିକ ହାସଲ କରିଥିଲେ।

# ପାକିସ୍ତାନ ବିପକ୍ଷରେ ଭାରତ ଅଗ୍ରଣୀ

**ଡେଭିସ୍ କପ୍**

ନୁର-ସୁଲତାନ,୨୯।୧୧(ପି.ଟି.)

କାଜାଖସ୍ତାନ ରାଜଧାନୀ ନୁର-ସୁଲତାନଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଡେଭିସ୍ କପ୍ ମ୍ୟାଚ୍ ଆରମ୍ଭ ହୋଇଛି। ରାମ୍‌କୁମାର ରମାନାଥନ ଓ ସୁମିତ ନାଗାଲଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଶୁକ୍ରବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ୨-୦ରେ ଅଗ୍ରଣୀ ହାସଲ କରିଛି। ଓପନିଂ ସିଙ୍ଗଲ୍ସ ମ୍ୟାଚ୍‌ରେ ରାମକୁମାର ୧୭ ବର୍ଷୀୟ ପାକିସ୍ତାନ ଖେଳାଳି ମହମ୍ମଦ ସୋଏବଙ୍କୁ ମାତ୍ର ୪୨ ମିନିଟ୍‌ରେ ହରାଇ ବିଜୟୀ ହୋଇଥିଲେ। ସେକେଣ୍ଡ ସେଟ୍‌ର ଷଷ୍ଠ ଗେମ୍‌ରେ ସୋଏବ ଲଢ଼େଇ କରିବା ଭଳି ଲାଗୁଥିଲେ। ତେବେ ସେ ରାମକୁମାରଙ୍କ ସମ୍ମୁଖରେ ମାମୁଲି ପ୍ରଦର୍ଶନ କରି ବେଶ୍ ଅପରିପକ୍ୱ ଲାଗୁଥିଲେ। ଫଳରେ ରାମକୁମାର ୬-୦, ୬-୦ ସେଟ୍‌ରେ ବିଜୟୀ ହୋଇଥିଲେ।

ସେହିପରି ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ସୁମିତ ୬-୦, ୬-୨ ସେଟ୍‌ରେ ହୁଫାଇଜା ମହମ୍ମଦ ରହମାନଙ୍କୁ ପରାସ୍ତ କରିଥିଲେ। ମାତ୍ର ୬୪ ମିନିଟିରେ ସୁମିତ ମ୍ୟାଚ୍ ଜିତିନେଇଥିଲେ। ଏଥି ସହିତ ସୁମିତ କ୍ୟାରିୟରର ପ୍ରଥମ ଡେଭିସ କପ୍ ମ୍ୟାଚ୍ ବିଜୟ ହାସଲ କରିଥିଲେ। ପାକିସ୍ତାନର ଶ୍ରେଷ୍ଠ ଖେଳାଳିମାନେ ଏହି ଟାଇରୁ ଓହରିଯାଇଥିଲେ। ଇସ୍‌ଲାମାବାଦରୁ ନିରପେକ୍ଷ ଭେନ୍ୟୁକୁ ମ୍ୟାଚ୍ ସ୍ଥାନାନ୍ତର ନେଇ ଏମାନେ ବିରୋଧ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ଟାଇରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ।

ଏବେ ଅଭିଜ୍ଞ ଲିଆଣ୍ଡର ପେସ୍ ଓ ଡେଭିସ୍‌କପ୍ ପଦାର୍ପଣ କରିବାକୁ ଥିବା ଜୀବନ ନେଦୁନଚେଝିଆନ ଶନିବାର ଡବଲ୍ସ ରବରରେ ପାକିସ୍ତାନ ଯୋଡି ହୁଫାଇଜା ଓ ସୋଏବଙ୍କୁ ଭେଟିବେ। ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ୬ଥର ପରସ୍ପରକୁ ଭେଟିଛନ୍ତି। ତେବେ ଭାରତ କୌଣସି ଟାଇରେ ପରାଜୟବରଣ କରିନାହିଁ। ଡବଲ୍ସ ରବରରେ ବିଜୟୀ ହେଲେ ଲିଆଣ୍ଡରଙ୍କ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ। ଜିତିଲେ ଡେଭିସ୍ କପ୍ ଇତିହାସରେ ଲିଆଣ୍ଡର ସର୍ବାଧିକ ଡବଲ୍ସ ବିଜୟ ହାସଲ କରି ରେକର୍ଡ କରିବେ। ଏପର୍ଯ୍ୟନ୍ତ ଡେଭିସ୍ କପ୍‌ରେ ସେ ୪୩ଥର ବିଜୟୀ ହୋଇଛନ୍ତି। ପାକିସ୍ତାନକୁ ହରାଇ ଭାରତ ଏବେ ୱାର୍ଲ୍ଡ ଗ୍ରୁପ୍ କ୍ୱାଲିଫାୟର୍ସ ଖେଳିବାକୁ କ୍ରୋଏସିଆ ଯାତ୍ରା କରିବ। ଏହା ଆସନ୍ତା ମାର୍ଚ୍ଚ ୬ ଓ ୭ ତାରିଖରେ ଆୟୋଜନ ହେବ।



ରାମ୍‌କୁମାର ରମାନାଥନ ଏକ ରିଟର୍ନ ଶଟ୍ ମାରୁଛନ୍ତି।

**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଡୁଗୁ)
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ ।
ଶୁଭେଚ୍ଛାସହ:
ଜେଜେମା', ଅଜା, ଆଈ, ବାବା, ମାମା, ଦାଦା, ମିନି ଅପା, ଅକୁ ପିଇସା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ନବ୍ୟା, ଲିନା ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୪୬୮

**ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା**



ଅନନ୍ୟା ପାତ୍ର (ଗୁନୁ)
ଧ-୧୫୪୬୮

**7th Anniversary**



PABITRA & ELLORA
May Shree Jagannath Mahaprabhu shower his blessings upon both of you.
Wishing you a happy married life.
HAPPY ANNIVERSARY
D-63222

**Marriage Wish**



Santosh Bhaina & Sabita Apa
Nimapara
Wishing you happy, peace & healthy married life. Happy Married Anniversary to both.
With compliments from:
Tutu, Maama, Paree,
D-15469

# ଜାତୀୟ ବେଞ୍ଚ୍ ପ୍ରେସ୍: ଓଡ଼ିଶାକୁ ୩ ରୌପ୍ୟ

ଭୁବନେଶ୍ୱର,୨୯।୧୧(ସ୍ପୋର୍ଟସ ବ୍ୟୁରୋ)

ଦିଲ୍ଲୀର ଶିବାଜୀ ଷ୍ଟାଡିୟମରେ ଗତ ୨୩ରୁ ୨୭ ତାରିଖ ମଧ୍ୟରେ ଖେଳାଯାଇଥିବା ଜାତୀୟ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାର ରାକେଶ ଶତପଥୀ ସିନିୟର ୮୩ କେ.ଜି. ବିଭାଗରେ ୧୬୭. ୫ , ସୂର୍ଯ୍ୟକାନ୍ତ ପ୍ରଧାନ ୧୦୫ କେ.ଜି ବିଭାଗରେ ୧୭୫ ଓ ନାରାୟଣ ସେଠୀ ମାଷ୍ଟର୍ସ-୨ ବିଭାଗରେ ୬୬ କେ.ଜି. ବର୍ଗରେ ୧୦୦ କେ.ଜି. ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ସୁଜିତ କୁମାର ଗିରି, ବାଦଲ ବେହେରା ଓ ବିଜୟ ଚକ୍ରବର୍ତ୍ତୀ ନିଜ ନିଜ ବିଭାଗରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି।

ପାୱାର ଲିଫ୍ଟିଂ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶା ଦଳର କୋଚ୍ ଭାବେ ଶକ୍ତିରଞ୍ଜନ ବାରିକ ଦାୟିତ୍ୱ ତୁଲାଇଥିଲେ। ଦଳର ସଫଳତା ପାଇଁ ସଭାପତି କଳିକେଶ ନାରାୟଣ ସିଂ ଦେଓ, ଉପସଭାପତି ପରି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଚିତ୍ତ ରଞ୍ଜନ ସ୍ୱାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହାମିଲଟନ ଟେଷ୍ଟ: ଲଥାମଙ୍କ ଶତକ

ହାମିଲଟନ,୨୯।୧୧(ଏଏଫ୍‌ପି)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଓପନର ଟମ୍ ଲଥାମଙ୍କ ଅପରାଜିତ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫୪.୩ ଓଭରରେ ୩ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲଥାମ ୧୦୧ ଏବଂ ହେନେରି ନିକୋଲ୍ସ ୫ ରନ କରି ଅପରାଜିତ ରହିଛନ୍ତି। ବର୍ଷା କାରଣରୁ ଖେଳ ଶୀଘ୍ର ସମାପ୍ତ ହୋଇଥିଲା। ଚା'ପାନ ବିରତି ପରେ ମାତ୍ର ୩ଟି ବଲ୍ ଖେଳା ଯିବାପରେ ପ୍ରଥମ ଦିନର ଖେଳ ସମାପ୍ତ ହୋଇଥିଲା।

# ୭ ମାସ ପରେ ଆଲୋକିତ ହେଲା ଷ୍ଟାଡିୟମ



କଟକ ଅଫିସ,୨୯।୧୧

ଗତ ମେ ୫ ତାରିଖ ପରଠାରୁ ଅନ୍ଧାର ହୋଇପଡ଼ିଥିବା ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପୁନର୍ବାର ଆଲୋକିତ ହୋଇଛି । ସାମୁଦ୍ରିକ ଝଡ଼ ଫନୀରେ ଉଜୁଡ଼ି ଯାଇଥିବା ବାରବାଟୀ ଷ୍ଟାଡିୟମରେ ପ୍ରାୟ ୭ ମାସ ପରେ ଫ୍ଲଡଲାଇଟ୍ ଶୁକ୍ରବାର ସମ୍ପୂର୍ଣ୍ଣ ଭାବେ ଜଳିଛି । ତେବେ ଏହା ପରୀକ୍ଷାମୂଳକ ଭାବେ ଜଳାଗଲା । ଏବେ ନିୟମିତ ଭାବେ ଷ୍ଟାଡିୟମର ଫ୍ଲଡଲାଇଟ୍ ଜଳାଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ କୁହାଯାଇଛି । 'ଦେବ ମସ୍କୋ' ଟିମ୍ ଫ୍ଲଡଲାଇଟ୍ ମରାମତି ଦାୟିତ୍ୱରେ ଅଛି । ଆଉ ୨୨ଦିନ ପରେ ଏଠାରେ ଭାରତ ଓ ୱେଷ୍ଟଇଣ୍ଡିଜ ଦଳ ମଧ୍ୟରେ ମୁକାବିଲା ହେବ । ଫ୍ଲଡଲାଇଟ୍ କାର୍ଯ୍ୟକ୍ଷମ ହେବା ପରେ ମ୍ୟାଚ୍‌କୁ ନେଇ କ୍ରିକେଟପ୍ରେମୀଙ୍କ ମହଲରେ ଉତ୍ସାହ ଦ୍ୱିଗୁଣିତ ହୋଇଛି ।

**ବାରବାଟୀ ଦିନିକିଆ ଆଉ ୨୨ ଦିନ**

# ଦିବାରାତ୍ର ଟେଷ୍ଟ: ୱାର୍ନର, ଲାବୁସ୍କାନଙ୍କ ଶତକ

ଆଡିଲେଡ୍,୨୯।୧୧(ଏଏଫ୍‌ପି)

ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ଶୁକ୍ରବାର ଦିବାରାତ୍ର (ଦ୍ୱିତୀୟ) ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୫ ରନରେ ବିଜୟ ହାସଲ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଦମ୍‌ଦାର ଆରମ୍ଭ କରିଛି। ଓପନର ଡେଭିଡ ୱାର୍ନର ଓ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନଙ୍କ ଅପରାଜିତ ଶତକ ସହାୟତାରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ବୃହତ୍ ସ୍କୋର ଛିଡ଼ା କରିବାର ସମ୍ଭାବନା ସୃଷ୍ଟି କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୭୩ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଭିଜ୍ଞ ୱାର୍ନର ୧୬୬ ଓ ଲାବୁସ୍କାନ ୧୨୬ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଓପନର ଜୋ ବର୍ନ୍ସ ୪ ରନ କରିଥିବା ବେଳେ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦୀଙ୍କ ବଲରେ ଉଇକେଟକିପର ମହମ୍ମଦ ରିଜୱାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଦ୍ୱିତୀୟ ଉଇକେଟରେ ୱାର୍ନର ଓ ଲାବୁସ୍କାନ ରେକର୍ଡ ଅପରାଜିତ ୨୯୪ ରନ ସଂଗ୍ରହ କରି ଭ୍ରମଣକାରୀ ବୋଲରଙ୍କୁ ନିରାଶ କରିଥିଲେ।

ୱାର୍ନର ୨୨୮ଟି ବଲର ସମ୍ମୁଖୀନ ହୋଇ ୧୯ଟି ଚୌକା ମାରିଛନ୍ତି। ସେହିପରି ଲାବୁସ୍କାନ ୨୦୫ଟି ବଲର ସମ୍ମୁଖୀନ ହୋଇ ୧୭ଟି ଚୌକା ମାରିଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ୱାର୍ନର କ୍ରମାଗତ ଦୁଇଥର ୧୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି। ଏହା ୱାର୍ନର କ୍ୟାରିୟରର ୨୩ତମ ଟେଷ୍ଟ ଶତକ। ସେହିପରି ଲାବୁସ୍କାନ ଦ୍ୱିତୀୟ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ଗାବାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଲାବୁସ୍କାନ ୧୮୫ ଓ ୱାର୍ନର ୧୫୪ ରନର ଶତକୀୟ ପାଳି ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୭୩ ଓଭରରେ ୩୦୨/୧ (ଡେଭିଡ ୱାର୍ନର- ୧୬୬*, ମାର୍ନସ ଲାବୁସ୍କାନ- ୧୨୬*, ଶାହିନ ଶାହ ଆଫ୍ରିଦି- ୧/୪୮)।



ଡେଭିଡ ୱାର୍ନର

# ୱେଷ୍ଟଇଣ୍ଡିଜ୍ ବିଜୟୀ

ଲକ୍ଷ୍ନୌ,୨୯।୧୧(ପି.ଟି.)

ଏଠାରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଶୁକ୍ରବାର ୯ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ଅଫ୍ ସ୍ପିନର ରାଖିମ କର୍ନୱାଲ କ୍ୟାରିୟରର ଶ୍ରେଷ୍ଠ ୧୦ ଉଇକେଟ ଅକ୍ତିଆର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ମାତ୍ର ୩ ଦିନ ମଧ୍ୟରେ ଆଫଗାନିସ୍ତାନ ପରାସ୍ତ ହୋଇଛି।

ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ପ୍ରଥମ ଇନିଂସରେ ୬୮.୩ ଓଭରରେ ୧୮୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୮୩.୩ ଓଭରରେ ୨୭୭ ରନ କରି ଅଲଆଉଟ ହେବା ସହ ୯୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆଫଗାନିସ୍ତାନ ୪୩.୧ ଓଭରରେ ୧୨୦ ରନରେ ଅଲଆଉଟ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ୬.୨ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୩୩ ରନ କରି ବିଜୟୀ ହୋଇଛି। ଜନ୍ କ୍ୟାମ୍ପବେଲ ୧୯ ଓ ସାଇ ହୋପ୍ ୬ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୦୯/୭ରୁ ଖେଳ ଆରମ୍ଭ କରି ଆଫଗାନିସ୍ତାନ ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଜଜାଇ ୨ ରନରୁ ଖେଳ ଆରମ୍ଭ ୭ ରନକରି ଆଉଟ ହୋଇଥିଲେ। ଏହାପରେ ଅଧିନାୟକ ରସିଦ ଖାଁ ୧, ୟାମିନ୍ ଅହମ୍ମଦ ୧ ରନ କରି ଆଉଟ ହୋଇଥିବା ବେଳେ ଜାହିର ଖାଁ ବିନା ସ୍କୋରରେ ଅପରାଜିତ ରହିଥିଲେ।

ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜାସନ ହୋଲ୍ଡର, କର୍ନୱାଲ ଓ ରୋଷ୍ଟନ ଚେଜ୍ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଭାରତୀୟ ଫୁଟ୍‌ବଲ ଲାଗି ଶୁଭ ସଙ୍କେତ

ବାଇଚୁଙ୍ଗ୍ ଭୁଟିଆ

କେତେଦିନର ବିଶ୍ରାମ ପରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ପ୍ରତ୍ୟାବର୍ତ୍ତନ କରିଛି। ଏଥି ସହିତ ତାରକା ଫୁଟବଲରମାନେ ମଧ୍ୟ ମ୍ୟାଚ୍ ଖେଳିବା ପାଇଁ ପ୍ରସ୍ତୁତ ହେବା ସହ ପଡିଆକୁ ଫେରିବା ପାଇଁ ବ୍ୟଗ୍ର ରହିଛନ୍ତି। ଇତିମଧ୍ୟରେ ଭାରତୀୟ ଫୁଟବଲ୍‌ରେ ଏକ ବଡ଼ ଅଗ୍ରଗତି ଦେଖିବାକୁ ମିଳିଛି। ମାଞ୍ଚେଷ୍ଟର ସିଟି ଏବେ ଭାରତରେ ପହଞ୍ଚିଯାଇଛି। ବିଶ୍ୱବ୍ୟାପୀ ମାଞ୍ଚେଷ୍ଟର ସିଟିର ପ୍ରଶଂସକ ରହିଛନ୍ତି। ଏବେ ଭାରତୀୟ ଫୁଟବଲ୍‌ରେ ମଞ୍ଚେଷ୍ଟର ନିଜର ଉତ୍ସାହ ଦେଖାଇଛି। ଏହା ନିଶ୍ଚିତ ଭାବେ ଏକ ବଡ଼ କଥା। ମୁମ୍ବାଇ ସିଟି ଏଫ୍‌ସିର ୬୫ ପ୍ରତିଶତ ଅଂଶଧନ କ୍ରୟ କରି ମାଞ୍ଚେଷ୍ଟର ଏହାର ପ୍ରମାଣ ଦେଇଛି। ଅବଶ୍ୟ କେତେକେ ଏହାକୁ ଏକ ନକାରାତ୍ମକ ଦୃଷ୍ଟିରେ ଦେଖିବାକୁ ପିଛାଇବେ ନାହିଁ। ମାଞ୍ଚେଷ୍ଟର ମାତ୍ର ଗୋଟିଏ କ୍ଲବ୍ ଉପରେ ଧ୍ୟାନ ଦେଇଛି ବୋଲି କହିବେ। କିନ୍ତୁ ଏହା ଏକ ଆରମ୍ଭ ମାତ୍ର। ଭାରତୀୟ ଫୁଟବଲ ପାଇଁ ଏହା ଏକ ଶୁଭ ସଙ୍କେତ ବୋଲି କୁହାଯାଇପାରେ।

ବିଶ୍ୱର ବଡ଼ବଡ଼ କ୍ଲବ ଏବେ ଭାରତୀୟ ଫୁଟବଲକୁ ଅତି ନିକଟରୁ ଅନୁଧ୍ୟାନ କରୁଛନ୍ତି। ଭାରତୀୟ ମାର୍କେଟଙ୍କୁ ମଧ୍ୟ ସେମାନେ ଭଲ ଭାବେ ଉପଲବ୍ଧି କରିବା ଆରମ୍ଭ କଲେଣି। ତେଣୁ ନିଶ୍ଚିତଭାବେ ଏହା ଏକ ସକାରାତ୍ମକ ଘଟଣା। ଆଗରୁ କ'ଣ ଏଭଳି କେବେ ହୋଇଛି ?

ମାତ୍ର ଗୋଟିଏ ଦିନରେ ଏଭଳି ବିକାଶ ହୋଇ ନ ଥାଏ। ଦୀର୍ଘ ଦିନର ରିସର୍ଚ୍ଚ ଓ ବିଶ୍ଳେଷଣ ପରେ ଏପରି ଘଟଣା ଘଟିଥାଏ। ରାତାରାତି ଏପରି ହେବା ସମ୍ଭବ ନୁହଁ। ତେଣୁ ଭାରତୀୟ ଫୁଟବଲର ଏହି ବିକାଶର ଅୟମାରମ୍ଭକୁ ପ୍ରଶଂସା କରାଯିବା ଉଚିତ୍। ଏହି ପାର୍ଟନରଶିପ୍ କେବଳ ଗୋଟିଏ କ୍ଲବ ପାଇଁ ନୁହଁ ପୂରା ଭାରତୀୟ ଫୁଟବଲ ପାଇଁ ଲାଭଦାୟକ ହେଉ ବୋଲି ଆଶା କରାଯାଇପାରେ। ଭାରତୀୟ ଫୁଟବଲର ବିକାଶ ଏହା ଦ୍ୱାରା ସମ୍ଭବ ବୋଲି ମୁଁ ବିଶ୍ୱାସ କରୁଛି।

ମୁମ୍ବାଇର ଯୁବ ପ୍ରତିଭାମାନଙ୍କର ବିକାଶ ହେଉ ଓ ଏମାନେ ବଡ଼ବଡ଼ ଟୁର୍ନାମେଣ୍ଟରେ ଖେଳି ନାମ କମାନ୍ତୁ ବୋଲି ଆଶା ରଖିଛି। ଭାରତ ଓ ଇଂଲଣ୍ଡରେ ଯୁବ ଫୁଟବଲରମାନେ ପ୍ରଶିକ୍ଷଣ ସୁବିଧା ହାସଲ କରନ୍ତୁ। ଏଥିପାଇଁ ଅବଶ୍ୟ ତୃଣମୂଳସ୍ତରରୁ ବିକାଶ ଆବଶ୍ୟକ। ଏଥିପାଇଁ ବିଭିନ୍ନ ଏକ୍ସଚେଞ୍ଜ୍ ପ୍ରୋଗ୍ରାମ, କୋଚ୍ ଏଡୁକେଶନର ଆବଶ୍ୟକତା ରହିଛି। ଫୁଟବଲର ଏହି ବିକାଶ ଦେଖିବାକୁ ମୁଁ ଅପେକ୍ଷା କରି ରହିଛି। ଅନ୍ୟ କ୍ଲବଗୁଡିକ ମଧ୍ୟ ଏହି ଭଳି ସୁବିଧା ପାଇବେ ବୋଲି ଆଶା କରୁଛି। ତେଣୁ ଆଗାମୀ କିଛି ବର୍ଷ ମଧ୍ୟରେ ବାର୍ସିଲୋନା, ରିଅଲ ମାଡ୍ରିଡ, ଚେଲସି ଭଳି ନାମୀଦାମୀ କ୍ଲବ ମଧ୍ୟ ଭାରତୀୟ ଫୁଟବଲ୍‌ରେ ନିଜର ଉତ୍ସାହ ଓ ଆଗ୍ରହ ଦେଖାଇବେ ବୋଲି ଆଶା କରାଯାଇପାରେ।

ଇଂଲଣ୍ଡର ଶ୍ରେଷ୍ଠ ଖେଳାଳିମାନେ ଆଇଏସ୍‌ଏଲ୍ ଖେଳିବାକୁ ନ ଆସିଲେ ମଧ୍ୟ ପ୍ରତିଭାସମ୍ପନ୍ନ ଫୁଟବଲମାନେ ଆସିବେ। ମୁମ୍ବାଇ ସିଟି ଚଳିତ ଆଇଏସ୍‌ଏଲ୍‌ରେ ୫ ମ୍ୟାଚ୍ ଖେଳି ୫ ପଏଣ୍ଟ ହାସଲ କରିଛି। ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ନାହିଁ। ତେବେ ମାଞ୍ଚେଷ୍ଟର ସିଟି ଦଳର ଅଂଶଧନ କିଣିବା ଖବର ଖେଳାଳିଙ୍କ ପାଇଁ ଉତ୍ସାହ ଆଣିଦେବ। ଫଳରେ ଦଳର ପ୍ରଦର୍ଶନ ଆଗକୁ ଭଲ ହେବ ବୋଲି ଆଶା କରାଯାଇପାରେ।

(ଗେମ୍ ପ୍ଲାନ୍)

#WhatDrivesYou
EXIDE

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଚନ୍ଦ୍ର ଶେଖର ଖାଡଙ୍ଗା
ବଡ଼ପଦର, ବେଗୁନିଆ, ଖୋର୍ଦ୍ଧା
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ଗ୍ରାମବାସୀ ।
ଧ-୧୫୪୦୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରତ୍ନାକର ରଣା
ଦୁଲଣାପୁର, ଡମପଡ଼ା, ବାଙ୍କି, କଟକ
ଆବିର୍ଭାବ: ୦୩।୦୨।୧୯୩୫
ତିରୋଧାନ: ୨୦।୧୧।୨୦୧୯
ଆପଣଙ୍କର ପୁଣ୍ୟକର୍ମ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ସମସ୍ତ:
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀମାନେ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୭୧୪

**ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ୱର୍ଣ୍ଣଲତା ମହାପାତ୍ର
ଆବିର୍ଭାବ: ୨୪।୦୩।୧୯୬୫
ତିରୋଧାନ: ୧୮।୧୧।୨୦୧୯
ତୁମର ଚତୁର୍ଦ୍ଦଶାହରେ ଆମ୍ଭେ ସମସ୍ତ ପରିବାରବୃନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ।
ଶୋକସନ୍ତପ୍ତ:
ସୁଧାଂଶୁ, ଶଶାଙ୍କ, ଇପ୍‌ସିତା, ସବ୍ୟସାଚୀ ଓ ସ୍ୱାତୀ
ଧ-୬୮୫୧୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦୁର୍ଗା ଚରଣ ବେହେରା
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୦।୦୪।୧୯୪୪
ସ୍ୱର୍ଗାରୋହଣ: ୨୦।୧୧।୨୦୧୯
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ ନିକଟରେ ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକାକୁଳ ପରିବାର ସହ:
ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୫୪୬୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୩୦/୨୦୧୯ Sambalpur, Saturday, November 30 / 2019

# ସଙ୍କୁଚିତ ହେଉଛି ପଦ୍ମ




- ୧୮ ମାସରେ ବଦଳିଯାଇଛି ଭାରତର ରାଜନୈତିକ ମାନଚିତ୍ର
- ବିଧାନସଭା ନିର୍ବାଚନଗୁଡ଼ିକରେ ଅଟକିଛି ଗୈରିକ ଦଳର ବିଜୟ ରଥ

**ନୂଆଦିଲ୍ଲୀ,୨୯।୧୧:** ୨୦୧୪ରେ ନରେନ୍ଦ୍ର ମୋଦି କେନ୍ଦ୍ରରେ କ୍ଷମତାସୀନ ହେବା ପରେ ହରିୟାଣା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ଭଳି ଗୋଟିଏ ପରେ ଗୋଟିଏ ରାଜ୍ୟ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା ଭାଜପା। ମୋଦି ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ନେତୃତ୍ୱରେ ଭାଜପାର ବିଜୟ ଯାତ୍ରା ଦିଲ୍ଲୀ ଓ ବିହାରକୁ ଛାଡ଼ିଦେଲେ ଅନେକ ରାଜ୍ୟରେ ବିନା ବାଧାରେ ବଜାୟ ରହିଥିଲା। ୨୦୧୮ ବେଳକୁ ଭାଜପା ୨୧ ରାଜ୍ୟ ଦଖଲ କରିସାରିଥିଲା। ଉକ୍ତ ରାଜ୍ୟଗୁଡ଼ିକରେ ଭାଜପା ନିଜେ କିମ୍ବା ଆଞ୍ଚଳିକ ଦଳଗୁଡ଼ିକ ସହ ମେଣ୍ଟ କରି କ୍ଷମତାରେ ରହିଥିଲା। କିନ୍ତୁ ୩ ଗୁରୁତ୍ୱପୂର୍ଣ୍ଣ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ଏହି ପ୍ରକ୍ରିୟାରେ ଅଙ୍କୁଶ ଲାଗିଥିଲା। କର୍ନାଟକରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ହେଁ ସରକାର ଗଠନ ପାଇଁ ଆବଶ୍ୟକ ବହୁମତ ପାଇ ନ ଥିଲା। କଂଗ୍ରେସ-ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗୈରିକ ଦଳକୁ ସରକାର ଗଠନ କରିବାକୁ ରୋକିଦେଇଥିଲା। ତେବେ କଂଗ୍ରେସ-ଜେଡିଏସ୍‌ର ୧୫ ବିଧାୟକ ଭାଜପାରେ ଯୋଗଦେବା ପରେ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ଘଟିଥିଲା। ଏହାସହ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ପାଇଁ ଆଉଥରେ ମୁଖ୍ୟମନ୍ତ୍ରୀ ହେବା ପଥ ଉନ୍ମୁକ୍ତ ହୋଇଥିଲା।

ସେପଟେ ୨୦୧୯ ସାଧାରଣ ନିର୍ବାଚନରେ ମୋଦିଙ୍କ ଜୋରଦାର ବିଜୟ ସତ୍ତ୍ୱେ ପରବର୍ତ୍ତୀ ସମୟରେ ବିଧାନସଭା ନିର୍ବାଚନଗୁଡ଼ିକରେ ଭାଜପାର ବିଜୟ ରଥ ଅଟକିଯାଇଥିଲା। ହରିୟାଣାରେ ଭାଜପାକୁ ସରକାର ଗଠନ ପାଇଁ ନବଗଠିତ ଜନନାୟକ ଜନତା ପାର୍ଟି (ଜେଜେପି) ଉପରେ ନିର୍ଭର କରିବାକୁ ପଡ଼ିଛି। ସେହିପରି ମହାରାଷ୍ଟ୍ରରେ ଗୈରିକ ଦଳ ତା'ର ସର୍ବପୁରାତନ ସହଯୋଗୀ ଶିବସେନା ସହ ବୁଝାମଣା କରିବାରେ ବିଫଳ ହେବାରୁ ଏହାର ପତନ ଘଟିଛି।

ମହାରାଷ୍ଟ୍ରରେ ଭାଜପା କ୍ଷମତାଚ୍ୟୁତ ହେବା ପରେ ୨୦୧୮ ମାର୍ଚ୍ଚ ତୁଳନାରେ ଭାରତର ରାଜନୈତିକ ମାନଚିତ୍ର ବଦଳିଯାଇଛି। ସମ୍ପ୍ରତି ଭାଜପା କେବଳ କର୍ନାଟକ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଗୁଜରାଟ, ଅରୁଣାଚଳପ୍ରଦେଶ ଓ ତ୍ରିପୁରାରେ ସଂଖ୍ୟାଗରିଷ୍ଠତା ସହ ସୀମିତ ରହିଛି। ଏହାର ତାତ୍ପର୍ଯ୍ୟ ହେଉଛି ଏହି ରାଜ୍ୟଗୁଡ଼ିକରେ କୌଣସି ସହଯୋଗୀ ଦଳ ମେଣ୍ଟରୁ ଓହରିଗଲେ ବି ଭାଜପାକୁ କ୍ଷମତାରେ ରହିବା ପାଇଁ ଫରକ୍ ପଡ଼ିବନାହିଁ। ଏହାବ୍ୟତୀତ ଅନ୍ୟ ୮ ରାଜ୍ୟରେ କ୍ଷମତା ପାଇଁ ଭାଜପା ସମ୍ପୂର୍ଣ୍ଣ ଭାବେ ଏହାର ସହଯୋଗୀ ଦଳଗୁଡ଼ିକ ଉପରେ ନିର୍ଭରଶୀଳ କିମ୍ବା ଏକ ଆଞ୍ଚଳିକ ଦଳର କନିଷ୍ଠ ସହଯୋଗୀ ଭାବେ ଅବତୀର୍ଣ୍ଣ ହୋଇଛି। ଭାଜପାର ସରକାର ଥିବା ୧୭ ରାଜ୍ୟ ମଧ୍ୟରୁ ୧୧ଟିରେ ବିଧାନସଭା ସଦସ୍ୟଙ୍କ ସଂଖ୍ୟା ୧୦୦ରୁ କମ୍। ତେଣୁ ଭାଜପା ପାଇଁ ଏହା ବଡ଼ ବିଜୟ ଭାବେ ପରିଗଣିତ ହୋଇ ନ ପାରେ।




## ଠିକା ଏଜେନ୍ସି ସୁପରଭାଇଜର ଥାନାରେ ଅଟକ

**ଭଦ୍ରକ ଅଫିସ, ୨୯।୧୧**

ଭଦ୍ରକ ପୌରପାଳିକାର ସଫେଇ ଓ ଅନ୍ୟ ଅସ୍ଥାୟୀ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଏକ ଠିକା ଏଜେନ୍ସିର ଜଣେ ସୁପରଭାଇଜରଙ୍କୁ ଭଦ୍ରକ ଟାଉନ ଥାନା ପୋଲିସ ଅଟକ ରଖିଛି। ଭଦ୍ରକ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁଙ୍କ ଅଭିଯୋଗକ୍ରମେ ଟାଉନ ପୋଲିସ ସୁପରଭାଇଜର୍‌ଙ୍କୁ ନେଇ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସମ୍ପୃକ୍ତ ଠିକା ଏଜେନ୍ସି ଭଦ୍ରକ ସହରରେ ନିୟୋଜିତ ହୋଇଥିବା ସୁଇପର୍, ଡ୍ରାଇଭର ଓ ଅନ୍ୟ କେତେକ କର୍ମଚାରୀଙ୍କ ଇପିଏଫ୍, ଇଏସ୍ଆଇ ବାବଦ ଟଙ୍କା କାର୍ଯ୍ୟାଳୟରୁ ନେଉଥିଲେ ମଧ୍ୟ କମ୍ପାନୀରେ ଜମା କରୁ ନ ଥିଲେ। ସୁଇପରମାନେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ୩ ଥର ଧାରଣା ଦେଇ ସେମାନଙ୍କ ଇପିଏଫ୍, ଇଏସ୍ଆଇ ଓ ଅନ୍ୟାନ୍ୟ ଟଙ୍କା ଦାବି କରିଥିଲେ। କିନ୍ତୁ ପୌରପାଳିକା ପକ୍ଷରୁ କୌଣସି ସମାଧାନ ହୋଇପାରୁ ନ ଥିଲା। ଶୁକ୍ରବାର ସମ୍ପୃକ୍ତ ସୁପରଭାଇଜର ପୌରପାଳିକାକୁ ଆସି ଆଲୋଚନା କରୁଥିବା ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଟାଉନ ପୋଲିସକୁ ଖବର ଦେଇଥିଲେ।




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁରେନ୍ଦ୍ର


ଜୟନାରାୟଣ


ସରୋଜ


ଅକ୍ଷୟ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

- ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କଫ୍ ସିରପ ଜବତ ଘଟଣା

## ଜେଲଗଲେ ୩ ଅଭିଯୁକ୍ତ

**ବଲାଙ୍ଗୀର ଅଫିସ,୨୯।୧୧:** କଟକରୁ ବଲାଙ୍ଗୀର ଚାଲାଣ ହେଉଥିବା କଫ୍ ସିରପ୍ ଭର୍ତ୍ତି ଗାଡି (ନଂ.ଓଡି୧୭ଆର ୨୦୯୭)କୁ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ପୋଲିସ ସ୍ୱତନ୍ତ୍ର ଟିମ୍ ବୁଧବାର ବିଳମ୍ବିତ ରାତିରେ ଜବତ କରିଥିଲା। ଏହି ଘଟଣାରେ ୩ ଜଣ ଗିରଫ ହୋଇଥିଲେ। ସେମାନେ ହେଲେ ବଲାଙ୍ଗୀର ସହର ମାଲପଡାର ପ୍ରଶାନ୍ତ କ୍ଷେତି (୩୨), ବରପାଲିପଡାର ରାଜୁ ପ୍ରଧାନ (୨୯) ଓ ଭୁବନେଶ୍ୱର ଖଣ୍ଡଗିରି ଥାନା ଡେଲ୍‌ଟା ଛକ ଅଞ୍ଚଳର ସୁଶୀଳ ବାରିକ (୨୯)। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକରଙ୍କୁ ମିଳିଥିବା ଗୁପ୍ତ ସୂଚନାକୁ ଭିତ୍ତିକରି ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍ ବୁଧବାର ରାତିରେ ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥରେ ଘେରାବନ୍ଦୀ କରିଥିଲେ। ଏହି ଘେରାବନ୍ଦୀରେ କଫ୍ ସିରପ ବୋଝେଇ ମ୍ୟାକ୍ସ ପିକ୍‌ଅପ୍ ପଡିଥିଲା। ପୋଲିସ ଘେରାବନ୍ଦୀ ଦେଖି କଫ୍ ସିରପ ମାଫିଆମାନେ ଉକ୍ତ ଗାଡିକୁ ପୋଲିସ ଉପରକୁ ମଡାଇ ଦେବାକୁ ଉଦ୍ୟମ କରିଥିଲେ । ଏହି ଛକାପଞ୍ଝା ବେଳେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ କଫ୍ ସିରପ ର‌୍ୟାକେଟ୍‌ର ମାଷ୍ଟରମାଇଣ୍ଡ କୁହାଯାଉଥିବା ସାନ ଓରଫ୍ ଗୋବିନ୍ଦ ନେଗୀ ଘଟଣାସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସର ସ୍ୱତନ୍ତ୍ର ଟିମ୍ ଅନୁସନ୍ଧାନ ଆରମ୍ଭ କରିଛି।


ଗିରଫ ତିନି ଅଭିଯୁକ୍ତ।

**ର‌୍ୟାକେଟ୍ ମାଷ୍ଟରମାଇଣ୍ଡ ଫେରାର**





ବିଡିଓ, ବ୍ଲକ କର୍ମଚାରୀମାନେ ଜୟନ୍ତୀପୁର ପରିଦର୍ଶନ କରୁଛନ୍ତି ।

- ଜଙ୍ଗଲରେ ୩୮ ବର୍ଷ ପ୍ରସଙ୍ଗ

## ତଦନ୍ତ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ

**କେସିଙ୍ଗା,୨୯।୧୧(ଡି.ଏନ.ଏ.)**

**ଧରିତ୍ରୀ,ଓଡ଼ିଶା ପୋଷ୍ଟ ପ୍ରଭାବ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେଶିର ଗ୍ରାମପଞ୍ଚାୟତ ଅଧୀନ ଜୟନ୍ତପୁରରେ ୨ ଆଦିବାସୀ ପରିବାର ଦୀର୍ଘ ୩୮ ବର୍ଷ ଧରି ଜଙ୍ଗଲରେ ଜୀବନଯାପନ କରୁଛନ୍ତି। ଏସମ୍ପର୍କରେ ଏକ ତଥ୍ୟଭିତ୍ତିକ ରିପୋର୍ଟ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଗତ ୨୪ ତାରିଖରେ ପ୍ରକାଶିତ ହୋଇଥିଲା। ଓଡ଼ିଶା ପୋଷ୍ଟର ନ୍ୟୁଜ କଟିଂ ଉପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୧୯୧୮। ତା୨୫।୧୧।୨୦୧୯ରିଖରେ କଳାହାଣ୍ଡି ଜିଲାପାଳଙ୍କୁ ୨ ଦିନ ଭିତରେ ତଦନ୍ତ କରି ଏହାର ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଆସିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର କେସିଙ୍ଗା ବିଡିଓ ଭୀମସେନ ଶବର ଓ ବ୍ଲକ କର୍ମଚାରୀ, ସ୍ଥାନୀୟ ସରପଞ୍ଚ ଉକ୍ତ ଗ୍ରାମପରିଦର୍ଶନ କରିଛନ୍ତି। ଜଙ୍ଗଲରେ ରହୁଥିବା ଏହି ୨ ପରିବାର ସଦସ୍ୟଙ୍କୁ ୪୦ କେଜି ଚାଉଳ, ଡାଲି, ବିସ୍କୁଟ, ପାଣିବୋତଲ, ଲୁଣ, ୨ଟି ସୋଲାର ଲାଇଟ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ସେଠାରେ ଗୋଟିଏ ନଳକୂଅ ଖୋଳାଯିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। କନ୍ତେଶିର ଗେଠିପଡାଠାରୁ ଜଙ୍ଗଲରେ ବାସ କରୁଥିବା ଜୟନ୍ତୀପୁର ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଜିଏସ୍ ଯୋଜନାରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କରାଯିବ ଏବଂ ବିଦ୍ୟୁତ୍ ସଂଯୋଗ କରାଯିବା ପାଇଁ ସବୁ ବ୍ୟବସ୍ଥା କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି । ଏଥିସହିତ ଉପରୋକ୍ତ ୨ ପରିବାର ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ଟି ଘର ଯୋଗାଇ ଦିଆଯିବ। କନ୍ତେଶିର ଗ୍ରାମର ଭୂମିହୀନ ବୀର ମାଝିଙ୍କୁ ସେଠାରେ ଜାଗା ଦିଆଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହି କଲୋନୀରେ ଆଉ ୩ ଜଣଙ୍କୁ ଜମି ଓ ଗୃହ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଡିଓ ଶବରଙ୍କ ସହ ୩ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ ଜିତେନ୍ଦ୍ର ବ୍ରହ୍ମା ପ୍ରମୁଖ ଉକ୍ତ ଗ୍ରାମ ପରିଦର୍ଶନ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍, ସେହିମାନେ ହିଁ ସବୁଠାରୁ ବେଶି କଥା କହନ୍ତି
- ପ୍ଲାଟୋ



## ସଂକ୍ଷେପରେ

### ଦେଉଳିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଘଣ୍ଟାପଡା, ୨୯।୧୧ (ଡି.ଏନ.ଏ)

ବୌଦ୍ଧ କେନ୍ଦୁପତ୍ର ଡିଭିଜନ ତରଫରୁ ଘଣ୍ଟାପଡା ବନାଞ୍ଚଳ କୁଲୁତାଯୋର ଗ୍ରାମ ପଞ୍ଚାୟତର ଦେଉଳି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବୌଦ୍ଧ ଡିଭିଜନ ଡିଏଫଓ ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସେହିପରି ଏସଡିଏଫଓ ବିବସ୍ୱ ବେସନ, ମନମୁଣ୍ଡା ଭାରପ୍ରାପ୍ତ ରେଞ୍ଜର ମାନସ କୁମାର ସାହୁ, ଦମାମୁଣ୍ଡା ଭାରପ୍ରାପ୍ତ ରେଞ୍ଜର ମନୋଜ କୁମାର ସାହୁ ଯୋଗ ଦେଇଥିଲେ । ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନାର ଡା. ବିଜୟ କୁମାର ଦାସ, ଡା. ବିଶ୍ୱନାଥ ରାଉତ, କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରୋଜାଲିନା ମିଶ୍ର, ଡା. କାହ୍ନା ପ୍ରକାଶ ତ୍ରିପାଠୀ ଓ ଖୁଣ୍ଟିଗୋରା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଆନନ୍ଦ ଭୁଏ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶିବିରରେ ମୋଟ ୪୭୦ ଜଣ ରୋଗୀଙ୍କୁ ଚିକିତ୍ସା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ପ୍ରେମରାଜ ରଣା, ନୀଳାଞ୍ଚଳ ଭୋଇ, ବିବସ୍ୱ ଭୋଇ, ବନପାଳ ପ୍ରତ୍ୟୁଷ ରଞ୍ଜନ ବେହେରା, ବରୁଣ ମୁଖୀ ସହଯୋଗ କରିଥିଲେ ।



### ମାଣ୍ଡିଆ ଚାଷ ପାଇଁ ସଚେତନତା ରଥ

ଝାରବନ୍ଧ, ୨୯।୧୧ (ଡି.ଏନ.ଏ)

ଝାରବନ୍ଧ ବ୍ଲକ ପରିସରରୁ ମାଣ୍ଡିଆ ଚାଷ ସମ୍ପର୍କିତ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ରଥ ଡିସେମ୍ବର ୧ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କୁ ମାଣ୍ଡିଆ ଚାଷ ଉପରେ ସଚେତନ କରାଇବ । ଏହି କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ, ରୁଦ୍ର ପଟ୍ଟନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବ୍ଲକ କୋର୍ଡିନେଟର ମଳୟ ପଣ୍ଡା, ଛତର ସିଂ ମାଝୀ, ରାଜୁ ମାଝୀ, ସତ୍ୟ ଗୁଆଲ, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଚିକିତ୍ସା ଲାଗି ଟଙ୍କା ଅଭାବ

# ସରକାରୀ ସୁବିଧାରୁ ବଞ୍ଚିତ୍ ଦିବ୍ୟାଙ୍ଗ ତୃପ୍ତି

- ଜନ୍ମୁ ତୃପ୍ତିଙ୍କର ଦୁଇ ଆଏଁଖ୍ ନାଇଁ ଦିଶବାର
- ଆଧାର କାର୍ଡ ଲାଗି ୫ ଥର ଆବେଦନ କରିଛନ୍
- ପରିବାରଟା ନିହାତି ଗରିବ୍ କୁଲିମଜୁରି କରି ଚଲୁଛନ୍

ଜାମଟିକ୍ରା, ୨୯।୧୧(ଡି.ଏନ୍.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ପତ୍ରାପାଲି କେନାଲ ଛକର ରାଜକିଶୋର ପଧାନ ଆର ସୁଷମା ପଧାନଙ୍କର ଝି' ତୃପ୍ତି ପଧାନ (୧୮)। ଜନ୍ମୁ ତାକର ଦୁଇ ଆଏଁଖ୍ ନାଇଁ ଦିଶ୍ବାର। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ରାଜକିଶୋର ପରହର କାମ୍‌ବୁତା କରି କୁଟୁମ ପୁଷୁଛନ୍। ଏନ୍‌ତାଥି ସେ ଝି'ର ଚିକିଛା କରେଇ ନାଇଁପାରବାର।

ସୂଚନା ଅନ୍‌ସାରେ ବୁଗବୁଗା ପଁଚେତ୍ ପତ୍ରାପାଲି କେନାଲ ଛକର ରାଜକିଶୋର ପଧାନଙ୍କର ପରିବାର କହେଲେ ମାଏକିନା ସୁଷମା, ଦୁଇ ଝି' ପ୍ରୀତି ଆର ତୃପ୍ତିକେ ନେଇ ସଁସାର। ତୃପ୍ତିଙ୍କର ଜନ୍‌ମୁ ଦୁଇ ଆଏଁଖ୍ ନାଇଁ ଦିଶ୍ବାର। ଏନ୍‌ତାଥି ମା' ସୁଷମା ତାକର ଗଧାମଖା, ଖିଆପିଆ, ଝାଡ଼ାଝପଟ କଥା ସବୁ ବୁଝୁଛନ୍। ଝି'ର ଚିକିଛା ଲାଗି ଗରିବ୍ ମା'ବାପ୍ ଧାର ଉଧାର କରି ଅତାବିରାନୁ ମୂଲ କରି ବୁର୍ଲା ବଡ଼ ଡାକ୍‌ତରଖାନା ତକ୍ ନେଇ ନିରାଶ ହେଇଛନ୍। ହେଲେ ଟଁକା ପଏସା ଅଭାବୁ ମା'ବାପ୍ ତୃପ୍ତିଙ୍କର ଉଚ ଚିକିଛା କରେଇ ନାଇଁପାରବାର। ଇଆଡ଼େ ତୃପ୍ତିଙ୍କର ଆଏଁଖ୍ ନାଇଁ ଦିଶ୍ବାର ଲାଗି ଆଧାର କାର୍ଡ ତିଆର ନାଇଁ ହେଇପାରବାର ବଲି ପରିବାର ଲୋକ୍ କହିଛନ୍। ଭିନେ ଭିନେ ଜାଗାରେ ଅନ୍‌ଲାଇନ ୫ ଥର ଆବେଦନ କରି ନିରାଶ ହେଇଛନ୍। ତୃପ୍ତି ୧୦୦ ପରତିଶତ ଭିନ୍ନକ୍ଷମ ହେଇଥିଲେ ବି ଆଧାର କାର୍ଡ ଅଭାବୁ ସରକାରୀ ଭତା, ରାଶନ ସାମାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ସେ ତାକର ଭିନ୍ନକ୍ଷମ ପରମାନପତର ନବୀକରନ ବି କରେଇ ନାଇଁ ପାରବାର। ତୃପ୍ତିଙ୍କର ବାପା ରାଜକିଶୋର କୁଲିମଜୁରି କରି ଯାହା କମଉଛନ୍ ସେଟା ପରିବାରର ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ। ଏନ୍‌ତାଥି କୁଟୁମବସିଆ ଗୁଟେ ଭଂଗା ଦଦ୍‌ରା ମାଏଟ୍ କୁରିଆରେ ବଡ଼ା ଗୁଲ୍‌ଗୁଲା ହେଇ ରହୁଛନ୍। ଉପେ ଶୁଇନ୍ ଗରିବ୍ ମା'ବାପ୍ ଝି'ର ଚିକିଛା ସାହାଯ୍, ସରକାରୀ ସୁବିଧା ସୁଯୋଗ ଲାଗି ଗଣମାଧମ ଜରିଆରେ ରାଏଜ୍ ସରକାର ଆର ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଲାରୁ ତୃପ୍ତିଙ୍କର ଆଧାର କାର୍ଡ ଲାଗି ଚେଷ୍‌ଟା କରାଯିବା ଆର ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଛନ୍।



ଦିବ୍ୟାଙ୍ଗ ତୃପ୍ତି ପଧାନ।

### କ୍ରିକେଟ: ସେମିରେ ବାଉଁଶୁଣୀ

ବାଉଁଶୁଣୀ, ୨୯।୧୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି । ଆଜି ପ୍ରଥମେ ଆରବିସି ବୌଦ୍ଧ ଓ ଜେଡିସିସି ଦହ୍ୟା ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଆରବିସି ବୌଦ୍ଧ ବ୍ୟାଟିଂ କରି ୭୦ ରନ କରିଥିଲା। ଜବାବରେ ଜେଡିସିସି ୭୨ ରନ କରି ବିଜୟୀ ହୋଇଥିଲା । ମଣିଣାପଡା ଓ ବାଉଁଶୁଣୀ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ପ୍ରଥମେ ମଣିଣାପଡା ବ୍ୟାଟିଂ କରି ୧୦୦ ରନ କରିଥିଲା । ଜବାବରେ ବାଉଁଶୁଣୀ ଦଳ ୧୦୬ ରନ କରି ବିଜୟୀ ହୋଇଥିଲେ । ତୃତୀୟ ମ୍ୟାଚ ବାଉଁଶୁଣୀ ଓ ଜେଡିସିସି ମଧ୍ୟରେ ହୋଇଥିଲା । ପ୍ରଥମେ ବାଉଁଶୁଣୀ ଦଳ ବ୍ୟାଟିଂ କରି ୮୫ ରନ କରିଥିଲା। ଦହ୍ୟା ଦଳ ୭୬ ରନ କରି ପରାଜିତ ହୋଇଥିଲା। ବାଉଁଶୁଣୀ ଦଳ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି । ଟୁକୁନ ମହାରଣା, ହେମକାନ୍ତ ମେହେର, ଦେବାଶିଷ ନେପାକ, ରମାକାନ୍ତ ବିଶି ଖେଳ ପରିଚାଳନା କରିଥିଲେ। ସିନ୍ଧୁ ଚିରଗୁଣୀ ଧାରା ବିବରଣୀ ଦେଇଥିଲେ ।

## ରାଜ୍ୟପାଳ ଟ୍ରଫିପ୍ରାପ୍ତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୨୯।୧୧

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ରାଜ୍ୟପାଳ ଟ୍ରଫି ୨୦୧୭-୧୮ରେ କୃତିତ୍ୱ ଅର୍ଜନ କରିଥିବା ବରଗଡ଼ ଜିଲାର ପ୍ରତିଭାମାନଙ୍କୁ ଶୁକ୍ରବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ବରଗଡ଼ ବିକାଶ ଫାଷ୍ଟଷ୍ଟେପ୍ ବିଦ୍ୟାଳୟର ଅଂଶୁମାନ ଦାଶ ଓ ରୋଟାରୀ ପବ୍ଲିକ ସ୍କୁଲର ସୁଶ୍ରୀ ଅର୍ପିତା ମହାନ୍ତି । ଅଂଶୁମାନ ଜୁନିୟର ଗ୍ରୁପ ଲୋକନୃତ୍ୟ ଏବଂ ଅର୍ପିତା ସିନିୟର ଗ୍ରୁପ ଲୋକନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର ସହିତ ରାଜ୍ୟପାଳ ଟ୍ରଫି ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି । ସେହିପରି ସଙ୍ଗୀତର ଜୁନିୟର ବିଭାଗରେ ପଦ୍ମପୁରସ୍ଥିତ ଜେନିଥ୍ ଲାୟନ୍ସ ଗୁରୁକୁଳର ଆର୍ଯ୍ୟା ଆଦ୍ୟାଶକ୍ତି ତ୍ରିପାଠୀ ଏବଂ ସିନିୟର ଗ୍ରୁପ୍‌ରେ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଯୋଗେଶ୍ୱର ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜିଲାପାଳ ପ୍ରଧାନ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସମାରୋହରେ ଜିଲା ସୂଚନା ଓ ଲୋକ ସମ୍ପର୍କ ତଥା ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ, ନୃତ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର ବାଗ, ନାଟ୍ୟ ଶିରୋମଣି ତୁଳାରାମ ମହାନନ୍ଦ ଉପସ୍ଥିତ ଥିଲେ ।



ଜିଲାପାଳ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

### ଶହେ ଛାତ୍ରୀ ନେଲେ ଆତ୍ମ ସୁରକ୍ଷା ତାଲିମ

ଝାରବନ୍ଧ, ୨୯।୧୧ (ଡି.ଏନ.ଏ)

ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜରେ ୧୪ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ତାଲିମଦାତା ଖୁଲଣା ସିଦାର କଲେଜର ୧୦୦ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଉଦଯାପନୀ ଦିନ କଲେଜ ସଭା ଗୃହରେ କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଯୁବ ରେଡକ୍ରସ କାଉନସିଲର ଚିନ୍ତାମଣି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଝାରବନ୍ଧ ସିଡିପିଓ ସନ୍ଧ୍ୟାରାଣୀ ନେପାକ, ସମ୍ମାନିତ ଅତିଥି ଭାବେ ଝାରବନ୍ଧ ଥାନା ଏଏସଆଇ ନମିତା ନାୟକ ଯୋଗଦାନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସରିତା ମିଶ୍ର, ଛତ୍ରପାଳ ଗିରି, ଉମେଶ ସାହୁ, ପ୍ରୀତି ମହାପାତ୍ର, ପୁଷ୍ପାମଞ୍ଜରୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଶେଷରେ ଅଧାପକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବେଣୁଧର ପାଣିଗ୍ରାହୀ, ସୁରେନ୍ଦ୍ର ସାହୁ, ହୃଷିକେଶ ଭୋଇ, ପଠାଣି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ବିକାଶ ଡିଗ୍ରୀ କଲେଜରେ ଆଲୋଚନାଚକ୍ର

ବରଗଡ଼ ଅଫିସ୍,୨୯।୧୧

ବରଗଡ଼ର ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ରାଇଜିଂ ଇଣ୍ଡିଆ ଶୀର୍ଷକ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଛି। ଏହି ଆଲୋଚନାଚକ୍ରରେ ଡଃ ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମ୍ପ୍ରତିକ ବିଶ୍ୱରେ ଭାରତର ଅତୀତ ଓ ବର୍ତ୍ତମାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେ ତାଙ୍କ ସାରାଂଶରେ ବିବେକାନନ୍ଦ ଓ ଗାନ୍ଧୀଙ୍କର ଆନ୍ତର୍ଜାତୀୟ ଚିନ୍ତାଧାରାକୁ ସାମ୍ପ୍ରତିକ ଜଗତର ବିଭିନ୍ନ ଚର୍ଚ୍ଚିତ ଅସୁବିଧାର ସମାଧାନ ବୋଲି ଅଭିହିତ କରିଥିଲେ । ସେହିପରି ଆଉ ଏକ ପର୍ଯ୍ୟାୟରେ ଅଧ୍ୟାପକ ସୁରଜ ପଣ୍ଡା ଆଲୋଚିତ ବିଷୟ ଉପରେ ସାରାଂଶ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତାଙ୍କ ଲିଖିତ ପୁସ୍ତକ ଭେଲୁଁ ଇନ୍ ଦି ଭେନସ୍ ଉନ୍ମୋଚନ କରାଯାଇଥିଲା ଏବଂ ତାଙ୍କୁ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ଅନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀ ମୌସୁମୀ ସ୍ୱାଇଁ ସ୍ୱାଗତ ଭାଷଣ ଏବଂ ଛାତ୍ରୀ ଅନ୍ୱେଷା ଅଭିସିକ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।



ଆଲୋଚନାଚକ୍ରରେ ପୁସ୍ତକ ଉନ୍ମୋଚନ କରାଯାଉଛି ।

# ଫୁଟବଲ: ବରଗଡ଼ ୟୁନାଇଟେଡ କ୍ଲବ ଚାମ୍ପିୟନ

ବରଗଡ଼ ଅଫିସ୍,୨୯।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ କଳାପାଣିକୁ ୪-୦ ଗୋଲରେ ହରାଇ ବରଗଡ଼ର ୟୁନାଇଟେଡ୍ କ୍ଲବ ଚାମ୍ପିୟନ ହୋଇଛି । ୟୁନାଇଟେଡ୍ କ୍ଲବର ଅନୀଲ ଦୀପ ୨ଟି ଏବଂ ମନୋଜ ବରିହା ଓ ମଧ୍ୟ ବରିହା ଗୋଟିଏ ଲେଖାଏଁ ଗୋଲ ସ୍କୋରାର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ପ୍ରଶାନ୍ତ ବେହେରା, ଶ୍ରୀନିବାସ ରାଓ, ସୁରେଶ ବେହେରା ଓ ରଞ୍ଜୁ ଛତ୍ରିଆ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଫାଇନାଲ ମ୍ୟାଚର ଶୁଭାରମ୍ଭ କରିଥିଲେ । ଉଦଯାପନୀ ସମାରୋହରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଚାମ୍ପିୟନ ୟୁନାଇଟେଡ୍ କ୍ଲବ, ରନର୍ସ ଅପ୍ କଳାପାଣି ଦଳ ସମେତ ଅନ୍ୟ କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା । ମ୍ୟାଚ କମିଶନର ସଚ୍ଚୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂ, ସାଧାରଣ ସମ୍ପାଦକ କିଶୋର ମିଶ୍ର, ଫୁଟବଲ ସମ୍ପାଦକ ଶେଖ୍ ସବଦର୍, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟ୍‌ଡୋର୍ ସମ୍ପାଦକ ସୁରେଶ ଦାଶ, ପୂର୍ବତନ ସାଧାରଣ ସମ୍ପାଦକ ପ୍ରଭାତ ଆଦିତ୍ୟ ମିଶ୍ର, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, କ୍ରିକେଟ ସମ୍ପାଦକ ଅମୀୟ ଭୂଷଣ ସାହୁ, ଜ୍ଞାନରଞ୍ଜନ ପୂଜାରୀ, କାଉନସିଲ ସଭ୍ୟ ମହେନ୍ଦ୍ର ଦାଶ, ଦିଲୀପ ସାୱାଡ଼ିଆ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।




ଅତିଥି, ଆୟୋଜକଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳି ।

# ବରଗଡ଼ ପୁସ୍ତକମେଳା ଉଦ୍‌ଯାପିତ

ବରଗଡ଼ ଅଫିସ୍,୨୯।୧୧

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଚାଲୁଥିବା ବରଗଡ଼ ପୁସ୍ତକମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଉଦଯାପନୀ ସମାରୋହରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପର୍ବତାରୋହୀ ଲିପିକା ସେଠଙ୍କୁ ବାଲୁଙ୍କେଶ୍ୱର ସ୍ମୃତି ସମ୍ମାନ, ଡଃ ବଭ୍ରୁବାହନ ମହାପାତ୍ରଙ୍କୁ ଗଙ୍ଗାଧର ସାହିତ୍ୟ ସମ୍ମାନ, କେଦାରନାଥ ସାହିତ୍ୟ ସଂସଦ ସଭାପତି ଶଶୀଭୂଷଣ ପାଣିଗ୍ରାହୀଙ୍କୁ ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ, ପାଇକମାଳ ବ୍ଲକ ଖରାମାଳ ଗ୍ରାମର ଡମ୍ବରୁଧର ମାଝିଙ୍କୁ ଡୋଲାମଣି ସାହୁ ସ୍ମୃତି ସମ୍ମାନ ଏବଂ ସୁଶୀଳା ନାୟାରଙ୍କୁ ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା ।

ସେହିପରି ଗତ ମାଟ୍ରିକ ପରୀକ୍ଷାରେ ଜିଲାରେ ପ୍ରଥମ ହୋଇଥିବା ନବ୍ୟା ନବେଲୀ ଆଚାର୍ଯ୍ୟଙ୍କୁ ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, ବରଗଡ଼ ପୌରାଞ୍ଚଳରେ ପ୍ରଥମ ହୋଇଥିବା ସୁପ୍ରିୟା ତାଣ୍ଡିଙ୍କୁ ସତ୍ୟନାରାୟଣ ମେଧା ସମ୍ମାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ଶିକ୍ଷା(ସମ୍ମାନ)ରେ ପ୍ରଥମ ହୋଇଥିବା ଜୟନ୍ତୀ ସାହୁଙ୍କୁ କିରଣମୟୀ ମହାପାତ୍ର ମେଧା ସମ୍ମାନ, ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ଜିଲାରେ ପ୍ରଥମ ହୋଇଥିବା ପ୍ରଷ୍ମିତା ପ୍ରଜ୍ଞା ଭୋଇଙ୍କୁ ଆଶା ପଟ୍ଟନାୟକ ମେଧା ସମ୍ମାନ ଏବଂ ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ଜିଲାରେ ପ୍ରଥମ ହୋଇଥିବା ନିରଜ ଅଗ୍ରୱାଲଙ୍କୁ ଡାକ୍ତର ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା ।

ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ମୁଖ୍ୟଅତିଥି ଏବଂ ଡଃ ସାହିତ୍ୟିକା ଅର୍ପିତା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସମ୍ମାନ ପ୍ରଦାନ କରିଥିଲେ। ପାଠାଗାର ସଭାପତି ଅରୁଣ ମହାନ୍ତି ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ମନୋରଞ୍ଜନ ସାହୁ, ଉପସଭାପତି ଡଃ ପ୍ରଦୀପ ହୋତା, ସଭ୍ୟ ବିମ୍ବାଧର କୁଅଁର, ଗୌରୀଶଙ୍କର ପଣ୍ଡା, ପତିତପାବନ ସାହୁ, ଉମେଶ ବିଶ୍ୱାଳ, ହୃଷିକେଶ ଦାଶ, ବିକ୍ରମାଦିତ୍ୟ ପଣ୍ଡା, ସଂଘମିତ୍ରା ମିଶ୍ର, ଜୟଶ୍ରୀ ସାହୁ, ଜୟପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ପୁସ୍ତକମେଳାରେ ପର୍ବତାରୋହୀ ଲିପିକା ସେଠଙ୍କୁ ସମ୍ମାନିତ କରାଯାଉଛି ।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

Urgently Required
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

Urgent Required
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813 7609947073

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

REQUIRED A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

URGENTLY REQUIRED
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post Sales/ Marketing Executive. And Team Leader
Qualifications 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

ନୋଟିସ୍
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛନ୍ତି, ସେ ହିଁ ଶକ୍ତିଶାଳୀ।

-ସେନେକା



## ସଂକ୍ଷେପରେ

### କୂଅରେ ପଡ଼ି ଗର୍ଭବତୀଙ୍କ ମୃତ୍ୟୁ

ପଦ୍ମପୁର, ୨୯।୧୧ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଖଲିଆପାଲି ଗ୍ରାମ ପଞ୍ଚାୟତ ଅଧୀନ ଚକମକି ଯୋର ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ଉକ୍ତ ଗ୍ରାମର ଗର୍ଭବତୀ ମହିଳା ବୀଣା ପଟେଲ (୨୫) କୂଅରେ ପଡି ମୃତ୍ୟୁବରଣ କରିଛନ୍ତି । ସେ ତାଙ୍କ ଘର ପଛପଟ କୂଅରୁ ପାଣି କାଢୁଥିବା ବେଳେ ଭାରସାମ୍ୟ ହରାଇ କୂଅ ଭିତରେ ପଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସହକାରୀ ଉପଜିଲାପାଳ ଦୀପ୍ତିମୟୀ ଭୋଇ ଓ ବୋଡେନ ଥାନା ଏଏସଆଇ ଏନକେ ଠାକୁର, ୟୁକେ ତାଣ୍ଡିଙ୍କ ଉପସ୍ଥିତିରେ ପଞ୍ଚନାମା କରାଯାଇଥିଲା । ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

### ସ୍ତ୍ରୀକୁ ନିର୍ଯାତନା ଅଭିଯୋଗରେ ଯବାନ ଗିରଫ

ସୋହେଲା,୨୯।୧୧(ଡି.ଏନ.ଏ)
ସ୍ତ୍ରୀକୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ବରଗଡ ଜିଲା ସୋହେଲା ଥାନା ପୋଲିସ ଜଣେ ଯବାନଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଯବାନ ହେଲେ ଅନ୍ତର୍ଗତ ମାଛିମୋରା ଗ୍ରାମର ଦୁଃଖନାଶନ ବାଗ। ପୋଲିସ ସୂଚନା ଅନୁସାରେ, ଦୁଃଖନାଶନ ଜଣେ ଯବାନ ଭାବେ ଜମ୍ମୁ କଶ୍ମୀରରେ କାର୍ଯ୍ୟରତ ଅଛନ୍ତି । ଗତ ୨୦୧୪ ମସିହାରେ ସେ ପିପିଲିପାଲି ଗ୍ରାମର ସଙ୍ଗୀତା ନାୟକଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ଝିଅ ଅଛି । କୌଣସି କାରଣରୁ ଉକ୍ତ ଦମ୍ପତିଙ୍କ ମଧ୍ୟରେ ଝଗଡା ହେବାରୁ ସଙ୍ଗୀତା ବାପଘରକୁ ଚାଲି ଆସିଥିଲେ । ଏହାମଧ୍ୟରେ ଛୁଟିରେ ଆସିଥିବା ଦୁଃଖନାଶନ ଗୁରୁବାର ପିପିଲିପାଲି ସ୍ଥିତ ଶ୍ୱଶୁର ଘରକୁ ଯାଇ ଗଣ୍ଡଗୋଳ କରିଥିଲେ । ଏ ନେଇ ସଙ୍ଗୀତା ସୋହେଲା ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୯୫/୧୯) ରୁଜୁ କରି ଦୁଃଖନାଶନଙ୍କୁ ଗିରଫ କରିଥିଲା।

### ଝାଡ଼ାବାନ୍ତିରେ ଜଣେ ମୃତ

ଜହ୍ନାପଙ୍କ,୨୯।୧୧(ଡି.ଏନ.ଏ.)
ବୌଦ୍ଧ ବ୍ଲକ ବଢିଗାଁରେ ଶୁକ୍ରବାର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁମନ୍ତ ଭୋଇ(୬୮)। ୧୦ଦିନ ତଳେ ଝାଡାବାନ୍ତି ହେବାରୁ ତାଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ସେହିପରି ଗ୍ରାମର ପ୍ରବୀର ମହାର, ଝୁମୁରି ପ୍ରଧାନ, ଗୀତାଞ୍ଜଳି ସ୍ୱାଇଁ, ଜନ୍ମେ ପ୍ରଧାନ, ସୁବାଷ ଦେହୁରୀଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଯାଇଛି । ଖବର ପାଇ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଦଳ ଝାଡାବାନ୍ତି ଆକ୍ରାନ୍ତ ଗ୍ରାମକୁ ପହଞ୍ଚି ଚିକିତ୍ସା କରିଛନ୍ତି । ଏହି ସଂକ୍ରମଣ ପାଣିରୁ ହୋଇଛି ବୋଲି ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ଅନ୍ତର୍ଯାମୀ ବେହେରା କହିଛନ୍ତି ।

### ଯୁବ ନେତୃତ୍ୱ ଶିବିର ଉଦ୍‌ଘାଟିତ

ବୌଦ୍ଧ,୨୯।୧୧(ସ୍ୱ.ପ୍ର)
ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଭାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଶିବିରକୁ ଉଦଘାଟନ କରିବା ସହ ତାଲିମ ଗ୍ରହଣ କରିବା ପରେ ନିଜ ଅଞ୍ଚଳରେ ତାକୁ କାର୍ଯ୍ୟକାରୀ କରିବା ପାଇଁ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ନେହେରୁ ଯୁବକେନ୍ଦ୍ର ପ୍ରତିନିଧି ଦେବାଶିଷ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଲିମ ମାଧମରେ ଯୁବ ନେତୃତ୍ୱ ବିକାଶ ସହିତ ରୋଜଗାରକ୍ଷମ ହେବା ପାଇଁ ସୁଯୋଗ ମିଳିଥାଏ ବୋଲି ମତ ଦେଇଥିଲେ । ପ୍ରଶିକ୍ଷକ ଭାବେ କୋରାପୁଟ ନେହେରୁ ଯୁବକେନ୍ଦ୍ରର ନୀଳିମା ଟାକିରୀ, ପ୍ରଶିକ୍ଷକ ଜୟନ୍ତ ସାହୁ ତାଲିମ ପ୍ରଦାନ କରିଥିଲେ । ତୋଫାନ ପରିଡା, ଚିତ୍ତରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳର ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ଆସ୍ଥାନ ମହାକୁଡ, ସୁନୀଲ ଖେତୀ, ସଚ୍ଚିଦାନନ୍ଦ ମିଶ୍ର, ପ୍ରବୀର ସାହୁ, ନୀଳିମା ବାରିକ, ଦେବାର୍ଚ୍ଚନ ମେହେର ସହଯୋଗ କରିଥିଲେ ।



ମଣ୍ଡି ଅଫିସରେ ତାଲା ପକାଇ ଚାଷୀମାନେ ବସିଛନ୍ତି ।



ଚାଷୀଙ୍କ ସହିତ ବିଭାଗୀୟ ଅଧିକାରୀଙ୍କ ଆଲୋଚନା ।

# ଥମୁନି ଚାଷୀ ଆନ୍ଦୋଳନ

- ଟୋକନ ପରେ ପଞ୍ଜୀକରଣକୁ ନେଇ ବିବାଦ
- ଅନେକ ଚାଷୀ ବାଦ୍ ପଡ଼ିଛନ୍ତି
- ବରଗଡ଼ରେ ଏଆର୍‌ସିଏସ୍‌ଙ୍କୁ ଘେରିଲେ
- ଅତାବିରା ମଣ୍ଡି ଅଫିସରେ ତାଲା ପକାଇଲେ

ବରଗଡ଼ ଅଫିସ୍,୨୯।୧୧

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ ସପ୍ତାହ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥା ଏଥିରେ ପ୍ରତିବନ୍ଧକ ସାଜିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଜିଲାର ବହୁଚାଷୀଙ୍କ ପଞ୍ଜୀକରଣ ହୋଇ ନ ପାରିବା ପୁଣି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଇଛି । ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଯୋଗୁ ଅନେକ ଚାଷୀ ସେମାନଙ୍କ ଅମଳ ଧାନକୁ କିଭଳି ବିକିବେ, ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ଦାୟିତ୍ୱହୀନତା ପ୍ରତିବାଦରେ ପୁଣି ଚାଷୀ ଆନ୍ଦୋଳନ ତେଜିଛି। ଏହି କ୍ରମରେ ଶୁକ୍ରବାର ଚାଷୀମାନେ ଅତାବିରା ମାର୍କେଟ୍ ୟାର୍ଡ଼(ମଣ୍ଡି) କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବାବେଳେ ବରଗଡ଼ ତହସିଲ ଅଫିସରେ ତୋରା ଗ୍ରାମର ଚାଷୀମାନେ ସହକାରୀ ସମବାୟ ନିବନ୍ଧକ ଶରତ ପାଣିଗ୍ରାହୀଙ୍କୁ ଘେରାଉ କରି ରଖିଥିଲେ। ଏହା ସହିତ ଜିଲା ଯୋଗାଣ ଅଧିକାରୀ ଏବଂ ଜିଲାପାଳ ଅଫିସକୁ ଯାଇ ତୋରା ଗ୍ରାମର ଚାଷୀମାନେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ ।

ସୂଚନା ଅନୁଯାୟୀ, ଅତାବିରା ଅଞ୍ଚଳର ୨୯୩ଜଣ ଚାଷୀଙ୍କ ଏପର୍ଯ୍ୟନ୍ତ ପଞ୍ଜୀକରଣ ହୋଇପାରିନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଚାଷୀ ମଣ୍ଡିକୁ ଧାନ ଆଣିଥିବାବେଳେ ଆଉ କେତେକ ଚାଷୀଙ୍କ ଧାନ ଖଳାରେ ପଡ଼ି ରହିଛି। ପଞ୍ଜୀକରଣ ହୋଇ ନ ଥିବାରୁ ସେମାନଙ୍କ ଧାନ ବିକ୍ରି ହୋଇପାରୁ ନ ଥିବା ଯୋଗୁ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ଚାଷୀମାନେ ପାରିଶ୍ରମିକ ଦେଇ ପାରୁ ନାହାନ୍ତି। ଏହାର ପ୍ରତିବାଦରେ ଅଞ୍ଚଳର ଚାଷୀମାନେ ଅତାବିରା ମାର୍କେଟ୍ ୟାର୍ଡ଼ କାର୍ଯ୍ୟାଳୟରେ ଅପରାହ୍ନ ପ୍ରାୟ ୧ଟାରୁ ତାଲା ପକାଇ ଦେଇଥିଲେ। ଖବର ପାଇ ସେଠାକୁ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ, ସହକାରୀ ସମବାୟ ନିବନ୍ଧକ ଶରତ ପାଣିଗ୍ରାହୀ, ସମବାୟ ସମ୍ପ୍ରସାରଣ ଅଧିକାରୀ ଉମେଶ ଚନ୍ଦ୍ର ନାଏକ, ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକ ପ୍ରମୁଖ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଖବର ଲେଖାହେବା ସୁଦ୍ଧା(ରାତ୍ରି ସାଢ଼େ ୮ଟା ପର୍ଯ୍ୟନ୍ତ) ଆଲୋଚନା ଜାରି ରହିଥିବାବେଳେ କୌଣସି ନିର୍ଯାସ ବାହାରି ପାରି ନ ଥିବା ସୂଚନା ମିଳିଛି। ସେହି ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀମାନେ ସମୟ ମାଗୁଥିବାବେଳେ ଚାଷୀମାନେ ଲିଖିତ ପ୍ରତିଶ୍ରୁତିରେ ଅଡ଼ି ବସିଥିବା ଜଣାପଡ଼ିଛି ।

ସେହିପରି ତୋରା ଗ୍ରାମର ଚାଷୀଙ୍କ କ୍ଷେତ୍ରରେ ପଞ୍ଜୀକରଣ ସମସ୍ୟା ଉପୁଜିଛି। ଗ୍ରାମର ୫୨ଜଣ ଚାଷୀଙ୍କ ୧୭୦ ଏକରରୁ ଊର୍ଦ୍ଧ୍ୱ ଜମିର ପଞ୍ଜୀକରଣ ହୋଇପାରି ନ ଥିବାରୁ ସେମାନେ ଧାନ କିଣାବିକା ପ୍ରକ୍ରିୟାରୁ ବାଦ୍ ପଡ଼ିଛନ୍ତି। ଏଭଳି ଆଶଙ୍କା କରି ଗ୍ରାମର ଚାଷୀମାନେ ଗତ ଅଗଷ୍ଟ ୨୮ତାରିଖ ଜିଲାପାଳଙ୍କୁ ଫେରାଦ ହେବା ସହିତ ସମସ୍ୟା ଉପରେ ଅବଗତ କରିଥିଲେ। ସେତେବେଳେ ସର୍ଭେ କରି ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବରଗଡ଼ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସର୍ଭେରେ ସେହି ଜମିରେ ଧାନଚାଷ ହୋଇଥିବା ଜଣାପଡ଼ିଥିଲା ଏବଂ ସମ୍ପୃକ୍ତ ଚାଷୀଙ୍କ ପଞ୍ଜୀକରଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ତହସିଲଦାର ସବ୍ୟସାଚୀ ପଣ୍ଡା ସମବାୟ ବିଭାଗକୁ ଜଣାଇଥିଲେ । ମାତ୍ର ସେ ଦିଗରେ ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଚାଷୀମାନେ ବରଗଡ଼ ତହସିଲ ଅଫିସକୁ ଆସିଥିଲେ ଏବଂ ସେଠାରୁ ଏଆରସିଏସ ପାଣିଗ୍ରାହୀ ପହଞ୍ଚିବା ପରେ ତାଙ୍କୁ ଘେରାଉ କରି ଦୀର୍ଘ ସମୟ ରଖିଥିଲେ। ଏହାପରେ ଚାଷୀମାନେ ସିଏସଓ ଏବଂ ଜିଲାପାଳ ଅଫିସକୁ ଯାଇଥିଲେ।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ସୋହେଲା,୨୯।୧୧(ଡି.ଏନ.ଏ)

ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ବରଗଡ ଜିଲା ସୋହେଲା ଥାନା ପୋଲିସ ପିପିଲିପାଲି ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପିପିଲିପାଲି ଗ୍ରାମର ଶରତ ନାୟକ (୨୬) । ଏ ନେଇ ସାହେଲା ଥାନାରେ ଏକ ମାମଲା (ନଂ.୧୯୬/୧୯) ରୁଜୁ ହୋଇଛି । ଶରତ ଉକ୍ତ ଯୁବତୀଙ୍କୁ ପ୍ରାୟ ୫/୬ବର୍ଷ ହେବ ଭଲ ପାଉଥିଲେ। ଏପରିକି ବର୍ଷେ ହେବ ସେମାନଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ସ୍ଥାପନ ହୋଇଥିଲା। ଗୁରୁବାର ଯୁବତୀ ଜଣକ ଶରତଙ୍କ ଘରକୁ ଯାଇ ବିବାହ କରିବାକୁ କହି ପାଟିତୁଣ୍ଡ କରିଥିଲେ। ଫଳରେ ଶରତଙ୍କ ପରିବାର ଲୋକେ ଯୁବତୀଙ୍କୁ ମାଡପିଟ କରିଥିଲେ। ଯୁବତୀ ଜଣକ ଏ ନେଇ ସୋହେଲା ଥାନାରେ ଅଭିଯୋଗ କରିଥିଲେ ।

### ସୂଚନା, ପ୍ରଯୁକ୍ତି ବିଦ୍ୟା କର୍ମଶାଳା

ପଦ୍ମପୁର, ୨୯।୧୧ (ଡି.ଏନ.ଏ)

ପଦ୍ମପୁର ନିକଟସ୍ଥ କନସିଂହା ସତ୍ୟସେବା ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। କର୍ମଶାଳାରେ ସଞ୍ଜୟ ଦେହୁରୀ ଓ ସୀତାରାମ ତରିଆ ପ୍ରଶିକ୍ଷଣ ଦେଇଥିଲେ। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଅତ୍ୟାବଶ୍ୟକ ରହିଛି । ତେଣୁ ବର୍ତ୍ତମାନ ଏହି ବିଦ୍ୟାର ଶିକ୍ଷା ପାଇଁ ଆଗ୍ରହ ବୃଦ୍ଧି ପାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌକିଲାଲ ଦାଶ, ରମେଶ ଭୋଇ, ଅରୁଣ ବଣିଆଁ, ପୁରନ୍ଦର ଶାସ୍ତ୍ରୀ, ହରିହର ସାହୁ, ଗୋବର୍ଦ୍ଧନ ମିଶ୍ର, ନିବେଦିତା ପ୍ରିୟଦର୍ଶିନୀ, ଗୀତା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ ।

## ଧନୁଯାତ୍ରା ପାଇଁ କଳାକାର ବରଣ

ପଦ୍ମପୁର, ୨୯।୧୧ (ଡି.ଏନ.ଏ)
ଆସନ୍ତା ଜାନୁୟାରୀ ୩୧ରୁ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ପଦ୍ମପୁର ଗୋଇବାହାଲିଠାରେ ଚତୁର୍ଥ ରାଜବୋଡାସମ୍ବର ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର କମିଟି ପକ୍ଷରୁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ନିରଞ୍ଜନ ପୁରୋହିତଙ୍କ ପୌରୋହିତ୍ୟରେ ପୁରନ୍ଦର ସାହୁ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ନୃସିଂହନାଥ ଠାରୁ ମାର୍ଜାର କେଶରୀଙ୍କ ଆଜ୍ଞାମାଳ ଅଣାଯାଇ ଧନୁଯାତ୍ରାର ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ କଂସ ଭୂମିକାରେ ଅଭିନୟ ପାଇଁ ମନୋରଞ୍ଜନ ଚିରଗୁନ ଏବଂ ଅନ୍ୟାନ୍ୟ କଳାକାରମାନଙ୍କୁ ବରଣ କରାଯାଇଥିଲା ।



ଧନୁଯାତ୍ରା ପାଇଁ କଳାକାର ବରଣ କରାଯାଉଛି ।

### ଉନ୍ନତ କୃଷି, ଜଳ ପରିଚାଳନା ତାଲିମ ଶିବିର

ପଦ୍ମପୁର, ୨୯।୧୧ (ଡି.ଏନ.ଏ.)
ପଦ୍ମପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଉନ୍ନତ ଜଳ ପରିଚାଳନା ଓ କୃଷି ପଦ୍ଧତିଗତ ଦୃଷ୍ଟି କୋଣ ନେଇ ଏକ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ପଦ୍ମପୁର କୃଷି ଜିଲା ଅଧୀନ ବିଭିନ୍ନ ଗ୍ରାମର ଅଗ୍ରଣୀ ଚାଷୀ, କୃଷକ ସାଥୀ ଓ କୃଷି ଅଧିଦର୍ଶକ, କୃଷି କର୍ମଚାରୀ ଯୋଗ ଦେଇ ତାଲିମ ନେଇଥିଲେ । ମନୋଜ ରାଉତ, ନୀଳମଣି ପଣ୍ଡା ତାଲିମ ପ୍ରଦାନ କରିଥିଲେ । କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି, ପ୍ରାକୃତିକ ସମ୍ପଦକୁ ଠିକ ମାର୍ଗରେ ପରିଚାଳିତ କରିବା, ଚାଷୀମାନଙ୍କର ସମ୍ବଳର ଆକଳନ, ଜଳର ଉପଲବ୍ଧତା, ପ୍ରାକୃତିକ ପରିବେଶକୁ ବଞ୍ଚାଇ ରଖିବା ଆଦି ପ୍ରସଙ୍ଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଟିଏମ ନୀଲୁ ମେହେର ଶିବିର ପରିଚାଳନା କରିଥିଲେ ।

ଧାନ କିଣାବିକାରେ ଚାଷୀ ହଇରାଣ

## ଉପଜିଲାପାଳଙ୍କୁ ଭେଟିଲା ଭାଜପା କୃଷକ ମୋର୍ଚ୍ଚା

ବୌଦ୍ଧ,୨୯।୧୧(ସ୍ୱ.ପ୍ର)

ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ଠାରୁ ଟୋକନ୍ ମାଧ୍ୟମରେ ଧାନ କିଣା ଯାଉଥିବାରୁ ବୌଦ୍ଧ ଜିଲାରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବୌଦ୍ଧ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଉପଜିଲାପାଳଙ୍କ ପାଖରେ ଅଭିଯୋଗ କରାଯାଇଛି । ଶୁକ୍ରବାର ମୋର୍ଚ୍ଚାର କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଉପ ଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାୟକଙ୍କ ସହିତ ଆଲୋଚନା କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହିତ ଜିଲାରେ ଅଯୋଗ୍ୟ ଲୋକମାନଙ୍କୁ କାଳିଆ ଯୋଜନାରେ ସାମିଲ କରିବା ଦ୍ୱାରା ରାଜକୋଷରୁ ଅର୍ଥ ଖର୍ଚ୍ଚ ହୋଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ପ୍ରଧାନମନ୍ତ୍ରୀ କିଷାନ ନିଧି ସମ୍ମାନ ଯୋଜନାରେ ଚାଷୀମାନଙ୍କୁ ସାମିଲ କରିବା ପାଇଁ ଦାବି ଜଣାଇଥିଲେ । ଏଥିରେ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ, ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ କିଶୋର ସାହୁ, ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି, ମହିଳା ମୋର୍ଚ୍ଚା ସଭାପତି ନମିତାରାଣୀ ଦାଶ, ସ୍ୱର୍ଣ୍ଣମୟୀ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ ।

## ଆରପାରିରେ ଶେଷ ସାହାରା, ବେସାହାରା ଅସହାୟ ବୃଦ୍ଧ

ମନମୁଣ୍ଡା, ୨୯।୧୧ (ଡି.ଏନ.ଏ)

୫ବର୍ଷ ତଳେ ୭ ଦିନ ଅନ୍ତରରେ ସ୍ତ୍ରୀ, ପୁଅ ଓ ନାତିଙ୍କ ମୃତ୍ୟୁ ହୋଇଯିବା ପରେ ଝିଅ ଥିଲା ଶେଷ ସାହାରା । ଗତ ବୁଧବାର ରାତିରେ ଝିଅର ମଧ ମୃତ୍ୟୁ ଘଟିଲା। ପରିବାରର ସମସ୍ତ ସଦସ୍ୟଙ୍କୁ ହରାଇ ଜଣେ ବୃଦ୍ଧ ଏବେ ବେସାହାରା ପାଲଟିଛନ୍ତି । ଏଭଳି ଏକ ଦୁଃଖଦ ଘଟଣା ଘଟିଛି କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ସଦର ମହକୁମାରେ ।

ଶିମିଳିପଦର ପଞ୍ଚାୟତ ସଦର ମହକୁମାର ଦଳିତ ବୃଦ୍ଧ ପରଦେଶୀ ଡୁଙ୍ଗୁରିଆ। ବୟସ ୮୪ ଟପିଲାଣି । ସେ ଅତ୍ୟନ୍ତ ଗରିବ ଓ ଅଭାବ ଅନଟନ ମଧ୍ୟରେ ଭଙ୍ଗା ଦଦରା ଆଜବେଷ୍ଟସ ଘରେ ରହୁଛନ୍ତି । ୫ ବର୍ଷ ତଳେ ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ସ୍ତ୍ରୀ, ପୁଅ ଓ ନାତିଙ୍କ ମୃତ୍ୟୁ ହୋଇଥିଲା । ପ୍ରଥମେ ପରଦେଶୀଙ୍କ ସ୍ତ୍ରୀ ମେରଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁର ୭ ଦିନ ପରେ ତାଙ୍କ ନାତି କାଳିଆଙ୍କ ମୃତ୍ୟୁ ହୋଇଥିବା ବେଳେ ତହିଁର ୭ ଦିନ ପରେ ଏକମାତ୍ର ପୁଅ ଭଗବାନଙ୍କ ମୃତ୍ୟୁ ହୋଇଥିଲା। ସମସ୍ତଙ୍କ ମୃତ୍ୟୁ ଶନିବାର ଦିନ ହିଁ ହୋଇଥିଲା । ସତେ ଯେମିତି ପରଦେଶୀକୁ ଶନିଙ୍କ କୋପ ଦୃଷ୍ଟି ପଡିଥିଲା । ପରିବାର ସଦସ୍ୟଙ୍କ ମୃତ୍ୟୁରେ ସେ ଭାଙ୍ଗି ନ ପଡି ସ୍ୱାମୀ ପରିତ୍ୟକ୍ତା ଝିଅ କୈକେୟୀଙ୍କ ସହିତ ରହୁଥିଲେ ଏବଂ ମାଗିଯାଚି ପେଟ ପୋଷୁଥିଲେ । ପୁଣି କାଳର କୋପ ଦୃଷ୍ଟି ପଡିଲା ପରଦେଶୀଙ୍କ ପରିବାର ଉପରେ । କୈକେୟୀ କିଡନୀ ରୋଗରେ ଆକ୍ରାନ୍ତ ହେଲେ । ଅର୍ଥାଭାବରୁ ବଡ ଡାକ୍ତରଖାନାରେ ଚିକିତ୍ସା ହୋଇ ନ ପାରିବାରୁ ସ୍ଥାନୀୟ ଡାକ୍ତରଖାନାରୁ ଔଷଧ ଖାଇ ସେ ଭଗବାନଙ୍କ ଭରସାରେ ଘରେ ପଡିରହିଲେ। ବୁଧବାର ହଠାତ କୈକେୟୀ ଅସୁସ୍ଥ ଅନୁଭବ କଲେ । ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ବୃଦ୍ଧ ପରଦେଶୀ ମୃତଦେହ ନିଜ ଗାଁକୁ ଆଣି ଗୁରୁବାର ଜାତିଭାଇଙ୍କ ସହାୟତାରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ସରପଞ୍ଚ ପରିମିତା ସେଠୀ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ସାହାଯ୍ୟ ଦେଇଥିବା ବେଳେ ଅନ୍ୟ କେଉଁଣସି ସରକାରୀ ସହାୟତା ତାଙ୍କୁ ମିଳିନି । ବୃଦ୍ଧ ଅବସ୍ଥାରେ ଶେଷ ସାହାରା ଚାଲିଗଲା ପରେ ପରଦେଶୀ ବେସାହାରା ହୋଇପଡିଛନ୍ତି। ପ୍ରଶାସନ ପରଦେଶୀ ପାଇଁ ସାହାଯ୍ୟର ହାତ ବଢ଼ାଇବାକୁ ସାମାଜିକ କର୍ମୀ କୃପା ସୁନା ଦାବି ଜଣାଇଛନ୍ତି ।

■ ୩ ଦଫା ଦାବି

## ୧୨ ଘଣ୍ଟିଆ କନ୍ଧମାଳ ବନ୍ଦ

### ଯାନବାହନ ଚଳାଚଳ ବନ୍ଦ, ଜୀବନଯାତ୍ରା ପ୍ରଭାବିତ

କନ୍ଧମାଳ, ୨୯।୧୧(ଡି.ଏନ.ଏ)

କନ୍ଧମାଳ-ତରଭା ସେତୁ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ସମେତ ୩ ଦଫା ଦାବିରେ ବୌଦ୍ଧ ଜିଲା କନ୍ଧମାଳରେ ଶୁକ୍ରବାର ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଛି। କୋଶଳ ସମନ୍ୱୟ ସମିତି କନ୍ଧମାଳ ସଭାପତି ଉମ୍ବରୁଧର କଅଁରଙ୍କ ଆବାହକତ୍ୱରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଥିଲା।

କନ୍ଧମାଳ-ତରଭା ସେତୁ ନିର୍ମାଣ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିଲେ ଏହି ସେତୁରେ ଯାତାୟାତ ସମ୍ଭବ ହୋଇ ପାରିନାହିଁ। ଏ ଦିଗରେ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ଠୋସ ପଦକ୍ଷେପ ନିଆଯାଇ ନାହିଁ। କନ୍ଧମାଳକୁ ସବ୍‌ଡିଭିଜନ ଘୋଷଣା, କନ୍ଧମାଳ ଓ ଖଲିଆପାଲି ପଞ୍ଚାୟତ ଅଧୀନ ସମସ୍ତ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବି କରି କୋଶଳ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇଥିଲା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସକାଳ ୬ଟାରୁ କନ୍ଧମାଳର ସମସ୍ତ ଦୋକାନ, ବଜାର, ସରକାରୀ ଅଫିସ, ସ୍କୁଲ, କଲେଜ, କୋର୍ଟ, ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏହାସହ ଆନ୍ଦୋଳନକାରୀମାନେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଡିସେମ୍ବର ୩୧ ସୁଦ୍ଧା ସେତୁର ତରଭା ପାର୍ଶ୍ୱରେ ମାଟିକାମ ସମ୍ପୂର୍ଣ୍ଣ କରାଯିବା ସହ ଦୁଇଚକିଆ ଯାନବାହନ ଚଳାଚଳ ପାଇଁ ବିଭାଗୀୟ ଅଧିକାରୀ ଆନ୍ଦୋଳନକାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିବା ଆବାହକ କଅଁର ପ୍ରକାଶ କରିଛନ୍ତି। ଏ ନେଇ ଦିନ ୧୨ଟା ୩୦ମିନିଟ୍ ସମୟରେ ଆନ୍ଦୋଳନକାରୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ଭାରପ୍ରାପ୍ତ ତହସିଲଦାର ବନ୍ଦନା ଖଟୁଆଙ୍କୁ ପ୍ରଦାନ କରିଥିଲେ । କୋଶଳ ସମନ୍ୱୟ ସମିତି ବଲାଙ୍ଗୀରର ଶରତ କୁମାର ହୋତା, କୋଶଳ ଯୁବ ସଂଯୋଜକ ଡୋଲାମଣି ପ୍ରଧାନ, ଚୈତନ୍ୟ ବେହେରା, ସୁବେଦାର ଲଳିତ ସାହୁଙ୍କ ସମେତ ଜନସାଧାରଣ ଆନ୍ଦୋଳନରେ ସାମିଲ ହୋଇଥିଲେ ।




ଆନ୍ଦୋଳନକାରୀମାନେ ପିକେଟିଂ କରି ଗାଡି ଚଳାଚଳ ବନ୍ଦ କରୁଛନ୍ତି ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲା ଯୁବ ମହାସଂଘ

**ଉଲୁଣ୍ଡା, ୨୯।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତର ବଡମାଲ ଗ୍ରାମରେ ଶୁକ୍ରବାର ଅସହାୟ ଅବସ୍ଥାରେ ଜଣଙ୍କ ଘର ପିଣ୍ଡାରେ ପଡି ରହିଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି ଉଲୁଣ୍ଡା ଯୁବ ମହାସଂଘ କର୍ମକର୍ତ୍ତା। ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଗଞ୍ଜାମ ଜିଲା କୋଦୋଡା ଗ୍ରାମର ଜେମା ମହାନ୍ତି ନାମକ ଜଣେ ବୃଦ୍ଧା ୬ ମାସ ହେବ ବ୍ଲକର ବିଭିନ୍ନ ଗ୍ରାମରେ ବୁଲାବୁଲି କରୁଥିଲେ। ସେ ଯେଉଁ ଗାଁକୁ ବି ଯାଉଥିଲେ ଅସହାୟତା ମନେକରି ଯିଏ ଯାହା ପାରିଲା ଖାଇବାକୁ ମଧ ଦେଉଥିଲେ। ମାତ୍ର ବୃଦ୍ଧା ଜଣକ ୩ ଦିନ ହେବ ଅସୁସ୍ଥ ହୋଇପଡିବାରୁ ନଖାଇ ନପିଇ ଗାଁର ଜଣଙ୍କ ପିଣ୍ଡାରେ ହିଁ ଶୋଇ ରହିଥିଲେ। ଖବର ପାଇ ଉଲୁଣ୍ଡା ଯୁବ ମହାସଂଘ ସଦସ୍ୟମାନେ ତାଙ୍କୁ ଉଦ୍ଧାର କର ଦମକଳ ଗାଡିରେ ଉଲୁଣ୍ଡା ଡାକ୍ତରଖାନା ଆଣିଥିଲେ। ସୁସ୍ଥତା ଅନୁଭବ ପରେ ସମ୍ପୃକ୍ତା ବୃଦ୍ଧାଙ୍କୁ ପରିଚୟ ପଚାରିବାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଏବଂ ପୁଅମାନେ ପଚାରୁ ନ ଥିବାରୁ ଦୀର୍ଘ ୬ ମାସ ହେଲା ଏହି ଅଞ୍ଚଳକୁ ପଳାଇ ଆସିଥିବା ପ୍ରକାଶ କରିଛନ୍ତି। ବୃଦ୍ଧାଙ୍କ ଚିକିତ୍ସା ସରିବା ପରେ ତାଙ୍କୁ ଯେତେ ବୁଝାସୁଝା କରିଥିଲେ ମଧ ଡାକ୍ତରଖାନରେ ରହିବାକୁ ମନା କରିଦେଇ ଅନ୍ୟତ୍ର ଚାଲିଯାଇଛନ୍ତି।









ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ (ବାମ) । ସଂସ୍କୃତି ଭବନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୁବତୀମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

### ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

**ସୋନପୁର,୨୯।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁବ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସଂସ୍କୃତି ଭବନରେ ଆୟୋଜିତ ଏହି ମହୋତ୍ସବରେ ଜିଲାର ୧୩ରୁ ୩୫ବର୍ଷ ବୟସର ଶତାଧିକ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ପାରମ୍ପରିକ ଲୋକନୃତ୍ୟ ଓ ଲୋକସଙ୍ଗୀତ ସକାଶେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ୬ଟି ବ୍ଲକ, ୨ଟିଏନଏସି ଓ ଗୋଟିଏ ମ୍ୟୁନିସିପାଲିଟିରୁ ପୂର୍ବରୁ ମନୋନୀତ ହୋଇଥିବା ଦଳ ଏଥିରେ ଭାଗନେଇ ନିଜ କଳାତ୍ମକ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଦଳଗତ ଲୋକନୃତ୍ୟରେ ୭ଟି ଦଳ ଅଂଶଗ୍ରହଣ କରିଥିଲେ । ଦର୍ଶକମାନେ ସମ୍ବଲପୁରୀ ଲୋକନୃତ୍ୟରେ ଝୁମିଥିଲେ। ସେହିପରି ଲୋକଗୀତରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଯୁବ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଦର୍ଶକ ମୁଗ୍ଧ ହୋଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳଗୁଡିକର ନାମ ଶନିବାର ପ୍ରକାଶ କରାଯିବ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ୨୫ତମ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଏଭଳି ମଞ୍ଚର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୁବ ମହୋତ୍ସବ ଯୁବତୀଯୁବକଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବ ବୋଲି ମତପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ଅତିଥିଭାବେ ଯୋଗଦାନ କରି ଯୁବ ମାନସର ଆଦର୍ଶ ବିବେକାନନ୍ଦଙ୍କ ଜୟନ୍ତୀକୁ ଆଖି ଆଗରେ ରଖି ସରକାର ଏଭଳି ଉତ୍ସବ ଆୟୋଜନ କରୁଛନ୍ତି। ଯୁବଶକ୍ତି ଭିତରେ ପ୍ରତିଭା ରହିଛି । ସୁଯୋଗ ମିଳିଲେ ଏହି ପ୍ରତିଭା ପ୍ରସ୍ଫୁଟିତ ହେବ ବୋଲି କହିଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡିଆଇପିଆରଓ ହରିଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅବିନାଶ ହୋତା ସଭା ଓ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଦ୍ୟୁମ୍ନ ସାହୁ, ସୁରେଶ ରଥ, ଶତ୍ରୁଘ୍ନ ଲୁହା, ବିକାଶ ମିଶ୍ର, ପ୍ରଭାତ କୁମାର ଦାସ ଓ ଶାଶ୍ୱତ କୁମାର ତ୍ରିପାଠୀ ବିଚାରପତି ଦାୟିତ୍ୱ ନିର୍ବାହ କରିଥିଲେ ।

### ଶ୍ରେଣୀକକ୍ଷରେ ତାଲା ପକାଇଲେ ମହିଳା

**ଉଲୁଣ୍ଡା, ୨୯।୧୧(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ମରାଲୋଏ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଶି ଶୁକ୍ରବାର କେତେକ ମହିଳା ଛାତ୍ରୀଛାତ୍ରଙ୍କୁ ମାଡ ମାରିଥିଲେ। ପରେ ଶ୍ରେଣୀକକ୍ଷମାନଙ୍କରେ ତାଲା ପକାଇ ଦେଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ୧୩୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୭ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଜଣେ ଶିକ୍ଷକଙ୍କ ବଦଳିର ପ୍ରତିବାଦ ଜଣାଇ ଗାଁର କେତେକ ମହିଳା ପ୍ରଧାନଶିକ୍ଷକ ରାମନାରାୟଣ ପାଣିଗ୍ରାହୀଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ର, ଶିକ୍ଷକଙ୍କୁ ଶ୍ରେଣୀକକ୍ଷରୁ ବାହାରି ଯିବାକୁ ଧମକ ଦେଇ ତାଲା ପକାଇ ଦେଇଥିଲେ। ତେବେ ନିରୂପମା ଭୋଇ ନାମକ ଜଣେ ଛାତ୍ରୀ ଶ୍ରେଣୀକକ୍ଷରେ ରହିଯାଇଥିଲେ। ପରେ ତାଙ୍କୁ ଶିକ୍ଷକମାନେ ତାଲା ଭାଙ୍ଗି ଉଦ୍ଧାର କରିଥିଲେ। ଏଥିରେ ଉଦକ୍ଷିପ୍ତ ହୋଇ ୱାର୍ଡସଭ୍ୟ ପିତାମ୍ବର ପଧାନଙ୍କ ସମେତ ଅଭିଭାବକଗଣ ବିଦ୍ୟାଳୟରେ ଆସି ହୋହାଲ୍ଲା କରିଥିଲେ। ପରେ ବିଦ୍ୟାଳୟର କେତେକ ଛାତ୍ରୀଛାତ୍ରଙ୍କୁ ନେଇ ଅଭିଭାବକ ଗଣ ଉଲୁଣ୍ଡା ଥାନରେ ଅଭିଯୋଗ କରିଥିଲେ। ଏ ନେଇ ଆଇଆଇସି ବିଦ୍ୟୁଭୂଷଣ ପୁଟାଙ୍କୁ ପଚାରିବାରୁ ଶନିବାର ବିଦ୍ୟାଳୟ ଖୋଲିବା ସମୟରେ ବିଇଓ, ତହସିଲଦାରଙ୍କ ସହ ଯାଇ ଅଭିଯୋଗ ଉପରେ ଆଲୋଚନା କରାଯିବ ବୋଲି ପ୍ରକାଶ କରିଛନ୍ତି।

### ମଦ ପିଇ ବାଇକ୍ ଚାଳନା, ଧରାପଡ଼ିଲେ ୩ଯୁବକ

**ଡୁଙ୍ଗୁରିପାଲି, ୨୯।୧୧ (ଡି.ଏନ.ଏ.) :** ଡୁଙ୍ଗୁରିପାଲି ପୋଲିସ ଓ ଜାତୀୟ ରାଜପଥର ସିଂ ଢାବା ନିକଟରେ ଯାନବାହାନ ଯାଞ୍ଚ ବେଳେ ଗୁରୁବାର ସନ୍ଧ୍ୟାରେ ମଦପିଇ ବାଇକ ଚଳାଉଥିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଧରିଥିଲା। ମଦମାପକ ଯନ୍ତ୍ରରେ ପରୀକ୍ଷା ପରେ ସେମାନେ ନିଶା ସେବନ କରିଥିବା ସ୍ପଷ୍ଟ ହୋଇଥିଲା। ସେମାନେ ହେଲେ ଗାଇସିଲେଟ ଥାନା କୁଲିଆରୀ ଗାଁର ଗୁଣନିଧି ଭୁଏ, ଡୁଷୁରା ଥାନା ଡୁର୍ଲାର ସମୀର ଭୋଇ ଓ ଡୁଙ୍ଗୁରିପାଲି ଥାନା ମାଝିମୁଣ୍ଡା ଗାଁର ପ୍ରକାଶ ପାଣ୍ଡେ। ପୃଥକ ମାମଲା ରୁଜୁ କରାଯାଇ ୧୨ହଜାର ଲେଖାଏ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ କରାଯାଇଛି।

### ସାହାଣି କପ୍ ଫୁଟବଲ ପାଇଁ ୧ରୁ ଚୟନ ଶିବିର

**ସୋନପୁର,୨୯।୧୧(ନି.ପ୍ର.)**

ରାଜ୍ୟସ୍ତରୀୟ ସାହାଣି କପ୍ ଫୁଟବଲ ବରଗଡରେ ଡିସେମ୍ବର ୧ ତାରିଖରୁ ଆରମ୍ଭ ହେବ। ୪ ତାରିଖରେ ସୁବର୍ଣ୍ଣପୁର ଜିଲା ଟିମ୍ ବରଗଡର ସୋହେଲା ପଡିଆରେ ଖେଳିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ତେଣୁ ୧୫ ଖେଳାଳି ଚୟନ ପାଇଁ ସୋନପୁର ଗାନ୍ଧୀ ପଡିଆରେ ଶିବିର ଆୟୋଜନ ହେବ। ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଖେଳାଳିଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଜିଲା କ୍ରୀଡା ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲାର ଆଗ୍ରହୀ ଖେଳାଳିମାନେ ୩୦ତାରିଖ ସକାଳେ ଗାନ୍ଧୀ ପଡିଆରେ ଉପସ୍ଥିତ ରହିବାକୁ ସଂଘର ସମ୍ପାଦକ ପୀୟୁଷ ପଣ୍ଡା ଅନୁରୋଧ କରିଛନ୍ତି। ଏହି ସମ୍ମିଳନୀରେ ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସଭ୍ୟ ଗୌରିଶ୍ୟାମ ପଣ୍ଡା, ପୁରୁଷୋତ୍ତମ ପାଣିଗ୍ରାହୀ, ରାଜୀବ ସାହୁ, ଦିଲ୍ଲିପ ଗୁରୁ, କଇରୁ ସ୍ୱାଇଁ, ବଳରାମ ପଟ୍ଟନାୟକ, ସୁବାସ ବିଶ୍ୱାଳ, ଗୋପାଳ ବରେଇ ଓ ଭକ୍ତିରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।





ଜିଲା କ୍ରୀଡା ସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।



ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତି ବ୍ୟକ୍ତିବିଶେଷ।

## ତରଭା ଧନୁଯାତ୍ରା ପ୍ରସ୍ତୁତି : ବିଭିନ୍ନ କମିଟି ଗଠିତ

**ତରଭା, ୨୯।୧୧(ଡିଏନଏ)**

ସୁବର୍ଣ୍ଣପୁର ଜିଲା ତରଭା ଧନୁଯାତ୍ରା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ କମିଟି ସଭାପତି ଆଇନଜୀବୀ ଆଦିକନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଅନୁଷ୍ଠିତ ବୈଠକରେ ଆଗାମୀ ଜାନୁୟାରୀ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଧନୁଯାତ୍ରାର ସଫଳ ଆୟୋଜନ ପାଇଁ ସଂଯୋଜକ ମାନଭଞ୍ଜନ ମିଶ୍ର ଉପସ୍ଥିତରେ ସର୍ବସମ୍ମତିକ୍ରମେ ମୁଖ୍ୟ ପରାମର୍ଶଦାତା, ଅର୍ଥ, ସାଂସ୍କୃତିକ, ମଞ୍ଚ ପରିଚାଳନା, ଶାନ୍ତିଶୃଙ୍ଖଳା, ଅଭ୍ୟର୍ଥନା, ଖାଦ୍ୟ ଯୋଗାଣ,ସୂଚନା ଓ ପ୍ରସାରଣ କମିଟି ଗଠନ କରାଯାଇଥିଲା । ଉପସ୍ଥିତ ସଭ୍ୟମାନେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଆଗତ କରିବା ସହ ମହୋତ୍ସବକୁ ଆହୁରି ଉଚ୍ଚକୋଟୀର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ଦଶରଥ ସାହୁ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ସାହୁ, ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ଡ.ରମେଶ ପତ୍ରୀ, ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ସୂର୍ଯ୍ୟନାରାୟଣ ସାହୁ, ସୁବାଷ ସେଠୀ, ଆକବର ଅଲ୍ଲୀ, ଆକାଶ ସାହୁ,ଗୋବିନ୍ଦ ମେହେର,ଧିରୋଜ ଷଡଙ୍ଗୀ ପ୍ରମୁଖ ଶତାଧିକ ସଭ୍ୟ ବିଭିନ୍ନ କମିଟିରେ ଦାୟିତ୍ୱ ଗ୍ରହଣ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା ।

### ଆଜିଠୁ ୪ର୍ଥ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ବୀରମହାରାଜପୁର ମିନିଷ୍ଟାଡିୟମରେ ହେବ ଖେଳ

**ଅଂଶଗ୍ରହଣ କରିବେ ୮ ଦଳ**

**ଅମରପାଲି, ୨୯।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ସର୍ବଭାରତୀୟ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାରଠୁ ଆରମ୍ଭ ହେଉଛି। ଏଥିରେ ରାଜ୍ୟ ଓ ରାଜ୍ୟବାହାରର ବଛା ବଛା ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୁଲ-ଏରେ ଜଟଣୀ କ୍ଲବ ଖୋର୍ଦ୍ଧା, ସ୍ପୋର୍ଟସ୍ ହଷ୍ଟେଲ ସମ୍ବଲପୁର, ବିଆର ଆମ୍ବେଡକର କ୍ଲବ ରାୟଗଡା, ଆୟୋଜକ ସ୍ପୋର୍ଟିଂ କ୍ଲବ ବୀରମହାରାଜପୁର ଦଳ ରହିଛନ୍ତ। ପୁଲ-ବିରେ ମେଦିନୀପୁର ଇଲେଭେନ କଲିକତା, ମାନସ ସ୍ପୋର୍ଟିଂ ଭେଡେନ (ବରଗଡ), ଇବଡ୍ଲ୍ୟୁ କ୍ଲବ ସୁନ୍ଦରଗଡ ଓ ଜଗନ୍ନାଥ କ୍ଲବ ବଲାଙ୍ଗୀର ଦଳ ଅଂଶଗ୍ରହଣ କରୁଛନ୍ତି । ଉଦ୍‌ଘାଟନୀ ମ୍ୟାଚ ଖୋର୍ଦ୍ଧା ଓ ସମ୍ବଲପୁର ମଧ୍ୟରେ ହେବ । ଦ୍ୱିତୀୟ ମ୍ୟାଚ ରାୟଗଡା ଓ ବୀରମହାରାଜପୁର ମଧ୍ୟରେ ହେବ। ପୁଲ-ଏର ସେମିଫାଇନାଲ ପ୍ରଥମ ଓ ଦ୍ୱିତୀୟ ମ୍ୟାଚର ବିଜେତା ମଧ୍ୟରେ ହେବ। ସେହିପରି ପୁଲ- ବିର ପ୍ରଥମ ମ୍ୟାଚ କଲିକତା ଓ ବରଗଡ ମଧ୍ୟରେ ହେବ । ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ ଓ ବଲାଙ୍ଗୀର ମଧ୍ୟରେ ହେବ । ପୁଲ- ବିର ଉଭୟ ମ୍ୟାଚର ବିଜେତାଙ୍କ ମଧ୍ୟରେ ସେମିଫାଇନାଲ ଖେଳାଯିବ। ଡିସେମ୍ବର ୧ ତାରିଖ ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଦଳକୁ ନଗଦ ୧୧ହଜାର ୧୧୧ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୮ ହଜାର ୮୮୮ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଏହା ସହିତ ମ୍ୟାନ ଅଫ୍ ଦି ମ୍ୟାଚ, ସିରିଜ, ଶ୍ରେଷ୍ଠ ଡିଫେନ୍ସ, ଶ୍ରେଷ୍ଠ ଗୋଲରକ୍ଷକ ଆଦି ପୁରସ୍କାର ପ୍ରଦାନ କରାଯିବାର ଅଛି। ଟୁର୍ଣ୍ଣାମେଣ୍ଟକୁ ସୁବର୍ଣ୍ଣପୁର ଏଡିଏମ ଶରତ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିବାକୁ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ବାଣିଜ୍ୟ ପରିବହନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

### ସମବାୟ ସମିତି ସଭାପତିଙ୍କ ମୃତଦେହ ଉଦ୍ଧାର ଘଟଣାକୁ ୭୦ଦିନ ବିତିଲା

# ସ୍ପଷ୍ଟ ହୋଇପାରିନି ମୃତ୍ୟୁର କାରଣ

**ଅମରପାଲି, ୨୯।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ସେବା ସମବାୟ ସମିତି ସଭାପତି ପ୍ରଦୀପ ବିଶ୍ୱାଳଙ୍କ ମୃତ୍ୟୁକୁ ୭୦ ଦିନ ବିତିଛି। ହେଲେ ଏଯାଏ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ । ଫଳରେ ଏହାକୁ ନେଇ ଉକ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି ।
ଖଣ୍ଡହତା ପଞ୍ଚାୟତର ପୁଇପାଣି ଗ୍ରାମର ପ୍ରଦୀପଙ୍କୁ ଗତ ୨୦ ସେପ୍ଟେମ୍ବର, ୨୦୧୯ ରାତ୍ରି ପ୍ରାୟ ୧୦ଟାରେ ଖଣ୍ଡହତା-ପୁଇପାଣି ଗ୍ରାମ ରାସ୍ତାର ଏକ ନିଛାଟିଆ ସ୍ଥାନରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।
ପ୍ରତିଦିନ ପରି ଘଟଣା ଦିନ ମଧ ଖଣ୍ଡହତାସ୍ଥିତ ନିଜ ଔଷଧ ଦୋକାନ ବନ୍ଦ କରି ବାଇକ ଓଆର୍ ୦୫ କ୍ୟୁ- ୩୨୫୯ରେ ନିଜ ଘର ପୁଇପାଣିକୁ ଫେରୁଥିଲେ ପ୍ରଦୀପ। ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଖୋଜିବାକୁ ଆସି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପ୍ରଦୀପ ସ୍ଥାନୀୟ ସମବାୟ ସମିତିର ସଭାପତି ସହିତ କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ମଧ ଥିଲେ। ଏପରିକି ପୂର୍ବରୁ ତାଙ୍କ ସ୍ତ୍ରୀ ଜୟଶ୍ରୀ ଦେହୁରୀ ଥରେ ବୀରମହାରାଜପୁର ବ୍ଲକର ଉପାଧ୍ୟକ୍ଷା ଏବଂ ତାଙ୍କ ଭାଉଜ ଖଣ୍ଡହତା ପଞ୍ଚାୟତର ସରପଞ୍ଚ ମଧ ଥିଲେ। ସେ ଉକ୍ତ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ପରେ ସୁବଳୟା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୮/୧୯) ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ମଧ କୁହାଯାଉଥିଲା । ହେଲେ ମୃତ୍ୟୁର କାରଣ ଜଣା ନ ପଡିବାରୁ ୨୩ ସେପ୍ଟେମ୍ବରରେ ୧୨ଘଣ୍ଟିଆ ଖଣ୍ଡହତା ବନ୍ଦ ଡାକରା ଦିଆଯାଇଥିଲା । ଏହା ସହିତ ମୃତକଙ୍କ ସ୍ତ୍ରୀ ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ । ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ ମତେ ପ୍ରଦୀପଙ୍କୁ ହତ୍ୟା କରାଯାଇଛି ଓ ଏଥିରେ ସେ କେତେକ ବ୍ୟକ୍ତିଙ୍କୁ ସନ୍ଦେହ କରୁଥିବା ଦର୍ଶାଇଛନ୍ତି। ମାତ୍ର ପୋଲିସ ପ୍ରଦୀପଙ୍କ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ କରି ପାରିନାହିଁ । କେହି କେହି ତାଙ୍କ ମୃତ୍ୟୁ ଦୁର୍ଘଟଣାରେ ହୋଇଥିବା କହୁଥିବା ବେଳେ ଆଉ କେତେକ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା କରୁଛନ୍ତି। ଯେହେତୁ ପ୍ରଦୀପ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ତେଣୁ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ କରିବାକୁ ଦାବି ହେଉଛି । ଏ ନେଇ ପ୍ରଦୀପଙ୍କ ପୁଅ ଆଶିଷ ଧରିତ୍ରୀକୁ କହିଛନ୍ତି ଯେ, ତାଙ୍କ ବାପାଙ୍କୁ ଷଡଯନ୍ତ୍ର କରି ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ପୋଲିସ ଯଥାଶୀଘ୍ର ଗିରଫ କରୁ। ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧୀରୋଜ ଚୌପଦାରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଖୁବଶୀଘ୍ର ମୃତ୍ୟୁର କାରଣ ସ୍ପଷ୍ଟ ହୋଇଯିବ ବୋଲି କହିଛନ୍ତି।



ପ୍ରଦୀପ ବିଶ୍ୱାଳଙ୍କ ଫାଇଲ ଫଟୋ ।

### ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ପାଳନ

# ଶିଶୁ ଦେଶର ସମ୍ପଦ, ସୁରକ୍ଷା ଲୋଡ଼ା

**ସୋନପୁର, ୨୯।୧୧(ନି.ପ୍ର.)**

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନେ ଦେଶର ସମ୍ପଦ ସେମାନଙ୍କୁ ସୁରକ୍ଷା ଓ ଯତ୍ନ ଲୋଡା ବୋଲି କହିଥିଲେ। ଜିଲାପାଳ କହିଥିଲେ ଯେ, ସନ୍ତାନ ସନ୍ତତି ନଥିବା ଦମ୍ପତି ପୂର୍ବରୁ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଆଗଭର ହେଉ ନ ଥିଲେ। ଏବେ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ସଚେତନତା କାରଣରୁ ଆଇନଗତ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଗ୍ରହଣ ବୃଦ୍ଧି ପାଇଛି। ତେବେ ନିଷ୍ପାପ ଶିଶୁଙ୍କୁ ଏଣେ ତେଣେ ନ ପକାଇ ଶିଶୁ ମଙ୍ଗଳ ସମିତି ଓ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁ ଝୁଲାରେ ରଖିବା ଉଚିତ। ଏ ଦିଗରେ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବୈଦ୍ୟନାରାୟଣ ପାଢୀ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ହିମାଂଶୁ ଭୁଷଣ ନାୟକ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଆସ୍ତେରିଆ କେର୍କେଟା ପ୍ରମୁଖ ଯୋଗଦେଇ ସଠିକ୍ ଢଙ୍ଗରେ ଶିଶୁ ହସ୍ତାନ୍ତର ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାରେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ବିଭିନ୍ନ ସ୍ଥାନରୁ ଶିଶୁ ଉଦ୍ଧାର ହୋଇଛନ୍ତି। ସେହି ଶିଶୁମାନେ ନୂତନ ଜୀବନ ପାଇଥିବାରୁ ଉଦ୍ଧାରକାରୀଙ୍କୁ ଅତିଥି ବୃନ୍ଦ ପ୍ରଶଂସା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କହିଥିଲେ ପୋଷ୍ୟ ସନ୍ତାନ ଗ୍ରହଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାକୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ଜିଲାରେ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା) ପ୍ରତିଷ୍ଠା ହେଲା ପରେ ବର୍ତ୍ତମାନ ସୁଦ୍ଧା ୧୧ଟି ଶିଶୁକୁ ଉଦ୍ଧାର କରାଯାଇଛି। ୭ ଶିଶୁଙ୍କୁ ରାଜ୍ୟ ଓ ରାଜ୍ୟ ବାହାରର ଦମ୍ପତି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସାରେ ୪ଟି ଶିଶୁ ଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା କମିଟିର ସଭ୍ୟ ମଧୁସୂଦନ ପ୍ରଧାନ, ବୀରମହାରାଜପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ କୁମାର ମହାପାତ୍ର, ଉଲୁଣ୍ଡା ସିଏଚସିର ମେଡିକାଲ ଅଫିସର ଡାକ୍ତର ଆଶୁତୋଷ ମିଶ୍ର, ସାର ପରିଚାଳକ ମୃତ୍ୟୁଞ୍ଜୟ ଭୁଜବଳ, ସଂଯୋଜକ ତ୍ରିନାଥ ସାହୁ, ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ଅଶାକର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବେଦନ କରିଥିବା ଜିଲାର ଦୁଇ ଦମ୍ପତିଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଗତ ଜାନୁୟାରୀ ୮ ତାରିଖରେ ଗାଇଗୋଠରୁ ଏକ ସଦ୍ୟଜାତ ଶିଶୁ କନ୍ୟାକୁ ଉଦ୍ଧାର କରି ଜୀବନ ବଞ୍ଚାଇ ଥିବା ଗୁରୁଡିପାଲି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଗୀତାଞ୍ଜଳି ରଣା ଓ ଏସଏନସିୟୁର ଷ୍ଟାଫନର୍ସ ରେଣୁକା ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।





ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ଅବସରରେ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

## ସଂକ୍ଷେପରେ



### ବନାଞ୍ଚଳ ପକ୍ଷରୁ କ୍ଷତିଗ୍ରସ୍ତ ମକାଚାଷୀଙ୍କୁ ସହାୟତା ପ୍ରଦାନ

**କୋମନା,୨୯।୧୧(ଡି.ଏନ.ଏ.)-** ନୂଆପଡା ଜିଲା କୋମନା ବ୍ଲକ ବିଭିନ୍ନ ଅଞ୍ଚଳର କ୍ଷତିଗ୍ରସ୍ତ ମକାଚାଷୀଙ୍କୁ ବନାଞ୍ଚଳ କୋମନା ପକ୍ଷରୁ ଚଳିତବର୍ଷ ସହାୟତା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଚାଷୀମାନେ ବାର୍‌ହା ନଷ୍ଟ କରିଥିବା ମକାଚାଷ ବିଷୟରେ ତରବୋଡ ବନାଞ୍ଚଳ ବିଭାଗ ଜଣାଇଥିଲେ। ବିଭାଗ ପକ୍ଷରୁ ସେତେବେଳେ ତଦନ୍ତ କରି ବନାଞ୍ଚଳ ଉପରିସ୍ଥ ଅଧିକାରୀଙ୍କୁ କ୍ଷତି ସମ୍ବନ୍ଧରେ ରିପୋର୍ଟ ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ଗ୍ରାମର ଜଣେ ମକାଚାଷୀ ନିର୍ମଳ ସୋନିଙ୍କୁ ବନାଞ୍ଚଳ ପକ୍ଷରୁ ତରବୋଡ ବନପାଳ ସହାୟତା ବାବଦକୁ ଏକ ଚ୍ୟାକ୍ ପ୍ରଦାନ କରିଥିବା ବନ ବିଭାଗ ଫରେଷ୍ଟର ଦୁର୍ଯ୍ୟୋଧନ ଦିକ୍ଷିତ ଜଣାଇଛନ୍ତି ।

### ସାତସପନ ହେଇଛେ ଆବାସ ଯୋଜନା
### ଗାଈ ଗୁହାଲ ପାଲଟିଛେ ଆଶ୍ରେଥଲ

**ଭବାନୀପାଟଣା,୨୯।୧୧(ଡି.ଏନ.ଏ.)-** କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ବାସହୀନ ଲୁକ୍‌କୁ ଆବାସ ଯୋଜନାରେ ଘର ଯୁଗେଇ ଦେଉଛନ୍। ହେଲେ କଲାହାଣ୍ଡି ଜିଲା କଲମପୁର ବ୍ଲକ ଅଧୀନ ମଣ୍ଡଳ ଗାଁର କେତେ ଗରିବ୍ ପରିବାର ଲାଗି ଆବାସ ଯୋଜନା ସାତ୍‌ସପନ ପାଲଟିଛେ। ଏନ୍‌ତାଥି ଇ ପରିବାରମାନେ ଗାଈ ଗୁହାଲରେ ରହୁଛନ୍। ଅଭିଯୋଗ ଅନ୍‌ସାରେ ମଣ୍ଡଳ ଗାଁର ବିଧବା ମହିଲା ପୂର୍ଣ୍ଣମୀ ଶବର(୪୫)। ପରିବାର କହେଲେ ବିଧବା ଶାଶ୍ ସାଧନୀ ଆର ତିନ୍ ପୁଓ ରବୀନ୍ଦ୍ର, ରାଜକୁମାର, ଜିତେନ୍ଦ୍ର। ତିନ୍‌ହିଁ ପୁଓ ବିହାଚୁରା ହେଇସାରିଥିଲାବେଳେ ବଡ଼ ପୁଓର ମାଇପିଲା ଧରି ୩ ଝନିଆଁ କୁଟୁମ, ମଝିଆଁ ପୁଓର ୫ ଝନ୍ ଆର ସାନ ପୁଓର ଦୁଇ ଝନିଆଁ କୁଟୁମ। ସମକୁ ମିଶେଇ କୁଟୁମରେ ୧୨ ଝନ୍ ରହିଛନ୍। ପରିବାରଟା ନିହାତି ଗରିବ୍, ଜମିବାଡ଼ି କିଛି ନାଁଇଁନା ସଭେ କୁଲିମଜୁରି କରି କୁଟୁମ ପୁଷୁଛନ୍। ଘରେ ଜାଗାଠାନ ଅଭାବୁ ଦୁଇ ବିଧବା ଶାଶ୍ ବହ ଗୁହାଲେ ରହୁଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ବ୍ଲକନୁ ଜିଲା ପରଶାସନ୍ ତକ୍ ଗୁହାରି କରି ନିରାଶ ହେଇଥିବାର ପୂର୍ଣ୍ଣମୀ କହିଛନ୍। ରାଶନ କାର୍ଡରେ ମାସିକ ୧୦ ଝନ୍‌କର ନାଁରେ ୫୦ କେ.ଜି. ଚାଉଲ ଆର ଗହମ ମିଳୁଛେ। ହେଲେ ସେଟା ୧୨ ଝନିଆଁ କୁଟୁମକେ ନିଅଁଟ୍ ହେଉଛେ। ଇଆଡ଼େ ପୂର୍ଣ୍ଣମୀକଁର ଗାଈ, ଛେଳି ଥିଲେ ବି ତାହାକୁ ଗୁହାଲ ସାହାଯ୍ ଟଁକା ନାଇଁ ମିଳିଥିବାର ଅଭିଯୋଗ କରିଛନ୍। ଇ ଦୁଖି ପରିବାରକେ ଆବାସର ଯୋଜନାରେ ସାମିଲ କରବାକେ ଗାଁବାସୀ ଦାବି କରିଛନ୍।

---

ପଞ୍ଚମ ଷ୍ଟାଣ୍ଡିଂ କମିଟି ବୈଠକ

# ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା

**ସିନାପାଲି,୨୯।୧୧(ଡି.ଏନ.ଏ.)**



ସିନାପାଲି ବ୍ଲକ୍ ସଭାଗୃହଠାରେ ଜିଲାସ୍ତରୀୟ ପଞ୍ଚମ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହେଉଛି।

ନୂଆପଡା ଜିଲା ସିନାପାଲି ବ୍ଲକ୍ ସଭାଗୃହଠାରେ ଜିଲାସ୍ତରୀୟ ପଞ୍ଚମ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗାଣ ବିଭାଗ, ବନ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ ଓ ସାମାଜିକ ନିରାପତ୍ତା ବିଭାଗ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ସମ୍ପୃକ୍ତ ବିଭାଗ ଷ୍ଟାଣ୍ଡିଂ କମିଟି ସଭାପତି ପ୍ରିୟରଞ୍ଜନ ମେହେର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସାମାଜିକ ସୁରକ୍ଷା ଓ ଖାଦ୍ୟ ନିରାପତ୍ତା ସମ୍ପର୍କିତ ବିଷୟରେ ଆଲୋଚନା ହୋଇଥିଲା। ହିତାଧିକାରୀମାନେ ଆଧାର କାର୍ଡ ଲିଙ୍କେଜ ହେଉ ନ ଥିବା ଯୋଗୁ କିପରି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସେ ନେଇ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ବୈଠକରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାରେ ବିଭିନ୍ନ ସ୍ଥାନରେ ଧାନ ମଣ୍ଡି ଆରମ୍ଭ ହୋଇଛି। କିନ୍ତୁ ମିଲର୍ସମାନେ କଟ୍‌ନିଛଟ୍‌ନି କରୁଥିବା ନେଇ ଆଲୋଚନା ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ଅଭାବୀ ଧାନବିକ୍ରି ହେଉଥିବା ବେଳେ ପଡୋଶୀ ଛତିଶଗଡକୁ ଅସାଧୁ ବେପାରୀମାନେ ଚୋରାଚାଲାଣ କରୁଥିବା ଉପରେ ଆଲୋଚନା ହୋଇଥିଲା। ଅସାଧୁ ବ୍ୟବସାୟୀମାନେ ଶହଶହ କୁଇଣ୍ଟାଲ ଧାନ କ୍ରୟ କରି ବିଭିନ୍ନ ସ୍ଥାନରେ ଗଚ୍ଛିତ କରିଥିବା ସମ୍ପର୍କରେ ଏକ ସ୍କ୍ୱାଡ ଗଠନ କରାଯାଇ ଯାଞ୍ଚ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସାମାଜିକ ନିରାପତ୍ତା ସମ୍ପର୍କରେ ଜିଲାର ୧୪୬୯ ଜଣଙ୍କୁ ବିଭିନ୍ନ ଭତ୍ତା ପ୍ରଦାନ ପାଇଁ ଆଲୋଚନା କରାଗଲା । ଜିଲାରେ ସମୁଦାୟ ୩୫୮ ଜଣ ଭିକ୍ଷୁକ ଥିବା ବେଳେସେମାନଙ୍କ ମଧ୍ୟରୁ ସିନାପାଲି ବ୍ଲକର ୯ଜଣଙ୍କୁ ଦଶ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ସ୍ୱାମୀ ପରିତ୍ୟକ୍ତା ଓ ବୟସ୍କ ଅବିବାହିତା ଝିଅମାନଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି କରାଗଲା। ବନବିଭାଗରେ ହେଉଥିବା ବିଭିନ୍ନ କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରୁ ହେଉଛି। ଅଥଚ ଏହି କାର୍ଯ୍ୟଗୁଡିକରେ ଗାଁସାଥୀର ସମ୍ପୃକ୍ତି ନ ରହିବା ସହିତ ଓ ଗ୍ରାମ ରୋଜଗାର ସେବକର ସମ୍ପୃକ୍ତି ନ ରହି ସମ୍ପୃକ୍ତ ବିଭାଗ ନିଜସ୍ୱ ତଦାରଖରେ କରୁଥିବା ଯୋଗୁ ଏହାର ସ୍ୱଚ୍ଛତାକୁ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ବନ୍ୟଜନ୍ତୁ ଆକ୍ରମଣରେ ଶିକାର ହୋଇଥିବା ଲୋକମାନଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗଇ ଦିଆଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ସରକାର ବିଭିନ୍ନ ଗୃହପାଳିତ ପଶୁପକ୍ଷୀଙ୍କ ଯତ୍ନନେବା ପାଇଁ ଅନେକ ଯୋଜନା କରିଥିବା ବେଳେ ସେମାନଙ୍କ ଚିକିତ୍ସା ପାଇଁ ସୁଲଭ ମୂଲ୍ୟରେ ଭେକ୍‌ସିନ, ଔଷଧ ଦେବା ବ୍ୟବସ୍ଥା ଥିବା ସତ୍ତ୍ୱେ ହିତାଧିକାରୀମାନଙ୍କଠାରୁ ଚଢା ଦରରେ ଟଙ୍କା ସଂଗ୍ରହ କରୁଥିବା କଥା ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ଗିରିରାଜ ମାଝି, ଉଷା ଚନ୍ଦ୍ରକାର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ତ୍ରିଲୋଚନ ଧଳ, ବନବିଭାଗ ଏସିଏଫ୍ ଜୟରାମ ଶବର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଯୋଗେଶ୍ୱର ବାରିକ, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ, ପିଡି ଡିଆର୍‌ଡିଏ ଯନ୍ତ୍ରୀ, ସିନାପାଲି ସମାଜ ମଙ୍ଗଳ ଅଧିକାରୀ ଦୁର୍ଯ୍ୟୋଧନ ବିଶି, ସିନାପାଲି ଡବ୍ଲୁଇଓ ସୂର୍ଯ୍ୟକାନ୍ତ ଭୁଏ, ସିନାପାଲି ରେଞ୍ଜର, ବିପିଏମ୍ ସୁରେଶ ମଲ୍ଲିକଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ରହିଥିଲେ । ସିନାପାଲି ସମାଜ ମଙ୍ଗଳ ଅଧିକାରୀ ଦୁର୍ଯ୍ୟୋଧନ ବିଶି ଧନ୍ୟବାଦ ଅର୍ପଣ କରିଥିଲ।

---


ଜବତ କରାଯାଇଥିବା ତମାଖୁ ପ୍ୟାକେଟ।

# ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରି

## ୧୭ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

**ନୂଆପଡା ଅଫିସ,୨୯।୧୧**

ଜିଲାରେ ତମାଖୁ ବିକ୍ରି ଏବଂ ପ୍ରଚଳନ ଉପରେ ଅଙ୍କୁଶ ଲଗାଇବାକୁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖି ବର୍ତ୍ତମାନ ବିଭିନ୍ନ ଜାଗାରେ ଚଢାଉ କରୁଛି। ଏହିକ୍ରମରେ ନ୍ୟାଶନାଲ ଟବାକୋ କଣ୍ଟ୍ରୋଲ କାର୍ଯ୍ୟକ୍ରମ ପକ୍ଷରୁ ନୂଆପଡା ଏନଏସି ଅଞ୍ଚଳରେ ବିଭିନ୍ନ ଜାଗାରେ ଚଢାଉ କରାଯାଇଛି। ଏଥିରେ ମୋଟ ୧୭ଟି ଛୋଟବଡ ଦୋକାନ ଉପରେ ଟିମ୍ ଚଢାଉ କରି ବିପୁଳ ପରିମାଣର ଟବାକୋ ଜବତ କରିଛି । ଦୋକାନୀମାନଙ୍କ ନିକଟକୁ ଯାଇ ଟିମ ସଦସ୍ୟାସଦସ୍ୟମାନେ ଆଗକୁ ଏହା ନ କରିବାକୁ ତାଗିଦ କରିଛନ୍ତି । ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ଅଧିକାରୀ ତପସ୍ୱିନୀ ବହେରା, ଡ୍ରଗ୍ସ ଇନ୍ସପେକ୍ଟର ବେଞ୍ଜାମିନ ଦାସ, ଅବକାରୀ ଏବଂ ପୋଲିସ ବିଭାଗ ଅଧିକାରୀମାନେ ସାମିଲ ଥିଲେ। ବିଶେଷ କରି ସ୍କୁଲ ଏବଂ କଲେଜରୁ ଶହେ ମିଟର ପରିଧୀ ମଧ୍ୟରେ ଥିବା ଦୋକାନଗୁଡିକ ଉପରେ ଏହି ଚଢାଉ କରାଯାଇଥିଲା । ଏଥିରୁ ମୋଟ ୩୨୫୦ଟଙ୍କା ଜରିମାନା ଆଦାୟ କରାଯାଇଛି।

---

ଏନ୍ଏସ୍‌ଭି ଉପରେ ଆଲୋଚନାଚକ୍ର

# ପୁରୁଷ ବନ୍ଧ୍ୟାକରଣ କରିବା ଅର୍ଥାତ୍ ମହିଳାଙ୍କୁ ସମ୍ମାନ ଦେବା

**ନୂଆପଡା ଅଫିସ,୨୯।୧୧**

ଦିନକୁ ଦିନ ଭାରତରେ ଜନସଂଖ୍ୟା ହୁ ହୁ ହୋଇ ବଢି ଚାଲିଥିବାବେଳେ ଲୋକଙ୍କ ଭିତରେ ସଚେତନତା ଆସିପାରୁନାହିଁ । ଏଥିପାଇଁ ସରକାର ସବୁବେଳେ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ସେସବୁର ଫଳ ଶୂନ ହୋଇପଡୁଛି । ଏଥିପାଇଁ ମହିଳାଙ୍କ ବନ୍ଧ୍ୟାକରଣ ସାଙ୍ଗେ ପୁରୁଷ ବନ୍ଧ୍ୟାକରଣ (ଏନଏସଭି) ଉପରେ ମଧ୍ୟ ସମପରିମାଣର ଗୁରୁତ୍ୱ ଦିଆଯିବା କଥା। ପୁରୁଷ ବନ୍ଧ୍ୟାକରଣମାନେ ହେଉଛି ମହିଳାଙ୍କୁ ସମ୍ମାନ କରିବା ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ଏନଏସଭି ଉପରେ ଆଲୋଚନାଚକ୍ରରେ ଏହା ମତପ୍ରକାଶ ପାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନସିଡି ମୁଖ୍ୟ ଡା. ବି.ବି.ଜଗତ, ଆଇଡିଏସପି ରୁକ୍ମିଣୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲାର ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସ୍ୱାସ୍ଥ୍ୟକର୍ମୀ, ଡାକ୍ତରମାନେ ଯୋଗଦେଇଥିଲେ। ଏନଏସଭିକୁ ଆପଣେଇବା ଦ୍ୱାରା କ'ଣ ଲାଭ ହୋଇଥାଏ । ଏହାର ଉପକାରିତା ଉପରେ ଆଲୋଚନା ହୋଇଥିଲା । ଅନ୍ୟପକ୍ଷେ ବକ୍ତାମାନେ ବର୍ତ୍ତମାନ ପୁରୁଷପ୍ରଧାନ ସମାଜରେ ମହିଳାଙ୍କ ସମ୍ମାନ ଏବଂ ମର୍ଯ୍ୟାଦାକୁ ବଜାଇ ରଖିବାକୁ ହେଲେ ଏନଏସଭି କରିବା ବିଧେୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଶେଷରେ ଆଇଡିଏସପି ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

---

# ଓକିଲ ସଂଘର ପୂର୍ବତନ ସମ୍ପାଦକଙ୍କ ବିରୋଧରେ ଥାନାରେ ଏତଲା

**ଜୁନାଗଡ,୨୯।୧୧ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ଓକିଲ ସଂଘ ପୂର୍ବତନ ସମ୍ପାଦକ ରାଜିନ୍ଦ୍ର ବୈଠାରୁଙ୍କ ବିରୋଧରେ ଜୁନାଗଡ ଓକିଲ ସଂଘ ଜୁନାଗଡ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୨୯୩/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀ କହିଛନ୍ତି। ଜୁନାଗଡ ଥାନା ଅନ୍ତର୍ଗତ ଜାରିଙ୍ଗ ଜଙ୍ଗଲଠାରେ ହୋଇଥିବା ବଳାତ୍କାର ଘଟଣାରେ ୯ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଯୁବକମାନଙ୍କ ସପକ୍ଷରେ କୌଣସି ଓକିଲ ନ ଲଢିବା ପାଇଁ କଳାହାଣ୍ଡି ଓକିଲ ସଂଘ ନିଷ୍ପତ୍ତି ନେଇଥିଲା। ଗତ ୧୫ ଦିନ ତଳେ ୭ ଜଣଙ୍କ ଓକିଲାତନାମା ଓକିଲ ସଂଘ ପୂର୍ବତନ ସମ୍ପାଦକ ରାଜିନ୍ଦ୍ର ବୈଠାରୁ ପ୍ରଦାନ କରିବା ପରେ ଓକିଲ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କଳାହାଣ୍ଡିର କୌଣସି ଓକିଲ ଏଥିପାଇଁ ଆଗ୍ରହ ପ୍ରକାଶ କରି ନ ଥିବା ବେଳେ ଜୁନାଗଡର ଜଣେ ଓକିଲ ଦ୍ୱାରା ଓକିଲାତନାମା ଦାଖଲ ଜୁନାଗଡ ସଂଘକୁ ସାରା ଜିଲାରେ ଭିନ୍ନ ଦୃଷ୍ଟିରେ ଦେଖିଥିଲା। ଗୁରବାର ଜୁନାଗଡ କୋର୍ଟ ସମ୍ମୁଖରେ ରାଜିନ୍ଦ୍ର ବୈଠାରୁ ଥିବା ବେଳେ ଓକିଲ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ନାଏକ ବୈଠାରୁଙ୍କୁ ଭେଟି ତାଙ୍କ ସମୟରେ ସଂଘର ଟଙ୍କା ହେରଫେର ହୋଇଥିବା ସହିତ ପାଠାଗାରରୁ ବହି ହଜିଥିବା କଥା ସ୍ମରଣ କରାଇବା ସହିତ କେବେ ତାହା ଫେରାଇବ ବୋଲି ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବୈଠାରୁ ଜାତିଆଣ ଭାଷା ପ୍ରୟୋଗ ସହିତ ସମସ୍ତ ଓକିଲଙ୍କୁ ଗୁଣ୍ଡା ଲଗାଇ ମାରିବାକୁ ଧମକ ଦେଇଥିଲେ। ଏହାପରେ ଓକିଲ ସଂଘ ପକ୍ଷରୁ ସଭାପତି ସୁଧାଂଶୁ ବରାଡ ଓ ସମ୍ପାଦକ ରମେଶ ଚନ୍ଦ୍ର ନାଏକଙ୍କ ମିଳିତ ଦସ୍ତଖତରେ ଜୁନାଗଡ ଥାନାରେ ରାଜିନ୍ଦ୍ର ବୈଠାରୁ ବିରୋଧରେ ଏତଲା ଦିଆଯାଇଛି। ଏ ସମ୍ପର୍କରେ ରାଜିନ୍ଦ୍ର ବୈଠାରୁଙ୍କୁ ପଚାରିବାରୁ ଶୁକ୍ରବାର ଜାରିଙ୍ଗ ବଳାତ୍କାର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଅଣାଯାଇଥିଲା। ତେବେ ସେ ଅନୁପସ୍ଥିତ ଥିଲେ। ଏଣୁ ଉକ୍ତ ଯୁବକମାନଙ୍କ କେସ ସେ ପରିଚାଳନା କରୁନାହାନ୍ତି ବୋଲି କହିଥିଲେ।

---

# ଧାନ ବୋଝେଇ ପିକଅପ୍ ଓ କାର ମଧ୍ୟରେ ଧକ୍କା

**ଜୁନାଗଡ,୨୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରା ଛକଠାରେ ଶୁକ୍ରବାର ରାତି ପ୍ରାୟ ୭.୩୦ରେ ଏକ ଧାନ ବୋଝେଇ ପିକଅପ୍ ଓ କାର (ଇରଟିଗା) ମଧ୍ୟରେ ଧକ୍କା ହୋଇଛି। ଏଥିରେ ଉଭୟ ଗାଡିର କେହି ମଧ୍ୟ ଆହତ ହୋଇ ନ ଥିବା ଜଣାପଡିଛି। ଧାନ ବୋଝେଇ ପିକଅପ୍ ଗାଡି (ନଂ. ଓଡି୦୮ଏଚ୍ ୦୩୧୭) କଳିଆକୁଣ୍ଡଲ ପଟରୁ ଆସୁଥିବାବେଳେ ଇଟିକା (ନଂ. ଓଡି୦୮ଡି ୫୬୩୫) ଭବାନୀପାଟଣା ପଟରୁ ଆସୁଥିଲା। ବଣ୍ଡାକୁଟ୍ରା ଛକଠାରେ ଧକ୍କା ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ରାତିରେ ଧାନ ବୋଝେଇ କରି ପିକଅପ୍ ଗାଡିଟି କୁଆଡେ ଯାଉଥିଲା ଓ ଏଥିରେ ବୋଝେଇ ଧାନ ବେଆଇନ ନା ନାହିଁ ତାହାକୁ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଝାଡ଼ାବାନ୍ତିରେ ଜଣେ ମୃତ

**ଜହ୍ନାପଙ୍କ,୨୯।୧୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବଡିଗାଁରେ ଶୁକ୍ରବାର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁମନ୍ତ ଭୋଇ (୬୮)। ୧୦ ଦିନ ତଳେ ଝାଡାବାନ୍ତି ହେବାରୁ ତାଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ସେହିପରି ଗ୍ରାମର ଅନ୍ୟମାନଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଯାଇଛି । ଖବର ପାଇ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ଡାକ୍ତରୀ ଦଳ ଝାଡାବାନ୍ତି ଆକ୍ରାନ୍ତ ଗ୍ରାମକୁ ପହଞ୍ଚି ଚିକିତ୍ସା କରିଛନ୍ତି । ଏହି ସଂକ୍ରମଣ ପାଣିରୁ ହୋଇଛି ବୋଲି ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ଅନ୍ତର୍ଯାମୀ ବେହେରା କହିଛନ୍ତି ।

---

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜମି ମରାମତି ଟଙ୍କା ହଡ଼ପ ଘଟଣା

# ଦଳିତ ଅଧିକାର ମଞ୍ଚର ବିଡିଓଙ୍କୁ ଦାବିପତ୍ର

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ସୋମବାରରୁ ଗଣଧାରଣା

**ସିନାପାଲି,୨୯।୧୧ (ଡି.ଏନ.ଏ.)**


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡା ଜିଲା ସିନାପାଲି ସଦର ପଞ୍ଚାୟତ କାପସି ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କମା ନ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରି ଥିବା ଘଟଣାକୁ ନେଇ ଶୁକ୍ରବାର ସିନାପାଲି ଦଳିତ ମଞ୍ଚ ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାରେ ଏମଜିଏନଆର୍‌ଇଜିଏସ୍ ଆସିଷ୍ଟାଣ୍ଟ ବେଦପ୍ରକାଶ ମେହେରଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିବା ବେଳେ ବଡବଡିଆ ସରକାରୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରା ନ ଗଲେ ଆସନ୍ତା ସୋମବାର ଗଣଧାରଣାରେ ବସିବାକୁ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସିନାପାଲି ପଞ୍ଚାୟତ କାପସି ଗାଁରେ କାମ ନ କରି ସରକାରୀ ନିୟମକୁ ଉଲ୍ଲଂଘନ କରି ୨୦୧୮-୧୯ ଆର୍ଥିକ ବର୍ଷରେ ୮ ଜଣ ହିତାଧିକାରୀଙ୍କ ନାମରେ ଟଙ୍କା ଉଠାଣ କରି ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଖୋଦ ସରପଞ୍ଚ ଗତ ମାର୍ଚ୍ଚରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଏହା ଉପରେ ମାର୍ଚ୍ଚ ୨୩ ତାରିଖରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେର ତଦନ୍ତ କରି ୩ ଲକ୍ଷ ୫୩ ହଜାର ୮୩ ଟଙ୍କା ହଡପ କରାଯାଇଥିବା ନେଇ ପିଡି ଡିଆର୍‌ଡିଏଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଗତ ଜୁଲାଇ ୨୮ ତାରିଖରେ ଆମ୍ବୁଡସ୍‌ମ୍ୟାନ୍ ବିଜୟରାଜ ତଦନ୍ତ କରି ତତ୍କାଳୀନ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ପ୍ରଶାସନ ସେତେବେଳେ କୌଣସି ପଦକ୍ଷେପ ନେଇ ନ ଥିଲା। ନୂତନ ଜିଲାପାଳ ଯୋଗଦାନ ପରେ ପିଡି ଡିଆର୍‌ଡିଏ ପକ୍ଷରୁ ପତ୍ର ସଂଖ୍ୟା ୨୯୨୩/୧୯ରେ ଗ୍ରାମ ରୋଜଗାର ସେବକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିରେ ଆମ୍ବୁଡସ୍‌ମ୍ୟାନ୍ ଓ ବିଡିଓଙ୍କ ରିପୋର୍ଟକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସୂଚନା ଦିଆଯାଇଛି। ଆସିଷ୍ଟାଣ୍ଟ ମେହେରଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। କିନ୍ତୁ ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବାରୁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ଦଳିତ ଅଧିକାର ମଞ୍ଚ ସଭାପତି କମଳ ତାଣ୍ଡିଙ୍କ ନେତୃତ୍ୱରେ ନୂତନ ମାଝି, ଆଲିସା ତାଣ୍ଡି, ଅଲେଖ ସୁନାନୀ, ଭୋଳେ ସୁନାନୀ, କେଶରୀ ବାଗ, ବାସୁଦେବ ବାଗ, ଜୟମୋହନ ସୁନାନୀ, ଜଗତରାମ ସୁନାନୀଙ୍କ ସମେତ ଅନେକ କର୍ମକର୍ତ୍ତା ସାମିଲ ଥିଲେ।

---

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

Urgently Required
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

Urgent Required
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813 7609947073

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ
ଦରମା - ୭୫୦୦/- ରୁ ୧୨୫୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ, ଗୁଜୁରାଟ
9157012447, 9157312448

REQUIRED
A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

URGENTLY REQUIRED
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post Sales/ Marketing Executive. And Team Leader
Qualifications 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

### ନୋଟିସ୍

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୦ ନଭେମ୍ବର, ୨୦୧୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ୬ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ଲୋଇସିଂହା, ୨୯।୧୧(ଡି.ଏମ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୭ଛାତ୍ରୀ ଓ ୪୪ ଛାତ୍ରଙ୍କ ଦ୍ୱାରା ୧୦୧ ପ୍ରକଳ୍ପ ସ୍ଥାନ ପାଇଥିଲା । ପ୍ରଥମରୁ ପଞ୍ଚମ ୧୦ଟି ପ୍ରକଳ୍ପକୁ ବିଚାରକୁ ନିଆ ଯାଇନଥିଲା। ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍ଥାନ ପାଇଥିବା ୯୨ଟି ପ୍ରକଳ୍ପକୁ ବିଚାରକୁ ନିଆଯାଇଥିଲା। ବିଚାରକ ଥିବା ବଲାଙ୍ଗୀର ସରକାରୀ ବାଳିକା ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ନାଏକ ଓ ପିପି ଏକାଡେମୀର ଶିକ୍ଷକ ସୁନୀଲ କୁମାର ବେହେରାଙ୍କ ଦ୍ୱାରା ମନୋନୀତ ୬ଟି ସର୍ବଶ୍ରେଷ୍ଠ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ ସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସା ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ ମୁଖ୍ୟ ଅତିଥି, ସରପଞ୍ଚ ନଳିନୀ ଭୋଇ, ବିଜ୍ଞାନ ବ୍ଲକ କନଭେନର ତଥା ଯୋଗୀସର୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାଥ, ବ୍ଲକ ସଂଯୋଜକ ଶିବପ୍ରସାଦ ତ୍ରିପାଠୀ, ଶିକ୍ଷକ ହିମାଂଶୁଶେଖର ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ କନଭେନର କୃଷ୍ଣଚନ୍ଦ୍ର ନାଥ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଜିଲା ବିଜ୍ଞାନ ନିରୀକ୍ଷକ ନିଳମଣୀ ପଟେଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରା, ଜିଲା ପରିଷଦ ସଭ୍ୟ ସାହୁ ଅତିଥିଭାବେ ଯୋଗଦେଇଥିଲେ।

### ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲା ଯୁବ ମହାସଂଘ

ଉଲୁଣ୍ଡା, ୨୯।୧୧(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ବଡମାଲ ଗ୍ରାମରେ ଶୁକ୍ରବାର ଅସହାୟ ଅବସ୍ଥାରେ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି ଉଲୁଣ୍ଡା ଯୁବ ମହାସଂଘ କର୍ମକର୍ତ୍ତା। ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗଞ୍ଜାମ ଜିଲା କୋଦୋଡା ଗ୍ରାମର ଜେମା ମହାନ୍ତି ନାମକ ଜଣେ ବୃଦ୍ଧା ୬ ମାସ ହେବ ବ୍ଲକର ବିଭିନ୍ନ ଗ୍ରାମରେ ବୁଲାବୁଲି କରୁଥିଲେ। ବୃଦ୍ଧା ଜଣକ ୩ ଦିନ ହେବ ଅସୁସ୍ଥ ହୋଇ ନଖାଇ ନପିଇ ଗାଁର ଜଣଙ୍କ ପିଣ୍ଡାରେ ଶୋଇ ରହିଥିଲେ। ଯୁବ ମହାସଂଘ ସଦସ୍ୟମାନେ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ସୁସ୍ଥତା ପରେ ବୃଦ୍ଧାଙ୍କୁ ପରିଚୟ ପଚାରିବାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଏବଂ ପୁଅମାନେ ପଚାରୁ ନ ଥିବାରୁ ୬ ମାସ ହେଲା ଏହି ଅଞ୍ଚଳକୁ ଆସିଥିବା କହିଛନ୍ତି।

ମାନସିକ ରୋଗୀଙ୍କୁ ପିଟିପିଟି ମାରିଦେବା ଘଟଣା

# ସିସିଟିଭିରେ କଏଦ ହୋଇଛି ମାଡ଼ର ଦୃଶ୍ୟ

- ମୁଖ୍ୟ ଅଭିଯୁକ୍ତ ଫେରାର, ୫ ସନ୍ଦିଗ୍ଧଙ୍କୁ ପଚରାଉଚରା
- ଅଟୋରିକ୍ସାରେ ବସି ଯିବାରୁ ମାଡ ମାରିଥିଲେ

ବଲାଙ୍ଗୀର ଅଫିସ,୨୯।୧୧

ବଲାଙ୍ଗୀର ଶାନ୍ତିପଡାରେ ଜଣେ ମାନସିକ ରୋଗୀଙ୍କୁ ପିଟି ପିଟି ମାରିଦେବା ଘଟଣାକୁ ନେଇ ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏଭଳି ଅମାନୁଷିକ ଘଟଣାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯିବା ସହ ତୁରନ୍ତ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି ହେଉଛି । ଟାଉନ ଥାନା ପୋଲିସ ଇତିମଧ୍ୟରେ ୫ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ସିସିଟିଭି ଯାଞ୍ଚ ପରେ ମାନସିକ ରୋଗୀ ଶ୍ରୀହରି ପ୍ରଧାନ (୪୯)ଙ୍କୁ ଶାନ୍ତିପଡା ଛକ ନିକଟରେ କେତେକ ଲୋକ ନିସ୍ଠୁକ ମାଡ ମାରୁଥିବା ଦୃଶ୍ୟ ଦେଖାଯାଇଛି । ଏକ ଅଟୋରିକ୍ସା ଭିତରେ ବସିଥିବା ଶ୍ରୀହରିଙ୍କୁ ମାଡ ମାରିବା ପରେ ଟାଣି ଆଣି ରାସ୍ତାରେ ପକାଇ ଅମାନୁଷିକ ଭାବେ ଆକ୍ରମଣ କରୁଥିବା ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ୍ ହୋଇଛି । ଉକ୍ତ ଫୁଟେଜ୍‌କୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ୫ ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି । ତେବେ ଫୁଟେଜ୍‌ରେ ଶ୍ରୀହରିଙ୍କୁ ମାଡ ମାରୁଥିବା ମୁଖ୍ୟ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ଜଣାପଡିଛି । ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି । ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୨ଟାରେ ଶାନ୍ତିପଡାର କେତେକ ମହିଳା ଓ ଯୁବକ ଥାନାକୁ ଆସି ଅଟକ ଥିବା ଯୁବକଙ୍କ ମଧ୍ୟରେ ଦୁଇଜଣ ନିର୍ଦ୍ଦୋଶ ରହିଛନ୍ତି ବୋଲି କହିଥିଲେ । ସେମାନଙ୍କୁ ଛାଡି ଦେବାକୁ ଥାନା ଅଧିକାରୀଙ୍କୁ କହିଥିଲେ । ମାନସିକ ରୋଗୀଙ୍କୁ ସଂଘବଦ୍ଧ ଭାବେ ମାଡ ମରାଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଭଳି ସଙ୍ଗୀନ ଅଭିଯୋଗକୁ ନେଇ ତଦନ୍ତ କରାଯାଉଛି । ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଯେଉଁମାନେ ସମ୍ପୃକ୍ତ ନାହାନ୍ତି ସେମାନେ ଆଦୌ ବିଚଳିତ ହେବା କଥାନୁହେଁ ବୋଲି ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ କହିଥିଲେ । ଏହାପରେ ମହିଳା ଓ ଯୁବକମାନେ ଫେରିଯାଇଥିଲେ। ବଲାଙ୍ଗୀର ସହର ମାଳପଡା ନିବାସୀ ଶ୍ରୀହରି ପ୍ରଧାନ (୪୯) କିଛିବର୍ଷ ହେଲା ମାନସିକ ରୋଗରେ ପୀଡିତ ଥିଲେ । ବୁଧବାର ସକାଳେ ସେ ଘରୁ କୁଆଡେ ଚାଲିଯାଇଥିଲେ । ପରିବାର ଲୋକେ ଖୋଜଖୋଜି କରିଥିଲେ ମଧ ପାଇ ନ ଥିଲେ । ସେଦିନ ସନ୍ଧ୍ୟାରେ ଶାନ୍ତିପଡା ଶିବମନ୍ଦିର ନିକଟରେ ଜଣେ ମାନସିକ ରୋଗୀଙ୍କୁ କେତେକ ମାଡ ମାରିଥିଲେ। ପୋଲିସ ପିସିଆର ଗାଡି ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। । ଏହି ଖବର ପାଇବା ପରେ ପରିବାର ଲୋକେ ହସପିଟାଲକୁ ଯାଇ ଶ୍ରୀହରିଙ୍କୁ ଚିହ୍ନଟ କରିଥିଲେ । ଅଭିଯୁକ୍ତଙ୍କ ବରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଟିଟିଲାଗଡରେ ଏସ୍‌ଏଚ୍‌ଜି ହାଟ ପରିଦର୍ଶନ ଅବସରରେ ଅନ୍ୟମାନଙ୍କ ସହ ମନ୍ତ୍ରୀ ଟୁକୁନୀ ସାହୁ।

# ମହିଳା ଏସ୍‌ଏଚ୍‌ଜି ହାଟ ପରିଦର୍ଶନ କଲେ ମନ୍ତ୍ରୀ

ଟିଟିଲାଗଡ଼, ୨୯।୧୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ଗୋପବନ୍ଧୁ ପାର୍କ ପରିସରରେ ଥିବା ମହିଳା ଏସ୍‌ଏଚ୍‌ଜି ହାଟକୁ ଶୁକ୍ରବାର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ମହିଳା ଗୋଷ୍ଠୀଙ୍କ ସହ ଆଲୋଚନା କରଥିଲେ। ଘରେ ବସି ସମୟ ଅତିବାହିତ ହେଉଥିଲା। ପୌର ପରିଷଦ ହାଟକୁ କାମ ଦେଲା, ଦିପଇସା ରୋଜଗାର କରିବାରେ ସଫଳ ହେଲୁ। ପରିବାରର ଅନେକ ଖର୍ଚ୍ଚ ଭରଣା କରିବାରେ ସମର୍ଥ ହୋଇପାରିଛୁ ବୋଲି ମହିଳାମାନେ ମନ୍ତ୍ରୀଙ୍କ ସହ ଆଲୋଚନା କାଳରେ କହିଥିଲେ। ମନ୍ତ୍ରୀଙ୍କ ଗସ୍ତ ବେଳେ ପୌର ନିର୍ବାହି ଅଧିକାରୀ ସନ୍ତୋଷ ବେହେରାଙ୍କ ସମେତ ବହୁ ପୂର୍ବତନ କାଉନସିଲର, ବିଜେଡି ନେତା ଉପସ୍ଥିତ ଥିଲେ। ପୌର ପରିଷଦ ଦ୍ୱାରା ପ୍ରାୟୋଜିତ ମହିଳା ଏସଏଚଜି ହାଟର ସଫଳତା ନେଇ ସେ ବେଶ ଖୁସି, ମହିଳା ସ୍ୱାମଲମ୍ବନ ପାଇଁ ଯାହା ଆବଶ୍ୟକ ହେବ ସେ ନିଶ୍ଚିତ ସହଯୋଗ କରିବେ ବୋଲି ମନ୍ତ୍ରୀ ସାହୁ କହିଥିଲେ। ପ୍ରକାଶଥାଉକି ଚଳିତ ବର୍ଷ ୩୧ ଅଗଷ୍ଟରେ ପୌର ପରିଷଦ ପକ୍ଷରୁ ଖୋଲିଥିବା ହାଟକୁ ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।



ବିଜ୍ଞାନମେଳାରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ।

# ପୌରାଞ୍ଚଳସ୍ତରୀୟ ବିଜ୍ଞାନମେଳାରେ ୬୯ ପ୍ରକଳ୍ପ

ବଲାଙ୍ଗୀର ଅଫିସ,୨୯।୧୧

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲଠାରେ ପୌରାଞ୍ଚଳସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ମୁଖ୍ୟବକ୍ତା ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ, ସମ୍ମାନିତ ଅତିଥି ରାଘବ ପାଣିଗ୍ରାହୀ ଏବଂ ଭାରତୀ ନନ୍ଦ ଯୋଗ ଦେଇଥିଲେ। ସଭା କାର୍ଯ୍ୟକ୍ରମକୁ ରାମଗୋପାଳ ଖମାରୀଶର୍ମା ସଂଯୋଜନା କରିଥିଲେ। ବିଜ୍ଞାନ ମେଳାରେ ୬୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରୁ ୬ଟି ପ୍ରକଳ୍ପକୁ ଜିଲାସ୍ତର ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଥିଲା । ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ସରୋଜ ମିଶ୍ର ଏବଂ ଦିଲୀପ ଧଳ ଯୋଗଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ରାଜେନ୍ଦ୍ର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ର, ମୁଖ୍ୟବକ୍ତା ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ଡ. ଜଗଜିତ କାମିଲା ଏବଂ ସମ୍ମାନିତ ଅତିଥି ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର ଏବଂ ଆବାହକ ରାଘବ ପାଣିଗ୍ରାହୀ ଯୋଗ ଦେଇଥିଲେ। ବିକାଶ ସାହୁ ମଞ୍ଚ ସଂଯୋଜନା କରିଥିଲେ ଓ ସଞ୍ଜୟ ଶତପଥୀ ଧନ୍ୟବାଦ ଦେଇଥିଲେ ।

### ଜଙ୍ଗଲ ଜମିରେ ଆବାସ ଯୋଜନା ଘର ନିର୍ମାଣ ଅଭିଯୋଗ

ଗୁଡ଼ଭେଲା,୨୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଚିଞ୍ଚେଡ ପଞ୍ଚାୟତ ଅଧିନ ତୁର୍ଲା ଗ୍ରାମର କେତେକ ଲୋକ ରୟତି ଜମି ଥାଇ ମଧ ଜଙ୍ଗଲ ଜମିରେ ପ୍ରଧାନମନ୍ତ୍ରୀ ଆବସ ଯୋଜନାର ଘର ନିର୍ମାଣ କରୁଛନ୍ତି। ଶୁକ୍ରବାର ବିଡିଓ ସୂର୍ଯ୍ୟ କୁମାର ନାୟକଙ୍କ ନିକଟରେ ଗ୍ରାମର ସୁମିତ ମିଶ୍ର, ଅଶୋକ ଭୋଇ, ନରୋତ୍ତମ ଥନାପତି, ଜୟଶଙ୍କର ଭୋଇ, ଶୁକଳ ନାଗ, ହେମନ୍ତ ଭୋଇ, ବିକ୍ରମ ନାଗ, ରସିକ ନାଗ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ସେମାନେ ଦର୍ଶାଇଯାଇଛି ଯେ, ତୁର୍ଲା ଗ୍ରାମର କେତେକଙ୍କ ପୂର୍ବ ପୁରୁଷଙ୍କ ନାମରେ ରୟତି ଜମି ରହିଛି । ଏହା ସତ୍ତ୍ୱେ ସେମାନେ ଗ୍ରାମର ଖର୍ସେଲ ଡୁଙ୍ଗୁରୀ ପତ୍ରା ଜଙ୍ଗଲରେ ଥିବା ଗଛ କାଟି ଆବାସ ଗୃହ ନିର୍ମାଣ କରୁଛନ୍ତି। ଏନେଇ ବିଡିଓ ନାୟକ କହିଛନ୍ତି ଯେ, ଅଭିଯୋଗ ପାଇଛି ଓ ଏହାର ତଦ୍‌ନ୍ତ କରାଯିବ। କଣ ହୋଇଛି ଦେଖି କାର୍ଯ୍ୟନୁଷ୍ଠାନ ନିଆଯିବ। ଡିଏଫଓ ଶିଶିର ଶତପଥୀଙ୍କୁ ପଚାରିବାରୁ ଉକ୍ତ ଜମି ଗ୍ରାମ୍ୟ ଜଙ୍ଗଲ ହୋଇଥିବାରୁ ଆମ୍ଭର କିଛି ନାହିଁ, ତାହା ରାଜ୍ୟସ୍ୱ ବିଭାଗର ବୋଲି କହିଥିଲେ।



ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଉଛି ।

# ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେଲା ୧୨୧ ପ୍ରକଳ୍ପ

ଦେଓଗାଁ,୨୯।୧୧(ଡି.ଏନ.ଏ)

ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ସୁରଧନୁ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। କୁମାର ଷାଣ୍ଢଙ୍କ ଆବାହକତ୍ୱରେ ଅନୁଷ୍ଠିତ ମେଳାରେ ଛାତ୍ରୀଛାତ୍ରମାନେ ୧୨୧ଟି ପ୍ରକଳ୍ପ ଆଣିଥିଲେ । ଶିକ୍ଷାବିତ ରାମନାରାୟଣ ପାଢ଼ୀଙ୍କ ସଭାପତିତ୍ୱ ତଥା ଗିରିଶ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ପରିଷଦ ସଭାପତି ସନାତନ ଠାକୁର, ।ସମ୍ମାନୀତ ଅତିଥି ସମାଜିକକର୍ମୀ ଦିନଦୟାଲ କେଡିଆ ଯୋଗଦେଇଥିଲେ । ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରା ଅତିଥି ପରିଚୟ ଓ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ବିଜ୍ଞାନ କମିଟି କାର୍ଯ୍ୟକାରୀ ସମ୍ପାଦକ ରତନ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ । ସୂର୍ଯ୍ୟ କୁମାର ପୁରୋହୀତଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସାଧାରଣଜ୍ଞାନ, ବକ୍ତୃତା ଆଦି ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ୧୫ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା । ଏଥିମଧ୍ୟରୁ ୬ଟି ପ୍ରକଳ୍ପ ବେଲପଡାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବାପାଇଁ ମନୋନୀତ କରାଯାଇଥିଲା । ବିଚାରକ ଭାବେ ଆଦିତ୍ୟ ବଡପଣ୍ଡା ଓ ଆନନ୍ଦ କୁମାର ସାହୁ ଯୋଗଦେଇଥିଲେ। ଉଦଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଓ ନୀଳମଣି ପଟେଲ ପ୍ରମୁଖ ଯୋଗଦେଇଥିଲେ ।

### ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା, ବଢୁଛି ମଶା ପ୍ରାଦୁର୍ଭାବ

ଗୁଡ଼ଭେଲା,୨୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ ମଶା ପ୍ରାଦୁର୍ଭାବ ଦେଖାଦେଇଛି। ୧୧ଗୋଟି ୱାର୍ଡ଼କୁ ନେଇ ଗଠିତ ଏହି ଏନଏସିରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏନଏସି ପକ୍ଷରୁ ମଶାମରା ତେଲ କିମ୍ବା ଧୂଆଁ ବ୍ୟବହାର କରାଯାଇ ନ ଥିବାରୁ ମଶା ସଂଖ୍ୟା ବଢି ଚାଲିଛି। ମିଳନ ଛକଠାରୁ ଡେଲିମାର୍କେଟ ରୋଡର କଳାମଣ୍ଡପ ପାଖରେ ଡ୍ରେନ ଅର୍ଦ୍ଧନିର୍ମିତ ହୋଇ ପଡି ରହିଛି। ଏହି ରାସ୍ତାରେ ମଇଳା ପାଣି ସବୁ ସମୟରେ ବୋହୁଛି। ଉକ୍ତ ରାସ୍ତାଦେଇ ଯାନବାହନଗୁଡିକ ଦ୍ରୁତଗତିରେ ଗଲାବେଳେ ପାଣି ଛିଟିକି ପଥାଚାରୀଙ୍କ ଉପରେ ପଡୁଛି। ଅନ୍ୟପକ୍ଷରେ ଏନଏସି ପକ୍ଷରୁ ଡ଼ଷ୍ଟବିନଗୁଡ଼ିକ ଆବଶ୍ୟକ ସଂଖ୍ୟକ ଯୋଗାଇ ଦିଆଯାଉ ନଥିବାରୁ ଲୋକେ ନିଜ ଘର ଓ ଦେକାନରୁ ବାହାରୁଥିବା ଅଳିଆ ଆବର୍ଜନା ରାସ୍ତାରେ ଫୋପାଡ଼ି ଦେଉଛନ୍ତି। ଡ୍ରେନଗୁଡ଼ିକରେ କୁଢ଼କୁଢ଼ ଆବର୍ଜନା ପଡ଼ି ରହୁଛି। ଏ ନେଇ ତୁଷୁରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କହନ୍ତି ଯେ ଡ୍ରେନଗୁଡିକ ନିୟମିତ ସଫା ଚାଲିଛି। ଆମର ନଜରକୁ ଯାହା ଅସୁଛି ତାହା ମଧ ସଫା କରାଯାଉଛି। ନୂତନ ଡ୍ରେନ ନିର୍ମାଣ ମଧ ଚାଲିଛି ବୋଲି କହିଥିଲେ।



ଆବର୍ଜନାପୂର୍ଣ୍ଣ ଡ୍ରେନ।

# ଫେବୃୟାରୀ ୨୪ରୁ ବଲାଙ୍ଗୀରରେ ସଂକୀର୍ତ୍ତନ ମହାକୁମ୍ଭ

## ଯୋଗଦେବେ ଦେଶବିଦେଶର ସଂକୀର୍ତ୍ତନ ଦଳ

ବଲାଙ୍ଗୀର ଅଫିସ, ୨୯।୧୧

ଆସନ୍ତା ଫେବୃୟାରୀ ୨୪ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ସହର ଉପକଣ୍ଠସ୍ଥ ସଦାଇପାଲିଠାରେ ନବ ଦିବସୀୟ ଦିବାରାତ୍ର ଅଖଣ୍ଡ ନାମଯଜ୍ଞ ସହିତ ଏକ କୋଟି ଜପ ଯଜ୍ଞ ଅନୁଷ୍ଠିତ ହେବ । ପାଞ୍ଚ ଗୋଟି ଯଜ୍ଞ ଯଥା, ନାମଯଜ୍ଞ, ଜପଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଏବଂ ସାଧୁସେବା ଯଜ୍ଞ ଏକାକାଳୀନ ଆୟୋଜିତ ହେଉଥିବାରୁ ଏହି ଉତ୍ସବର ନାମ ସଂକୀର୍ତ୍ତନ୍ୟ ମହାକୁମ୍ଭ ରଖାଯାଇଛି। ଏଥିରେ ଓଡିଶାର ପ୍ରତ୍ୟେକ ଜିଲା ସହ ମଥୁରା-ବୃନ୍ଦାବନ, ନଦୀୟା ନବଦ୍ୱୀପର ସଂକୀର୍ତ୍ତନ୍ୟ ତଥା ଆମେରିକା ଓ ରୁଷିଆର ଇସ୍କନ୍ ଦଳ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ମାନସିକ ଘୃତଯଜ୍ଞ, ଅନ୍ନଛତ୍ର ତଥା ଭାରତର ପ୍ରତି ଅନୁକୋଣରୁ ଆସୁଥିବା ସାଧୁସନ୍ଥ ସେବା ଦର୍ଶନ ଆଦିର ବ୍ୟବସ୍ଥା କରିବା ପ୍ରସ୍ତାବ ରହିଛି। ଆଗରୁ ପ୍ରତ୍ୟେକ ସଂକୀର୍ତ୍ତନ ଦଳକୁ ଏହି ଉତ୍ସବରେ ଯୋଗଦାନ କରିବା ପାଇଁ ଅନୁରୋଧ ପତ୍ର ପଠାଯାଇଥିଲା । ତନ୍ମଧ୍ୟରୁ ଅମେରିକା, ରୁଷିଆ ଦଳ ସହ କଟକ, ପୁରୀ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଢେଙ୍କାନାଳ, ଅନଗୋଳ, ନୟାଗଡ, ଗଞ୍ଜାମ-ଗଜପତି, ବରଗଡ, ସୁନ୍ଦରଗଡ, ଦେବଗଡ ଓ ବଲାଙ୍ଗୀର ଆଦି ଜିଲାରୁ ୭୪ଟି ସମ୍ମତିପତ୍ର ପହଞ୍ଚିଛି। ଏଥିରେ ୧୦୮ ଟି ଦଳକୁ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ବୋଲି ଶୁକ୍ରବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି । ଇଚ୍ଛୁକ ଅନ୍ୟ ସଂକୀର୍ତ୍ତନ ଦଳଙ୍କ ସମ୍ମତିପତ୍ର ଆସନ୍ତା ଏକ ସପ୍ତାହ ମଧ୍ୟରେ ପହଞ୍ଚିଲେ ସେମାନଙ୍କୁ ଏହି ମହାକୁମ୍ଭରେ ସାମିଲ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି । ଏହି ମହାକୁମ୍ଭରେ ସଂକୀର୍ତ୍ତନ ଗୁରୁ, ଗାୟକ ଓ ବାୟକଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ହୋଇଛି । ପୁନଶ୍ଚ ସାଧୁସନ୍ଥ ସେବା ଦାୟିତ୍ୱ କୃଷ୍ଣକୃପା ଟ୍ରଷ୍ଟର ମୁଖ୍ୟ ସ୍ୱାମୀଜୀ ବୀରେନ୍ଦ୍ର କୁମାର ପଣ୍ଡାଙ୍କୁ ଦିଆଯାଇଛି। ଏହି ଉପଲକ୍ଷେ ସମସ୍ତ ସଂକୀର୍ତ୍ତନ ଦଳର ଫଟୋ ଓ ବିବରଣୀ ସହିତ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି । ଆଜିର ପ୍ରସ୍ତୁତି ବୈଠକରେ ଆୟୋଜକ କମିଟି ଅଧ୍ୟକ୍ଷ ଡ. ଶ୍ରୀକର ମିଶ୍ର, ଆବାହକ ରମେଶ ଚନ୍ଦ୍ର ନାଏକ, ସଂଯୋଜକ ଶମ୍ଭୁପ୍ରସାଦ ନାଏକ, କର୍ତ୍ତା ଡା. ପ୍ରମୋଦ କୁମାର ମିଶ୍ର, କୋଷାଧ୍ୟକ୍ଷ ଡା. ସିଦ୍ଧେଶ୍ୱର ମିଶ୍ର, ସଭ୍ୟ ବିରଞ୍ଚି ସାଏ, ସତ୍ୟବାଦୀ ନାଏକ, ଖୁସିରାମ ଚଉଳିଆ, ବିଜୟ ପ୍ରସାଦ ମିଶ୍ର, କିଶୋର କୁମାର ମିଶ୍ର, ପ୍ରଭାକର ମିଶ୍ର, ରୁଦ୍ର ପ୍ରସାଦ ସାଏ, ସୁନାଧର ନାଏକ, ଶ୍ରୀରାମ ଚଉଳିଆ, ରାଜେନ୍ଦ୍ର ମିଶ୍ର, ସନାତନ ସାଏଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶ ଦେଇଥିଲେ । ଏହି ଯଜ୍ଞକୁ ସଫଳ କରିବା ପାଇଁ କଅଗାଁ, ମିର୍ଦ୍ଧାପାଲି, ଚନ୍ଦନଭାଟି, ଗେର୍ଡି, ଖାରବଲାଙ୍ଗୀର, ବୁବେଲ, ବଡତେଲେନପାଲି, ବୁର୍ଡା, ବ୍ରାହ୍ମଣୀଡୁଙ୍ଗୁରୀ, ଆଡେନଡୁଙ୍ଗୁରୀ, ଖାଡିଆପଡା ଆଦି ୧୫ଟି ଗ୍ରାମର ୪ ଶହ ସ୍ୱେଚ୍ଛାସେବୀ ସହଯୋଗର ହାତ ବଢାଇ ଥିବାରୁ ସଭାରେ ସେମାନଙ୍କୁ ସାଧୁବାଦ ଦିଆଯାଇଥିଲା ।

କୁଚ୍ ବିହାର ଟ୍ରଫି: ଓଡିଶା-ବରୋଦା ମୁକାବିଲା

# ଓଡ଼ିଶା ୧୦୯ରେ ଅଲଆଉଟ୍

ବଲାଙ୍ଗୀର ଅଫିସ, ୨୯।୧୧

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ଓଡିଶା ଓ ବରୋଦା ଅଣ୍ଡର-୧୯ ଦଳ ମଧ୍ୟରେ କୁଚ୍ ବିହାର ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏସପି ସନ୍ଦୀପ ମାଡକର ଓ ସମ୍ମାନିତ ଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏସନ ଯୁଗ୍ମ ସମ୍ପାଦକ ମେହେତାବ ଖାନ, ନୂଆପଡା ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଭୈରବ ସାହୁ ଓ ବରଗଡ ଜିଲା କ୍ରିକେଟ ସମ୍ପାଦକ ରବିନାରାୟଣ ପଣ୍ଡା ଯୋଗଦାନ କରିଥିଲେ । କ୍ରୀଡା ସଂସଦ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, କ୍ରିକେଟ ସମ୍ପାଦକ ଓମ୍‌ପ୍ରକାଶ ଚାନ୍ଦ ଉପସ୍ଥିତ ଥିଲେ । ଟସ୍ ଜିତି ଓଡିଶା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଖେଳ ଆରମ୍ଭରୁ ଓଡିଶା ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ମାତ୍ର ୧୦୯ ରନ୍‌ରେ ଟିମ୍ ଅଲ୍‌ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ମାନସ ରଞ୍ଜନ ନାଏକ ସର୍ବାଧିକ ୩୦ ରନ୍ ଓ ରାକେଶ ବିଶ୍ୱାଳ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ଭାବେ ୨୧ରନ୍ କରିଥିଲେ । ଅନ୍ୟ କୌଣସି ଖେଳାଳି ଆଖିଦୃଶିଆ ଖେଳ ପ୍ରଦର୍ଶନ କରିପାରି ନ ଥିଲେ । ବରୋଦା ଦଳ ପକ୍ଷରୁ ଆଶୁତୋଷ ଦାସ ସର୍ବାଧିକ ୫ଟି ଓ ଅର୍ଚ୍ଚନ କୋଠାରୀ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଏହାପରେ ବରୋଦା ଦଳ ବ୍ୟାଟିଂ ଆରମ୍ଭ କରିଥିଲେ । ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଦଳ ୨ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରି ମଜବୁତ ସ୍ଥିତିରେ ରହିଛି। ବରୋଦା ଦଳ ପକ୍ଷରୁ ଦୈର୍ଯ୍ୟ ଆର ପାଣ୍ଡେ ୫୨ ରନ୍ ଓ ଲକ୍ଷଜିତ ପଢ଼ିଆର ୪୯ ରନ୍ କରିଥିଲେ। ଅନ୍ୟତମ ବ୍ୟାଟସ୍‌ମ୍ୟାନ୍ ଅଂଶ ପୁଟେଲ ୨୧ ରନ୍ ଓ ଅଥର୍ବ କୁଲକର ୨୩ ରନ କରିଛନ୍ତି । ଓଡିଶା ଦଳର ଦୁର୍ବଳ ଫିଲ୍ଡିଂରେ ସୁଯୋଗ ନେଇ ବରୋଦା ଦଳ ଏକ ବଡ ସ୍କୋର କରିବା ଆଡେ ଅଗ୍ରସର ହେଉଛି । ଓଡିଶା ଦଳ ପକ୍ଷରୁ ସଫଳ ବୋଲର ଭାବରେ ଅଙ୍କିତ କର ଜୟଶ୍ୱାଲ ଏବଂ ସନ୍ଦୀପ ଚୌହାନ ୧ଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି।



ଓଡିଶା-ବରୋଦା ମ୍ୟାଚ୍ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଏସପି ସନ୍ଦୀପ ମାଡକର ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ।

**ଦୃଢ଼ ସ୍ଥିତିରେ ବରୋଦା ଦଳ, ୧୪୫/୨**



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି
ଅନ୍ୟକୁ ପୀଡ଼ାଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ



### ବଗିଚାରୁ ପାଣି ମୋଟର ଚୋରି, ତଦନ୍ତ ଆରମ୍ଭ

**ତୁଣ୍ଡଲା,୨୯।୧୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମର ପ୍ରଫୁଲ୍ଲ ପଧାନଙ୍କ ବଗିଚାରୁ ପାଣି ମୋଟର ମଙ୍ଗଳବାର ରାତିରେ ଚୋରି ହୋଇଥିବା ଜଣାପଡିଛି। ଏ ନେଇ ପ୍ରଧାନ ପୋଲିସରେ ଏତଲା ଦେଇଥିଲେ। ଘଟଣାସ୍ଥଳରେ ପଲମ ଫାଣ୍ଡି ଅଧିକାରୀ ଏ.କେ. ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କିଛି ସନ୍ଧାନ ନ ପାଇବାରୁ ସନ୍ଧାନୀ କୁକୁର ସାହାର୍ଯ୍ୟରେ ଗୁରୁବାର ତଦନ୍ତ କରାଯାଇଛି । ସନ୍ଧାନୀ କୁକୁର ମଧ ଚୋରଙ୍କୁ ଧରିବାରେ ସଫଳ ହୋଇ ନ ଥିଲା। ଆହୁରି ତଦନ୍ତ କାର୍ଯ୍ୟ ଜାରି ରଖାଯିବ ବୋଲି ପଲମ ଫାଣ୍ଡି ଅଧିକାରୀ କହିଛନ୍ତି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୩୬୭/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

### କଳାହାଣ୍ଡି ଓକିଲ ସଂଘର ଦିଲ୍ଲୀ ଗସ୍ତ

**ଭବାନୀପାଟଣା, ୨୯।୧୧ (ଡି.ଏନ.ଏ.):** କଳାହାଣ୍ଡିରେ ଦୀର୍ଘ ଦିନ ଆନ୍ଦୋଳନ ଚାଲି ଆସିଥିବା ହାଇକୋର୍ଟର ସ୍ଥାୟୀ ବ୍ୟାଞ୍ଚ ପ୍ରତିଷ୍ଠା, ତଥା ଗମନାଗମନ ସୁବିଧା, କୃଷି ସମସ୍ୟା ଦୂର, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଏବଂ କଳାହାଣ୍ଡିର ବିଭିନ୍ନ ଦର୍ଶନୀୟ ସ୍ଥାନର ଉନ୍ନତିକରଣ ଏପରି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ଆସନ୍ତା ଡିସେମ୍ବର ୧ ତାରିଖ ରବିବାର କଳାହାଣ୍ଡି ଓକିଲ ସଂଘର ଏକ ୩୫ ଜଣିଆ ଦଳ ଦିଲ୍ଲୀ ଗସ୍ତ କରିବ। ସେଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଆଇନ୍‌ମନ୍ତ୍ରୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ। ଶୁକ୍ରବାର ସକାଳ ଘ.୮.୩୦ମି.ରେ କଳାହାଣ୍ଡି ବାର୍ ଆସୋସିଏଶନ୍‌ରେ ସମସ୍ତେ ଏକତ୍ରିତ ହେବା ପରେ ସେଠାରୁ ମା' ମାଣିକେଶ୍ୱରୀଙ୍କ ମନ୍ଦିର ଅଭିମୁଖେ ଯାଇଥିଲେ। ସେଠାରେ ମା' ମାଣିକେଶ୍ୱରୀଙ୍କୁ ଦର୍ଶନ କରିବା ପରେ ସେଠାରୁ କେସିଙ୍ଗା ଅଭିମୁଖେ ଯାତ୍ରା କରିବେ। ଆଇନଜୀବୀଙ୍କ ସହିତ ବିଭିନ୍ନ ବର୍ଗର ଲୋକେ ଉପସ୍ଥିତ ରହି ସେମାନଙ୍କ ଯାତ୍ରାର ସଫଳ କାମନା କରିଛନ୍ତି ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଭବାନୀପାଟଣା,୨୯।୧୧ (ଡି.ଏନ.ଏ.)**

ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗୁରୁବାର କଳାହାଣ୍ଡି ଗସ୍ତରେ ଆସି ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରି ଫେରିଯାଇଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଓ ତ୍ୱରିତ ସେବା ଯୋଗାଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ତ୍ରିପାଠୀ କଳାହାଣ୍ଡି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇଥିଲେ। ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଉନ୍ନୟନ ପ୍ରକଳ୍ପ ସମ୍ବନ୍ଧୀୟ ବିଷୟବସ୍ତୁ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟତଃ ସ୍ୱାସ୍ଥ୍ୟ ଓ ସେବା, ସ୍କୁଲରେ ଶିକ୍ଷକ ଓ ଛାତ୍ରଙ୍କ ଉପସ୍ଥାନ ଓ ମାଟ୍ରିକ ପରୀକ୍ଷା ଫଳ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା, ଅଙ୍ଗନୱାଡି କେନ୍ଦ୍ର, ମମତା ଯୋଜନା, କୃଷି ଓ ଉଦ୍ୟାନ କୃଷି, ଖାଦ୍ୟଯୋଗାଣ, ଏମ୍‌ଜିଏନ୍‌ଆରଇଜିଏସ୍, ପରିମଳ ଓ ପାଇଖାନା ନିର୍ମାଣ, ସଡକ ଦୁର୍ଘଟଣା ଓ ଟ୍ରାଫିକ ନିୟମ, ବିଦ୍ୟୁତ୍, ରବି ଓ ଖରିଫ ଋତୁରେ ଜିଲାର ଫସଲ ଉତ୍ପାଦନ ଓ ଜଳସେଚନ ଆଦିର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ପ୍ରକଳ୍ପଗୁଡିକର ଠିକ୍ ସମୟରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବାରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାରନମ୍, କଳାହାଣ୍ଡି ଜିଲା ଏସ୍.ପି ବାତୁଲା ଗଙ୍ଗାଧର, ଅତିରିକ୍ତ ଜିଲାପାଳ, ପିଡି ଡିଆରଡିଏ, ସିଡିଏମ୍‌ଓ, ଭବାନୀପାଟଣା ଉପଜିଲାପାଳ, ଧର୍ମଗଡ ଉପଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ରକ୍ତ ଭଣ୍ଡାର, ଡାଏଲେସିସ ୟୁନିଟ୍, ଲେଜର ରୁମ୍ ଅପରେସନ ଥିଏଟର, ସହିତ ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହିତ ତାଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ମୁଖ୍ୟ ଚିକିତ୍ସାଳୟର ସଫା ସୁତୁରା ଦେଖି ପ୍ରଶଂସା କରିଥିଲେ। ଏହା ପରେ ମୁଖ୍ୟ ଶାସନ ସଚିବ ଆହାର କେନ୍ଦ୍ର ପରିଦର୍ଶନ କରି ସେଠାରେ ମଧ୍ୟାହ୍ନ ଭୋଜନ କରି ଭଙ୍ଗାବାରିରେ ନିର୍ମାଣାଧୀନ ମେଡିକାଲ କଲେଜ ପରିଦର୍ଶ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ପାଣ୍ଟିଗୁଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ।



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଜିଲାପାଳ ଏବଂ ଅନ୍ୟ ଅଧିକାରୀ।



ଦୁର୍ବୃତ୍ତମାନେ ବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି।

## ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟିଲେ ଦୁର୍ବୃତ୍ତ

**ଜୁନାଗଡ,୨୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଦେଦର ଗ୍ରାମରେ ଗୁରୁବାର ରାତିରେ ଅନାଦି ମେହେରଙ୍କ ଘରେ ଦୁର୍ବୃତ୍ତମାନେ ପଶି ଛୁରି, ପିସ୍ତଲ (ମାରଣାସ୍ତ୍ର) ଦେଖାଇ ୪୪ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଶୁକ୍ରବାର ଅନାଦି ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯେ, ଦେଦର ଗ୍ରାମରେ ଅନାଦିଙ୍କ ଏକ କିରାନା ଦୋକାନରେ ସେ କିରାନା ସାମଗ୍ରୀ ସମେତ ପେଟ୍ରୋଲ ରଖି ବିକ୍ରି କରିଥାନ୍ତି। ଗୁରୁବାର ରାତି ୯ଟାରେ ଜଣେ ଅଚିହ୍ନା ବ୍ୟକ୍ତି ତାଙ୍କ ଘର ଫାଟକ(ଗେଟ୍) ସମ୍ମୁଖରେ ରହି ୧ ଲିଟର ପେଟ୍ରୋଲ ଦେବା ପାଇଁ ଡାକ ପକାଇଥିଲେ। ଅନାଦି ୧ ଲିଟର ପେଟ୍ରୋଲ ଧରି ଫାଟକ ନିକଟକୁ ଯାଇଥିଲେ। ଏହି ସମୟରେ ହଠାତ୍ ୬ଜଣ ଦୁର୍ବୃତ୍ତ ସେଠାକୁ ଚାଲି ଆସି ଅନାଦିଙ୍କୁ ଛୁରି, ପିସ୍ତଲ ଦେଖାଇ ତାଙ୍କ ହାତକୁ ବାନ୍ଧି ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଅନାଦିଙ୍କୁ ତାଙ୍କ ଘର ଭିତରକୁ ନେଇଯାଇ ଯାହା ଟଙ୍କା, ସୁନା ଅଛି ଦେବାକୁ କହିଥିଲେ। ନ ହେଲେ ପରିବାରକୁ ଜୀବନରେ ମାରିବାକୁ ଧମକ ଦେଇଥିଲେ। ପରେ ଘର ଭିତରେ ଥିବା ଆଲମାରୀ(ଗଦରେଜ) ଓ ଲୁହା ବାକ୍ସ ତାଲାକୁ ବଟକରାରେ ଭାଙ୍ଗି ୪୪ ହଜାର ଟଙ୍କା ନେଇଯାଇଥିଲେ। ଏହାସହ କିରାନା ଦୋକାନର କିଛି ସାମଗ୍ରୀ ଓ ଅନାଦିଙ୍କ ମୋବାଇଲ ମଧ ଦୁର୍ବୃତ୍ତମାନେ ନେଇଯାଇଥିଲେ। ଯିବା ସମୟରେ ଅନାଦିଙ୍କ ପରିବାରକୁ ପାଟି କଲେ ମାରିଦେବୁ ବୋଲି ଧମକ ଦୁର୍ବୃତ୍ତମାନେ ଚାଲିଯାଇଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ. ୨୯୩/୧୯) ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ ଜଣାପଡିଛି।



ଟ୍ରକ୍ ଚେସିସ୍‌ରୁ ଅଜଗର ଉଦ୍ଧାର କରାଯାଉଛି ।

## ଟ୍ରକ୍ ଚେସିସ୍‌ରୁ ଅଜଗର ଉଦ୍ଧାର

**ସେରଗଡ/ଭବାନୀପାଟଣା, ୨୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଛତିକୁଡା ଛକରେ ଏକ ଲାଇନ୍ ଟ୍ରକ୍ ଛିଡା ହୋଇଥିବା ବେଳେ ଶୁକ୍ରବାର ସକାଳ ୯ଟାରେ ଟ୍ରକ୍ ଡ୍ରାଇଭର ଚକରେ ପମ୍ପ ଚେକ୍ କରି ଯାଇଥିବା ବେଳେ ତେଲ ଟାଙ୍କି ଚେସିସ୍ ବାର୍ ଉପରେ ଏକ ବିରାଟକାୟ ଅଜଗର ସାପ ଦେଖିବାକୁ ପାଇଥିଲେ। ଡ୍ରାଇଭର ଭୟଭୀତ ହୋଇ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ । ପରେ କଳାହାଣ୍ଡି ଉତ୍ତର ବନଖଣ୍ଡ ବିଭାଗର ଅଧିକାରୀମାନେ ଖବର ପାଇ ଏକ ଉଦ୍ଧାରକାରୀ ଦଳ ଭବାନୀପାଟଣାରୁ ଆସି ସାପଟିକୁ ଉଦ୍ଧାର କରିଥିଲେ। ସାପଟି ପ୍ରାୟ ୭ ଫୁଟ୍ ଲମ୍ବର ହୋଇଥିବା ବେଳେ ଘଟଣାସ୍ଥଳରେ ସାପକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମି ରହିଥିଲା । ବନବିଭଗ ସାପଟିକୁ ଉଦ୍ଧାର କରି ନିକଟସ୍ଥ କେର୍କେଟା ଜଙ୍ଗଲରେ ଛାଡି ଦେଇଥିଲେ ।

## ମୁଖ୍ୟ ଶାସନ ସଚିବଙ୍କୁ ଛାତ୍ର ବିଜେଡିର ଦାବିପତ୍ର

**ଭବାନୀପାଟଣା,୨୯।୧୧ (ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିବା ପରେ ବର୍ତ୍ତମାନ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ଜୋର ଧରିଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଦିନିକିଆ କଳାହାଣ୍ଡି ଗସ୍ତ ଆସିଥିବା ବେଳେ କଳାହାଣ୍ଡି ଛାତ୍ର ବିଜେଡି ସାକ୍ଷାତ କରିଥିଲା । ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଯୁବନେତା ମଣ୍ଟୁ ନାଏକ, ଛାତ୍ରନେତା ସିନୁ ବେହେରା, ରୋମାଞ୍ଚଳ ମେହେର, ଶ୍ରୀଚନ୍ଦନ ନାଏକ ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କଳାହାଣ୍ଡି ଜିଲାରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। କଳାହାଣ୍ଡି କେବିକେର ମଧ୍ୟାଞ୍ଚଳ ହେବା ସହ ଧାନ ଉତ୍ପାଦନରେ ଭାରତରେ ଏକ ଅଗ୍ରଣୀ ଜିଲା ଭାବେ ସ୍ଥାପନ ପାଇଛି। ସେହିଭଳି କଳାହାଣ୍ଡିର କପା ବିଶ୍ୱସ୍ତରୀୟ ଅଟେ। କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏପରିକି ଓୟୁଏଟି ଫିଜିବିଲିଟି ରିପୋର୍ଟରେ ମଧ ବିଶ୍ୱବିଦ୍ୟାଳୟ କରିବା ପାଇଁ ପ୍ରସ୍ତାବ ରହିଛି। ଏହାଛଡା କଳାହାଣ୍ଡିର ପୂର୍ବତନ ଜିଲାପାଳ ଏଥିପାଇଁ ୫୦୦ ଏକର ଜାଗା ଚିହ୍ନଟ କରି ସରକାରଙ୍କୁ ଜଣାଇଛନ୍ତି। ଏଣୁ କଳାହାଣ୍ଡି ଭଳି ଏକ କୃଷିଭିତ୍ତିକ ଜିଲାରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲେ ନୂତନ ଜ୍ଞାନ କୌଶଳ, ରିସର୍ଚ୍ଚ ପାଇଁ ଦକ୍ଷତା ବୃଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କର୍ମ ନିଯୁକ୍ତି ପାଇଁ ନୂତନ ସମ୍ଭାବନା ଦେଖାଯାଆନ୍ତା ବୋଲି ଛାତ୍ର ନେତାମାନେ ମତାମତ ଦେଇଛନ୍ତି।

## ଆର୍‌ବିଏସ୍‌କେ ପକ୍ଷରୁ ଗ୍ରହଣ ଖଣ୍ଡିଆ ପରିଚାଳନା ଶିବିର

**ଭବାନୀପାଟଣା,୨୯।୧୧ (ସ୍ୱ.ପ୍ର.)**

ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଆନୁକୂଲ୍ୟରେ ଶୁକ୍ରବାର ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କୋଠାରେ ଗ୍ରହଣ ଖଣ୍ଡିଆ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୯୫ଜଣ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ପିଲାମାନେ ପୂର୍ବରୁ ଆରବିଏସ୍‌କେ ମାଧମରେ କଟକ ଏସ୍‌ବିଏମ ଡାକ୍ତରଖାନାରେ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପ୍ରଚାର କରାଇଥିଲେ। ଏହି ଶିବିରରେ ଉକ୍ତ ପିଲାମାନଙ୍କୁ ପରୀକ୍ଷା କରାଯିବା ପରେ କିଛି ପିଲାଙ୍କୁ ଛାଡି ଅଧିକାଂଶ ପିଲାଙ୍କ ଗ୍ରହଣ ଖଣ୍ଡିଆ ସମ୍ପୂର୍ଣ୍ଣ ଭାବେ ଭଲ ହୋଇଥିବା ଜଣାପଡିଥିଲା। ଏହାସହ ସମସ୍ତେ ସୁସ୍ଥ ମଧ ରହିଛନ୍ତି। ଏହି ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଧାରୀ ଡାକ୍ତର ବନଲତା ଦେବୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ (ଏଡିପିଏଚ୍‌ଓ.ଏଫ୍‌ଡବ୍ଲ୍ୟୁ)ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଶିଶୁ ରୋଗ ବିଶେଷଜ୍ଞ ଡା. ସୁରେନ୍ଦ୍ର ମହାପାତ୍ର, ଦନ୍ତ ରୋଗ ବିଶେଷଜ୍ଞ ଡା. ସୌମ୍ୟ ରଞ୍ଜନ ବେହେରା, ଡା. ସୁଶୀଲ କୁମାର ରଥ, ଡିପିଏମ ଅବନୀ ମହାପାତ୍ର, ଆରବିଏସକେ ପରିଚାଳକ ସୁଧିର ପଣ୍ଡାଙ୍କ ସମେତ ମୋବାଇଲ ସ୍ୱାସ୍ଥ୍ୟ(ହେଲଥ୍) ଟିମ୍ ଓ ଡିଇଆଇସି କର୍ମକର୍ତ୍ତା ସହଯୋଗ କରିଥିଲେ।




ଅନୁଷ୍ଠିତ ଗ୍ରହଣ ଖଣ୍ଡିଆ ପରିଚାଳନା ଶିବିର ।

## ରିଷିଡ଼ା ମଣ୍ଡିରୁ ପ୍ରଥମ ଦିନରେ ୧୭୭ କୁଇଣ୍ଟାଲ ଧାନ କ୍ରୟ

**ରିଷିଡା,୨୯।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମଣ୍ଡିରେ ମିଲର୍ସଙ୍କ କଟନିଛଟନି ଯୋଗୁ ଧାନ ଉଠୁ ନ ଥିଲା। ତହସିଲଦାରଙ୍କ ହସ୍ତକ୍ଷେପ ପରେ ରିଷିଡା ମଣ୍ଡିରେ ଧାନ ଉଠିବା ଆରମ୍ଭ ହୋଇଛି। ଫଳରେ ଶୀତକାକରରେ ଜଗିଥିବା ଚାଷୀ ଶେଷରେ ଧାନ ବିକ୍ରି କରିପାରିଛନ୍ତି। ଉକ୍ତ ଦିନ ପ୍ରାୟ ୧୭୭ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ରିଷିଡା ପ୍ୟାକ୍ସ ମଣ୍ଡିରେ ୪୭ ହଜାର ୧୬୨ କୁଇଣ୍ଟାଲ ଧାନ ଉଠାଇବାର ଯୋଜନା ରହିଛି । ତହସିଲଦାର ମିଲର୍ସ ଓ ଚାଷୀଙ୍କ ସହ ଆଲୋଚନା କରିବା ପରେ ୪ କିଜେ କଟନିରେ ଚାଷୀମାନେ ରାଜି ହେବା ପରେ ଧାନ ଉଠିଥିଲା। ଆଲୋଚନା ସମୟରେ ରିଷିଡା ପ୍ୟାକ୍ସର କାର୍ଯ୍ୟନିର୍ବାହୀ ଗୋଲାପ ଚନ୍ଦ୍ର ରଣା, ପୂର୍ବତନ ସରପଞ୍ଚ ନାରାୟଣ ରଣା, ତହସିଲ ଅପିସର କିରାଣୀ ନାଭିଶ୍ୱର ନାଗ, ପ୍ରୋସେସର ସୁରେଶ ବେହେରା, ଆରଏମସି କେସିଙ୍ଗାର ଜଗନ୍ନାଥ ସୁନା, ମାନପରୀକ୍ଷକ ସଞ୍ଜୟ ମିଶ୍ରଙ୍କ ସମେତ ଚାଷୀମାନେ ଯୋଗଦେଇଥିଲେ।



ରିଷିଡା ଧାନ ମଣ୍ଡିରେ ଧାନ ବିକ୍ରୟ କରାଯାଉଛି ।

## ଜିଲାସ୍ତରୀୟ ଆଇନ ସାକ୍ଷରତା ସଚେତନତା ଶିବିର

**ଭବାନୀପାଟଣା,୨୯।୧୧ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ରିଷିଗାଁ ଗ୍ରାମପଞ୍ଚାୟତରେ ଶୁକ୍ରବାର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱିଟି ସାମନ୍ତରାୟ ପରିଚାଳନା କରିଥିଲେ। ଅଧ୍ୟକ୍ଷ ସ୍ଥାୟୀ ଲୋକ ଅଦାଲତ ବିଜୟ କୁମାର ମିଶ୍ର ଓ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସାମନ୍ତରାୟ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗି ସେବା ସମ୍ବନ୍ଧିୟ), ନ୍ୟାୟ ସଂଯୋଗ ଆଦି ଉପରେ ବୁଝାଇ ଥିଲେ। ଉକ୍ତ ଶିବିରରେ ରିଷିଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ଟିକେଶ୍ୱର ନାଏକ, ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ ମୁରଲିଧର ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ।




ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ।

## ଧାଡ଼ି ପ୍ରଣାଳୀରେ ଧାନଚାଷର କ୍ଷେତ୍ର ଦିବସ

**କର୍ଲାମୁଣ୍ଡା,୨୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡ ବ୍ଲକ ପୌରକେଲା ପଞ୍ଚାୟତର ଜଟିଆପଡାଠାରେ କୃଷି ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବ ଭାରତରେ ସବୁଜ ବିପ୍ଳବ ଯୋଜନାରେ ଧାଡି ପ୍ରଣାଳୀରେ ଧାନ ଚାଷର କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରିଣୀ ମୋନାଲିଷା ଜେନା, ଆଗ୍ରନମିଷ୍ଟ ଚିତ୍ତରଞ୍ଜନ ଶତପଥୀ, ଆତ୍ମା ବ୍ଲକ ଟେକ୍‌ନିକାଲ ମ୍ୟାନେଜର ଧବଳେଶ୍ୱର ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ପୀତାମ୍ବର ମାଝି, ଧର୍ମେନ୍ଦ୍ର ଶବର, ଘନଶ୍ୟାମ ଜାନି, ସୁରୋଜ ଶେଖର ସାହୁ, ନବୀନ କୁମାର ମାଝି, ଏଟିଏମ ଶ୍ୟାମପଦ ଭଞ୍ଜ, ମିଳନ କୁମାର ଗୋଛାୟତ ପ୍ରମୁଖ ଯୋଗଦେଇ ଧାଡିରୁଆ ଚାଷର ଉପକାରିତା ତଥା ଅଧିକ ଅମଳ ଉପରେ ଚର୍ଚ୍ଚା କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଘନଶ୍ୟାମ ଜାନି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ଷେତରେ ଶଷ୍ୟ କାଟ କରାଯାଇଥିଲା। ଧାଡିରେ ଧାନ ଚାଷ କରି ଅଧିକ ଅମଳ କରିଥିବା ୪ରି ଜଣ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସମସ୍ତ କୃଷକସାଥୀ ଓ ଚାଷୀମାନେ ଯୋଗଦେଇଥିଲେ।




ଧାଡ଼ିରୁଆ ଧାନଚାଷର ଉପକାରିତା ତଥା ଅଧିକ ଅମଳ ଉପରେ ଆଲୋଚନା ହେଉଛି।

ନିସାହା ଗୁରୁବାରୀଙ୍କୁ ସାହାଯ୍ୟର ହାତ୍ ବଢ଼ାଲେ ବିଡିଓ

## ଚିକିଛା ଲାଗି ଜିଲା ମୁଖିଆ ଡାକ୍ତରଖାନା ପଠାଲେ

**କେସିଙ୍ଗା, ୨୯।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ନୁନମାଠ ପଁଚେତ୍ ଅଧୀନ ମୁଣ୍ଡାପଡ଼ାର ନିସାହା ବିଧବା ମହିଳା ଗୁରୁବାରୀ ରଣା(୬୦)କୁଁ କେସିଙ୍ଗା ବିଡିଓ ଭୀମସେନ ଶବର ସାହାଯ୍ୟର ହାତ୍ ବଢ଼େଇଛନ୍। ସେ ଅନେକ ଦିନ୍ ହେଲା ରୋଗ୍ ଲାଗି ବଡ଼ା ଗୁଲ୍‌ଗୁଲା ହେଉଥିଲେ।

ସୂଚନା ଅନ୍‌ସାରେ ମୁଣ୍ଡାପଡ଼ା ଗାଁର ଗୁରୁବାରୀ ରଣା ୫ ଦିନ୍ ତଲେ ଆପ୍‌ନେ ସତୃଘନ ରଣାକୁଁ ହରେଇଛନ୍। ଆପ୍‌ନେର ଶୁଧିକାଯ୍ ବି ନୁହେ ସରେ। ଇଆଡ଼େ ନିଜେ ଗୁରୁବାରୀ ଅନେକ୍ ଦିନୁ ରକତ୍ କମଜୁରୀ ରୋଗ୍‌ରେ ପଡ଼ିଛନ୍। ରୋଗ୍‌ରେ ସେ ଛଟ୍‌ପଟ ହେଉଥିଲେ ବି ଢୁଂଗି ଦେଖିବାକେ ଘରେ କେହି ନାଇଁ। ଗଲା ଗୁରୁବାର ଗୁରୁବାରୀ ରୋଗ୍ ବେମାରୀରେ ବିଛୋ ହେଇ ଚିକିଛା ଲାଗି ବଡ଼ାଦୁଖେ ବସରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁହୁଁଚିଥିଲେ। ଇଆଡ଼େ ଚିକିଛା କରାବାକେ ହାତେ ଫଟା କଉଡ଼ିଟେ ନାଇଁ। ନୁନମାଠ ପଁଚେତ୍ ସରପଁଚ୍‌କଁର ଆପ୍‌ନେ ଅକ୍ଷୟ ରଣା ଇ ଖବର ପାଇ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁହୁଁଚିଥିଲେ। ସେ ଗୁରୁବାରୀଙ୍କର ଦୁଖ୍ ବାବ୍‌ଦେ କେସିଙ୍ଗା ବିଡିଓ ଭୀମସେନ ଶବରକୁଁ ଜନେଇଥିଲେ। ଖବର ପାଇ ବିଡିଓ ଡାକ୍‌ତରଖାନାରେ ପୁହୁଁଚି ଗୁରୀବାରୀକଁର ପ୍ରାଥମିକ ଚିକିଛା କରାବାର ସଂଗେ ୧୦୮ ଆମ୍ବୁଲାନ୍ସରେ ଭବାନୀପାଟଣା ଜିଲା ମୁଖିଆ ଡାକ୍‌ତରଖାନାକେ ପଠେଇଥିଲେ। ବିଡିଓ ଗୁରୁବାରୀକୁଁ ଚିକିଛା ଲାଗି ୨ ହଜାର ଟଁକା ବି ସାହାଯ୍ ଦେଇଥିଲେ। ସେନ୍‌ତା ରକତ୍ କମଜୁରି ଦୂର କରବାର ଲାଗି ଉଷୋକଷା ଆର ଆର୍‌ଥିକ ସାହାଯ୍ ଯୁଗେଇ ଦେବାକେ ବିଡିଓ ଗୁରୁବାରୀକୁଁ କଥା ଦେଇଥିବାର ଜନାଯାଇଛେ। ଇ ସମିଆରେ ବ୍ଲକର ଉନିଆ କରମଚାରୀକଁର ସଂଗେ ରୋଗୀ କଲ୍ୟାଣ ସମିତିର ସଭାନେତ୍ରୀ ସରିତା ସିନ୍ଧୁର ବି ଉପସ୍ଥିତ ଥିଲେ।



ନିସାହା ଗୁରୁବାରୀକଁର ସଂଗେ ବିଡିଓ ଆର ଉନିଆ ସହଯୋଗୀମାନେ।

ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର

## ସଂକ୍ଷେପରେ

### ବସ୍ ଧକ୍କାରେ ଦମ୍ପତି ଗୁରୁତର

**ଲୋଇସିଂହା,୨୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ବୁର୍ଡାଠାରେ ଶୁକ୍ରବାର ମଧ୍ୟାହ୍ନରେ ବସ୍ ଧକ୍କାରେ ନଅଗାଁ(ଖ) ଗ୍ରାମର ଏକ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ନାରାୟଣ ମେହେର ଓ ତାଙ୍କ ସ୍ତ୍ରୀ ରମ୍ଭାବତୀ । ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାମତେ, ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ନାରାୟଣ ମେହେର ରମ୍ଭାବତୀଙ୍କୁ ନେଇ ବାଇକରେ ବଲାଙ୍ଗୀର ଯାଉଥିଲେ । ସେମାନେ ନଅଗାଁ(ଖ) ରାସ୍ତାରୁ ଆସି ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥକୁ ଉଠିବା ବେଳେ ବରଗଡ ପଟରୁ ଆସୁଥିବା ଗାୟତ୍ରୀ ବସ(ଓଆର ୧୭ ବି ୩୦୯୨)ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲେ । ଉଭୟେ ବାଇକରୁ ଛିଟିକି ପଡି ଗୁରୁତର ହୋଇଥିଲେ । ଦୁର୍ଘଟଣା ପରେ ବସ୍‌କୁ ନେଇ ଡ୍ରାଇଭର ଲୋଇସିଂହା ଥାନାକୁ ଆସିଥିଲେ। ଗାଡି ଥୋଇଦେଇ ସେ ସେଠାରୁ ଖସି ପଳାଇ ଯାଇଥିଲେ। ଲୋଇସିଂହା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଜିଲାସ୍ତରକୁ ଗଲା ୬ ପ୍ରକଳ୍ପ

**କଣ୍ଟାବାଞ୍ଜି, ୨୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଓ କଣ୍ଟାବାଞ୍ଜି ଏନଏସିସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହା ରାମୋଡ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମେଳାରେ ୯୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୧୮ଟି କୃଷି, ୧୨ ସ୍ୱାସ୍ଥ୍ୟ, ୩୪ ରିସୋର୍ସ, ୪ ଶିଳ୍ପାନୁଷ୍ଠାନ, ୧୦ ଭବିଷ୍ୟତ ପରିକଳ୍ପନା ଓ ୧୨ଟି ଶିକ୍ଷା ଓ ଗଣିତ ସମ୍ବନ୍ଧୀୟ ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରିଥିଲେ। ଏଥିରୁ ୬ ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି । ଉଦ୍‌ଘାଟନୀ ସଭାରେ ଝରଣି ସରପଞ୍ଚ ପ୍ରେମଶିଳା ମେହେର ମୁଖ୍ୟ ଅତିଥି, ବ୍ଲକ ଶିକ୍ଷା ଅଧିକାରୀ ଭୋଲାନାଥ କୁମାର ସମ୍ମାନିତ ଅତିଥି, ବିଡିଓ ତୁରେକେଲା ପ୍ରଭାତ ସାହୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଅୟୁବ ଖାନ, ଜିଲା ବିଜ୍ଞାନ ନିରୀକ୍ଷକ ନିଲାମ୍ବର ପଟେଲ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଅଧ୍ୟକ୍ଷ ହରପ୍ରସାଦ ନାୟକ, ରୋହିତ କୁମାର ଅଗ୍ରୱାଲ, ଲାୟନ୍ସ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଏମ.ଭି.ମୂର୍ତ୍ତି, ସୁରଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସଭାକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁବରାଜ ମେହେର ଓ ବିଜ୍ଞାନ ମେଳା ଆବାହକ ବିଭୁଦତ ସାହୁ ପରିଚାଳନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ମଦ ପିଇ ବାଇକ ଚାଳନା, ଧରାପଡ଼ିଲେ ୩ଯୁବକ

**ଡୁଙ୍ଗୁରିପାଲି, ୨୯।୧୧ (ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପୋଲିସ ଓ ଜାତୀୟ ରାଜପଥର ସିଂ ଢାବା ନିକଟରେ ଯାନବାହାନ ଯାଞ୍ଚ ବେଳେ ଗୁରୁବାର ସନ୍ଧ୍ୟାରେ ମଦପିଇ ବାଇକ ଚଳାଉଥିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଧରିଥିଲା। ମଦମାପକ ଯନ୍ତ୍ରରେ ପରୀକ୍ଷା ପରେ ସେମାନେ ନିଶା ସେବନ କରିଥିବା ସ୍ପଷ୍ଟ ହୋଇଥିଲା।

ପଟ୍ଟା ଦେଇ ଜମି ଚିହ୍ନଟ କରୁନାହାନ୍ତି ତହସିଲ କର୍ତ୍ତୃପକ୍ଷ

# ତହସିଲ ଅଫିସ ଘେରିଲେ ପଟ୍ଟାଧାରୀ

**ଲୋଇସିଂହା, ୨୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାର ଦେଢଶହ ଭୂମିହୀନ ପରିବାରକୁ ସ୍ଥାନୀୟ ତହସିଲ ପକ୍ଷରୁ ୧୯୯୯ ମସିହାରୁ ଘରଡିହ ପାଇଁ ୪ ଡିସିମିଲ ଜମିର ପଟ୍ଟା ମିଳିଛି । ଇତିମଧ୍ୟରେ ୨୦ ବର୍ଷ ବିତି ଗଲାଣି । ହେଲେ, ତହସିଲ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରି ଜମି ଦିଆଯାଉନାହିଁ। ଅପରପକ୍ଷରେ ୨୦୧୮ ମସିହାରେ ପଟ୍ଟା ପାଇଥିବା ହିତାଧିକାରୀଙ୍କୁ ଜମି ଚିହ୍ନଟ ପାଇଁ ତହସିଲ କର୍ତ୍ତୃପକ୍ଷ ପ୍ରକ୍ରିୟା ଆରମ୍ଭ କରିଥିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ୧୯୯୯ ମସିହାରୁ ପଟ୍ଟା ପାଇଥିବା ହିତାଧିକାରୀ ଏହାକୁ ବିରୋଧ କରିବା ସହ ଶୁକ୍ରବାର ତହସିଲ ଅଫିସ ଘେରାଉ କରିଥିଲେ । ସମସ୍ୟାର ସମାଧାନ ପାଇଁ ତହସିଲଦାର ୧ମାସ ମହଲତ ମାଗିବା ପରେ ହିତାଧିକାରୀ ଶାନ୍ତ ପଡିଥିଲେ ।



ତହସିଲ ଅଫିସ ଘେରାଉ କରିଥିବା ପଟ୍ଟାଧାରୀ।

ଲୋଇସିଂହା ତହସିଲ ପକ୍ଷରୁ ଲୋଇସିଂହା ପଞ୍ଚାୟତର ଦେଢଶହ ଭୂମିହୀନ ପରିବାରକୁ ଜମି ଦେବା ପାଇଁ ୧୯୯୮ ମସିହାରେ ଚିହ୍ନଟ ହୋଇଥିଲା। ୧୯୯୯ ମସିହାରୁ ସେମାନଙ୍କୁ ୪ ଡିସିମିଲ ଲେଖାଏ ଜମିର ପଟ୍ଟା ପ୍ରଦାନ କରାଯାଇଥିଲା । ପ୍ଲଟ ନଂ ୪୯ର ଲୋଇସିଂହା-ପଦ୍ମପୁର ରାସ୍ତାରେ ଉକ୍ତ ଜମି ରହିଛି । ପଟ୍ଟା ପାଇଥିବା ସମସ୍ତ ହିତାଧିକାରୀ ଲୋଇସିଂହା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପ୍ରତି ଆର୍ଥିକ ବର୍ଷରେ ଖଜଣା ପୈଠ କରି ଆସୁଥିବା କହିଛନ୍ତି। ହେଲେ ସେମାନେ ତହସିଲକୁ ଜାଗା ଚିହ୍ନଟ ପାଇଁ ଗଲେ ନକ୍ସା, ସିଟ୍ ହଜିଯାଇଥିବା ବାହାନା କରି ଜାଗା ଚିହ୍ନଟ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ସରକାରଙ୍କ ତରଫରୁ ମିଳିଥିବା ଆବାସ ଯୋଜନାରେ ମିଳିଥିବା ଘର ନିର୍ମାଣ କରି ପାରୁନାହାନ୍ତି। ଜମି ଚିହ୍ନଟ ନ ହୋଇ ପଟ୍ଟା ପାଇଥିବା କେତେକ ହିତାଧିକାରୀ ଜମି ବିକ୍ରି କରିଥିବା ଅଭିଯୋଗ ହୋଇଛି । ଏଠାରେ ତହସିଲର ଭୂମିକାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ଦୀର୍ଘବର୍ଷ ହେଲା ସମ୍ପୃକ୍ତ ପଟ୍ଟାଧାରୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଅପରପକ୍ଷେ ସେମାନଙ୍କ ଅଭିଯୋଗ ହେଲା ଗୁରୁବାର ଲୋଇସିଂହା ରାଜସ୍ୱ ନିରୀକ୍ଷକେ ୨୦୧୮ ମସିହାରେ ପଟ୍ଟା ପାଇଥିବା କେତେକ ହିତାଧିକାରୀଙ୍କୁ ୧୯୯୯ ମସିହାରେ ହିତାଧିକାରୀଙ୍କୁ ଦେଇଥିବା ପଟ୍ଟା ସ୍ଥାନରେ ଜାଗା ଚିହ୍ନଟ କରୁଥିଲେ । ଏହା ୧୯୯୯ ମସିହା ପଟ୍ଟାଧାରୀ ଜାଣିବାକୁ ପାଇ ସେହି ସ୍ଥାନକୁ ଯାଇ ପ୍ରତିବାଦ କରିଥିଲେ । ଏହାପରେ ଜାଗା ଚିହ୍ନଟ ଅଧୁରା ରହିଥିଲା । ଶୁକ୍ରବାର ୧୯୯୯ ମସିହା ପଟ୍ଟାଧାରୀ ସାମୂହିକ ଭାବେ ଲୋଇସିଂହା ତହସିଲ କାର୍ଯ୍ୟାଳୟକୁ ଯାଇ ପ୍ରତିବାଦ କରି ଦାବି ଜଣାଇଥିଲେ। ତହସିଲଦାର ରୀନା ବେହେରାଙ୍କୁ ଭେଟି ତହସିଲର ପାତରଅନ୍ତର ନୀତିର ତୀବ୍ର ବିରୋଧ କରିଥିଲେ । ପରେ ସମ୍ପୃକ୍ତ ପଟ୍ଟାଧାରୀଙ୍କୁ ମିଳିଥିବା ପଟ୍ଟା ତହସିଲରେ ଜିମା ଦେବାକୁ କହିବା ସହ ଜାଗା ଚିହ୍ନଟ ପାଇଁ ଏକ ମାସ ମହଲତ ମାଗିଥିଲେ । ତହସିଲ ଘେରାଉରେ ଭୋଲାନାଥ ସୁନା, ଜୟକୁମାର ଭୋଇ, ନବୀନ ବେହେରା, ବାବୁଲାଲ ବେହେରା, ସହଦେବ ମେହେର, ସୁବଳ କର, ବିପିନ ବେହେରା, ରଘୁନାଥ ପଧାନ, ସବିତା ମେହେର, କଇଁଫୁଲ ମେହେର ପ୍ରମୁଖ ସାମିଲ ଥିଲେ । ଆରଆଇ ସଞ୍ଜୀବ ନନ୍ଦ କହିଛନ୍ତି ଯେ, ଲୋଇସିଂହା ବଲାଙ୍ଗୀର ତହସିଲ ଅଧୀନରେ ଥିବା ସମୟରେ ସେମାନଙ୍କୁ ପଟ୍ଟା ମିଳିଥିଲା । ସେତେବେଳେ ଜାଗା ଚିହ୍ନଟ କରାଯାଇନାହିଁ। ଏଠାରେ ନକ୍ସା ଓ ସିଟ୍ ନାହିଁ । ଜାଗା ଚିହ୍ନଟ ପାଇଁ ଅସୁବିଧା ହେଉଛି । ପୂର୍ବ ପଟ୍ଟା ପ୍ଲଟ ନଂ ୪୪ ରେ ଥିବାବେଳେ ଗୁରୁବାର ଚିହ୍ନଟ ଜମି ପ୍ଲଟ ନଂ ୫୩ରେ ଥିଲା । ଶୁକ୍ରବାର ଜାଗା ଚିହ୍ନଟ ପାଇଁ ପ୍ରତିବାଦ କରିଥିବା ସେ କହିଥିଲେ ।

### ସରିଲା ୪ ୱାର୍ଡସଭ୍ୟ ଉପନିର୍ବାଚନ

**ଲୋଇସିଂହା,୨୯।୧୧ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ଓ ବୁର୍ଡା ପଞ୍ଚାୟତର ୪ଟି ୱାର୍ଡ ସଭ୍ୟାସଭ୍ୟ ପଦବୀ ପାଇଁ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଥିଲା । ଗୁରୁବାର ବ୍ଲକ ସଭାଗୃହରେ ଭୋଟ ଗଣତି ପରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ୨୦୧୭ ସାଧାରଣ ପଞ୍ଚାୟତ ନିର୍ବାଚନ ବେଳେ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ଯୋଗୁ ଲୋଇସିଂହା ପଞ୍ଚାୟତ ୬ ଓ ୭ ନଂ ୱାର୍ଡ ଏବଂ ବୁର୍ଡା ପଞ୍ଚାୟତର ୫ ଓ ୮ ନଂ ୱାର୍ଡସଭ୍ୟ ପଦବୀ ଖାଲିପଡିଥିଲା । ଉପନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସ ପ୍ରଥମ ସପ୍ତାହରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଲୋଇସିଂହା ପଞ୍ଚାୟତର ୬ ନଂ ୱାର୍ଡରେ ପାଣ୍ଡବ ସେଠ ଓ ବିଭୂତି ପଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ୮୧ ଭୋଟ ବ୍ୟବଧାନରେ ବିଭୂତି ବିଜୟୀ ଘୋଷିତ ହୋଇଥିଲେ । ସେହିପରି ୭ ନଂ ୱାର୍ଡରେ ୩ ଜଣ ପ୍ରାର୍ଥୀ ଯିତେନ୍ଦ୍ର ସା, ଦୁଃଖୀନ୍ଦ୍ର ରଣା ଓ ଗୋବିନ୍ଦ ରଣାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ନିକଟତ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୭୫ ଖଣ୍ଡ ଅଧିକ ଭୋଟ ପାଇଁ ଦୁଃଖୀନ୍ଦ୍ର ବିଜୟୀ ହୋଇଥିଲେ । ସେହିପରି ବୁର୍ଡା ପଞ୍ଚାୟତର ୮ ନଂ ୱାର୍ଡରୁ କ୍ଷୀରୋଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ୫ ନଂ ୱାର୍ଡରୁ ବୃନ୍ଦାବନ ନନ୍ଦ ବିଜୟୀ ହୋଇଥିବା ଜିପିଓ ପୁଷ୍ପାଞ୍ଜଳି ନାଏକ ସୂଚନା ଦେଇଛନ୍ତି।

# ୫୦ ବାଉଁଶ କାରିଗର ପରିବାର ନେଲେ ପ୍ରଶିକ୍ଷଣ

**ଦେଓଗାଁ, ୨୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବନ୍ଧରେ ୧୦ଦିନ ଧରି ଚାଲିଥିବା ସ୍ୱାବଲମ୍ବନ ଦକ୍ଷତା ବିକାଶ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଡଏଟ ଆକ୍ସନ ଓ ଓଡିଶା ଜୀବିକା ମିଶନ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରର ଉଦଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ପିଡି ଡିଆରଡିଏ ମହେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ଡିଆଇସିର ଜିଏମ ପି. ଚୌଧୁରୀ, ବୈଷୟିକ ପରାମର୍ଶଦାତା ଦିଲୀପ ପାଣିଗ୍ରାହୀ, ଓଡିଶା ଜୀବିକା ମିଶନର ଡିପିଏମ କମଲେନ୍ଦୁ ପଲ, ବିଡିଓ ବେର୍ଣ୍ଣଦେତ ଲାକ୍ରା ଓ ଏଡଏଟଆକ୍ସନର ସରୋଜ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ । ଶିବିରରେ ବାଉଁଶରେ ସୌଖୀନ ସାମଗ୍ରୀ ତିଆରି କରୁଥିବା ୫୦ ପରିବାର ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ ।



ବଡବନ୍ଧରେ ସ୍ୱାବଲମ୍ବନ ଦକ୍ଷତା ବିକାଶ ଶିବିରରେ ଅତିଥିମାନେ।

### ବିଦ୍ୟାଳୟ ନିକଟ ଡୁଙ୍ଗୁରିରେ ପଥର ବ୍ଲାଷ୍ଟିଂ ପ୍ରଭାବିତ ହେଉଛି ପାଠପଢ଼ା

**କଣ୍ଟାବାଞ୍ଜି, ୨୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରକେଲା ବ୍ଲକ ଚଟୁଅନକା ପଞ୍ଚାୟତ ମାଝିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଅସୁରକ୍ଷିତ ଅବସ୍ଥାରେ ପାଠ ପଢୁଛନ୍ତି। ସ୍କୁଲ ନିକଟରେ ଥିବା ଡୁଙ୍ଗୁରୀରେ ନିୟମିତଭାବେ ମାଫିଆମାନେ ବ୍ଲାଷ୍ଟିଂ କରୁଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ଦିନବେଳା ବ୍ଲାଷ୍ଟିଂ କରିବା ବେଳେ ପ୍ରଚଣ୍ଡ ଶବ୍ଦରେ ପାଠପଢାରେ ବ୍ୟାଘାତ ହେଉଛି। ଦ୍ୱିତୀୟରେ ବ୍ଲାଷ୍ଟିଂ ସମୟରେ ବିଦ୍ୟାଳୟ ପରିସରକୁ ପଥର, ଗେଟି ଛିଟିକି ପଡୁଛି । ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ଦାସ ଏବଂ ସ୍କୁଲ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନିଆଲ ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ଯ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ପୁନଶ୍ଚ ବିଦ୍ୟାଳୟର ପାଚେରି ନ ଥିବାରୁ ଛାତ୍ରୀଛାତ୍ର ଅଧିକ ଅସୁରକ୍ଷିତ ରହୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶ କହିଛନ୍ତି। ବିଦ୍ୟାଳୟର ପାଚେରି ନିର୍ମାଣ ସହିତ ବେଆଇନ ପଥର କ୍ୱାରି ବନ୍ଦ କରିବା ପାଇଁ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।

# ଅନ୍ୟ ଜାତିରେ ବିବାହ କରିଥିବାରୁ ୪ କାନ୍ଧ ମିଳିଲାନି

**ଲୋଇସିଂହା, ୨୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସଂହରାପଡାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ(୮୫)ଙ୍କ ବୁଧବାର ମୃତ୍ୟୁ ଘଟିଥିଲା । ସେ ଅନ୍ୟ ଜାତିରେ ବିବାହ କରିଥିବାରୁ ସମ୍ପର୍କୀୟ,ଜାତିଭାଇ ତାଙ୍କ ମୃତଦେହ ଛୁଇଁଲେ ନାହିଁ । ତାଙ୍କୁ ଚାରିକାନ୍ଧ ଦେବାକୁ କେହି ଆସିଲେ ନାହିଁ । ୮ ଘଣ୍ଟା ଧରି ମୃତଦେହ ଘରେ ପଡିରହିଲା । ଏହି ଖବର ପହଞ୍ଚିଲା ମାହେଶ୍ୱରୀ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ପାଖରେ । ସେହି କର୍ମକର୍ତ୍ତା ଓ ସଦସ୍ୟମାନେ ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ସତ୍କାର କରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ସ୍ୱେଚ୍ଛାସେବୀଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।



- ୮ଘଣ୍ଟା ପଡିଲା ମୃତଦେହ
- ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସତ୍କାର ହେଲା

ମିଳିଥିବା ସୂଚନା ଅନୁଯାୟୀ, ଲୋଇସିଂହା ପଞ୍ଚାୟତ ସଦର ଗାଁ ସଂହରାପଡାର ପୂର୍ଣ୍ଣଚନ୍ଦ୍ର । ପାର ନାମ୍ନୀ ଅନ୍ୟ ଜାତିର ଜଣେ ଯୁବତୀଙ୍କୁ ସେ ବିବାହ କରିଥିଲେ । ବିବାହର ଦୀର୍ଘ ବର୍ଷ ପରେ ମଧ୍ୟ ସେମାନଙ୍କ ପିଲାପିଲି ହୋଇ ନ ଥିଲା । ବଜାରରେ ଚୂନ ବିକ୍ରିକରି ଯାହା ରୋଜଗାର କରୁଥିଲେ ସେଥିରେ ଏହି ଦମ୍ପତିଙ୍କ ତେଲଲୁଣସଂସାର ଚଳୁଥିଲା । ଏଣେ ଏହି ଦମ୍ପତିଙ୍କ ବୟସ ବି ବଢ଼ିବା ସହିତ ଉଭୟେ ଦୁର୍ବଳ ହୋଇପଡିଥିଲେ । ଶେଷରେ ବାର୍ଦ୍ଧକ୍ୟଜନିତ ରୋଗରେ ପୂର୍ଣ୍ଣ ଅସୁସ୍ଥ ହୋଇପଡିଥିଲେ । ବୁଧବାର ପୂର୍ବାହ୍ନରେ ତାଙ୍କ ମୃତ୍ୟୁ ଘଟିଥିଲା । ଏପରି ପରିସ୍ଥିତିରେ ବୃଦ୍ଧା ସ୍ତ୍ରୀ ପାର କେବଳ ସ୍ୱାମୀଙ୍କ ମୃତଦେହ ପାଖରେ ବାହୁନି କାନ୍ଦିବା ଛଡ଼ା ଅନ୍ୟ କୌଣସି ଉପାୟ ନ ଥିଲା । ସ୍ୱାମୀଙ୍କ ମୃତଦେହ ସତ୍କାର ପାଇଁ ନିକଟ ସମ୍ପର୍କୀୟ କିମ୍ବା ପଡୋଶୀମାନେ ଆସି ନ ଥିଲେ । ପରେ ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ଲୋଇସିଂହାର ମାହେଶ୍ୱରୀ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଜଣାଇଥିଲେ । ଅନୁଷ୍ଠାନର ସଭାପତି ଦେବାଶିଷ ବିଶୋଇ, ମନୋଜ ହେର୍ଣ୍ଣା, ଯଶୋବନ୍ତ ମାହାଣା, ଅଭିଳାଷ ବେହେରା, ସୁଶାନ୍ତ ମଲ୍ଲିକ ପ୍ରମୁଖ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ପହଞ୍ଚି ଥିଲେ । ସେମାନେ ପାରମ୍ପରିକ ରୀତିନୀତି ଅନୁସାରେ ମୃତଦେହକୁ ଚାରିକାନ୍ଧ ଦେଇ ଶ୍ମଶାନକୁ ନେଇଥିଲେ । ବୁର୍ଡା-ପନେସରା ଶ୍ମଶାନ ଘାଟରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ଦାହ କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଆଜିର ହାଇଟେକ୍ ଯୁଗରେ ଜାତିପ୍ରଥାକୁ ନେଇ ଗ୍ରାମବାସୀ ଓ ସମ୍ପର୍କୀୟମାନେ ମୃତଦେହକୁ ନ ଛୁଇଁବା ଘଟଣାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି ।

# ଦିବ୍ୟାଙ୍ଗ ଶିଶୁ ଖୋଜୁଛି ସହାୟତାର ହାତ

**ଖପ୍ରାଖୋଲ, ୨୯।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ଗାଁର ଗୋକୁଳ ନାୟକ ଓ ଭାରତୀଙ୍କ ୪ବର୍ଷର ଝିଅ ଅର୍ଚ୍ଚନା । ଜନ୍ମର କେଇଟା ଦିନ ପରଠୁ ଖଟିଆରେ ପଡି ରହିଛି ସେ । ଉଠିବା କି ବସିବା କିଛି ନାହିଁ । ଅଧିକାଂଶ ସମୟରେ ତାଙ୍କ ବିକଳ କାନ୍ଦରେ ଫାଟି ପଡୁଛି ଘର । ଗରିବ ମା' ବାପା କୁନି ଝିଅର ଚିକିତ୍ସା କରାଇ ପାରୁନାହାନ୍ତି । ଅର୍ଥାଭାବ ଏଥିରେ ପ୍ରତିବନ୍ଧକ ସାଜିଛି। ଏପଟେ ଦିବ୍ୟାଙ୍ଗ ଶିଶୁକୁ ଭତ୍ତା କିମ୍ବା ଅନ୍ୟାନ୍ୟ ସରକାରୀ ସହାୟତା ବି ମିଳୁପାରୁନି। ନିଜ ଆଖି ଆଗରେ ପିଲାର ଦୁଃଖ ଦେଖୁଛନ୍ତି ସିନା କିଛି କରି ପାରୁନାହାନ୍ତି ନାୟକ ଦମ୍ପତି।

ଦିନଥିଲା ଗୋକୁଳ ନାଏକଙ୍କ ପରିବାର ହସଖୁସିରେ ଚାଲିଥିଲା । ଚାରିବର୍ଷ ତଳେ ସ୍ତ୍ରୀ ଭାରତୀ ଏକ ଶିଶୁକନ୍ୟା ଜନ୍ମଦେବା ପରେ ଘରେ ସମସ୍ତେ ଆନନ୍ଦରେ ନାଚି ଉଠିଥିଲେ। ଝିଅର ନାମ ଦେଇଥିଲେ ଅର୍ଚ୍ଚନା । ହେଲେ ଜନ୍ମର ମାସକ ପରେ ଶିଶୁଟି ଦିବ୍ୟାଙ୍ଗ ହୋଇଗଲା । ହାତଗୋଡ କାର୍ଯ୍ୟକ୍ଷମ ହେଲାନାହିଁ। ନିସ୍ତେଜ ହୋଇ ପଡି ରହିଲା ସେ । ଏପରି ପରିସ୍ଥିତିରେ ପରିବାର ଖୁସି ଅଳ୍ପଦିନରେ ମିଳେଇଗଲା। ମୂଲମଜୁରି କରି ଘର ଚଳାଉ ଥିବା ଗୋକୁଳ ସଞ୍ଚିତ ଟଙ୍କା ସହ ଧାରକରଜ କରି ଝିଅକୁ ବଲାଙ୍ଗୀର, ଭୁବନେଶ୍ୱର, କଟକ ଆଦି ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଲେ। ହେଲେ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହେଲାନାହିଁ। ସ୍ନାୟୁଗତ ରୋଗ ଯୋଗୁ ଏଭଳି ହୋଇଥିବା ଡାକ୍ତରମାନେ କହିଲେ। ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ବୋଲି କହିବା ପରେ ମା'ବାପାଙ୍କ ମୁଣ୍ଡରେ ଚଡକ ପଡିଲା। ଝିଅର ଚିକିତ୍ସା ପାଇଁ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି ଗୋକୁଳ।


ମା' ଭାରତୀଙ୍କ କୋଳରେ ଅର୍ଚ୍ଚନା।

- ଜନ୍ମରୁ ଆଜି ଯାଏ ଖଟରେ ପଡ଼ି ରହିଛନ୍ତି
- ଆର୍ଥିକ ସ୍ଥିତି ଯୋଗୁ ଚିକିତ୍ସାରେ ବାଧା

ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ଶିଶୁଟିକୁ ତାଙ୍କ ଘରକୁ ଯାଇ ଦେଖିଛି। ଭତ୍ତା ପାଇଁ କାଗଜପତ୍ର ଦେବାକୁ କୁହାଯାଇଛି । ଖୁବ୍‌ଶୀଘ୍ର ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଧାନକ୍ରୟ ଆରମ୍ଭରୁ ବିଭ୍ରାଟ

**ଦେଓଗାଁ, ୨୯।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା କୃଷି ସମବାୟ ସେବା ସମିତିରେ ଖରିଫ ଧାନକ୍ରୟ ଆରମ୍ଭରୁ ବିଭ୍ରାଟ ନଜରକୁ ଆସିଛି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଧାନର ମାନ ଅନୁସାରେ ଚାଷୀଙ୍କୁ ସୁହାଇଲା ପରି କଟନି କରିବାକୁ ପ୍ୟାକ୍ସକୁ ବିକ୍ରୟ ପାଇଁ ଧାନ ଆଣିଥିବା ଚାଷୀ ମଧୁସୂଦନ ମାହାକୁର, ସହଦେବ ପୁରୋହିତ, ସମ୍ପଦ ଉଦ୍ଦୁରକୁଲିଆ, କାଳିଆ ଡାଙ୍ଗ, ନରେଶ ଷାଣ୍ଢ, ନବକିଶୋର ଭୋଇ ଓ ଦିବ୍ୟସିଂ ଭୋଇ ପ୍ରମୁଖ ଦାବି କରିଥିଲେ । ପରେ ଚାଷୀ, ପ୍ୟାକ୍ସ କର୍ତ୍ତୃପକ୍ଷ ଓ ମିଲରଙ୍କ ଆପୋଷ ବୁଝାମଣାରେ କୁଇଣ୍ଟାଲ ପ୍ରତି ୫କେଜି କଟନିରେ ଧାନ ଉଠାଯାଇଥିବା ଭାରତୀୟ କିଷାନ ସଂଘ ବ୍ଲକ ସଭାପତି ଦେବେନ୍ଦ୍ର କୁମାର ପୁରୋହିତ ସୂଚନା ଦେଇଛନ୍ତି । ଉକ୍ତ ପ୍ୟାକ୍ସରେ ଶନିବାର ମଧ୍ୟରେ ଧାନ ବିକ୍ରୟ ପାଇଁ ୨୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଥିବା ବେଳେ ଶୁକ୍ରବାର ୭ଜଣ ଚାଷୀ ପ୍ୟାକ୍ସକୁ ଧାନ ଆଣିଥିଲେ । ଆରଏମସି ଦ୍ୱାରା ଚାଷୀମାନଙ୍କ ଧାନର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରାଯାଇଥିଲା । କେତେକ ଚାଷୀଙ୍କ ଧାନ ୨୨ ପ୍ରତିଶତ ଆଦ୍ରତା ବାହାରିଥିଲା । ଏଥିରୁ ସରକାରୀ ନିର୍ଦ୍ଧାରିତ ଅନୁସାରେ ୧୦ପ୍ରତିଶତ କୋହଳ କରାଯାଇଥାଏ । ଏଣୁ ଚାଷୀମାନେ କୁଇଣ୍ଟାଲ ପ୍ରତି ଅତିବେଶୀରେ ୪କେଜି ଲେଖାଏଁ କଟନି ଛଟନି କଲେ ଧାନବିକ୍ରିବୁ ବୋଲି ଅଡିବସିଥିଲେ । ହେଲେ ମିଲରମାନେ ୧୨କେଜି କଟନି କରିବୁ, ନହେଲେ ଧାନ ନେବୁନାହିଁ ବୋଲି ଅଡି ବସିବାରୁ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଆଗକୁ ଧାନର ମାନ ଅନୁସାରେ କ୍ରୟ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ବନମାଳୀ ପ୍ରଧାନ, ସୁରେନ୍ଦ୍ର ସାହୁ, ବିମ୍ବା ରଣା, ରାଜୁ ସାହୁ, ସୌମ୍ୟରଞ୍ଜନ ପୁରୋହିତ, ସୁନୀଲ କୁମାର ପୁରୋହିତ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଚେତାବନୀ ଦେଇଛନ୍ତି । ଏ ନେଇ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନଙ୍କୁ ପଚାରିବାରୁ ଚାଷୀମାନେ ଧାନକୁ ଉଚିତଭାବେ ଶୁଖାଇକି ଗୁଣାତ୍ମକ ଧାନ ଆଣିଲେ କୌଣସି କଟନି ହେବ ନାହିଁ ଓ ପ୍ୟାକ୍ସ କର୍ତ୍ତୃପକ୍ଷ ବିନା କଟନିରେ ଧାନକ୍ରୟ କରିବା ପାଇଁ ବାଧ୍ୟ ବୋଲି କହିଥିଲେ । କୁତୁର୍ଲା ପ୍ୟାକ୍ସରେ ଧାନ କଟନିଛଟନିର ଚାଷୀମାନେ ପ୍ରତିବାଦ କରୁଛନ୍ତି ।


କୁତୁର୍ଲା ପ୍ୟାକ୍ସରେ ଧାନ କଟନିଛଟନିର ଚାଷୀମାନେ ପ୍ରତିବାଦ କରୁଛନ୍ତି ।

**କୁତୁର୍ଲା ପ୍ୟାକ୍ସ**
- କଟନୀଛଟନୀକୁ ନେଇ ଚାଷୀ ଅସନ୍ତୋଷ
- ୫କେଜି କଟନିରେ କ୍ରୟ ହେଲା ଧାନ



ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍,
ସେହିମାନେ ହିଁ ସବୁଠାରୁ ବେଶି କଥା କହନ୍ତି।
- ପ୍ଲାଟୋ



## ସଂକ୍ଷେପରେ

### ଏସ୍‌ସିଏସ୍‌ଟି ଫ୍ରେଣ୍ଡସ୍ ୱେଲଫେୟାର ଟ୍ରଷ୍ଟର ଶ୍ରମିକ ସୁରକ୍ଷା କାର୍ଯ୍ୟକ୍ରମ

ରାଉରକେଲା ଅଫିସ, ୨୯।୧୧

ଶୁକ୍ରବାର ସେକ୍ଟର-୨ ସ୍ଥିତ ମ୍ୟାକ୍ସମୁଲାର ଭବନ ଠାରେ ଏସ୍‌ସି. ଏସ୍‌ଟି ଫ୍ରେଣ୍ଡସ୍ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସୁନ୍ଦରଗଡ ଜିଲାର ଶ୍ରମିକ ଭଉଣୀ ଭାଇଙ୍କୁ ନେଇ ସୁରକ୍ଷା ବାବଦରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୟଙ୍ଗ ପ୍ରଫେସନାଲ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟର ଅଧିକାରୀ ସୁରେନ୍ଦ୍ର ପ୍ରଜାପତି, ମହେନ୍ଦ୍ର ଦାଶ, ସଞ୍ଜୟ ପ୍ରଧାନ, ନବୀନ ମିଞ୍ଜ, ସନ୍ତୋଷ ତନ୍ତୀ, ମହେଶ୍ୱର ସାହୁ ଟ୍ରଷ୍ଟର ଚେୟାରମ୍ୟାନ ଯୋଗଦେଇଥିଲେ। ଗୌତମ ମହାନନ୍ଦ, ମିତ୍ରଭାନୁ ତନ୍ତୀ, ଜ୍ୟୋତିଭୂଷଣ ସୁନା, କାହ୍ନୁ ନାଗ, ରତ୍ନାକର କଲେତ, ଆଲବିସ ବାରୁଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆସିଲେ ନାହିଁ ସମ୍ପର୍କୀୟ, ସାହିଭାଇ
# ଘରେ ପଡ଼ି ରହିଲା ମୃତଦେହ

ବଡ଼ଗାଁ,୨୯।୧୧(ଡି.ଏନ.ଏ)

ଅନ୍ୟଜାତିରେ ବିବାହ କରିଥିବାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଘରେ ଦୀର୍ଘସମୟ ପଡିରହିଲା। ସମ୍ପର୍କୀୟ କି ସାହିଭାଇ କେହି ଆସିଲେ ନାହିଁ । ଶେଷରେ ସ୍ୱେଚ୍ଛାସେବୀମାନେ ମୃତଦେହ ସତ୍କାର କଲେ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ। ଯୁବକମାନେ ମାନବିକତାର ଦୃଷ୍ଟାନ୍ତ ଦେଇ ସମାଜ ପାଇଁ ଏକ ଭଲ ବାର୍ତ୍ତା ଦେଇଥିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସାହାଜବାହାଲ ଆମବୁରେଇପଡାର ସରୋଜ ପ୍ରଧାନ (୪୮) ଗୁରୁବାର ରାତି ୩ଟାରେ ଅସୁସ୍ଥ ହୋଇ ପଡିଥିଲେ। କିଛି ସମୟ ପରେ ହୃଦଘାତରେ ମୃତ୍ୟୁ ହୋଇଥିଲା। ଡେଲକି ଖଡିଆ ସମାଜର ସରୋଜ ୧୮ ବର୍ଷ ପୂର୍ବେ ନିକଟବର୍ତ୍ତୀ ଦଶରାପଡାର ଜଣେ ଅନ୍ୟ ଜାତିର



ଯୁବକମାନେ ମୃତଦେହ ସତ୍କାର ପାଇଁ ନେଉଛନ୍ତି।

ଯୁବତୀଙ୍କୁ ବିବାହ କରିଥିଲେ। ସେ ଅନ୍ୟ ଜାତିରେ ବିବାହ କରି ଥିବାରୁ ଜାତି ସମାଜ ଲୋକେ ମୃତଦେହ ସତ୍କାର କରିବାକୁ ମନା କରିଦେଇଥିଲେ। ଏହି ଖବର ଶୁଣି ସାହାଜବାହାଲ ଗ୍ରାମର ଗଣେଶ ଜୟପୁରିଆ, ସରୋଜ ସାହୁ, ଚିନ୍ମୟ ସା, ଆଶ୍ଚର୍ଯ୍ୟ ବେହେରା, ଗଗନ ସେଠ ମୃତକଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହ ମୃତଦେହ ସତ୍କାର କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଯୁବକମାନଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ବିଜ୍ଞାନ, ଗଣିତ, ପରିବେଶ ସମ୍ପର୍କିତ ମେଳା
## ୧୯୩ ପ୍ରକଳ୍ପ ପ୍ରଦର୍ଶିତ, ୬ ଜିଲାସ୍ତରକୁ ମନୋନୀତ

ନୂଆଗାଁ, ୨୯।୧୧ (ଡି.ଏନ.ଏ)

କୃଷି, ଶିଳ୍ପ, ସ୍ୱଚ୍ଛତା, ପରିବହନ, ଗଣିତ, ସାଧନ ପରିଚାଳନା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଶୁକ୍ରବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ହାଇସ୍କୁଲ ପରିସରରେ ହୋଇଥିଲା ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ବ୍ଲକସ୍ତରୀୟ ବିଜ୍ଞାନ ମେଳା। ନୂଆଗାଁ ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ହାଇସ୍କୁଲ ସ୍ତରରୁ ମୋଟ ୧୯୩ଟି ପ୍ରକଳ୍ପ ଏହି ବିଜ୍ଞାନ ମେଳାରେ ପ୍ରଦର୍ଶିତ କରାଯାଇଥିଲା । ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ବୈଜ୍ଞାନିକ ଚିନ୍ତାଧାରା ନେଇ ବୈଜ୍ଞାନିକ ପଦ୍ଧତିରେ ନିଜ ନିଜ ପ୍ରକଳ୍ପମାନ ପ୍ରଦର୍ଶିତ କରିଥିଲେ । ୬ଟି ପ୍ରସଙ୍ଗ ଉପରେ ମୋଟ ୧୯୩ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିବା ବେଳେ ମୋଟ ୧୮ଟି ପ୍ରକଳ୍ପକୁ ଚୟନ କରାଯାଇଥିଲା । ଅର୍ଥାତ ୬ଟି ପ୍ରସଙ୍ଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଚୟନ କରି ମୋଟ ୧୮ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଭିନ୍ନ ଭିନ୍ନ ପ୍ରସଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୬ଜଣ ପ୍ରତିଯୋଗୀଙ୍କୁ ସେମାନଙ୍କ ଉଚ୍ଚକୋଟୀର ପ୍ରକଳ୍ପ ପାଇଁ ଜିଲାସ୍ତର ପାଇଁ ଚୟନ କରାଯାଇଛି। ପୋଷଣୀୟ କୃଷି ଅଭ୍ୟାସ ଉପରେ ନିଜ ପ୍ରକଳ୍ପ ପ୍ରଦର୍ଶନ କରି ପୁରୁଣାପାଣି ବାହାଡିଟୋଲୀ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ହେମା ସାହୁ ପ୍ରଥମ ହୋଇଥିବା ବେଳେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ଉପରେ ସୋରଡା ହାଇସ୍କୁଲର ଛାତ୍ର ମୁକେଶ ମାହାଲି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ସେହିଭଳି ସାଧନ ପରିଚାଳନ ପାଇଁ ପ୍ରକଳ୍ପ ପ୍ରଦର୍ଶନ କରି ବରଡେଗା ସ୍କୁଲର ଛାତ୍ରୀ ପୂଜା ସାହୁ ପ୍ରଥମ ହୋଇଥିବା ବେଳେ ପୁରୁଣାପାଣୀ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁମିରନ ପାଣିଗ୍ରାହୀ ଶିଳ୍ପ ବିକାଶ ଉପରେ ନିଜର ପ୍ରକଳ୍ପ ପ୍ରଦର୍ଶିତ କରି ପ୍ରଥମ ହୋଇଛନ୍ତି । ସେହିଭଳି ଭବିଷ୍ୟତ ପରିବହନ ଓ ଯୋଗାଯୋଗ ଉପରେ ପ୍ରକଳ୍ପ ପ୍ରଦର୍ଶନ କରି ଗଜାଧର ହାଇସ୍କୁଲର ଛାତ୍ର ଗୋପିନାଥ ତିର୍କୀ ଓ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସିମ୍ପି ଓରାମ ଶିକ୍ଷା ବିଷୟକ ଖେଳ ଓ ଗଣିତ ନିର୍ମାଣ ଉପରେ ନିଜ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରଥମ ହୋଇଛନ୍ତି। ସମୁଦାୟ ୬ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଥିବାରୁ ତାଙ୍କୁ ନୂଆଗାଁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ମେଳା ଉଦଘାଟନୀ ଉତ୍ସବରେ ଯୋଗଦେଇ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ବିଡିଓ ମାଧବ ପାଣିଗ୍ରାହୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିବା ବେଳେ ଉଦଯାପନୀ ଉତ୍ସବରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ପରିଦେ ଅଧ୍ୟକ୍ଷା ଏମ୍ମା ଏକ୍କା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ପ୍ରକଳ୍ପ ଗୁଡିକୁ ବୁଲି ଦେଖିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ନଗେନ୍ଦ୍ର ଦାସ ଯୋଗଦେଇଥିଲେ । ବିଜ୍ଞାନ ମେଳାର ସଭାପତି ତଥା ନୂଆଗାଁ ବିଇଓ ସସ୍ମିତା ବେହେରା ଓ ସମ୍ପାଦକ ତଥା ନୂଆଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ଦାଶ ସାଂପ୍ରତିକ ପରିସ୍ଥିତିରେ ବିଜ୍ଞାନର ମହନୀୟତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଦିଲୀପ ସାହୁଙ୍କ ଦ୍ୱାରା ପରିଚାଳିତ ଏହି ମେଳାରେ ଶିକ୍ଷକ ମଙ୍ଗଳ କେର୍କେଟା ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏବିଇଓ ବନମାଳୀ ମଲ୍ଲିକ, ବାନେ କେଲ୍ଲୁଆ, ମନ୍ମଥ ନାଥ ପଣ୍ଡା, ଅଭିଳାଷ ସେଠୀ, ଶିକ୍ଷକ ଅନଦାଶଙ୍କର ପାଢ଼ୀ, ବସନ୍ତ ତ୍ରିପାଠୀ, ରଞ୍ଜିତ ଏକ୍କା, ଅଶୋକ ସିଂ, ପ୍ରସନ୍ନ ତ୍ରିପାଠୀ, ଭାଗବତିଆ ତନ୍ତି, ରୋଶନ ଲାକ୍ରା, ମଧୁସୁଦନ ମହାନନ୍ଦିଆ, ମଧୁ କରିଆଲି ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାକୁ ଶୃଙ୍ଖଳିତ ଭାବରେ ସମାପନ ଦିଗରେ କାର୍ଯ୍ୟ କରିଥିଲେ ।

# ଝାଡ଼ଖଣ୍ଡରେ ଚାଲିଛି ଖେଳ, ଓଡ଼ିଶା ପାଇଁ କାଳ

- କୁକୁଡା ଲଢ଼େଇ ଓ ସଟ୍ଟା ଖେଳକୁ ପୋଲିସ ଦେଉଛି ପ୍ରୋତ୍ସାହନ
- ସୀମାନ୍ତ ପରବା ଗାଁରେ ଚାଲିଛି ଏହି ବେଆଇନ ଖେଳ
- ହାତୀବାରି ଥାନାଠାରୁ ୫କିମି ଦୂର ହେଉଛି ପରବା ଗ୍ରାମ

ନୂଆଗାଁ, ୨୯।୧୧ (ଡି.ଏନ.ଏ)

ମାସେ କି ଦୁଇ ମାସ ନୁହେଁ ବର୍ଷ ବର୍ଷ ଧରି ଚାଲିଛି ବେଆଇନ କୁକୁଡା ଲଢ଼େଇ ସାଙ୍ଗକୁ ଜୁଆ ଓ ସଟ୍ଟା ଖେଳ । ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ସ୍ୱର ଉତ୍ତୋଳନ କରିବାକୁ ଯେତିକି ଭୟଭୀତ ତାଠାରୁ ଅଧିକ ଚିନ୍ତିତ ଟ୍ରାଫିକ ବ୍ୟବସ୍ଥାକୁ ନେଇ । ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନାଠାରୁ ମାତ୍ର ୫ କି.ମି. ଦୂର ଝାଡଖଣ୍ଡ ରାଜ୍ୟର ଜଲଡେଗା ଥାନା ଅନ୍ତର୍ଗତ ପରବା ଗ୍ରାମରେ । ପ୍ରତ୍ୟେକ ସପ୍ତାହର ବୁଧବାର ଓ ରବିବାର ପରବାଠାରେ ଏହି ବେଆଇନ ଖେଳରେ ଯାତ୍ରା ଭଳି ହଜାର ହଜାର ଲୋକେ ଭିଡ ହୁଅନ୍ତି। ଏଭଳି ବେଆଇନ ଖେଳ ଯଦି ଓ ଝାଡଖଣ୍ଡ ଅଞ୍ଚଳରେ ହେଉଛି କିନ୍ତୁ ସେହି ବେଆଇନ ଖେଳରେ ଓଡ଼ିଶାର ଅଧିକାଂଶ ଲୋକେ ଯୋଗଦେଇଥିବା ଅଭିଯୋଗ ହେଉଛି। ଯାହା ଓଡ଼ିଶା ପାଇଁ କାଳ ବୋଲି କୁହାଯାଉଛି। ଏଥିରେ ଝାଡଖଣ୍ଡ ପୋଲିସ ଯେତିକି ପରିମାଣରେ ଦାୟୀ ଓଡିଶାର ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟ ସମପରିମାଣରେ ଦାୟୀ ବୋଲି କୁହାଯାଉଛି। ପରବାଠାରେ ଚାଲିଥିବା ଏହି ଖେଳରେ ନୂଆଗାଁ ବ୍ଲକର ନୂଆଗାଁ ହାତୀବାରି, ପୁରୁଣାପାଣି, କୋକେରମା, କରଡେଗା ଭଳି ଅନେକ ପଞ୍ଚାୟତର ଲୋକେ ମାଲାମାଲ ହୋଇ କୁକୁଡା ଧରି ଲଢ଼େଇ ପାଇଁ ଯାଉଥିବା ବେଳେ ରାଉରକେଲା, ଝିରିପାଣି, ବନ୍ଧମୁଣ୍ଡା, ବିଶ୍ରା, ବୀରମିତ୍ରପୁର, ଲାଠିକଟା, ଜଲଡା ତଥା ରାଉରକେଲାର ବିଭିନ୍ନ ସେକ୍ଟର ଅଞ୍ଚଳର ଲୋକେ ଏହି ବେଆଇନ କୁକୁଡା ଲଢ଼େଇ ଓ ସଟ୍ଟା ଖେଳରେ ପ୍ରତ୍ୟେକ୍ଷ ଭାବରେ ସାମିଲ ହେଉଛନ୍ତି । କେବଳ ସେତିକି ନୁହେଁ ଝାଡଖଣ୍ଡ ଓ ଓଡିଶାର ବଡବଡ ବ୍ୟବସାୟୀ, ଅସାମାଜିକ ଯୁବକମାନେ ମଧ୍ୟ ଏଭଳି ଖେଳକୁ ପ୍ରୋତ୍ସାହନ ଦେବା ସହ ନିଜେ ମଧ୍ୟ ସାମିଲ ରହୁଛନ୍ତି । ସୂଚନାମୁତାବକ, ଝାଡଖଣ୍ଡର ଜଲଡେଗାଥାନା ଅନ୍ତର୍ଗତ ପରବା ଜଙ୍ଗଲରେ ଚାଲିଥିବା ଏହି ହାଇ ପ୍ରୋଫାଇଲ କୁକୁଡା ଲଢ଼େଇ, ଜୁଆ ଓ ସଟ୍ଟା ଖେଳରେ କିଛି ଦୁର୍ଦ୍ଦାନ୍ତ ଅପରାଧି



କୁକୁଡ଼ା ଲଢ଼େଇ ଚାଲିଛି।

ଗୋଷ୍ଠୀ ପ୍ରତ୍ୟେକ ଭାବେ ସାମିଲ ରହି ଏଭଳି ଖେଳକୁ ପରିଚାଳନା କରୁଛନ୍ତି। ସ୍ଥାନୀୟ ପୋଲିସକୁ ମଧ୍ୟ ମୋଟା ଅଙ୍କର ଚାନ୍ଦା ଦେଇ ସେମାନଙ୍କ ମୁହଁ ବନ୍ଦ ରଖିଥିବା କୁହାଯାଉଛି । ହାତୀବାରି ଥାନାର ପଛପଟ ରାସ୍ତା ଦେଇ ୫ କିଲୋମିଟର ଗଲେ ପଡେ ପରବା ଗ୍ରାମ। ଯାହା ଓଡିଶା ସୀମା ଶେଷ ପରେ ପରେ ଝାଡଖଣ୍ଡ ସୀମା ଆରମ୍ଭ ହେଉଥିବା ସ୍ଥାନରେ ଏହି ଖେଳ ଚାଲିଛି । ଖେଳକୁ ପରିଚାଳନା କରୁଥିବା ଲୋକେ ଅତି ଚତୁରତାର ସହ ସ୍ଥାନ ନିରୁପଣ କରିଛନ୍ତି । ଏହା ଉଭୟ ସ୍ଥାନୀୟ ପୋଲିସଙ୍କୁ ଠିକ ଭାବରେ ଜଣା, ହେଲେ ସାଧାରଣ ଲୋକଙ୍କ ଆଖିରେ ଧୂଳିଦେଇ ଓଡିଶାରଲୋକଙ୍କୁ କୁହାଯାଉଛି ଝାଡଖଣ୍ଡରେ ଖେଳ ହେଉଛି। ଝାଡଖଣ୍ଡର ବୁଦ୍ଧିଜୀବୀଙ୍କୁ କୁହାଯାଉଛି ଓଡିଶା ସୀମାରେ ଖେଳ ହେଉଛି । ଏହାଦ୍ୱାରା ସ୍ଥାନୀୟ ପୋଲିସ ମଧ୍ୟ ଏହାର ଫାଇଦା ଉଠାଇ ନିରୀହ ରହୁଛି। ମୋଟା ଅଙ୍କର ଚାନ୍ଦା ନେଇ ସ୍ଥାନୀୟ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଉଦବେଗର ବିଷୟ ହେଲା ନୂଆଗାଁ ବ୍ଲକ ଏକ ପିଏଲଏଫଆଇ ଅଞ୍ଚଳ। କିଛି ମାସ ବ୍ୟବଧାନରେ ହାତୀବାରି ଥାନା ଅଧିନରେ ଏକାଧିକ ଛିନତାଇ ଚୋରୀ, ଡକାୟତ ହୋଇଥିବା ନଜର ରହିଛି । ଏସପି ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଉରକେଲାରେ ୨୦୨୩ ବିଶ୍ୱକପ ହକି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେଜେଡିର ଅଭିନନ୍ଦନ

ରାଉରକେଲା ଅଫିସ, ୨୯।୧୧

୨୦୧୭ ମସିହା ନଭେମ୍ବର ୨୭ରେ ପ୍ରତିଷ୍ଠିତ କୋସଲ ଜନତା ଦଳ (କେଜେଡି)ର ତୃତୀୟ ପ୍ରତିଷ୍ଠା ଦିବସ ଗତ ୨୭ ତାରିଖ ସନ୍ଧ୍ୟାରେ ଛେଣ୍ଡସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମିଶ୍ର କର୍ମୀମାନଙ୍କୁ ସମ୍ବୋଧିତ କରି କଠିନ ପରିଶ୍ରମ ସହ ଦଳକୁ ତୃଣମୂଳ ସ୍ତରରେ ମଜବୁତ କରିବାକୁ ଆହ୍ୱାନ ଦେଇ ସଂକଳ୍ପ ଓ ଦଳ ପ୍ରତି ସମର୍ପଣ ମନୋଭାବ ରଖିଲେ ଅସମ୍ଭବ ସମ୍ଭବ ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ ଗତ ନିର୍ବାଚନରେ କେଜେଡିର ପ୍ରାର୍ଥୀମାନେ ଯେଉଁ ୪ଟି ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ଚିର ଅବହେଳିତ କୋସଳାଞ୍ଚଳର ସମସ୍ୟା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ ସେମାନଙ୍କୁ ସାଧୁବାଦ ଜଣାଇବା ସହ ଦଳର କାର୍ଯ୍ୟକର୍ତ୍ତା ଓ ଭୋଟରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଚଳିତବର୍ଷ ଡିସେମ୍ବର ମାସ ଶେଷ ସପ୍ତାହରୁ ୩ ମାସ ଧରି ଦଳର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେବ ଓ ଅପ୍ରେଲ ମାସରେ ସାଧାରଣ ପରିଷଦ ବୈଠକର ତାରିଖ ଘୋଷଣା କରାଯିବ ବୋଲି ମିଶ୍ର ସୂଚନା ଦେଇଥିଲେ । ଦଳର ମୁଖ୍ୟ ସଚିବ ଚକ୍ରାନ୍ତ ଜେନା ଦିବସ ପାଳନର ତାତ୍ପର୍ଯ୍ୟ ତଥା ଆଗାମୀ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । ରାଉରକେଲାକୁ ୨୦୨୩ ବିଶ୍ୱକପ୍ ହକି ମ୍ୟାଚ୍ ଆୟୋଜନର ସୁଯୋଗ ଦେବା ସହ ସୁନ୍ଦରଗଡର ୧୭ ବ୍ଲକ୍‌ରେ ଆଷ୍ଟ୍ରୋଟର୍ଫ ବିଛାଇବା ଯୋଜନାର ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦଳର ମୁଖପାତ୍ର ଡା.ସୁରମା ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ । ଓଡିଶାରେ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ପରିବାର ଓ ସାମାଜିକ ସୌହାର୍ଦ୍ଦ୍ୟ ନଷ୍ଟ ହେଉଥିବାରୁ ଉଦବେଗ ପ୍ରକାଶ କରିବା ସହ ଓଡିଶାକୁ ଏକ ମଦମୁକ୍ତ ରାଜ୍ୟରେ ପରିଣତ କରିବା ଏବଂ ରାଉରକେଲାରେ ଓଡିଶାର ଦ୍ୱିତୀୟ ମହିଳା କମିଶନ କିମ୍ବା ଏହାର ଶାଖା ଖୋଲିବା ପାଇଁ ଦଳର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଯାଇ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ଡା.ମିଶ୍ର ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଉତ୍ସବରେ ଯୋଗ ଦେଇପାରିନଥିବା କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ ସମ୍ପାଦକ ନରେଶ ମିଶ୍ର । ମିଡିଆ ସେଲ୍ ସମ୍ପାଦକ ସ୍ୱରୂପ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସୀମନ୍ତ ସାହୁଙ୍କୁ ଦଳର ନୂତନ ଅର୍ଥ ପରାମର୍ଶଦାତା ଭାବେ ସ୍ୱାଗତ କରାଯାଇଥିଲା । ଦଳର ଉପସଭାପତି ଆର୍.କେ. ସିଂ, ସନତ ପ୍ରଧାନ, କୋଷାଧ୍ୟକ୍ଷ ଲଲାଟେନ୍ଦୁ ଚୌଧୁରୀ, ଶାନ୍ତିଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଟାଉନହଲ୍ କାର୍ଯ୍ୟକ୍ରମ

ସୁନ୍ଦରଗଡ, ୨୯।୧୧(ଡି.ଏନ୍.ଏ)

ସୁନ୍ଦରଗଡ ପବ୍ଲିକସ୍କୁଲ ଠାରେ ଗୁରୁବାର ଟାଉନହଲ କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ୟାନସର ଟ୍ରିଟମେଣ୍ଟ ସେଣ୍ଟର ଅଫ ଆମେରିକାର ରାଡିଏସନ୍ ଅନକୋଲେଜି ବିଭାଗର ମୁଖ୍ୟ ଫିଜିକ୍ସିଷ୍ଟ ଓ ଆରଏସ ଓ ଡ. ଅମରଜିତ ସେନ୍ ଯୋଗଦେଇ କ୍ୟାନସରର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କର ଏହି ସାକ୍ଷାତକାରକୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ରସାୟନ ବିଭାଗ ସହକାରୀ ପ୍ରଫେସର ଡ. ସୁପ୍ରଭା ନାୟକ ଓ ଭୂତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ପ୍ରଶାନ୍ତ କୁମାର ମିଶ୍ର ସଞ୍ଚାଳନ କରିଥିଲେ। ଏହି ସଭାରେ ଡ. ସେନ୍ ଆମଦେଶର ପ୍ରଚଳିତ ଶିକ୍ଷା ପଦ୍ଧତି ଓ ଆମେରିକାର ବର୍ତ୍ତମାନର ଶିକ୍ଷା ପଦ୍ଧତିର ଏକତୁଳନାତ୍ମକ ଆଲୋଚନା କରିଥିଲେ । ଏହି ଅବସରରେ ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଡଃ ସେନ୍ ଓ କାର୍ଯ୍ୟକ୍ରମ ସଞ୍ଚାଳନ କରୁଥିବା ଦୁଇ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ରୁଦ୍ରାକ୍ଷୀ ନନ୍ଦ, ଦେବୀଦତ୍ତ ବ୍ରହ୍ମ, ଶୁଭମ ସାହୁ, ଦୀପାବଳୀ ଦାସ, ୟାସ ଦାଶମହାପାତ୍ର, ବିଶ୍ୱନାଥ ଆରଖ, କ୍ରିଷ୍ଣା ସାମଲ, ଓମ ପରିଡା ଡ. ସେନ୍‌ଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ପଟେଲ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲା ଏନଆଇଟିର ଅବସରପ୍ରାପ୍ତ ପ୍ରଫେସର କିଶୋର ମୋହନ ପୁରୋହିତ, ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁ, ଚିନ୍ମୟ ପାଣିଗ୍ରାହୀ, ହିନ୍ଦୁସ୍ଥାନ ଲିଭର ଲିମିଟେଡର ପୂର୍ବତନ ସାଉଥ ଇଷ୍ଟ ଏସିଆର ବୈଷୟିକ ମୁଖ୍ୟ ଅଶୋକ ନାଏକ, ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟର ବରିଷ୍ଠ ଟ୍ରଷ୍ଟି ନିମାଇଁ ଚରଣ ନାଏକ, ଟ୍ରଷ୍ଟି ରାଜକିଶୋର ଷଡଙ୍ଗୀ, ଟ୍ରଷ୍ଟି ତାରାକାନ୍ତ ରଥ୍ ବେଣୁମାଧବ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଗୋପାଳ ପୁରୋହିତ ଧନ୍ୟବାଦ ଦେଇଥିଲେ । ବରିଷ୍ଠ ଶିକ୍ଷକ ଦେବାଶୀଷ ଦାସ, ପ୍ରୀତି ପ୍ରସାଦ ,ସସ୍ମିତା ସାହୁ ଭାଗବତ ମିଶ୍ର, କବିତା ସିହ୍ନା ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ,ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପୃଥିବୀର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ସହ ଟାଉନହଲ କାର୍ଯ୍ୟକ୍ରମ ମାଧ୍ୟମରେ ଖୋଲା ଆଲୋଚନା, ସାକ୍ଷାତକାର ଓ ଭାବବିନିମୟ ହୋଇଥାଏ।




ଟାଉନହଲ୍ କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣରେ ମଞ୍ଚାସୀନ ଅତିଥି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

Urgently Required
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

Urgent Required
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813 7609947073

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

REQUIRED A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

URGENTLY REQUIRED
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post Sales/ Marketing Executive. And Team Leader
Qualifications 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

ନୋଟିସ୍

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ମଦ୍ୟପାନ ଯେକୌଣସି ଦୁଷ୍କର୍ମ ପାଇଁ ପଥ ପରିଷ୍କାର କରିଦିଏ।
- ଫ୍ରାନ୍‌ସିସ୍ କ୍ୱାର୍ଲସ



**ସଂକ୍ଷେପରେ**



## କାର-ବାଇକ୍ ଧକ୍କା: ଯୁବକ ସଙ୍କଟାପନ୍ନ

ବଡ଼ଗାଁ, ୨୯।୧୧ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗାରୁ ଖୁଣ୍ଟମୁଣ୍ଡା ଗ୍ରାମ ମଝିରେ ଏସଏଚ- ୧୦ରେ ଶୁକ୍ରବାର ସକାଳ ୮ଟାରେ ଦୁର୍ଘଟଣା ଘଟିଛି। ରାସ୍ତାର ବିପରୀତ ପାର୍ଶ୍ୱରେ ଦୃତ ଗତିରେ ଆସି ବାଇକ କାରକୁ ଧକ୍କା ଦେବାରୁ ବାଇକ ଚାଳକ ଏକମା ଗ୍ରାମର ଯୁବକ ଗୁରୁତର ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ବଡ଼ଗାଁ ମେଡିକାଲରେ ପ୍ରାଥମିକ ଚିକିତ୍ସା କରି ସୁନ୍ଦରଗଡ ମେଡିକାଲକୁ ପଠାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ସୂଚନାନୁଯାୟୀ, ସ୍ୱପ୍ନ ଲାକ୍ରା (୨୨) ତାଙ୍କ ବଡଭାଇଙ୍କ ଶ୍ୱଶୁର ଘର ଖୁଣ୍ଟ ଗ୍ରାମକୁ ରାତ୍ରିକାଳୀନ ଯାତ୍ରା ଦେଖିବାକୁ ଆସି ସକାଳେ ବିପରିତ ପାର୍ଶ୍ୱରେ ବାଇକରେ ଘରକୁ ଯାଉଥିବା ବେଳେ କୁତ୍ରା ବ୍ଲକ ଗୁଲେଇପଡାରେ ଶିକ୍ଷକ ଥିବା ଦିଲୀପ କୁମାର ପଟେଲଙ୍କ କାର ଓଡି ୧୬ ଡି- ୬୩୧୩ରେ ଧକ୍କା ଦେଇ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ପୋଲିସ ଓ ସ୍ଥାନୀୟ ଅଧିବାସୀ ପହଞ୍ଚି ଉଦ୍ଧାର କରିଥିଲେ।

# ଅବ୍ୟବସ୍ଥା ଘେରରେ ଶିଶୁ ଯତ୍ନ ଅନୁଷ୍ଠାନ

## ■ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟତ୍ର ସ୍ଥାନାନ୍ତର ହେଲେ ୭ ଅନ୍ତେବାସୀ

**ସୁନ୍ଦରଗଡ଼, ୨୯।୧୧ (ଡି.ଏନ୍.ଏ)**

ସରକାର ଅସହାୟ, ଅନାଥ, ବାଳଶ୍ରମିକ ଓ ବିଭିନ୍ନ ସ୍ଥାନରୁ ଉଦ୍ଧାର ହେଉଥିବା ଶିଶୁଙ୍କ ସୁରକ୍ଷା ଓ ଥଇଥାନ ସକାଶେ ବିଭିନ୍ନ ଯୋଜନା ଓ ଆଇନ୍ କାର୍ଯ୍ୟକାରୀ କରିଛନ୍ତି। ଏଭଳି ଶିଶୁମାନଙ୍କର ସୁରକ୍ଷା, ରହିବା, ଖାଇବା ଓ ଶିକ୍ଷାଦାନ ବ୍ୟବସ୍ଥା ସକାଶେ ସମ୍ପୃକ୍ତ ଶିଶୁ ଯତ୍ନ ଅନୁଷ୍ଠାନଗୁଡିକୁ ସ୍ୱତନ୍ତ୍ର ସରକାରୀ ଅନୁଦାନ ଯୋଗାଇ ଦିଆଯାଉଛି। ହେଲେ ସେମାନଙ୍କ ପାଇଁ ଆସୁଥିବା ଅନୁଦାନକୁ ମଧ୍ୟ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି। ସୁନ୍ଦରଗଡ ଜିଲାରେ ୧୬ଟି ଶିଶୁ ଯତ୍ନକାରୀ ଅନୁଷ୍ଠାନ କାର୍ଯ୍ୟ କରୁଛି। ପୂର୍ବରୁ ଏଭଳି ୪୨ଟି ଅନୁଷ୍ଠାନ କାର୍ଯ୍ୟ କରୁଥିବା ବେଳେ ଏଥି ମଧ୍ୟରୁ ଅନେକ ସରକାରୀ ନୀତିନିୟମ ଅନୁଯାୟୀ କାର୍ଯ୍ୟ କରୁ ନ ଥିବା ଜଣାପଡିବା ପରେ ୨୬ଟି ଅନୁଷ୍ଠାନକୁ ବନ୍ଦ କରି ଦିଆଯାଇଥିଲା। ବର୍ତ୍ତମାନ ଜିଲାରେ ୧୬ଟି ଶିଶୁ ଯତ୍ନକାରୀ ଅନୁଷ୍ଠାନ ମଧ୍ୟରୁ ୨ଟି ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଅନ୍ୟ ୧୪ଟି ଅନୁଷ୍ଠାନ ସରକାରୀ ଅନୁଦାନ ସହାୟତାରେ କିଛି ଏନ୍‌ଜିଓ ଦ୍ୱାରା ପରିଚାଳିତ ହେଉଛି। ହେଲେ ଏନଜିଓମାନଙ୍କ ଦ୍ୱାରା ପରିଚାଳିତ କେତେକ ଅନୁଷ୍ଠାନରେ ସେଠାରେ ଥିବା ଅନ୍ତେବାସୀମାନଙ୍କର ଆବଶ୍ୟକ ଯତ୍ନ ନେବା ପରିବର୍ତ୍ତେ ସରକାରୀ ଅନୁଦାନ ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ସେବା ନାମରେ କେତେକ ମୁଷ୍ଟିମେୟ ବ୍ୟକ୍ତି ବ୍ୟକ୍ତିଗତ ସ୍ୱାର୍ଥ ରଖି ଏହି ଅନୁଷ୍ଠାନମାନ ପରିଚାଳନା କରୁଛନ୍ତି। ଏହି ଜିଲା ଅନ୍ତର୍ଗତ ବାଲିଶଙ୍କରା ବ୍ଲକ ଦେଓଭବନପୁର ଠାରେ ଗତ ୧୯୯୯ରୁ ପ୍ରତିଷ୍ଠିତ ଶିଶୁ ସେବା ଆଶ୍ରମରେ ରହୁଥିବା ଶିଶୁମାନଙ୍କୁ ଉପଯୁକ୍ତ ଯତ୍ନର ଅଭାବ, ଅସ୍ୱାସ୍ଥ୍ୟକର ପରିବେଶ, ଘରୋଇ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ଶିଶୁ ମଙ୍ଗଳ କମିଟିର ସଭ୍ୟମାନଙ୍କୁ ନେଇ ଗଠିତ ଜିଲା ପରିଦର୍ଶନ କମିଟି ରିପୋର୍ଟ ଦେବାପରେ ଜିଲାପାଳ ସେଠାରେ ଥିବା ୨୩ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୭ଜଣଙ୍କୁ ଅନ୍ୟ ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ୭ଜଣ ଅନ୍ତେବାସୀଙ୍କୁ କୁତ୍ରାର ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। ଦେଓଭବନପୁର ଠାରେ ଥିବା ଏହି ଶିଶୁ ଯତ୍ନକାରୀ ଅନୁଷ୍ଠାନ ପରିଚାଳନା କମିଟିର ପ୍ରଚ୍ଛଦପଟରେ ଜଳସେଚନ ବିଭାଗରେ କାର୍ଯ୍ୟକରୁଥିବା ଜଣେ ଯନ୍ତ୍ରୀ ରହି ନିଜ ପରିବାର ଓ ସମ୍ପର୍କୀୟମାନଙ୍କୁ କର୍ମକର୍ତ୍ତା କରି କେତେକ ରାଜନୈତିକ ବ୍ୟକ୍ତିଙ୍କୁ ହାତବାରିସୀ କରି ପରିଚାଳନା କରୁଛନ୍ତି। ଏହି ଅନୁଷ୍ଠାନକୁ ଗତ ଅକ୍ଟୋବର ୧୭ ତାରିଖରେ ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଯାଇଥିବା ଜିଲା ପରିଦର୍ଶନ କମିଟି ରିପୋର୍ଟ ଅନୁଯାୟୀ ସେହି ଅନୁଷ୍ଠାନରେ ୧୬ଜଣ ଅନ୍ତେବାସୀଙ୍କ ପାଇଁ ୧୬ଟି ଶଯ୍ୟା ଥିବା ବେଳେ ୨୩ଜଣ ଅନ୍ତେବାସୀ ରହୁଥିଲେ। ବର୍ଷା ଯୋଗୁ ଗୃହରେ ପାଣି ଗଳୁଥିବା ବେଳେ ପରିଚାଳନା ଦାୟିତ୍ୱରେ ଥିବା କର୍ମକର୍ତ୍ତା ଅନ୍ତେବାସୀ ମାନଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜିତ କରୁଥିବା ଯୋଗୁ ସେମାନଙ୍କର ପାଠପଢାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ଏପରିକି ଘର, ପାଚେରୀର ଚୂନଲଗା ଓ ପାଇଖାନା ସଫେଇ କାର୍ଯ୍ୟରେ ମଧ୍ୟ ଅନ୍ତେବାସୀମାନଙ୍କୁ ନିୟୋଜିତ କରାଯାଉଥିବା ଜଣାପଡିଥିଲା। ଏହି କମିଟି ଅକ୍ଟୋବର ୨୩ରେ ଏସମ୍ପର୍କରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ସେଠାରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କୁ ସୁନ୍ଦରଗଡରେ ଅନ୍ୟତ୍ର ରଖାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୨୦ରେ ସେଠାରୁ ୭ଜଣ ଅନ୍ତେବାସୀଙ୍କୁ କୁତ୍ରାର ଅନ୍ୟ ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଭିତ୍ତିଭୂମିର ଉନ୍ନତି ପାଇଁ ଶିଶୁ ମଙ୍ଗଳସମିତି ପକ୍ଷରୁ ମଧ୍ୟ ସମ୍ପୃକ୍ତ ଅନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଜିଲା ପ୍ରଶାସନର ଉଦ୍ୟମ କ୍ରମେ ଏଲଏନଟି କମ୍ପାନୀ ପକ୍ଷରୁ ଏହି ଅନୁଷ୍ଠାନ ସକାଶେ ଟାଙ୍ଗରପାଲି ବ୍ଲକ ବାଲିଯୋରୀ ଠାରେ ୭୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅନ୍ୟ ଏକ ନୂତନ କୋଠା ନିର୍ମାଣ ଚାଲିଛି।




ଦେଓଭବନପୁର ଠାରେ ପ୍ରତିଷ୍ଠିତ ଶିଶୁ ସେବା ଆଶ୍ରମ।

## ବାଇକକୁ ଧକ୍କା ଦେଲା ୧୨ ଚକିଆ ଟ୍ରକ

**ଲହୁଣୀପଡା, ୨୯।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଟେଲକୋ ନିକଟରେ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟା ବେଳେ ଏକ ୧୨ ଚକିଆ ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ କପଣ୍ଡା ନୂଆଗାଁ ଗ୍ରାମର କୃପା କିଷାନ (୩୦) ଗାୟତ୍ରୀ କନଷ୍ଟ୍ରକସନ୍ କମ୍ପାନୀରେ କାମ କରନ୍ତି। ୧୪୩ ନମ୍ବର ଜାତୀୟ ରାଜପଥର ରାସ୍ତା କାମ ଚାଲୁଥିବାରୁ ରାସ୍ତା କାମ ହେଉଥିବା ସ୍ଥାନକୁ କୃପା କିସାନ ଓଡି ୧୪ ଏଚ- ୨୦୬୪ ଯୋଗେ ଯାଉଥିବା ବେଳେ ନରେନ୍ଦ୍ର ପଟୁ ରାଉରକେଲା ଆଡକୁ ଆସୁଥିବା ଓଆର୍ ୧୯ କେ- ୬୯୭୪ ଲୁହା ପଥର ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଫଳରେ କୃପା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ପାଚିକା ଚାକିରି ପାଇଁ କ୍ରୀଡ଼ା ଶିକ୍ଷକଙ୍କ ୭୫ହଜାର ଟଙ୍କା ଦାବି

**ସୁନ୍ଦରଗଡ଼, ୨୯।୧୧ (ଡି.ଏନ୍.ଏ)**

ସ୍ଥାନୀୟ ଭବାନୀପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପାଚିକା ଚାକିରୀ ପାଇଁ ଜଣେ ମହିଳାଙ୍କ ସ୍ୱାମୀଙ୍କଠାରୁ ସେଠାକାର ଜଣେ କ୍ରୀଡା ଶିକ୍ଷକ ୭୫ହଜାର ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଛି। କ୍ୟାନସର ପୀଡିତା ମାଙ୍କ ମୃତ୍ୟୁପରେ ତାଙ୍କ ଝିଅ ନମିତା ମାଝୀ ଏହି ପଦବୀରେ ନିଯୁକ୍ତି ପାଇଁ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ନିକଟରେ ଆବେଦନ କରିଥିଲେ। ହେଲେ କ୍ରୀଡା ଶିକ୍ଷକ ଜଣକ ଏହି ପରିମାଣର ଅର୍ଥ ଦାବି କରିବା ଓ କିଛି ଅର୍ଥ ତାଙ୍କ ଠାରୁ ନେଇ ଚାକିରୀ କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଲାଞ୍ଚ ନ ଦେଲେ ଚାକିରୀ ହେବ ନାହିଁ ବୋଲି କହି ହଇରାଣ କରି ଆସୁଥଲେ। ସମ୍ପୃକ୍ତ କ୍ରୀଡା ଶିକ୍ଷକ ପାଚିକା ପାଇଁ ଆବେଦନ କରିଥିବା ମହିଳାଙ୍କ ସ୍ୱାମୀଙ୍କ ସହ ହୋଇଥିବା ବାର୍ତ୍ତାଳାପର ଫୋନକଲ ରେକର୍ଡିଂ ବର୍ତ୍ତମାନ ଏଠାରେ ଭାଇରାଲ ହୋଇଛି। ଏସମ୍ପର୍କରେ ମହିଳା ଜଣକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରେ ମଧ୍ୟ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

## ବୋଲେରୋ ଧକ୍କାରେ ୨ ଗୁରୁତର

**ଲେଫ୍ରିପଡା,୨୯।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଛତେନପାଲି ବ୍ରିଜ୍ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଅଜଣା ବୋଲେରୋ ଧକ୍କା ଦେବାରୁ ଶୁକ୍ରବାର ସନ୍ଧ୍ୟାରେ ଦୁଇ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗୁରୁତର ଆହତ ବ୍ୟକ୍ତି ମାନେ ହେଲେ ଲେଫ୍ରିପଡା ଥାନା ଅନ୍ତର୍ଗତ ବଇଲମା ଗ୍ରାମର ନିଳାମ୍ବର ସା ଏବଂ ଜଣେ ବାଳିକା ବୋଲି ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଆହତ ନିଳାମ୍ବର ସୁନ୍ଦରଗଡରୁ ନିଜ ଗ୍ରାମ ବଇଲମାକୁ ବାଇକ ଓଡି- ୧୬ଏ-୦୪୦୫ ଦ୍ୱାରା ପଛରେ ଜଣେ ବାଳିକାକୁ ବସାଇ ନେଉଥିବା ସମୟରେ ଅପରପଟୁ ଏକ ବୋଲେରୋ ଧକ୍କା ଦେଇ ପଳାଇଯାଇଥିଲା। ପରେ ସ୍ଥାନୀୟ ବ୍ୟକ୍ତି ମାନେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ଖବର ପାଇ ଲେଫ୍ରିପଡା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଆହତବ୍ୟକ୍ତିମାନଙ୍କୁ ସୁନ୍ଦରଗଡ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ।

## ଆଦିବାସୀ ସଂସ୍କୃତି ପରମ୍ପରା ଏବଂ କ୍ରୀଡ଼ା ସାମଗ୍ରୀ ବଣ୍ଟନ



ଲେଫ୍ରିପଡା ବ୍ଲକ୍ କାର୍ଯ୍ୟାଳୟଠାରେ ସାମଗ୍ରୀ ବଣ୍ଟନ କରାଯାଉଛି।

**ଲେଫ୍ରିପଡା,୨୯।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଲେଫ୍ରିପଡା ବ୍ଲକ୍ କାର୍ଯ୍ୟାଳୟଠାରେ ଆଦିବାସୀ ସଂସ୍କୃତି ପରମ୍ପରା ଏବଂ କ୍ରୀଡା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିକାଶ ପରିଷଦର ଅଧ୍ୟକ୍ଷ ବିନୟ କୁମାର ଟପୋ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ରାଜ୍ୟରେ ଆଦିବାସୀ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ଉଜ୍ଜୀବିତ କରିବା ଏବଂ କ୍ରୀଡା କ୍ଷେତ୍ରରେ ଉନ୍ନତି କରିବା ସକାଶେ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ବୋଲି ସେ ମତାମତ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ସଦରର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲାର ଆଦିବାସୀମାନଙ୍କ ସକାଶେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ରହିଛି। ଏଥିରେ ଜିଲାର ସମସ୍ତ ଆଦିବାସୀ ଭଉଣୀଭାଇ ଉନ୍ନୟନ ଦିଗରେ ସାମିଲ ହୋଇ ରାଜ୍ୟ ସରକାରଙ୍କର ବିକାଶଧାରାରେ ସାମିଲ ହେବା ପାଇଁ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଫ୍ରିପଡା ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜ୍, ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରଉଡିଆ, ଲେଫ୍ରିପଡା ସମିତି ସଭ୍ୟା ଜୟନ୍ତୀ ଗର୍ଡିଆ, ସରପଞ୍ଚ ମଦନ ଛତ୍ରିଆ, ମଶାବିରା ସମିତିସଭ୍ୟ ସୁମନ୍ତ ପୂଜାରୀ, ହେମଗିର ବ୍ଲକ୍ ବିଜେଡି ସଭାପତି ସୁକାନ୍ତ ପତି, ରମେଶ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପରେ ଲେଫ୍ରିପଡା ବ୍ଲକ ଏବଂ ହେମଗିର ବ୍ଲକ୍‌ର ଓରାମ, ଖଡିଆ, କିଷାନ ସମ୍ପ୍ରଦାୟର ୧୧ଗୋଟି ଡ୍ୟାନ୍ସ ଗ୍ରୁପ୍, ୯ ଫୁଟ୍‌ବଲ ଟିମ୍ ଏବଂ ୧୭ଟି କୀର୍ତ୍ତନ ମଣ୍ଡଳୀଙ୍କୁ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୀତାଞ୍ଜଳି ଟପୋ ମଞ୍ଚ ପରିଚାଳନା କରିଥିଲେ। ଲେଫ୍ରିପଡା ଲ୍ୟାମ୍ପସ ସଭାପତି ତଥା ବିଜେଡି ଯୁବ ନେତା ସୁନିଲ କୁମାର କାଲୋ, ହୃଦାନନ୍ଦ ସାହୁ, ଭବାନୀ ବିରଗଣ୍ଡିଆ, ପ୍ରଶାନ୍ତ ପୃଷେଠ୍, ଟଙ୍କଧର ବେହେରା, ବିଭୂତି ପଟେଲ, ସୁମନ୍ତ ନାଏକ, ଗୋଲାପ ପଟେଲ, ବୈଷ୍ଣବ ମାଝି ପ୍ରମୁଖ ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ।

## ଜଙ୍ଗଲଜମି ଅଧିକାର ସଚେତନତା କର୍ମଶାଳା

**ହେମଗିର, ୨୯।୧୧ (ଡି.ଏନ.ଏ)**

ହେମଗିର ବ୍ଲକର ଜୁଲୁମବାହାଲ ପଞ୍ଚାୟତ ଅନ୍ତର୍ଗତ ଖଜୁରବାହାଲ ଗ୍ରାମରେ ଦୁଇ ଦିନ ଧରି ଜଙ୍ଗଲଜମି ଅଧିକାର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ବ୍ଲକ ସଂଯୋଜକ ରାମଚନ୍ଦ୍ର କୁମ୍ଭାର ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ସିଆଇଆରଡିର ଜିଲା ସଂଯୋଜକ ସୁପ୍ରିୟାନ ଖାଖା ଓ ଉତ୍ତର କୁମ୍ଭାର ନାଏକ ଅଂଶଗ୍ରହଣ କରି ପରିଚାଳନା କରିଥିଲେ। ଏଥିରେ ଭୁବନେଶ୍ୱରର ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦୁଇଜଣ କର୍ମକର୍ତ୍ତା ରଞ୍ଜିତା ପଟ୍ଟନାୟକ ଓ ବାଳକୃଷ୍ଣ ସାହୁ ଯୋଗଦେଇ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଓ ୨୦୧୨ ଉପରେ ଆଲୋଚନା କରି କମିଟିର ସଭ୍ୟାସଭ୍ୟମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ଏଥିରେ ୧୫ଟି ଜଙ୍ଗଲ ଜମି ଅଧିକାର କମିଟିର ସଭାପତି, ସମ୍ପାଦକ ତଥା ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ଏଥିସହ ଗ୍ରାମର ନାଥ ଭୈଷାଳ, ସାଏବ ନାଏକ, ବାଙ୍କବିହାରୀ ପଧାନ, ନିଳମଣୀ ନାଏକ, ଅଶୋକ ପଣ୍ଡା, ଖୀତେଶ୍ୱରୀ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୨୯।୧୧ (ଡି.ଏନ୍.ଏ)**

ସଦର ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ୩୨ତମ ଜିଲାସ୍ତରୀୟ ରାଜାମୁଣ୍ଡା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଉଜାନା ବାରା, ପୂର୍ଣ୍ଣଚନ୍ଦ୍ର ଛତ୍ରିଆ ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଏହି କ୍ଲବର ସଭାପତି ପିଣ୍ଟୁ ଓରାମ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଫିରୋଜ କୁଜୁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉପଦେଷ୍ଟା ନସିମ୍ ଖାନ୍ ମଞ୍ଚ ପରିଚାଳନା କରିଥିଲେ। ଏହା ୩ଦିନ ଧରି ଚାଲିବ। ଉଦ୍‌ଘାଟନୀ ମ୍ୟାଚ୍ ରାଧାକ୍ରିଷ୍ଣ କ୍ଲବ ସମରଡିହି, ସାନପତ୍ରାପାଲି, ରାଜାମୁଣ୍ଡା ଜୁନିୟର ଷ୍ଟାଣ୍ଡାର୍ଡ ସ୍ପୋର୍ଟସ କ୍ଲବ ଟାଙ୍ଗରଭାଡି, ବିକରୁଆବାହାଲ, ଗଖରପଡା ଫୁଟବଲ କ୍ଲବ, ଜୟତୁଲସୀ କ୍ଲବ ଝାରସୁଗୁଡା, ଆଦର୍ଶ କ୍ଲବ ବିଜୁଲିଖମନ ଦଳ ମଧ୍ୟରେ ଖେଳ ହୋଇଥିଲା। ୧ମ ପ୍ରି କ୍ୱାଟର ଫାଇନାଲ ମ୍ୟାଚରେ ସାନପତ୍ରାପାଲି ଦଳ ୧-୦ ଗୋଲରେ ତୁଳସୀ କ୍ଲବକୁ ହରାଇ କ୍ୱାଟର ଫାଇନାଲରେ ପ୍ରବେଶ କରିଛି । ୨ୟ ପ୍ରିକ୍ୱାଟର ଫାଇନାଲ ମ୍ୟାଚରେ ବିକରୁଆବାହାଲ ୧-୦ ଗୋଲରେ ଏସ୍‌ଏସ୍ କ୍ଲବ ଟାଙ୍ଗରଭାଡିକୁ ହରାଇ କ୍ୱାଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି।

### ଆନ୍ତଃଜିଲା ବିଦ୍ୟାଳୟସ୍ତରୀୟ ନେକ୍ସଜେନ୍ କପ୍ କ୍ରିକେଟ ପ୍ରତିଯୋଗିତା

## ଫାଇନାଲରେ କଲୁଙ୍ଗା ହାଇସ୍କୁଲ, ବରଗଡ ବିକାଶ ସ୍କୁଲ

**ସୁନ୍ଦରଗଡ଼, ୨୯।୧୧ (ଡି.ଏନ୍.ଏ)**

ଜିଲା କ୍ରୀଡା ସଂସଦ ଓ ନବଜୀବନ କ୍ଲବ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଚାଲିଥିବା ଆନ୍ତଃଜିଲା ବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ନେକ୍ସଜେନ୍ କପ୍‌ର ଶୁକ୍ରବାର ଥିଲା ସେମିଫାଇନାଲ ମ୍ୟାଚ୍ । ଏଥିରେ କଲୁଙ୍ଗା ହାଇସ୍କୁଲ ଓ ବରଗଡ ବିକାଶ ସ୍କୁଲ ଫାଇନାଲକୁ ଉନ୍ନୀତ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଉତ୍କଳମଣି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଟସ୍ ଜିଣି ବୋଲିଂ କରିବାର ନିଷ୍ପତ୍ତି ନେଇ କଲୁଙ୍ଗା ଉଚ୍ଚ ବିଦ୍ୟାଳୟକୁ ୨୪ ଓଭରରେ ୯୪ ରନ୍‌ରେ ଅଲଆଉଟ କରିଦେଇଥିଲେ। ମାତ୍ର ଏହାର ଜବାବରେ ୨୪ ଓଭରରେ ୮୫ ରନ୍ କରି ଉତ୍କଳମଣି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ କଲୁଙ୍ଗା ବିଦ୍ୟାଳୟ ଠାରୁ ପରାଜିତ ହୋଇଥିଲା । ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ ପାଇଁ କଲୁଙ୍ଗା ଉଚ୍ଚ ବିଦ୍ୟାଳୟର ହରପୀତ ପ୍ରସାଦ ମ୍ୟାନ ଅପ ଦ ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସେଣ୍ଟ ଆରନୋଲଡ୍ ସ୍କୁଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ୬୪ ରନ୍ କରି ଆଉଟ ହୋଇଯାଇଥିଲେ। ରନ୍‌ର ପିଛା କରି ବରଗଡ ବିକାଶ ସ୍କୁଲ ଅତି ସହଜରେ ୧୦ ଓଭରରେ ୧ଉଇକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଆକର୍ଷଣୀୟ ବୋଲିଂ ପାଇଁ ବରଗଡ ବିକାଶ ବିକାଶ ସ୍କୁଲର ବିକି ଦାସଙ୍କୁ ମ୍ୟାନ ଅପ ଦ ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଏହିମ୍ୟାଚ୍ ଗୁଡିକ ଶିଶିର ପଟେଲ, ଅଜୟ ବହିଦାର, ଫଣୀନ୍ଦ୍ର ଦାସ ଓ ବିଶ୍ୱରଞ୍ଜନ ହୋତା ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ଆଜିର ସେମିଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଆନ୍ତର୍ଜାତୀୟ ରେଫରୀ ଅରବିନ୍ଦ ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଡିସେମ୍ବର ୧ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡା ସଂସଦର କ୍ରିକେଟ ସମ୍ପାଦକ ଶିଶିର ପଟେଲ ସୂଚନା ଦେଇଛନ୍ତି।




ନେକ୍ସଜେନ୍ କପ୍ କ୍ରିକେଟ ପ୍ରତିଯୋଗିତାରେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ଗ୍ରାମୀଣ ଆହାର କେନ୍ଦ୍ର ଉଦ୍‌ଘାଟିତ

## ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କୁଆଁରମୁଣ୍ଡା ବ୍ଲକ ପରିଦର୍ଶନ

**କୁଆଁରମୁଣ୍ଡା,୨୯।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ଆନୁକୂଲ୍ୟରେ ପଦ୍ମପୁର ପଞ୍ଚାୟତର ଚାନ୍ଦିପୋଷ ଠାରେ ନିର୍ମିତ ମାଇ କୁକୁଡା ଛୁଆ ପାଳନ କେନ୍ଦ୍ର ଓ କୁଆଁରମୁଣ୍ଡା ବ୍ଲକ ନିକଟରେ ନିର୍ମିତ ଏକ ଗ୍ରାମୀଣ ଆହାର କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହାକୁ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡ଼ି ଡ଼ିଆରଡ଼ିଏ) ଭୈରବ ସିଂ ପଟେଲ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ମାଇ କୁକୁଡା ଛୁଆ ପାଳନ କେନ୍ଦ୍ରରେ ପଞ୍ଚାୟତ ମହାସଂଘ ପକ୍ଷରୁ ଛୁଆଗୁଡିକର ଯତ୍ନ ନିଆଯାଇ ସେଗୁଡିକ ଅଣ୍ଡା ଦେବା ପାଇଁ ସକ୍ଷମ ହେଲା ପର୍ଯ୍ୟନ୍ତ କେନ୍ଦ୍ରରେ ରଖାଯିବ। ତାହାପରେ ୪ଟି ଲେଖାଏଁ କୁକୁଡାକୁ ମହାସଂଘ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ରିହାତି ଦରରେ ବିକ୍ରି କରାଯିବ। ସେହିପରି ଗ୍ରାମୀଣ ଆହାର କେନ୍ଦ୍ରରେ ମହିଳାମାନେ ଜଳଖିଆ ଠାରୁ ଆରମ୍ଭ କରି ମିଲ୍ ଇତ୍ୟାଦି ତିଆରି କରିବେ ଓ ସେଗୁଡିକୁ ବିକ୍ରି କରି ନିଜର ଜୀବିକା ଅର୍ଜନ କରିପାରିବେ ବୋଲି ଜଣାପଡ଼ିଛି। ଚାନ୍ଦିପୋଷସ୍ଥିତ କୁକୁଡା ଛୁଆ ପାଳନ କେନ୍ଦ୍ରର ଫଳକକୁ ପିଡି ପଟେଲ ଉନ୍ମୋଚନ କରିବା ବେଳେ କୁଆଁରମୁଣ୍ଡା ବିଡିଓ ଭବାନୀଶଙ୍କର ପାଢୀ, ୨ଟି କେନ୍ଦ୍ରକୁ ପିଡି ପଟେଲ ଫିତାକାଟି ଉଦ୍‌ଘାଟନ କରିଥିବା ବେଳେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ଜିଲା ଜୀବିକା ମିଶନ ପ୍ରକଳ୍ପ ପ୍ରବନ୍ଧକ ସାମୁଏଲ ଟପ୍ପୋ, କୁଆଁରମୁଣ୍ଡା ବ୍ଲକ ବିପିଏମ ପ୍ରସନ୍ନ କୁମାର ମୋଦି, ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ଜେଇ ସ୍ମିତା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ୨ଟି କେନ୍ଦ୍ରର ଉଦ୍‌ଘାଟନ ପରେ ବ୍ଲକ ସାଧନ କେନ୍ଦ୍ରରେ ୨୦ଟି ପଞ୍ଚାୟତର ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ପିଡି ପଟେଲ ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନେକଗୁଡିଏ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ନେଇ ଗଣମାଧ୍ୟମରେ ଯେଉଁ ତଥ୍ୟ ପ୍ରକାଶ ପାଉଛି ତାହାର କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ପିଡ଼ି ପଟେଲ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି।




ଗ୍ରାମୀଣ ଆହାର କେନ୍ଦ୍ରକୁ ଡିଆରଡିଏ ପିଡ଼ି ଭୈରବ ପଟେଲ ଉଦ୍‌ଘାଟନ କରୁଛନ୍ତି।



“ କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ଏଚ୍ ଲାଇନ କ୍ୱାର୍ଟର୍ସରୁ ଚୋରି

**ବ୍ରଜରାଜନଗର, ୨୯।୧୧ (ଡି.ଏନ.ଏ.)-** ବ୍ରଜରାଜନଗର ଥାନା ଅନ୍ତର୍ଗତ ଏଚ୍ ଲାଇନ କ୍ୱାର୍ଟର୍ସ ୧୯୨, ୧୯୩ରୁ ଲକ୍ଷାଧିକ ଟଙ୍କାରେ ସାମଗ୍ରୀ ଚୋରି ହୋଇଥିବା ନେଇ ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ଉକ୍ତ କ୍ୱାର୍ଟର୍ସ ଦ୍ୱୟରେ ଓପିଏମ୍ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ଗୁରୁ ରହୁଥିଲେ। ଚଳିତ ସପ୍ତାହ ୨୭ ତାରିଖରେ ସେ ପରିବାର ସହ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ରାଉରକେଲା ଯାଇଥିଲେ। ଉକ୍ତ ଦିନ ରାତ୍ରି ୨ଟାରେ ସେମାନେ ଫେରିଲା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ସେ ସମୟରେ ଚୋରମାନେ ଘରେ ପଶିଥିବାବେଳେ ପରିବାର ଲୋକଙ୍କ ପାଟି ଶୁଣି ପାଚେରି ଡେଇଁ ଚାଲି ଯାଇଥିଲେ। ତୁରନ୍ତ ପରିବାର ଲୋକ ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଆସନ୍ତା ୫ ତାରିଖରେ ତାଙ୍କ ଜଣେ ସମ୍ପର୍କୀୟଙ୍କ ବାହାଘର ଥିବାରୁ ପୂର୍ବରୁ କିଣା ହୋଇ ରଖାଯାଇଥିବା ଶାଢ଼ି, ସୁନାମୁଦି, ସୁନାଚୁଡି, ଏକ କେଜି ରୁପା ଓ ନଗଦ ୩ହଜାର ଟଙ୍କାକୁ ମିଶାଇ ଅନୁମାନିକ ଏକ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ପୋଲିସ ସନ୍ଦେହରେ ଉକ୍ତ ଏରିଆର ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

### ବନ୍ଧଲିରେ ଦୁଗ୍ଧ ଚାଷୀ ସମ୍ମିଳନୀ

**କିର୍ମିରା, ୨୯।୧୧(ଡି.ଏନ୍.ଏ.)-** କିର୍ମିରା ବ୍ଲକ ବନ୍ଧଲି ଗ୍ରାମରେ ଦୁଗ୍ଧ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୁଗ୍ଧ ଉତ୍ପାଦନ ମହିଳା ସମବାୟ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସମବାୟ ସମିତିର କାର୍ଯ୍ୟକର୍ତ୍ତା ଏବଂ ଚାଷୀ ଉପସ୍ଥିତ ଥିଲେ। ସଭାରେ ଚାଷୀଙ୍କ ସମସ୍ୟାକୁ ନେଇ ବିଶଦ ଆଲୋଚନା ଓ ବିଚାର ବିମର୍ଶ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ କିର୍ମିରା ସରପଞ୍ଚ ରୀନା ନାୟକ ମୁଖ୍ୟଅତିଥି, ଅର୍ଡ଼ା ଭିଏଏସ୍ ଡା. ବାଲୁଙ୍କେଶ୍ୱର ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଦୁଗ୍ଧ ସଂରକ୍ଷଣ କାର୍ଯ୍ୟାଳୟର କ୍ଷେତ୍ର ପରିଦର୍ଶକ ବିଷ୍ଣୁ ପ୍ରକାଶ ଗନ୍ଧା, ସମିତି ସଭାପତି ଶୈଳେନ୍ଦ୍ରୀ ପାଣ୍ଡେ, ଉପସଭାପତି ସଉକିନି ପାଣ୍ଡେ, ସମ୍ପାଦିକା ରଜନୀ ପାଣ୍ଡେଙ୍କ ସମେତ ସମିତିର ସଭ୍ୟାସଭ୍ୟ ସହଯୋଗ କରିଥିଲେ।

### ସଚେତନ ନାଗରିକ ମଞ୍ଚ ବାର୍ଷିକୋତ୍ସବ, ରାଜ୍ୟସ୍ତରୀୟ ଆଲୋଚନାଚକ୍ର ୧ରେ

**ରାଉରକେଲା ଅଫିସ,୨୯।୧୧-** ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହାର ୫ମ ବାର୍ଷିକୋତ୍ସବ ଓ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର ଆସନ୍ତା ୧ ଡିସେମ୍ବରରେ ସିଭିକ ସେଣ୍ଟରଠାରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ବକ୍ତା ଭାବେ ସେବା ନିବୃତ୍ତ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡାଇ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସାମାଜିକ କର୍ମୀ ରବି ଦାସ ଓ ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଯୋଗ ଦେବେ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ପିପି ରାୟ ସୂଚନା ପ୍ରଦାନ କରିଛନ୍ତି।

### କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ଲଇକେରା, ୨୯।୧୧ (ଡି.ଏନ୍.ଏ)-** ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟରେ ଉଭୟ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଧମିକ ବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ପଟେଲଙ୍କ ସଭାପତିତ୍ୱରେ କ୍ୟାରିୟର କାଉନ୍ସେଲର ପ୍ରକାଶ ଚନ୍ଦ୍ର ଜାଲି ଓ ଶମ୍ଭୁ ପ୍ରସାଦ ବାବୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧାପକ କମଳ ଲୋଚନ ଦାଶ, ପ୍ରସନ୍ନ କୁମାର ଷଣ୍ଢ, ରୁଦ୍ରାକ୍ଷ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ, ଅଧାପକ ସୁଦୀପ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧାପକ କୁନା ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଚାଷୀଙ୍କ ଅଭିଯୋଗ, ଯୋଜନାର ସଫଳ ରୂପାୟନ ନେଇ ଅଧିକାରୀଙ୍କ ଅନିଚ୍ଛା

# ଅଚଳ ହେବାକୁ ବସିଲାଣି ପିତାମହଲ ଜଳସେଚନ ପ୍ରକଳ୍ପ

**ରାଉରକେଲା ଅଫିସ/ ବେଦବ୍ୟାସ, (ଡି.ଏନ.ଏ.)-୨୯। ୧୧**

୧୦ ହଜାର ଚାଷୀଙ୍କ ଚାହିଦା ପୂରଣ କରିବାକୁ ଲକ୍ଷ୍ୟ ରଖା ଯାଇଥିବା ପିତାମହଲ ଜଳସେଚନ ପ୍ରକଳ୍ପ ଏବେ ଅଲୋଡା ହେବାକୁ ବସିଲାଣି। ଚାଷ ପାଇଁ ଉଦ୍ଦିଷ୍ଟ ଏହି ନାଳ ଉପରେ ବେଆଇନ କଲଭର୍ଟ ନିର୍ମାଣ, ଆବର୍ଜନା କୁଢ ଏହାକୁ ଅକାମି କରିବାକୁ ବସିଲାଣି। ଏଥିଯୋଗୁ କେତେକ ଅଞ୍ଚଳର ଚାଷୀ ଆଦୌ ପାଣି ପାଉ ନାହାଁନ୍ତି। ନିର୍ଦ୍ଦିଷ୍ଟ କିଛି ପଞ୍ଚାୟତବାସୀ ଏଥିରୁ ଉପକୃତ ହେଉଥିବା ବେଳେ ଅନ୍ୟମାନଙ୍କ ଜମି ଶୁଖିଲା ପଡୁଛି। ଏନେଇ ଗତ ୩ ମାସ ପୂର୍ବେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ଫଳ ଶୂନ। ଚାଷୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଏନେଇ ମନରେ କ୍ରୋଧ ବଢିବାରେ ଲାଗିଛି। ଋତୁକାଳୀନ ଫସଲ ଆମଦାନି କରିପାରୁ ନ ଥିବା ଅଞ୍ଚଳ ଚାଷୀ କହିଛନ୍ତି। ଏ ନେଇ ସ୍ଥାନୀୟ ଉପଖଣ୍ଡ କୃଷି ଅଧିକାରୀ ଅଣଦେଖା ମନୋଭାବ ପୋଷଣ କରୁଥିବା କୁହାଯାଇଛି। ଯୋଜନାର ସଫଳ ରୂପାୟନ ନେଇ ସମ୍ପୃକ୍ତ ଅଧିକାରୀଙ୍କ ଅନିଚ୍ଛାଭାବ ଚାଷୀଙ୍କୁ ନିରାଶ କରିଛି। ଏନେଇ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପି.କେ ପ୍ରଧାନଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଜବର ଦଖଲ ଉଠାଯିବା ନେଇ ଆମେ ପଦକ୍ଷେପ ନେଉଛୁ।ଏହା ପରେ ଲାଠିକଟା ବିଡିଓ ତାପସ ସେଠୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ଏହା ଜଳ ସେଚନ ବିଭାଗର କାମ। ସେମାନେ ଠିକ ଭାବେ ଏହାର ଉତ୍ତର ଦେଇ ପାରିବେ।

### ଚାଷୀ ଯାହା କୁହନ୍ତି...



“ ଏହି ଜଳସେଚନ ପ୍ରକଳ୍ପ ଉପରେ ୧୦ ହଜାର ଚାଷୀ ନିର୍ଭର କରନ୍ତି। ଏହା ସତ୍ତ୍ୱେ ଏହି ପ୍ରକଳ୍ପ ରକ୍ଷଣାବେକ୍ଷଣ ନେଇ କେହି ଚିନ୍ତିତ ନୁହଁନ୍ତି। ଏହାକୁ ନେଇ ଦିନେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ।

**ଦଶ୍ରୁ କିଷାନ, କୃଷକ ନେତା**



“ ଏ ଅଞ୍ଚଳ ଚାଷୀଙ୍କୁ ଭଗବାନ ଭରସା। ବାରମ୍ବାର ଅଭିଯୋଗ, ଦାବି ସତ୍ତ୍ୱେ କେହି ଚେତୁ ନାହାଁନ୍ତି। ଚାଷବାସ ଉଜୁଡିବାକୁ ବସିଲାଣି। ପ୍ରଶାସନ ଧାନ ଦେଇ ପାଣି ସୁବିଧା କରନ୍ତୁ।

**ଜିତବାନ କିଣ୍ଡୋ, ଗୋପପାଲ୍ଲୀ ଚକ କମିଟି ସଭ୍ୟ**



“ ନାଳ ଉପରୁ ଜବରଦଖଲ ହଟାଯାଉ। କଲଭର୍ଟ ଭଙ୍ଗା ଯାଉ। କେନାଲ ରୋଡ ଦେଇ ଭାରିଯାନ ଚଳାଚଳ ନିଷିଦ୍ଧ କରାଯାଉ। ସବୁ ଅଞ୍ଚଳ ଲୋକେ କିପରି ପାଣି ପାଇବେ, ସୁବିଧା କରାଯାଉ।

**ଶୁକଲାଲ କିଷାନ, ପୂର୍ବତନ ସଭାପତି, କିଲିଙ୍ଗା କୃଷକ ସଂଘ।**



“ ଦେଖାରେଖା ଅଭାବରୁ ନାଳ ଏବେ ପୋତି ହେବାକୁ ବସିଲାଣି। କୁଢ କୁଢ ଆବର୍ଜନା ଉଠାଯାଉନି। ଫଳରେ ପାଣି ଯାତାୟତ ନେଇ ସମସ୍ୟା ସୃଷ୍ଟି ହୋଇଛି। ଏ ଦିଗରେ ଧାନ ଦିଆଯାଉ।

**ଦଶରଥ କିଷାନ, ଚାଷୀ କାଲୋକୁଦର**



“ କାହିଁକି ବିଭାଗୀୟ ଅଧିକାରୀ ଆମ ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ତାହା ଆଜି ପର୍ଯ୍ୟନ୍ତ ଅବୁଝା ହୋଇ ରହିଛି। ଆଗକୁ ଅସନ୍ତୋଷ ବଢିବା ପୂର୍ବରୁ ପଦକ୍ଷେପ ନିଆଯାଉ। ନଚେତ ଲୋକେ ଆନ୍ଦୋଳନ କରିବେ। ପରିଣାମ ପାଇଁ ପ୍ରଶାସନ ଦାୟୀ ରହିବେ।

**ଶିବ କିଷାନ, କିଷାନ କୁହ୍ନା ସମିତି, ଆଞ୍ଚଳିକ ସଭାପତି**



ରାଜସ୍ୱ ବିଭାଗ ତରଫରୁ ଜମି ମାପଚୁପ ଚାଲିଛି।

## ସ୍କୁଲ ଖେଳପଡ଼ିଆରୁ ଜବରଦଖଲ ହଟିଲା

**ଲଖନପୁର,୨୯।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଚିକିଲାପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଖେଳପଡ଼ିଆକୁ ଗ୍ରାମର କେତେଜଣ ବ୍ୟକ୍ତି ଦୀର୍ଘଦିନରୁ ଜବରଦଖଲ କରି ରଖିଥିଲେ। ଫଳରେ ଖେଳପଡ଼ିଆ ଅଭାବରୁ ଛାତ୍ରୀଛାତ୍ର ଖେଳକୁଦରୁ ବଞ୍ଚିତ ହେଉଥିଲେ। ଏ ନେଇ ଗ୍ରାମର ଓମ୍ କ୍ଲବ୍ ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ସରୋଜ ସାମଲ ଲଖନପୁର ତହସିଲଦାରଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ, ଭିକମପାଲି ଆର୍‌ଆଇ ବିଶ୍ୱନାଥ ପ୍ରଧାନ ପ୍ରମୁଖ ରାଜସ୍ୱ ଅଧିକାରୀ ଗୁରୁବାର ସ୍କୁଲରେ ପହଞ୍ଚି ପୋଲିସ ଉପସ୍ଥିତିରେ ଖେଳପଡ଼ିଆ ଜମି ମାପଚୁପ କରିଥିଲେ। ଏହି ସମୟରେ ଓମ୍ କ୍ଲବ୍‌ର ସଦସ୍ୟ ଅନୀଲ ପଟେଲ, ପ୍ରମୋଦ ପଟେଲ, ଈଶ୍ୱର ଚନ୍ଦ୍ର ପଟେଲ, ମହେଶ ଭୋଇ, ଆଶିଷ କୁମାର ନାଥ, ମାନସ ଖଡ଼ିଆ, ନିତ୍ୟାନନ୍ଦ ଗଣ୍ଡା, ଦୀନେଶ ଗଣ୍ଡା, ସୁବ୍ରତ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ମାପଚୁପ ପରେ ସ୍କୁଲ ସମ୍ମୁଖରେ ରହିଥିବା ଖେଳପଡ଼ିଆର ଜମି ସରକାରୀ ଖାତାରେ ରହିଛି। ଏହା ସ୍ପଷ୍ଟ ହେବାପରେ ଗ୍ରାମର ଯେଉଁ ବ୍ୟକ୍ତିମାନେ ଜବରଦଖଲ କରିଥିଲେ ସେମାନଙ୍କୁ ତହସିଲଦାର ଜମି ଛାଡିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସମ୍ମାନ ଜଣାଇ ଜବରଦଖଲକାରୀମାନେ ମଧ ସ୍କୁଲ ଖେଳପଡ଼ିଆ ଉଦ୍ଦେଶ୍ୟରେ ଜମି ସବୁ ଛାଡିଦେଇଛନ୍ତି। ଓମ୍ କ୍ଲବ୍‌ର ଏଭଳି ସାମୂହିକ ପଦକ୍ଷେପ ଓ ଜିଲା ପ୍ରଶାସନର ହସ୍ତକ୍ଷେପକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ବ୍ରଜରାଜନଗର, ୨୯।୧୧(ଡି.ଏନ୍.ଏ.)**

ସ୍ଥାନୀୟ ଆମଦରହ ଗ୍ରାମରେ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆମଦରହ ଗ୍ରାମର ତ୍ରିମୂର୍ତ୍ତି କ୍ଲବ ଦ୍ୱାରା ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ସୀତାରାମ କ୍ଲବ ଗଡ଼ରାଖାଇ ଓ ନରସିଂହ କ୍ଲବ ୯ ନମ୍ବର ମଧରେ ହୋଇଥିଲା। ଏଥିରେ ସୀତାରାମ କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖେଳକୁ ନବୀନ ଦେଓ, ଯଦୁମଣି ନାଏକ, କ୍ଷମାଶୀଳ କିଷାନ, ଆନନ୍ଦ ସା ପରିଚାଳନା କରିଥିଲେ। ସେହିପରି କ୍ଲବର ସଭାପତି ନକୁଳ ଖଡ଼ିଆ, ସମ୍ପାଦକ ମହେଶ କିଷାନଙ୍କ ସମେତ ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

## ଜନ୍ମଦିନରେ ଆତ୍ମହତ୍ୟା କଲେ ସପ୍ତମ ଶ୍ରେଣୀ ଛାତ୍ରୀ

**ରାଉରକେଲା ଅଫିସ, ୨୯।୧୧-** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ସେକ୍ଟର ସି ଅଞ୍ଚଳରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ବେକରେ ଓଢଣୀ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ସଞ୍ଚିତା ଠାକୁର। ଗୁରୁବାର ତାଙ୍କ ଜନ୍ମଦିନ ଥିଲା। ଏହି ଛାତ୍ରୀ ଜଣଙ୍କ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ। ସ୍କୁଲ ଡ୍ରେସ ପିନ୍ଧିଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ତେବେ ସେ କାହିଁକି ଆତ୍ମହତ୍ୟା କଲେ ସେନେଇ ଠିକ କିଛି କୁହାଯାଇନି। ପୋଲିସ ଘଟଣାର ତଦନ୍ତ କରୁଛି।

## ଅପରାଧୀ ଶ୍ରେଣୀର ବ୍ୟକ୍ତିଙ୍କ ଦ୍ୱାରା ୱେସ୍କୋର ବିଜୁଳି ବିଲ୍ ଆଦାୟକୁ କଂଗ୍ରେସର ବିରୋଧ

**ରାଉରକେଲା ଅଫିସ, ୨୯।୧୧:** ସମ୍ପ୍ରତି ୱେସ୍କୋ କର୍ତ୍ତୃପକ୍ଷ ରାଉରକେଲା ସହରରେ ବକେୟା ବିଜୁଳି ବିଲ୍ ଆଦାୟ ପାଇଁ ଅପରାଧି ଶ୍ରେଣୀର ଲୋକମାନଙ୍କୁ ଯେଉଁଭଳି ନିୟୋଜିତ କରୁଛନ୍ତି ତାହାକୁ କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି। ଗୁରୁବାର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ନାଲାରୋଡ, ପ୍ଲାଣ୍ଟସାଇଟ୍ ଓ ଡେଲିମାର୍କେଟ ଅଞ୍ଚଳର ଉପଭୋକ୍ତାଙ୍କ ସହିତ ୱେସ୍କୋର ବିଦ୍ୟୁତ୍ ନଗର ସ୍ଥିତ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ବିଜୁଳି ବିଲ୍ ଆଦାୟକାରୀଙ୍କୁ ବିରୋଧ କରିଥିଲେ । ନୀତି ନିୟମ ଅନୁଯାୟୀ ୱେସ୍କୋ କର୍ତ୍ତୃପକ୍ଷ ସେମାନଙ୍କ କର୍ମଚାରୀ ଜରିଆରେ ବିଜୁଳି ବିଲ୍ ଆଦାୟ କରିବା ସହିତ ଖିଲାପକାରୀଙ୍କ ବିରୋଧରେ ଆଇନ ସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କାହାର କିଛି ଆପତ୍ତି ରହିବ ନାହିଁ ବୋଲି ପ୍ରତିନିଧି ଦଳ ଏହି ଅବସରରେ ପ୍ରକାଶ କରିଥିଲେ । ନିର୍ବାହୀ ଯନ୍ତ୍ରୀ ନେତୃବୃନ୍ଦଙ୍କ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରିବା ସହିତ ଆବଶ୍ୟକୀୟ ପଦକ୍ଷେପ ନିଶ୍ଚିତ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ତିର୍କୀଙ୍କ ସମେତ ବରିଷ୍ଠ ନେତା ବିରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ପ୍ରବୋଧ ଦାସ, ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ସେବାଦଳ ଅଧକ୍ଷ ବିନୋଦ ରାଉତ, ସାହେବ ଆଲମ ପ୍ରମୁଖଙ୍କ ସମେତ ଶତାଧିକ ନାଗରିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





ଭାଷା ଓ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି, ବକ୍ତା।

## ଭାଷା, ସାହିତ୍ୟ ଶୀର୍ଷକ ଆଲୋଚନା ସଭା

### ସାହିତ୍ୟ ସୁନ୍ଦର, ସାବଲୀଳ ହେଲେ ଗ୍ରହଣୀୟତା ବଢ଼େ

**ରାଉରକେଲା ଅଫିସ,୨୯। ୧୧**

ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ନେଇ କାର୍ଯ୍ୟ କରୁଥିବା ମହିଳା ସଙ୍ଗଠନ ଯାଜ୍ଞସେନୀ ଓ ମଧୁସୂଦନ ଶିକ୍ଷା ନିବାସ ମିଳିତ ଆନୁକୂଲ୍ୟରେ ଆମ ଭାଷା ଓ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷୟିତ୍ରୀ ମିନତୀ ରାୟ ଅଧକ୍ଷତା କରିଥିଲେ। ସଙ୍ଗଠନ ସମ୍ପାଦିକ ନୀନାରାଣୀ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ମୁଖ୍ୟ ଅତିଥି, କବି କୁଞ୍ଜବିହାରୀ ରାଉତ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମୁଦୁଲି ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ସାଗରିକା ଜେନାଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭୋଇ କହିଥିଲେ ଆମେ ନିଜ ଅନ୍ତର୍ନିହିତ କଳ୍ପନା ଶକ୍ତିକୁ ଭାଷା ମାଧମରେ ହିଁ ପ୍ରକାଶ କରୁ। ଏଣୁ ଏହା ଯେତିକି ସୁନ୍ଦର ଓ ଶାବଲୀଳ ହେବ ସେହି ଅନୁଷାରେ ତାର ଗ୍ରହଣୀୟତା ବଢିବ। ସମୃଦ୍ଧ ଭାଷା ବିନା ସାହିତ୍ୟ ସୃଷ୍ଟି ଅସମ୍ଭବ। ସମାଜ ରୂପକ ଗାଡିକୁ ସାହିତ୍ୟ ରୂପକ ଇଞ୍ଜିନ ସବୁବେଳେ ବଳ ପ୍ରଦାନ କରେ। ଏଣୁ ଆମେ ନିଜ ଭାଷାକୁ ବ୍ରତ ଭଳି ଭଲ ପାଇବା ଉଚିତ ବୋଲି ଭୋଇ ଏଥିରେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରାଉତ ନିଜ ବକ୍ତବ୍ୟରେ ଓଡିଆ ଭାଷାର ପ୍ରାଚୀନତା ଓ ସାମ୍ପ୍ରତିକ ଅବସ୍ଥା ନେଇ ଆଲୋକପାତ କରିଥିଲେ। ଓଡିଆ ଭାଷା ଆମ ପରିଚିତିର ପୃଷ୍ଠଭୂମି ହୋଇଥିବା ବେଳେ ଏହାର ଉତ୍କର୍ଷତା ନେଇ ଆଗକୁ ବଢିବାକୁ ରାଉତ ଆହ୍ୱାନ ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ନିରୁପମା ନାୟକ ମଧ ବକ୍ତବ୍ୟ ପ୍ରଦାନ କରି ଭାଷା ସାହିତ୍ୟର ସମୃଦ୍ଧି ନେଇ ସମସ୍ତେ ଉଦ୍ୟମ ଜାରି ରଖିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ସୁବାସିନୀ ବାରିକ, ଅଶୋକ ଜେନା, ନିବେଦିତା ବେହେରା, ରୀତା ଦେବୀ, ମମତା ମହାପାତ୍ର, ପ୍ରଦୋଷ ନାୟକ, ନିରାକାର ଜେନା, ଅଭୟ ରାୟ, ପ୍ରତିଭା ମହାନ୍ତି, ମାନସୀ ମହାନ୍ତି, ମଂଜୁଲତା ବେହେରା, ସୁସ୍ମିପ୍ରିୟା ସ୍ୱାଇଁ, ନିହାରିକା ନାୟକ, ଝିଲିମା ମହାନ୍ତି, ଅନୁପମା ଧଳ, ଅନୁସୟା ବାରିକ, ସବିତା ଜେନା, କ୍ଷଣପ୍ରଭା ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ। ଯାଜ୍ଞସେନୀ ସମ୍ପାଦିକା ଧନ୍ୟବାଦ ପ୍ରଦାନ କରିଥିଲେ।

## ଛାତ୍ରୀଛାତ୍ରଙ୍କ ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ

**କିର୍ମିରା, ୨୯।୧୧(ଡି.ଏନ୍.ଏ.)**

ଓଡ଼ିଶା ସରକାର ଛାତ୍ରୀଛାତ୍ରଙ୍କୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ଅଧିକ ଜାଣିବା ପାଇଁ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ବ୍ୟବସ୍ଥା କରିଛନ୍ତି। ଏହି ବିଷୟ ଅନ୍ତର୍ଗତ କିର୍ମିରା ହାଇସ୍କୁଲର ଛାତ୍ରୀଛାତ୍ର ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ କମ୍ପ୍ୟୁଟର ଶିକ୍ଷା ବିଭାଗ ପରିଦର୍ଶନ କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ କୌଶିକ ବେହେରା ଏବଂ ଶିକ୍ଷୟିତ୍ରୀ ଦେବିକା ଖୁଣ୍ଟିଆ, ଆଦିତ୍ୟ ମିଶ୍ର ସହାୟତା କରିଥିଲେ। ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟାପକ ବେଣୁଧର ମହାରଣା ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ବିଷୟରେ ବୁଝାଇଥିଲେ।





ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଛାତ୍ରୀଛାତ୍ରମାନେ।

## ■ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନରେ ଚଞ୍ଚକତା

# ଯୋଜନାରୁ ବଞ୍ଚିତ ପ୍ରକୃତ ହିତାଧିକାରୀ

**ଲଖନପୁର,୨୯।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତ ଅଧୀନ ସର୍ଗିପାଲି ଗ୍ରାମର ସୁବନାଥ ଭୋଇଙ୍କ ନାମରେ ଆସିଥିବା ପ୍ରଧାନମନ୍ତ୍ରୀ ଆବାସ ଘରର କାର୍ଯ୍ୟାଦେଶ ପଞ୍ଚାୟତ କର୍ତ୍ତୃପକ୍ଷ ଅନ୍ୟ ଜଣଙ୍କୁ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରକୃତ ହିତାଧିକାରୀ ସୁବନାଥ ମଙ୍ଗଳବାର ପଞ୍ଚାୟତରେ ଗ୍ରାମସଭାରେ ଅଭିଯୋଗ କରିବା ପରେ ସତ୍ୟାସତ୍ୟ ପଦାକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, କୁମ୍ଭାରବନ୍ଧ ପଞ୍ଚାୟତ ଅଧୀନ ସାହାଜବାହାଲ ମୌଜାରେ ୨ ଜଣଙ୍କ ନାମ ସୁବନାଥ ଭୋଇ ରହିଛି। ଜଣେ ସାହାଜବାହାଲ ଗ୍ରାମର ହୋଇଥିବାବେଳେ ଅନ୍ୟ ଜଣକ ସର୍ଗିପାଲି ଗ୍ରାମର। ସାହାଜବାହାଲ ଗ୍ରାମର ସୁବନାଥଙ୍କ ପିତାଙ୍କ ନାମ ଯୁଧିଷ୍ଠିର ଓ ସର୍ଗିପାଲି ଗ୍ରାମର ସୁବନାଥଙ୍କ ପିତାଙ୍କ ନାମ ଭୀମ ରହିଛି। ପ୍ରକୃତ ପକ୍ଷେ ସର୍ଗିପାଲି ଗ୍ରାମର ସୁବନାଥଙ୍କ ନାମରେ ଆବାସ ଯୋଜନା ଘର ଆସିଥିବାବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ସାହାଜବାହାଲ ଗ୍ରାମର ସୁବନାଥଙ୍କ ନାମରେ ଆବାସ ଯୋଜନା ଘର ପ୍ରଦାନ କରିଛନ୍ତି। ଏପରିକି ତାଙ୍କ ବ୍ୟାଙ୍କ ଖାତାରେ ଘର ନିର୍ମାଣ ପାଇଁ ପ୍ରଥମ କିସ୍ତିରେ ୫୦ ହଜାର ଟଙ୍କା ଜମା ହୋଇଛି। ଉକ୍ତ ଟଙ୍କାକୁ ସେ ଉଠାଇ ଘର ନିର୍ମାଣ କରୁଛନ୍ତି। ସର୍ଗିପାଲି ଗ୍ରାମର ସୁବନାଥଙ୍କ ନାମ ଏଇସିସି ତାଲିକାରେ ୯୩ କ୍ରମିକ ସଂଖ୍ୟାରେ ରହିଛି। ଫଳରେ ସେ ଘର ଖଣ୍ଡିଏ ପାଇବା ପାଇଁ ଅନେକ ଥର ପଞ୍ଚାୟତକୁ ଦୌଡୁଛନ୍ତି। ଏଭଳି ସ୍ଥିତିରେ ମଙ୍ଗଳବାର ପଞ୍ଚାୟତରେ ଗ୍ରାମସଭା ଚାଲିଥିବାବେଳେ ସର୍ଗିପାଲିର ସୁବନାଥ ସେଠାରେ ପହଞ୍ଚି ଏଇସିସି ତାଲିକାରେ ପଛରେ ରହିଥିବା ଲୋକ ଆବାସ ଯୋଜନାରେ ଘର ପାଇଲେଣି। ତାଙ୍କୁ କାହିଁକି ମିଳୁନାହିଁ ବୋଲି ପ୍ରଶ୍ନ କରିଥିଲେ। ଫଳରେ ଗ୍ରାମସଭାରେ ଏଇସିସି ତାଲିକା ଯାଞ୍ଚ କରାଯିବାରୁ ସତ୍ୟାସତ୍ୟ ପଦାକୁ ଆସିଥିଲା। ସାହାଜବାହାଲ ଗ୍ରାମର ସୁବନାଥଙ୍କ ବ୍ୟାଙ୍କ ଜମାଖାତାକୁ ଟଙ୍କା ଯାଇଛି। ପ୍ରକୃତପକ୍ଷେ ଆବାସ ଯୋଜନା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ନାମ, ବାପାଙ୍କ ନାମ, ଗ୍ରାମ ଆଦି ଯାଞ୍ଚ କରି ଏକ ସ୍ୱତନ୍ତ୍ର ଫର୍ମରେ ବ୍ଲକକୁ ଦେଇଥାନ୍ତି। ହେଲେ ଯାଞ୍ଚ ସମୟରେ ପଞ୍ଚାୟତ ଅଧିକାରୀ କିଭଳି ଏହା ଜାଣିପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ଷଡଙ୍ଗୀ ନାମ ତାଲିକା ଯାଞ୍ଚ ପ୍ରକ୍ରିୟା ତାଙ୍କ ସମୟର ନୁହେଁ। ଏହା ପୂର୍ବତନ ପଞ୍ଚାୟତ ଅଧିକାରୀଙ୍କ ବୋଲି କହିଛନ୍ତି। ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀପତି ବେହେରା ମୋତେ ଏ ବିଷୟରେ ଜଣା ନାହିଁ, ପଞ୍ଚାୟତ ଯୁଥି ଜାଣିଥିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଯୁଥି ଗୁରୁଦେବ ମିର୍ଦ୍ଧାଙ୍କୁ ପଚାରିବାରୁ ଯାଞ୍ଚ କାମ ମୋର ନୁହେଁ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବୋଲି ସେ କହିଛନ୍ତି। ଏନେଇ ବିଡିଓ କହିଛନ୍ତି ଯେ, ଆବାସ ଯୋଜନାରେ ହୋଇଥିବା ଅନିୟମିତତା ନେଇ ସେ ଗୁରୁବାର ଖବରପାଇଛନ୍ତି। ଘଟଣାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଆବାସ ଯୋଜନାରୁ ବଞ୍ଚିତ ସର୍ଗିପାଲିର ସୁବନାଥ ଭୋଇ।